

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





ନୂଆବର୍ଷର ଉପହାର ଦେଲେ ମୋଦୀ | ୬

ସୁଖ, ସମୃଦ୍ଧିର ବର୍ଷ ହେଉ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୭୩ Vol. 21 No-273 1 JANUARY 2025 WEDNESDAY BHUBANESWAR ବୁଧବାର, ୧ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ନୂତନବର୍ଷ ୨୦୨୫ର ଶୁଭେଚ୍ଛା

ନୂତନ ବର୍ଷ ୨୦୨୫ ଅବସରରେ ଆମେ ଆମର ଅଗଣିତ ପାଠକ, ପାଠିକା/ ଲେଖକ, ଲେଖିକା/ ବିଜ୍ଞାପନ ଦାତା, ସମ୍ବାଦଦାତା, ଏଜେଣ୍ଟବନ୍ଧୁ ତଥା ସର୍ବୋପରି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ ।

**ଓଡ଼ିଶା ଭାସ୍କର ପରିବାର**

## ୧୦ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର,୩୧।୧୨(ଭାସ୍କର ନ୍ୟୁଜ): ରାଜ୍ୟର ୧୦ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ରହିଛନ୍ତି। ୨୦୦୦ ବ୍ୟାଚ୍ ଆଇପିଏସ୍ ଅଫିସର ଯତୀନ୍ଦ୍ର କୋଏଲଙ୍କୁ ଏଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି। ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ୨୦୦୦ ବ୍ୟାଚର ଆଇପିଏସ୍ ଅଧିକାରୀ ପ୍ରତୀକ ମହାନ୍ତିଙ୍କୁ ମଧ୍ୟ ଏଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେ ଏବେ ସିଆଇଏସଏଫ ମୁଖ୍ୟାଳୟରେ ଆଇଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି। ସେହିପରି ୨୦୦୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅବିନାଶ କୁମାର, ସାର୍ଥକ ଷଡ଼ଙ୍ଗୀ ଓ ନୀତି ଶେଖରଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଅବିନାଶ କୁମାର ଏବେ ସ୍ପେଶାଲ ଆର୍ମଡ ପୋଲିସର ଡିଆଇଜି ଭାବେ କାର୍ଯ୍ୟ କରୁଥିବାବେଳେ ସାର୍ଥକ ଷଡ଼ଙ୍ଗୀ ଦକ୍ଷିଣାଞ୍ଚଳ ଡିଆଇଜି ଭାବେ ବ୍ରହ୍ମପୁରରେ ଏବଂ ନୀତିଶେଖର ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଭାବେ କୋରାପୁଟରେ କାର୍ଯ୍ୟରତ। ୨୦୧୧ ବ୍ୟାଚର ● ପୃଷ୍ଠା ୫ ଦେଖନ୍ତୁ

## ପ୍ରବାସୀ ଭାରତୀୟ ଦିବସ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସ୍ୱଚ୍ଛତା, ଶୃଙ୍ଖଳା ଉପରେ ଗୁରୁତ୍ୱ



### ଯୋଗଦେବେ ୭ ହଜାରରୁ ଅଧିକ ପ୍ରବାସୀ

### ୨୭୪୮ ଅତିଥିଙ୍କ ପଞ୍ଜୀକରଣ

### ଆସିବେ ତ୍ରିନିଦାଦ୍, ଟୋବାଗୋ ରାଷ୍ଟ୍ରପତି

ଭୁବନେଶ୍ୱର,୩୧।୧୨(ଭାସ୍କର ନ୍ୟୁଜ):ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ଆସନ୍ତା ଜାନୁଆରୀ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି । ସ୍ଥାନୀୟ ଜନତା ମଇଦାନଠାରେ ମହାସମାରୋହରେ ଏହା ପାଳନ ହେବାକୁ ଯାଉଛି । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଏହାର ସମ୍ପୂର୍ଣ୍ଣ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଭାରତୀୟ ସଂସ୍କୃତି ସାରା ବିଶ୍ୱରେ ନିଜର ସମୃଦ୍ଧ ଐତିହ୍ୟ ଓ ପରମ୍ପରା ପାଇଁ ପ୍ରସିଦ୍ଧ । ଓଡିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର । ଏହି ସମାରୋହରେ ଦେଶ ବିଦେଶରୁ ପ୍ରାୟ ୭ହଜାର ଅତିଥି ଯୋଗଦେବେ। ଅଦ୍ୟାବଧି ୨୭୪୮ ଜଣ ଅତିଥି ଅଂଶ ଗ୍ରହଣ ନିମନ୍ତେ ପଞ୍ଜୀକରଣ କରି ସାରିଲେଣି। ମୁଖ୍ୟ ଅତିଥି ଭାବେ ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି କ୍ରିଷ୍ଟାଇନ୍ କାର୍ଲ କାଙ୍ଗାଲୁ ଯୋଗଦେବେ । ଏହି ଅବସରରେ ସେ ଚନ୍ଦକା ସ୍ଥିତ ଗୋଡିବାରି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଏସ୍ ଜୟ ଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ପ୍ରମୁଖ ଏହି ପ୍ରବାସୀ ଭାରତୀୟ ଦିବସରେ ଯୋଗଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ'ର ଉଦଘାଟନ କରିବେ । ଏହାକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ହାଇ ସିକ୍ୟୁରିଟି ଫୋର୍ସ, ୨୫୦ ଟ୍ରାଫିକ ନିୟନ୍ତ୍ରଣକାରୀ ଏବଂ ୧୪୦ ଲିଆସନିଙ୍ଗ ଅଫିସରଙ୍କୁ ନିୟୋଜିତ କରାଯାଇଛି । ସେହିପରି ବିଦେଶରୁ ଆସୁଥିବା ଅତିଥିମାନଙ୍କୁ ଏକ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ଟ୍ୱିନସିଟି ଭୁବନେଶ୍ୱର ଓ କଟକକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ନିର୍ମଳ କରାଯାଇଛି । ସହରର ରାସ୍ତା ଘାଟ, ଅଫିସ୍ ବିଲଡିଙ୍ଗ, ବିଡିଏ ପାର୍କ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତିଗୁଡିକୁ ପରିଷ୍କାର ପରିଛନ୍ନ କରାଯାଇ ସୁସଜ୍ଜିତ ଆଲୋକ ମାଳାରେ ସଜାଇ ଦିଆଯାଉଛି । ପ୍ରବାସୀ ଭାରତୀୟ ଦିବସ ମହାସମାରୋହ ଆୟୋଜନ ବେଳେ ସହରର ବିଭିନ୍ନ ସ୍ଥାନରେ ପଥ ଉତ୍ସବ, ଏକାମ୍ର ଉତ୍ସବ, ଆଦିବାସୀ ମେଳା ପ୍ରଭୃତି ଦ୍ୱାରା ରାଜଧାନୀକୁ ଉତ୍ସବ ମୁଖର କରାଯିବ । ଭୁବନେଶ୍ୱର ସହିତ ଏହାର ଆଖପାଖ ଅଞ୍ଚଳର ପରିମଳ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ଉପରେ ସ୍ୱତନ୍ତ୍ର ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ବି.ଏମ୍.ସି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ସହରର ସ୍ୱଚ୍ଛତା, ଶୃଙ୍ଖଳା ଓ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀର ଅନୁପାଳନ କରି ସମାରୋହର ସଫଳ ରୂପାୟନରେ ଭାଗିଦାରୀ ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ସମାରୋହରେ ଓଡିଶାର ସମୃଦ୍ଧ କଳା ଓ ଐତିହ୍ୟର ପ୍ରଦର୍ଶନ, ରାଜାରାଣୀ ସଙ୍ଗୀତ ଉତ୍ସବ, ଓଡିଶୀ ନୃତ୍ୟ, ମୁକ୍ତେଶ୍ୱର ଡ୍ୟାନ୍ସ ଫେଷ୍ଟିଭାଲ, ଦେଶଜ ନୃତ୍ୟ ଇତ୍ୟାଦି ମାଧ୍ୟମରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯିବ । ଏହାର ଦୂରଦର୍ଶନରେ ସିଧା ପ୍ରସାରଣ ମଧ୍ୟ କରାଯିବ । ଭୁବନେଶ୍ୱର, କଟକ, ପୁରୀ, କୋଣାର୍କ ଆଦି ବିଭିନ୍ନ ସହରର ପ୍ରାୟ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ଅତିଥି ମାନଙ୍କୁ ନେବା ପାଇଁ ବ୍ୟବସ୍ଥା କରାଯାଉଛି । ଓଡିଶାର ଏକ ପ୍ୟାଭିଲିୟନ ଜନତା ମଇଦାନରେ ● ପୃଷ୍ଠା ୫ ଦେଖନ୍ତୁ



୨୦୨୪ର ଶେଷ ସୂର୍ଯ୍ୟାସ୍ତ

## ୨୦୨୪ରେ ଭିଜିଲାନ୍ସ ଜାଲରେ ୧୮୧ ବାବୁ

# ୨୫ ଅଧିକାରୀ ଚାକିରିରୁ ବହିଷ୍କୃତ

### ଗିରଫଙ୍କ ମଧ୍ୟରେ ୫୦ଜଣ ପ୍ରଥମ ଶ୍ରେଣୀ ଅଧିକାରୀ

### ଆୟ ବହିର୍ଭୂତ ସମ୍ପତ୍ତିଠୁଳ ମାମଲାରେ ୧୩୧ କୋଟି ଜବତ

### ରୁଜୁ ହୋଇଛି ୨୦୦ରୁ ଅଧିକ ମାମଲା




ଭୁବନେଶ୍ୱର/କଟକ,୩୧।୧୨ (ଭାସ୍କର ନ୍ୟୁଜ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ, ଲାଞ୍ଚ ଅଭିଯୋଗରେ ୨୦୨୪ରେ ଭିଜିଲାନ୍ସ ୧୮୧ଜଣ ଦୁର୍ନୀତିଗ୍ରସ୍ତ ସରକାରୀ ବାବୁଙ୍କୁ ବାନ୍ଧିଛି। କେବଳ ସରକାରୀ ବାବୁ ନୁହନ୍ତି, ସେମାନଙ୍କ ସହଯୋଗୀ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କ ନାମରେ ୨୦୦ରୁ ଅଧିକ ମାମଲା ରୁଜୁ ହୋଇଛି। ଗିରଫ ହୋଇଥିବା ୧୮୧ଜଣ ବାବୁଙ୍କ ମଧ୍ୟରେ ୫୦ଜଣ ପ୍ରଥମ ଶ୍ରେଣୀ ଅଧିକାରୀ, ୬ଜଣ ମୁଖ୍ୟ ଯନ୍ତ୍ରୀ, ଅବକାରୀ ଯୁଗ୍ମ କମିଶନର, ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ, ସିଟି ଜିଏସ୍‌ଟିର ୨ଜଣ ସହକାରୀ କମିଶନର, ୨ଜଣ ତହସିଲଦାର, ୨ଜଣ ବିଡିଓ, ୩ଜଣ ସିଏସ୍‌ଓ ରହିଛନ୍ତି। ଏମାନଙ୍କ ସହିତ ୧୯ଜଣ ଇଞ୍ଜିନିୟର, ୨୨ଜଣ ରାଜସ୍ୱ ଅଧିକାରୀ, ୨୦ଜଣ ପିଆର, ୯ଜଣ ପୋଲିସ ଅଧିକାରୀ ବି ଗିରଫ ହୋଇଛନ୍ତି। ଏହାବ୍ୟତୀତ ୫ଜଣ ଡାକ୍ତର, ୩ଜଣ ବନ ଅଧିକାରୀ ମଧ୍ୟ ଗିରଫ ହୋଇଛନ୍ତି। ଏମାନଙ୍କ ବିରୋଧରେ ୬୦ରୁ ଅଧିକ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିବାବେଳେ ଭିଜିଲାନ୍ସ ୧୩୧ କୋଟି ଟଙ୍କା ● ପୃଷ୍ଠା ୫ ଦେଖନ୍ତୁ





**ନବବର୍ଷ-୨୦୨୫ ଅବସରରେ ଶୁଭେଚ୍ଛା**

ନବବର୍ଷ-୨୦୨୫ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

**ରାଜ୍ୟପାଳ**
**ଓଡ଼ିଶା**




**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**


ନୂଆ ବର୍ଷ ୨୦୨୫ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନୂଆ ବର୍ଷ ସମସ୍ତଙ୍କ ଜୀବନରେ ଆନନ୍ଦ, ସୁଖ ଓ ସମୃଦ୍ଧି ଭରି ଦେଉ । ଆସନ୍ତୁ, ନୂଆ ବର୍ଷ ଅବସରରେ ସଂକଳ୍ପ ନେବା – ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ନିଜର ଶ୍ରେଷ୍ଠ ଅବଦାନ ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-73 OIPR 15001/13/0339/2425

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ଗୁରୁବେଡ଼ା ଛକ ନିକଟରେ ଦୁର୍ଘଟଣା । ଏକ ହାଇୱା ଟ୍ରକ୍ ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସି ରେଳ ଧାରଣା ଉପରେ ପଡ଼ିବାରୁ ଚାଳକ ଗୁରୁତର ଆହତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଘଟଣାସ୍ଥଳରୁ ଜଣାପଡିଛି ଯେ,ସୋମବାର ସକାଳ ପ୍ରାୟ ୯ ଘଟିକା ସମୟରେ ହାଇୱା ଟ୍ରକ୍ ନଂ ଓଡି-୦୯ପି-୯୯୮୧ ଜୁରୁଡ଼ିରୁ ବାଂଶପାଣି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ଗୁରୁବେଡା ଛକ ନିକଟରେ ଅନ୍ୟ ଏକ ବସକୁ ଓଭର ଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ବାମ ପାର୍ଶ୍ୱରେ ଥିବା ପ୍ରାୟ ୫୦ ଫୁଟ ତଳ ରେଳ ଧାରଣାରେ ପଡ଼ିଥିଲା । ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଟ୍ରକ୍ ଭିତରେ ଚାପି ହୋଇ ଫସି ରହିଥିଲେ । ସୂଚନା ପାଇ ବାମ୍ବୋରୀ ପୋଲିସ୍ ଓ ରେଳ ବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିବା ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବାହିନୀକୁ ଅଧ ଘଣ୍ଟାର ପରିଶ୍ରମ ପରେ କଟରରେ କାଟି ଡ୍ରାଇଭରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା । ଆହତ ଡ୍ରାଇଭର ଝାଡ଼ଖଣ୍ଡ କୋଡରମା ଅଞ୍ଚଳର ସଞ୍ଜୟ ଯାଦବଙ୍କୁ ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତାଙ୍କର ଦୁଇଟିଯାକ ଗୋଡ଼ ଭାଙ୍ଗିଯାଇଥିବା କୁହାଯାଉଛି । ତେବେ ରେଲୱେ ଟ୍ରାକ ଉପର ଦେଇ ଯାଇଥିବା ୨୫ ହଜାର ଭୋଲ୍ଟ ବିଦ୍ୟୁତ୍ ତାରକୁ ଡେଇଁ ଟ୍ରକଟି ଖସିବା ଯୋଗୁଁ ଆହୁରି ବଡ଼ ଅଘଟଣ ହେବାରୁ ବର୍ତ୍ତିଯାଇଥିଲା । ଟ୍ରକଟି ରେଲୱେ ଟ୍ରାକରେ ପଡ଼ିଥିବା କାରଣରୁ ବାଂଶପାଣି - ଜରୋଳି ରୁଟରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ରେଳ ବିଭାଗ ପ୍ରାୟ ଅପରାହ୍ନ ୧.୪୦ ମିନିଟ ସମୟରେ ରେଳ ଧାରଣାରୁ ଟ୍ରକକୁ ହଟାଇ ରେଳ ଚଳାଚଳକୁ ସ୍ୱାଭାବିକ କରିଥିଲା । ଘଟଣାସ୍ଥଳରେ ବାମେବାରୀ ଓ ଯୋଡ଼ା ଥାନା ପୋଲିସ, ରେଳ ବିଭାଗ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି।



# ଲୋକଲୋଚନକୁ ଆସିଲା ପୁଣି ଏକ ୱାଟର ଫଲ୍



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଅନେକ ସ୍ଥାନରେ ଭରି ରହିଛି ୱାଟରଫଲ। କିଛି ଲୋକ ଲୋଚନକୁ ଆସିଥିବା ବେଳେ କିଛି ଲୁକାୟିତ ଭାବେ ରହିଯାଇଛି। ଆଜି ଏଇଭଳି ଏକ ୱାଟର ଫଲ ଲକ୍ଷ୍ମୀପୁର ସଦର ଠାରୁ ଚାରି କିଲୋମିଟର ଦୂରରେ ଦେଖିବାକୁ ମିଳିଛି। ଉକ୍ତ ୱାଟର ଫଲ ଥିବା ସ୍ଥାନକୁ ଯାଇ ବୁଲି ଦେଖିଛନ୍ତି ସ୍ଥାନୀୟ ବିଧାୟକ ପବିତ୍ର ସାଉନ୍ତା। କିଛି ଲୋକଙ୍କ ଠାରୁ ଖବର ପାଇ ଦଳବଳ ସହ ସେଠାରେ ପହଞ୍ଚି ସବୁକିଛି ଅନୁଧ୍ୟାନ କରିବା ସହ ଆଗାମୀ ଦିନରେ ଏଠାକାର ବିକାଶ ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଉକ୍ତ ସ୍ଥାନକୁ ଯିବାକୁ ହେଲେ ଲକ୍ଷ୍ମୀପୁର ଠାରୁ ସାଢେ ତିନି କିଲୋମିଟର ଦୂର ଘୋଡା ଟିକିରି କଲୋନୀ ପାଖକୁ ଯାଇ ସେଠାରୁ ରୁମେଲି ଯିବା ରାସ୍ତାରେ ତିନି ସହ ମିଟର ଦୂର ଗଲେ ପଡିବ ଉକ୍ତ ୱାଟର ଫଲ। ସେହି ସ୍ଥାନରେ ସେମିତି କିଛି ସୁବିଧା ନଥିବା ବେଳେ ଆଗାମୀ ଦିନରେ ସେଠି ସମସ୍ତ ସୁବିଧା କରାଯିବ ତେବେ ଯାଇ ଉକ୍ତ ସ୍ଥାନକୁ ଲୋକଙ୍କ ସୁଅ ଛୁଟିବ ବୋଲି ଶ୍ରୀଯୁକ୍ତ ସାଉନ୍ତା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଉକ୍ତ ସ୍ଥାନ ଉପରେ ବିଧାୟକଙ୍କ ଦୃଷ୍ଟି ପଡିବା ପରେ ବିକାଶ କେତେ ଶୀଘ୍ର ହେବ ତାହା ଦେଖିବାକୁ ବାକି ରହିଲା।

# ଚାଷୀ ଆତ୍ମହତ୍ୟା ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନର ରାସ୍ତାରୋକ



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଅଦିନିଆ ଲଘୁଚାପ ବର୍ଷା ଯୋଗୁଁ ସମଗ୍ର ରାଜ୍ୟ ରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଯାଇଛି । ହଜାର ହଜାର ହେକ୍ଟର ରେ ଧାନ ସମ୍ପୂର୍ଣ୍ଣ ଗଳା ହୋଇଯାଇଛି । ବ୍ୟାପକ ଧାନ କ୍ଷୟକ୍ଷତି କୁ ନେଇ ଚାଷୀ ର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା । ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇନାହିଁ କି ଚାଷୀ କୁ କ୍ଷତିପୂରଣ ମିଳିନାହିଁ । ସେହି ଚିନ୍ତାରେ ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତ ସାରଣ ଗ୍ରାମର ଉତ୍ତମ ସ୍ୱାଇଁଙ୍କ ପୁତ୍ର କୃତିବାସ ସ୍ୱାଇଁ ଚାରି ଏକର ଜମି ରେ ବ୍ୟାଙ୍କ ଋଣ କରି ଧାନ ଚାଷ କରିଥିଲେ । ଲଘୁଚାପ ବର୍ଷରେ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଧାନ ବିଲରେ କ୍ଷୟ କ୍ଷତି ଦେଖି ନିଜର ଭାରସାମ୍ୟ ହରାଇ କୃତିବାସ ଆତ୍ମହତ୍ୟା କରିଛି । ମୃତ୍ କୃତିବାସ ର ରୋଗୀଣା ବାପ ମା ରୋଗଶଯ୍ୟାରେ ପୀଡିତ । ଦୁଇଟି ନାବାଳକ ଝିଅ । କୃତିବାସଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ପରିବାର । କୃତିବାସ ର ମରଶରୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଶବ ବ୍ୟବଚ୍ଛେଦ ପାଇଁ ଆସିଥିଲା ହେଲେ ଶତାଧିକ ନବ ନିର୍ମାଣ କୃଷକ ସଂଗଠନ ସଦସ୍ୟ ସଂଯୋଜକ ଶେଷଦେବ ନନ୍ଦ, ଦେବୀ ପ୍ରସାଦ ମହାରଣା, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ କୃତିବାସ ପରିବାରକୁ ଦଶ ଲକ୍ଷ ଟଙ୍କା କ୍ଷତିପୂରଣ, ବିଧବା ପତ୍ନୀ କୁ ନିଯୁକ୍ତି । କ୍ଲିଫ କୋର୍ଡ ସଂଶୋଧନ ଆଦି ଦାବିକରି କଟକ ମାଛଗା ରାସ୍ତା ଅବରୋଧ କରିଥିଲେ ।

## ପାଚିକା ଓ ସହାୟିକାଙ୍କ ପ୍ରଶିକ୍ଷଣ ଶିବିର

କୋରାପୁଟ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ କୋରାପୁଟ ମଣ୍ଡଳ ଶିକ୍ଷା ବିଭାଗ ପକ୍ଷରୁ ପିଏମ ପୋଷଣ ଯୋଜନା ଅନ୍ତର୍ଭୁକ୍ତ ପାଚିକା ତଥା ସହାୟିକାମାନଙ୍କୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀଙ୍କ ତତ୍ୱାବଧାନରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ତଥା ସହାୟିକାମାନଙ୍କୁ ମଧ୍ୟାହ୍ନ ଭୋଜନକୁ ପୁଷ୍ଟିକର କରିବା, ସୁରକ୍ଷିତ ରଖିବା, ରୋଷେଇ ଏବଂ ଆଖପାଖ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ରୋଷେଇ ଏବଂ ପିଲା ଖାଇବା ସମୟରେ ଆପ୍ରୋନ୍ ଓ ଟୋପି ପିନ୍ଧିବା ପାଇଁ ଆଲୋଚନା ହୋଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କୋରାପୁଟ ବ୍ଲକର ତିନୋଟି ଜାଗାରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଅନ୍ୟ ପାଚିକା ତଥା ସହାୟିକାମାନଙ୍କୁ ତାଲିମ ଦିଆଯିବ ବୋଲି ସହାୟକ ମଣ୍ଡଳ ଶିକ୍ଷା ଅଧିକାରୀ ଶିବ ପ୍ରସାଦ ରଥ ସୂଚନା ଦେଇଛନ୍ତି । ପାଚିକାମାନଙ୍କ ମଧ୍ୟରେ ନିଜ ଦ୍ୱାରା ପ୍ରସ୍ତୁତ ସ୍ୱାଦିଷ୍ଟ ଓ ପୁଷ୍ଟିକର ଖାଦ୍ୟକୁ ନେଇ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଭାଗ ନେଇଥିବା ସମସ୍ତ ପାଚିକାମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଏହି ଶିବିରରେ ସହାୟକ ମଣ୍ଡଳ ଶିକ୍ଷା ଅଧିକାରୀ ଜସନ ବେହେରା, ଏବିଆରସିସି ପ୍ରଦୀପ କୁମାର ପାତ୍ର, ହର ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଲାବଣ୍ୟ ରେଖା ମାଝି, ମନୋଜ ଦାସ, ରୁମାନି ପ୍ରଧାନ, ସୁଜିତ ପଲେଇ ପ୍ରମୁଖ ସହଯୋଗ କରିଥିଲେ ।

## ଚିତ୍ରକୋଣ୍ଡାରେ ୫୨ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଚିତ୍ରକୋଣ୍ଡା ବ୍ଲକ ଚିତ୍ରଗିରି ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୫୨ ଅଭିଯୋଗ ଶୁଣାଣି ହୋଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ପାନୀୟଜଳ ସମସ୍ୟା, ରାସ୍ତାର ଦୁରାବସ୍ଥା, ଅଙ୍ଗନବାଡିକେନ୍ଦ୍ର ନିର୍ମାଣ, ଆବାସ ଯୋଜନା ଯୋଗାଇଦେବା, ବିଜୁଳି ସମସ୍ୟା, ନୂତନ ବ୍ରିଜ ନିର୍ମାଣ, ପଶୁସମ୍ପଦ, କୃଷି ସମସ୍ୟା, ଭତ୍ତା, ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରି ସମାଧାନ ପାଇଁ ଗୁହାରି କରିଥିଲେ। ଦୋରାଗୁଡା ଚାଷୀମାନେ ମଣ୍ଡିରେ ଧାନ ପଡ଼ି ରହିଥିବା ଓ ତୁରନ୍ତ ଉଠାଇବାକୁ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଥିଲେ। ଶିବିରରେ ଚିତ୍ରକୋଣ୍ଡା ବିଡ଼ିଓ ପ୍ରୀତା କୁମାର, ତହସିଲଦାର ନଟବର ଗଉଡ଼ା ଙ୍କ ସମେତ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଏମ୍‌ଡି ଈର୍ଷାଦ ଓଡିଏମ୍‌ର ସମ୍ପାଦକ ମନୋନୀତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ଓଡିଶା ଡିଜିଟାଲ ମିଡିଆ (ଓଡିଏମ୍) ସଂଘର ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି ମାଲକାନଗିରି ଜିଲା ଆଦିବାସୀ ଅଧ୍ୟୁଷିତ ପଡିଆ ବ୍ଲକର ଏମ୍ ?ଡି ଇର୍ସାଦ। ତାଙ୍କୁ ରାଜ୍ୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି ଓ ଗତ ୩ ବର୍ଷଧରି ବୈଦ୍ୟୁତିକ ଗଣମାଧ୍ୟମ ରେ ସକ୍ରିୟ ଭାବେ କାମ କରିବା ସହ ଓଡିଶା ଡିଜିଟାଲ ମିଡିଆ ସଂଘ ଗଠନ ଦିନରୁ ଏହି ସଂଗଠନ ପାଇଁ ନିରନ୍ତର କାର୍ଯ୍ୟ ଲାଗି ସଂଗଠନ ପକ୍ଷରୁ ଏପରି ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ଡିଜିଟାଲ ଗଣମାଧ୍ୟମ କିଭଳି ମୁଖ୍ୟସ୍ରୋତରେ ରହି ଲୋକଙ୍କ ସମସ୍ୟା ଉପସ୍ଥାପନ ଦିଗରେ ପ୍ରଭାବୀ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବା ନେଇ ଇର୍ସାଦ କ ?ହିଛନ୍ତି ଓ ଗତ ଦିନରେ ଭୁବନେଶ୍ୱର ଠାରେ ଓଡିଶା ଡିଜିଟାଲ ମିଡିଆ ର ସାଂଗଠନିକ ବୈଠକରେ ଦଳ ଇର୍ସାଦ ଙ୍କୁ ଏହି ଦାୟିତ୍ୱ ଦେଇଛି। ଏଥିସହ ଓଡିଶା ଡିଜିଟାଲ ମିଡିଆ ସଂଘ ସଭାପତି ଭାବେ ସିଏଚ ଭଗବତୀ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି। ବୈଠକରେ ଡିଜିଟାଲ ମିଡିଆ ଓ ଶାସକ–ପ୍ରଶାସକ ବିଷୟ ବସ୍ତୁ ନେଇ ଆଲୋଚନା କରାଯାଇଥିବା ବେଳେ ସମ୍ପ୍ରତି ସ୍ଥିତିରେ ଡିଜିଟାଲ ମିଡିଆର ଭୂମିକା ନେଇ ଆଲୋଚନା ହୋଇଥିଲା ।

■ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

# ସ୍ଥାୟୀ ପରିବେଶରେ ପରିଚାଳନା,ବାଣିଜ୍ୟ ଓ ପ୍ରଯୁକ୍ତି ସୂଚନାଧାରାର ଭୂମିକା




ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣପୁର ଜି ଆଇଇ ଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ମ୍ୟାନେଜମେଣ୍ଟ ଷ୍ଟଡିସ ଏବଂ ମେକ୍ସିକୋ ସ୍ଥିତ ଅଜଟିକା ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାସନାଲ ସ୍କୁଲ ଅଫ ମ୍ୟାନେଜମେଣ୍ଟ, ଏପ୍ଲାଇଡ୍ ସାଇନ୍ସ ଆଣ୍ଡ ଇନଫର୍ମମେକ୍ସ ମିଳିତ ଆନୁକୂଲ୍ୟରେ 'ସ୍ଥାୟୀ ପରିବେଶରେ ପରିଚାଳନା ,ବାଣିଜ୍ୟ ଓ ପ୍ରଯୁକ୍ତି ସୂଚନା ଧାରା ସମ୍ପର୍କୀୟ 'ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏହି ସମ୍ମିଳନୀରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀର ଶୁଭ ଉଦଘାଟନ କରିଥିଲେ।ସମ୍ମାନୀୟ ଅତିଥି ଭାବେ ଜିଆଇଇଟି ବିଶ୍ୱବିଦ୍ୟାଳୟର ପ୍ରୋ -ଚାନସେଲର ଡ. ଲଳିତ ମୋହନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ ରବି ନାରାୟଣ ସୁବୁଦ୍ଧି, ସମ୍ମିଳନୀର ସାଧାରଣ ସଂପାଦକ ଡ. ପି କେ ପାଉଲ୍, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ମ୍ୟାନେଜମେଣ୍ଟର ମୁଖ୍ୟ ଡ. ସୁନିଲ କୁମାର ପ୍ରଧାନ , ନିମନ୍ତ୍ରିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର ପ୍ରମୁଖ ମଞ୍ଚାସୀନ ରହି ଆଜିର ସମ୍ମିଳନୀ ନିଜ ନିଜର ମତ ପ୍ରକାଶ କରିଥିଲେ ।ଏହି ଅବସରରେ ମାକ୍ସିକୋ ସ୍ଥିତ ଅଜଟେକ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ରିକାର୍ଡ ସାଭେଦ୍ରା, ରିୟାଦ୍ ସ୍ଥିତ କଲେଜ ଅଫ ଆଡମିନିଷ୍ଟ୍ରଟିଭ ଆଣ୍ଡ ଫାଇନାନ୍ସିଆଲ୍ ସାଇନ୍ସ ସେସ ସାଉଦି ଏଲୋକ୍ଟ୍ରୋନିକ୍ସ ବିଶ୍ୱବିଦ୍ୟାଳୟର ଡ.ଗଣେଶ ଦାସ, ନେପାଳ ସ୍ଥିତ ମାଧେଶ ବିଶ୍ୱବିଦ୍ୟାଳୟର ଲ ଆଣ୍ଡ ପବ୍ଲିକ ଏଡିମିନିଷ୍ଟସନ୍ ର ଡିନ ଡ ଅଜୟ କୁମାର ମିଶ୍ର, ଇଜିପ୍ଟ ର ଲକ୍ସିର ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ହାସନ୍ ରଫତ ହସନ ବାଡୱେ, ତିରୁଚରିପଲ୍ଲି ଏନ ଆଇ ଟିର ମ୍ୟାନେଜମେଣ୍ଟ ଷ୍ଟଡିସ ବିଭାଗର ପ୍ରଫେସର ଡ.ମୂରୁଗନ୍ନଥମ ଗନେଶନ ଏବଂ ହରିଆଣାସ୍ଥିତ ବୈସ କଲେଜ ଅଫ ଇଂଜିନିୟରିଂ, ରୋଥକର ପ୍ରଫେସର ଡ ରୋହିତ ବଂଶଲ୍ ପ୍ରମୁଖ ଆଭାଷି ମାଧ୍ୟମରେ ଯୋଗଦେଇ ନିଜ ନିଜର ସନ୍ଦର୍ଭ ପାଠ କରିବା ସହ ପରିଚାଳନା ବାଣିଜ୍ୟ ଓ ପ୍ରଯୁକ୍ତି ସୂଚନା ଧାରାର ଭବିଷ୍ୟତ ପ୍ରୟୋଗ ବିଷୟରେ କହିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ କଲେଜ ମ୍ୟାନେଜମେଣ୍ଟ ଷ୍ଟଡିସର ବିଭାଗୀୟ ମୁଖ୍ୟ ତଥା ସମ୍ମିଳନୀ ଆବାହକ ଡ ସୌମେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଆବାହକ ଅଧ୍ୟାପକ ଦେବାଶିଷ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପିକା ଫୁଟି ଫିଜା ମଞ୍ଚ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା , ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଟିକିଟିରେ ଦିବ୍ୟାଙ୍ଗମାନଙ୍କ ଆଧାର କେନ୍ଦ୍ର କେବେ ?




ଟିକିଟି(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଟିକିଟି ବ୍ଲକରେ ଅନେକ ଆଧାର କେନ୍ଦ୍ର ଖୋଲା ଯାଇଛି । ଏହି ଆଧାର କେନ୍ଦ୍ର ମାଲିକ ଆଧାର କାର୍ଡ କରିବା ଆଳରେ ଲୋକଙ୍କୁ ଶହେ ଜାଗାରେ ଦୁଇ ସହ ନେବାରେ ଲାଗିଛନ୍ତି ହେଲେ ବି ଅନେକ ସମୟ ସାଧାରଣ ଜନତା ରାତି ଅଧରେ ଆସି ଧାଡି ବାନ୍ଧି ଠିଆ ହୋଇ କେନ୍ଦ୍ର ଭିତରେ ପ୍ରବେଶ କରି ଆଧାର କରୁଥିବା ବେଳେ ଅନେକଙ୍କର ଆଧାର କାର୍ଡ ଭୁଲ ହୋଇ ଆସୁଥିବା ବେଳେ ପୁନର୍ବାର ସେହି ବ୍ୟକ୍ତି ସମାନ ଦଶା ଭୋଗିବାରେ ଲାଗିଛନ୍ତି । ଏପଟେ ସରକାର ନିଜର ସମସ୍ତ ଯୋଜନା ଆଧାର ଅନୁଯାୟୀ ପ୍ରଦାନ କରୁଥିବା ବେଳେ ଟିକିଟି ଇଲାକାର ସମସ୍ତ ଦିବ୍ୟାଙ୍ଗ ମାନେ ସମସ୍ତ ସୁବିଧାରୁ ବଂଚିତ ହେବାରେ ଲାଗିଛନ୍ତି । ସୂଚନା ପ୍ରକାରେ କେତେକ ଲୋକମଟର ଦିବ୍ୟାଙ୍ଗମାନେ ନିଜର ଆଧାର କାର୍ଡ କିମ୍ବା ଆଧାର ଅପଡେଟ କରିବା ସକାଶେ ନିୟମିତ ଆଧାର କେନ୍ଦ୍ର କୁ ବୁଲି ବୁଲି ନୟାନ୍ତ ହେବାରେ ଲାଗିଛନ୍ତି । ଏନେଇ ଆଧାର କେନ୍ଦ୍ର କୁ ପଚରା ଯିବାରୁ ସେମାନେ ଏହି କାଟେଗୋରୀ ବ୍ୟକ୍ତିମାନଙ୍କ ଆଧାର ସକାଶେ ଭୁବନେଶ୍ୱର ଯିବାକୁ ପଡିବ ବୋଲି କହିବାରେ ଲାଗିଛନ୍ତି । ପ୍ରକାଶ ଯୋଗ୍ୟ ଯେ ସରକାର ଦିବ୍ୟାଙ୍ଗ ମାନଙ୍କ ମଙ୍ଗଳ ସକାଶେ ସ୍ୱତନ୍ତ୍ରତା ପ୍ରଦାନ କରିବା ଏବଂ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସକାଶେ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ ଖୋଲି ସହ ସହ ବ୍ୟକ୍ତିଙ୍କୁ ଉକ୍ତ ବିଭାଗ ରେ କର୍ମ ନିଯୁକ୍ତି ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରୁଥିବା ବେଳେ ଏଭଳି ଆଧାର ଭଳି ସାମାନ୍ୟ ପରିଚୟ ପତ୍ର ଟି ଦେବାକୁ ମଧ୍ୟ ଅସମର୍ଥ ବୋଲି ଜଣାଯାଉଛି । ସେଭଳି ଯେଉଁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଗୋଟିଏ ହାତ କିମ୍ବା ଗୋଟିଏ ଆଖି ଖରାପ ହୋଇ ଦିବ୍ୟାଙ୍ଗ ହୋଇଛନ୍ତି ସେମାନେ ବି ଆଧାର କାର୍ଡ ପାଇ ପାରୁନଥିବା ଦେଖିବାକୁ ମିଳୁଛି । ଏ ପୁରା ପ୍ରକରଣକୁ ଦେଖିଲେ ଉପର ବାଲା ନିଜର କୋପ ଦୃଷ୍ଟି ହେତୁ ଦିବ୍ୟାଙ୍ଗ ସାଜୁଥିବା ବେଳେ ସରକାର ମଧ ଏମାନଙ୍କୁ ନିଜର ପରିଚୟ ପତ୍ର ପ୍ରଦାନ କରିବାକୁ ଇଚ୍ଛା କରୁନାହାନ୍ତି । ଯଦି ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭୁବନେଶ୍ୱର ଆଧାର କାର୍ଡ କରିବା ସକାଶେ ନିଆ ଯାଏ ତେବେ ଉକ୍ତ ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ କେତେଯେ ହଇରାଣ ପଡ଼ିବାକୁ ପଡିବ ତାହା ସେ ନିଜେ ଜାଣି ପରିବେ । ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନ କେବେ ହେଲେ ଉକ୍ତ ବିଷୟକୁ ନିଜ ବିଚାରକୁ ନ ନେଇଥିବା ଅତ୍ୟନ୍ତ ଦୁଃଖର ବିଷୟ ।

## ବଳଦେବଜିଉ ମନ୍ଦିର ରକ୍ଷଣାବେକ୍ଷଣ ପାଇଁ ପରିଦର୍ଶନ କଲେ ସ୍ୱତନ୍ତ୍ର ଟିମ୍



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ପୁରୁଣା ସହରରେ ରହିଛି ପ୍ରସିଦ୍ଧ ଶ୍ରୀବଳଦେବ ଜୀଉ ମନ୍ଦିର। ୩୫୦ ବର୍ଷରୁ ଉର୍ଦ୍ଧ୍ୱ ମନ୍ଦିର ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରେ ରାଜ୍ୟର ଦ୍ୱିତୀୟ ଉଚ୍ଚତମ ମନ୍ଦିର ରୂପେ ଖ୍ୟାତ। ଷୋଡ଼ଶ ଶତାବ୍ଦୀର ଏହି ମନ୍ଦିର ସୁଦୃଢ଼ ଥିବା ବେଳେ ଚଳିତ ବର୍ଷ ଗର୍ଭ ଗୃହରେ ଉପରୁ ପାଣି ଗଳୁଥିବା ଖବର ଆସିବାରୁ ରାଜ୍ୟରେ ବିଶେଷ ଆଲୋଚନା ହୋଇଥିଲା। ମନ୍ଦିର ସୁରକ୍ଷା ନେଇ ତେଣୁ ନାନା ପ୍ରଶ୍ନବାଚୀ ଉଠିଥିଲା। ବିଭିନ୍ନ ଆଡ଼େ ବିଭିନ୍ନ ସଙ୍ଗଠନ ଅଭିଯୋଗ କରି ପ୍ରତିକାର ତୁରନ୍ତ ଚାହିଁ ଥିଲେ। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତେଣୁ ଗତକାଲି କେନ୍ଦୁଝର ବରିଷ୍ଠ ନାଗରିକ ମଂଚର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବଳଦେବ ଜୀଉ ମନ୍ଦିରକୁ ପରିଦର୍ଶନ ଲାଗି ଏକ ଉଚ୍ଚ ସ୍ତରୀୟ ବୈଷୟିକ ଦଳ ଆସିଥିଲେ। ଜାତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଓ ଯନ୍ତ୍ରୀଙ୍କ ସହ ପୂର୍ତ୍ତ ବିଭାଗ ଯନ୍ତ୍ରୀ ତଥା ଦେବୋତ୍ତର ବିଭାଗ ପକ୍ଷରୁ ମିଳିତ ଭାବେ ମନ୍ଦିର ଉପରେ ଚଢି ନିରୀକ୍ଷଣ କରାଯାଇଥିଲା। ସବୁ ଦିନ ଲାଗି ପାଣି ଗଳିବା ବନ୍ଦ ସହ ମନ୍ଦିର ସୁରକ୍ଷା ଲାଗି ଏହି ଟିମ୍ ସରକାରଙ୍କୁ ରିପୋର୍ଟ କରିବ ବୋଲି ଜଣା ଯାଇଛି। ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଶ୍ରୀ ସରୋଜ କୁମାର ରଣା,ଶ୍ରୀ ବିପ୍ର ଚରଣ ମିଶ୍ର , ଶ୍ରୀ ମନୋଜ ମିଶ୍ର, ଶ୍ରୀ ସନ୍ତୋଷ ଦାସଙ୍କ ସହ ବହୁ ସ୍ଥାନୀୟ ଲୋକେ ଉପସ୍ଥିତ ରହିଥିଲେ।

## ସ୍ୱତନ୍ତ୍ର ଗ୍ରାମସଭା ବୈଠକ

ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ ଅଧିନସ୍ଥ ବି. ଡି.ପୁର ଗ୍ରାମପଞ୍ଚାୟତର ବୈଠକ ଗୃହରେ ସରପଞ୍ଚ ରଶ୍ମିତା ସାହୁଙ୍କ ସଭାପତିତ୍ୱ ରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗ୍ରାମ ସଭାରେ ଜଗନ୍ନାଥ ପ୍ରସାଦ ବ୍ଲକରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନ୍ମଥ ନାଥ ମଲ୍ଲିକ ଯୋଗ ଦେବା ସଙ୍ଗେ ସଙ୍ଗେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ,ସମିତି ସଭ୍ୟା ଗୀତାରାଣୀ ବାରିକ, ସମିତି ସଭ୍ୟା ଙ୍କ ପ୍ରତିନିଧି ତଥା ବରିଷ୍ଠ ସମାଜସେବୀ ବିପ୍ର ଚରଣ ବାରିକ, ସରପଞ୍ଚଙ୍କ ପ୍ରତିନିଧି ଶିଶିର କାନ୍ତ ସାହୁ, ନାଏବ ସରପଞ୍ଚ ଲକ୍ଷ୍ମୀ ସ୍ୱାଇଁ, ସମସ୍ତ ୱାର୍ଡ ସଭ୍ୟ,ସଭ୍ୟା ବୃନ୍ଦ , ଏ.ଏନ.ଏମ ଦିଦି, ଆଶା କର୍ମୀ,ଅଙ୍ଗନୱାଡ଼ି ଏମ.ବି. କେ,ସି.ଆର.ପି, ଯୋଗାଣ ସହାୟିକା, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ଏ.ଡି.ଓ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ରଥ ପ୍ରମୁଖ ବୈଠକ ଯୋଗ ଦେଇ ଥିଲେ । ୨୦୨୫/୨୬ ପାଇଁ ଜି.ପି.ଟି.ପି ର ନୂତନ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରିବା ପାଇଁ ପଂଚାୟତର ସମସ୍ତ ୱାର୍ଡ ସଭ୍ୟ,ସଭ୍ୟାଙ୍କୁ ପ୍ରସ୍ତାବ ମଗାଯାଇଥିଲା ଏବଂ ଏଥିରେ ୱାର୍ଡ ସଭ୍ୟ,ସଭ୍ୟା ଓ ସାଧାରଣ ଲୋକ ବିଡ଼ିଓଙ୍କୁ ଦାବି ଜଣାଇଥିଲେ ।

# ମାନସୀ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରେଲୱେ ଷ୍ଟେସନ ନିକଟସ୍ଥ ଗୁମୁରା ମାନସୀ ଆବାସିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ରବିନାରାୟଣ ମହାନ୍ତ ମହୋଦୟ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପି.ଏମ. ଶ୍ରୀକେନ୍ଦ୍ରୀୟ ବିଦ୍ୟାଳୟ , କେନ୍ଦୁଝରର ଅବସରପ୍ରାପ୍ତ ଭାଇସ୍ ପ୍ରିନ୍ସିପାଲ ଇଂ. ମେଘନାଦ ସାହୁ , ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ, ଗାନ୍ଧିକ ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଅନିଲ କୁମାର ଦାସ , ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଏବିଇଓ ମାନସ ରଞ୍ଜନ ମିଶ୍ର, ସ୍କୁଲର ଅଧକ୍ଷ ଫକୀର ମୋହନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ତାଙ୍କର ଅଭିଭାଷଣରେ ଭାରତୀୟ ସଂସ୍କୃତି ଦର୍ଶନ ନିଜ ପାଇଁ ନୁହେଁ ଅନ୍ୟମାନଙ୍କ ପାଇଁ ବଂଚିଛି ବୋଲି ଦିଗଦର୍ଶନ ଦେଇ ସାମାଜିକ ମୂଲ୍ୟବୋଧକୁ ବଜାଇରଖି ଶିକ୍ଷାନୁଷ୍ଠାନମାନେ ଭଲ ମଣିଷ ତିଆରି କରିବାକୁ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ ଓ ସଭାପତି ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କ ଉତ୍ତମ ଚରିତ୍ର ଗଠନ ପାଇଁ ପ୍ରଥମରୁ ଯତ୍ନବାନ ହେବାକୁ ଦିଗଦର୍ଶନ ଦେଇଥିଲେ । ପ୍ରଥମେ ଅତିଥିମାନେ ମା' ତାରିଣୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ,ଧୂପ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ଓ ଶିକ୍ଷକ ତପନ କୁମାର ପଣ୍ଡା ସଭାକାର୍ଯ୍ୟକ୍ରମକୁ ସଂଯୋଜନା କରି ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର କୃତିଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହ ଅଭିଭାବକମାନଙ୍କୁ ଆଦର୍ଶ ଅଭିଭାବକ ସମ୍ମାନ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରି ସମ୍ମାନିତ କଲେ ଓ ସ୍କୁଲର ପ୍ରିନ୍ସିପାଲ୍ ଫକୀର ମୋହନ ଦାସଙ୍କ ଧନ୍ୟବାଦ୍ ଅର୍ପଣ ପୂର୍ବକ ସଭାସାଙ୍ଗ କରାଗଲା । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ନୃତ୍ୟ ସଂଗୀତ ପରିବେଷଣ ସହ ପ୍ରଭଞ୍ଜନ ସାହୁଙ୍କ ଦ୍ୱାରା ରଚିତ ଏକ ସାମାଜିକ ସଚେତନତା ନାଟକ 'ମୋବାଇଲ (ଭବିଷ୍ୟତ ବିଧ୍ୱଂସକ ଯନ୍ତ୍ର )' ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ଓ ଏହି ଉତ୍ସବରେ ଶହଶହ ଅଭିଭାବକ, ସ୍ଥାନୀୟ ବାସିନ୍ଦା ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମକୁ ସ୍କୁଲର ନିର୍ଦ୍ଦେଶିକା ଶ୍ରୀମତୀ ଉଷାରାଣୀ ମହାନ୍ତ,ଜ୍ୟୋତିରଞ୍ଜନ ସାହୁ , ମାନସରଞ୍ଜନ ମହାନ୍ତ, ପ୍ରଭଞ୍ଜନ ସାହୁ,ମାନସୀରାଣୀ ମହାନ୍ତ ,ଝୁଲିରାଣୀ ଦାସ,ମମତାରାଣୀ ମହାନ୍ତ, ସ୍ୱାତିସୁଚରିତା ମହାନ୍ତ, ଡୋନାଲି ଶର୍ମା ,ମଧୁସ୍ମିତା ମହାନ୍ତ, ମଳୟ କୁମାର ମହାନ୍ତ ,ପୃଥ୍ୱୀରାଜ ମହାନ୍ତ ,ତପନ କୁମାର ନାଏକ , ରଘୁନାଥ ମୁଣ୍ଡା ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।

# ସରପଞ୍ଚଙ୍କୁ ବଦନାମ କରିବା ପାଇଁ ଥାନାରେ ମିଥ୍ୟା ଅଭିଯୋଗ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ଅଧିନ ରେଢୁଆ ଗ୍ରାମପଂଚାୟତର ସରପଞ୍ଚ କିଶୋର ବେହେରାଙ୍କୁ ବଦନାମ କରିବା ଉଦ୍ଦେଶ୍ୟରେ ବିରୋଧୀଙ୍କ ପ୍ରରୋଚନାରେ ପୁରୁଣା ବସନ୍ତ ପଂଚାୟତର ଜନୈକ ଯୁବକ ରଘୁନାଥପୁର ଥାନାରେ ଏକ ଅଭିଯୋଗ କରିଥିବା ଜଣାଯାଇଛି। ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ରେଢୁଆ ସରପଞ୍ଚଙ୍କ ଉପସ୍ଥିତକୁ ବିରୋଧ କରି ଉକ୍ତ ଯୁବକ ଜଣକ ଏଭଳି ଏକ ମିଥ୍ୟା ଅଭିଯୋଗର ଆଶ୍ରୟ ନେଇଥିବା ସୂଚନା ମିଳିଛି। ଗତ କିଛି ମାସ ପୂର୍ବେ ଉକ୍ତ ଯୁବକ ରଘୁନାଥପୁର ଥାନାକୁ ମଧ ବଦନାମ କରିବା ପାଇଁ କିଛି ସହଯୋଗୀଙ୍କ ସହ ମିଥ୍ୟା ଅଭିଯୋଗର ସାହାରା ନେଇଥିଲେ। ଥାନା ଅଧିକାରୀଙ୍କ ଉଚିତ୍ ପଦକ୍ଷେପ ପାଇଁ ଏଭଳି ଅଭିଯୋଗ ଫଳପ୍ରଦ ହୋଇ ପାରିନଥିଲା। ତେବେ ଏ ବାବଦରେ ସରପଞ୍ଚ କିଶୋର ବେହେରାଙ୍କୁ ପଚାରିବାରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋର ଉପସ୍ଥିତିକୁ ବିରୋଧ କରିବା ସହିତ ମୋତେ ଆଶାଳୀନ ବ୍ୟବହାର ଓ ମୋ ନାମରେ ଉକ୍ତ ଯୁବକ ଥାନାରେ ମିଥ୍ୟା ଅଭିଯୋଗ ବିରୋଧରେ ସେ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଇଛନ୍ତି। ଏହି ଘଟଣାରେ ଥାନା ପୋଲିସ ଉଭୟଙ୍କ ନାଁରେ ୨୯୨/୨୪ ଓ ୨୯୩/୨୪ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

# ସଡ଼କ ସୁରକ୍ଷା ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ(ଭାସ୍କର ନ୍ୟୁଜ୍): ଆଗାମୀ ଜାନୁୟାରୀ ୧ ରୁ ୭ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଏସ୍.ପି. ଅରୂପ ଅଭିଷେକ ବେହେରା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା କାର୍ଯ୍ୟାନ୍ୱୟନର ପ୍ରତିଟି ଦିଗକୁ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଆଗାମୀ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଜାନୁୟାରୀ ୧ ତାରିଖରେ ମାନ୍ୟବର ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନଙ୍କ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସଡ଼କ ସୁରକ୍ଷା ସଚେତନତା ଏଲଇଡ଼ି ରଥ ପରିକ୍ରମାର ଶୁଭାରମ୍ଭ କରାଯିବ। ସେହିଦିନ ବସ୍ ସିଣ୍ଡିକେଟ୍, ବସ୍‌ଷ୍ଟାଣ୍ଡ, ବନ୍ତଛକ ଠାରେ ଗାଡ଼ିଚାଳକ ମାନଙ୍କର ନିଃଶୁଳ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା, "ସଡ଼କ ସୁରକ୍ଷା ପରିବାର ରକ୍ଷା" ଶୀର୍ଷକ ନେଇ ଜିଲ୍ଲା ସ୍କୁଲରେ ୬ଷ୍ଠ ୭ମ ଓ ୮ମ ରୁ ୧୦ ମ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ତିହିଡ଼ି ଡିଗ୍ରୀ କଲେଜ ଓ ସରକାରୀ ପଲିଟେକ୍‌ନିକ୍ କଲେଜ, ଆଗରପଡ଼ା କଲେଜ, ଭଦ୍ରକରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨ ତାରିଖରେ ପଦଯାତ୍ରା, ବିଭିନ୍ନ ସ୍ଥାନରେ ଆର.ଟି.ଓ. ଓ ପୋଲିସ୍ ଙ୍କ ଦ୍ୱାରା ସଡ଼କ ସଚେତନତା ଓ ଧରପଗଡ଼ କାର୍ଯ୍ୟକ୍ରମ, ସ୍ଲୋଗାନ ପ୍ରତିଯୋଗିତା, ବେଦାନ୍ତ ଫେକରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୩ ତାରିଖରେ ଧାମରା ବନ୍ଦର, ବେଦାନ୍ତ ଫେକରର ଡ୍ରାଇଭରମାନଙ୍କ ଉଦ୍ଦେଶ୍ୟରେ ସଡ଼କ ସୁରକ୍ଷା ସଚେତନତା, ବିଭିନ୍ନ ସ୍ଥାନରେ ଧରପଗଡ଼ ସହ ରାଣୀତାଲ ବଜାରରେ ଏଲଇଡ଼ି ଜରିଆରେ ସଡ଼କ ସୁରକ୍ଷା ଦୃଶ୍ୟାବଳୀ ପରିବେଷଣ କରାଯିବ। ୪ ତାରିଖରେ ଭଦ୍ରକ ପୌରପାଳିକାର ଦୃଶ୍ୟ ଫଳକ ଜରିଆରେ ସଡ଼କ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ଭଦ୍ରକ, ବନ୍ତ, ଧାମନଗର, ଭଣ୍ଡାରିପୋଖରୀ ଅଞ୍ଚଳରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ, ରେଳଷ୍ଟେସନ ଚରମ୍ପାରେ ଏଲଇଡ଼ିରେ ସଡ଼କ ସୁରକ୍ଷା ପ୍ରଦର୍ଶନ, ୫ ତାରିଖରେ ବାସୁଦେବପୁର, ଚାନ୍ଦବାଲି, ତିହିଡ଼ିରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ, ଏଲ୍.ଇ.ଡ଼ି ରଥ ଜରିଆରେ ତିହିଡ଼ିରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ୬ ରେ ବିଭିନ୍ନ ସ୍ଥାନରେ ଧରପଗଡ଼ ସହ ସଚେତନତା ସମ୍ବଳିତ ବାର୍ତ୍ତା ପ୍ରଦର୍ଶନ ଓ ୭ରେ ଉଦ୍‌ଯାପନୀ ଉତ୍ସବ, ପୁରସ୍କାର ବିତରଣ ସହ ବିଭିନ୍ନ ସ୍ଥାନରେ ଧରପଗଡ଼ ଓ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବା ନେଇ କାର୍ଯ୍ୟସୂଚୀ ବୈଠକରେ ଅନୁମୋଦିତ ହୋଇଥିଲା। ବରିଷ୍ଠ ଏମ୍.ଭି.ଆଇ ବାମଦେବ ସାହୁ ବୈଠକରେ ଗତ ବୈଠକ ର ବିବରଣୀ ଓ ଚଳିତ ବୈଠକ ପାଇଁ କାର୍ଯ୍ୟସୂଚୀ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ଏହି ବୈଠକ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରଙ୍ଗତୂଳୀରେ ନୂଆବର୍ଷ ୨୦୨୫କୁ ସ୍ୱାଗତ କରିଛନ୍ତି ଜଣେ କୁନି ଚିତ୍ରଶିଳ୍ପୀ । ଉକ୍ତ ଚିତ୍ରଶିଳ୍ପୀ ଜଣକ ଭୁବନେଶ୍ୱର ପୋଖରୀପୁଟ୍ ଅଞ୍ଚଳର ଶାନ୍ତନୁ ଶାନ୍ତିସ୍ୱରୂପ । ସେ ୨୦୨୪ ବର୍ଷକୁ ଚିତ୍ର ମାଧ୍ୟମରେ ମେଲାଣି ଦେଇ ୨୦୨୫ ନୂଆବର୍ଷକୁ ସ୍ୱାଗତ କରିଛନ୍ତି । ଭିନ୍ନ ଏକ ଅନ୍ଦାଜରେ ସେ ଏହି ଚିତ୍ର ଆଙ୍କି ସମସ୍ତଙ୍କ ମନ ଜିଣିବାକୁ ପ୍ରୟାସ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ବିଭିନ୍ନ ସମୟରେ ପ୍ରକୃତିର କରାଳ ରୂପକୁ ଅବଲୋକନ କରି ଚିତ୍ର ମାଧ୍ୟମରେ ଉପସ୍ଥାପନ କରି ବେଶ୍ ଚର୍ଚ୍ଚାରେ ରହିଆସିଛନ୍ତି । ଶାନ୍ତନୁ ପୋଖରୀପୁଟ ଅଞ୍ଚଳର ବିଶିଷ୍ଟ ସମାଜସେବୀ ସୁଶାନ୍ତ କୁମାର ସାହୁଙ୍କ ସୁପୁତ୍ର ଅଟନ୍ତି । ଏବେ ସୁଶାନ୍ତ ପ୍ରକୃତି କୂଳରୁ ଲିଭିଯାଉଥିବା ସଂସ୍କୃତିକୁ ପୁଣି ଉଜ୍ଜୀବିତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏପରିକି ସେ ଜଙ୍ଗଲରେ ବୃକ୍ଷରୋପଣ କରିବା ସହ ରାସ୍ତାକଡ଼ରୁ ପୋକ ସାଲୁବାଲୁ ଲୋକଙ୍କୁ ଉଦ୍ଧାର କରି ଚିକିତ୍ସା କରାଉଛନ୍ତି । ଏହି ଦିଗରେ କାର୍ଯ୍ୟ କରିବାକୁ ସେ ତାଙ୍କ ପୁତ୍ରକୁ ଏବେଠାରୁ ଅଗ୍ରସର କରାଉଛନ୍ତି । ଏଥିପ୍ରତି ଶାନ୍ତନୁ ବେଶ୍ ଆଗ୍ରହ ରହିଥିବା ତାଙ୍କ ମା' କହିଛନ୍ତି ।

# ପୁରୁଣାକୁ ବିଦାୟ, ନୂଆକୁ ସ୍ୱାଗତ



- ଜିରୋ ନାଇଟ୍ ସେଲିବ୍ରେସନ୍
- ନାଚଗୀତରେ ମସଗୁଲ୍ ସହରବାସୀ
- ଟ୍ୱିନ୍‌ସିଟିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଦାୟ ନେଇଛି ୨୦୨୪ ବର୍ଷ । ଅସ୍ତଗାମୀ ସୂର୍ଯ୍ୟ ପରେ ମଧ୍ୟରାତ୍ରରେ ନୂତନ ବର୍ଷ ୨୦୨୫ ପ୍ରବେଶ କରିଛି । ଏଥିପାଇଁ ଦେଶବାସୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି । ଇଂରାଜୀ ନବବର୍ଷ ପାଳିବାକୁ ସାରା ଦେଶ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ଓଡ଼ିଶା ମଧ୍ୟ ଉତ୍ସବମୁଖର ହୋଇଛି । ଟ୍ୱିନ୍‌ସିଟିରେ ଇଂରାଜୀ ନବବର୍ଷ ପାଳିବାକୁ ସହରବାସୀ ମସ୍‌ଗୁଲ ହୋଇଥିବା ବେଳେ ତାରକା ହୋଟେଲଗୁଡ଼ିକରେ ଜିରୋ ନାଇଟ୍ ସେଲିବ୍ରେସନ୍‌କୁ ଗୁରୁତ୍ୱ ଦେଇଛନ୍ତି । ସମସ୍ତେ ଏକାଠି ହୋଇ ସେହି ପ୍ରତିକ୍ଷାର ମୁହୂର୍ତ୍ତକୁ ସନ୍ଧ୍ୟା ପ୍ରହରରୁ ଅପେକ୍ଷା କରି ରହିଥିଲେ । ଠିକ୍ ୧୨ ଘଟିକା ହେବା କ୍ଷଣି ନୂତନ ବର୍ଷ ୨୦୨୫କୁ ସମସ୍ତେ ଆନନ୍ଦ ଉଲ୍ଲାସରେ ସ୍ୱାଗତ ଜଣାଇବା ସହ ପରସ୍ପରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏଥିପାଇଁ ହୋଟେଲଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ନାଚଗୀତ ସାଙ୍ଗକୁ ଖାଦ୍ୟପେୟର ଆସର ଜମିଥିଲା । ଏହା ଭିତରେ ସହରବାସୀ ନୂଆବର୍ଷକୁ ସ୍ୱାଗତ କରି ନବୀନ ସୂର୍ଯ୍ୟଙ୍କୁ ଦର୍ଶନ କରି ଦିନ କାର୍ଯ୍ୟ ଆରମ୍ଭ କରିଥିଲେ । ସକାଳ ପ୍ରହରରେ ନୂଆବର୍ଷର ପ୍ରଥମ ଦିନରେ ସମସ୍ତେ ଭଗବାନଙ୍କୁ ଦର୍ଶନ କରି ସୁଖ ଓ ସମୃଦ୍ଧିର ବର୍ଷ ହେଉ ବୋଲି ପ୍ରାର୍ଥନା କରିଥିଲେ । ଏହାବ୍ୟତୀତ ନୂଆ ବର୍ଷରେ ବଣଭୋଜିର ଆସର ଜମାଇବାକୁ ସମସ୍ତେ ଆଗଭର ହୋଇଥିବା ବେଳେ ରାଜଧାନୀର ଖଣ୍ଡଗିରି, ଉଦୟଗିରି, ଧଉଳି, ନନ୍ଦନକାନନ, ଚନ୍ଦକା ବାଟିକା, ଗୁଆଝର, ଚନ୍ଦକା ଅଭୟାରଣ୍ୟ, ଡେରାସ ଆଦି ସ୍ଥାନଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଜମିଛି । ଏହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଜିରୋ ନାଇଟ୍ ପାଇଁ ଟ୍ୱିନ୍‌ସିଟିର ୨୯ଟି ନାକା ପଏଣ୍ଟରେ ସନ୍ଧ୍ୟା ୬ରୁ ରାତ୍ର ୨ଟା ପର୍ଯ୍ୟନ୍ତ ଚେକିଂ ଏବଂ ବ୍ଲକିଂ କରାଯାଇଥିଲା । ସେହିପରି ସହରରେ ୩୬ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଜଣାପଡ଼ିଛି ।

## ଇଂରାଜୀ ନୂଆବର୍ଷ-୨୦୨୫ର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସମେତ ସମଗ୍ର ଭାରତବାସୀଙ୍କୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଇଂରାଜୀ ନବବର୍ଷ-୨୦୨୫ର ଶୁଭେଚ୍ଛା ଜଣାଇଛନ୍ତି । ବର୍ଷ ୨୦୨୫ ସମସ୍ତଙ୍କ ପାଇଁ ସମ୍ଭାବନା ଓ ନୂତନ ଉନ୍ମାଦନାର ବର୍ଷ ହେଉ ବୋଲି ସେ କହିଛନ୍ତି । ନୂଆବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ଜୀବନରେ ଖୁସି ଓ ଉଲ୍ଲାସ ଆଣିଦେଉ ବୋଲି ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପାର୍ଥନା କରିଛନ୍ତି ।

## ନୂଆବର୍ଷ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଇଂରାଜୀ ନୂଆବର୍ଷ ୨୦୨୫ ଉପଲକ୍ଷେ ରାଜ୍ୟର ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୟାରୁ ନୂତନ ବର୍ଷ ସମସ୍ତଙ୍କ ମନରେ ସୁଖ, ଆନନ୍ଦ ଓ ସମୃଦ୍ଧି ଆଣିଦେଉ । ନୂଆବର୍ଷରେ ଆମେ ସମସ୍ତେ ଏକ ନୂଆ ସଂକଳ୍ପ ନେଇ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ ।

## 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ ବାଚସ୍ପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଦେବଭାଷା ସଂସ୍କୃତର ଗୁରୁତ୍ୱ ସର୍ବଜନବିଦିତ । ଭକ୍ତି ଓ ଆଧ୍ୟାତ୍ମିକ ସାହିତ୍ୟରେ ଏହାର ବହୁଳ ବ୍ୟବହାର ପରିଲକ୍ଷିତ ହୋଇଥାଏ । ଆମର ଆଧୁନିକ ଭାଷା ସଂସ୍କୃତର ମୂଳ ଆଧାରରୁ ସମୃଦ୍ଧ ହୋଇପାରିଛି । ଏପରିକି ଦକ୍ଷିଣ-ଏସୀୟ ଓ ଦକ୍ଷିଣ-ପଶ୍ଚିମ ଏସିଆନ୍ ଭାଷାର ମୂଳଭିତି ମଧ୍ୟ ସଂସ୍କୃତ । ସଂସ୍କୃତ ବା ଦେବନାଗରୀ ହିନ୍ଦୁଧର୍ମର ପବିତ୍ର ଭାଷା ହୋଇଥିବାବେଳେ ବୌଦ୍ଧ, ଜୈନ ଧର୍ମର ଦର୍ଶନ ଶାସ୍ତ୍ରରେ ଏହାର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ ବୋଲି ବାଚସ୍ପତି ସୁରମା ପାଢ଼ୀ ପ୍ରକାଶ କରିଛନ୍ତି । ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ 'ଉତ୍କଳକମଳା' ସମ୍ମାନରେ ସମ୍ମାନିତ କରାଯାଇଛି ।




## ଓଡ଼ିଶାକୁ ୬୭୬.୭ କୋଟି ଟଙ୍କା ଆର୍ଥିକ ରାଶି ଅନୁଦାନ, ଶିକ୍ଷାର ବିକାଶ ଦିଗରେ ସହାୟକ ହେବ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆମ ସରକାର ଆସିବାର ୮୧ ଦିନ ମଧ୍ୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା (ପିଏମ-ଉଷା) ପ୍ରଣୟନ ନିମନ୍ତେ ଅନୁଷ୍ଠିତ ହୋଇଥିବା ତୃତୀୟ ପ୍ରୋଜେକ୍ଟ ଆପ୍ରୁଭାଲ୍ ବୋର୍ଡ ବୈଠକର ନିଷ୍ପତି ଅନୁଯାୟୀ ପିଏମ-ଉଷା ଯୋଜନାରେ ଓଡ଼ିଶାକୁ ୬୭୬.୭ କୋଟି ଟଙ୍କାର ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବାର ନିଷ୍ପତି ନିଆଯାଇଛି । ଏହା ନିଶ୍ଚିତ ଭାବେ ଓଡ଼ିଶାରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ଭିତିଭୂମି ବିକାଶ ସହ ମାନବ ସମ୍ବଳ ବିକାଶ, ଗବେଷଣା ଏବଂ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ଦିଗରେ ସହାୟକ ହେବ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ପ୍ରଣୟନ ପରିପ୍ରେକ୍ଷୀରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପ୍ରଣୟନ ନିମନ୍ତେ ସର୍ବମୋଟ ୬୭୬.୭ କୋଟି ଟଙ୍କା ଆର୍ଥିକ ରାଶି ଅନୁଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି । ଏଥିମଧ୍ୟରୁ ୩୮ଟି ପ୍ରସ୍ତାବ ନିମନ୍ତେ ୬୭୦ କୋଟି ଟଙ୍କା ଏବଂ ମ୍ୟାନେଜମେଣ୍ଟ ମନିଟରିଙ୍ଗ ଇଭାଲ୍ୟୁସନ ଆଣ୍ଡ ରିସର୍ଚ୍ଚ ଗ୍ରାଣ୍ଟ ନିମନ୍ତେ ୬.୭ କୋଟି ଟଙ୍କା ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି । ସର୍ବମୋଟ ୬୭୬.୭ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାରଙ୍କ ତରଫରୁ ୪୦୮.୭ କୋଟି ଏବଂ ରାଜ୍ୟ ସରକାରଙ୍କ ତରଫରୁ ୨୬୮ କୋଟି ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯିବ । ସେହିପରି ଭାବେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ ଆକାଂକ୍ଷୀ ଜିଲ୍ଲା ମାନଙ୍କରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ବିକାଶ ନିମନ୍ତେ ମଧ୍ୟ ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବ, ଯାହାକି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣରେ ମଧ୍ୟ ସହାୟକ ହେବ ।

## ନୂଆ ବର୍ଷ ପାଳିବେନି ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ବିୟୋଗରେ ଚାଲିଥିବା ରାଷ୍ଟ୍ରୀୟ ଶୋକ ଓ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ଦୁଃଖରେ ସମବେଦନା ଜଣାଇ ବିରୋଧୀ ଦଳ ନେତା ନବୀନ ପଟନାୟକ ଆସନ୍ତାକାଲି ନୂଆ ବର୍ଷ କାର୍ଯ୍ୟକ୍ରମରେ ସାମିଲ ହେବେ ନାହିଁ । ତେଣୁ ଅଭିନନ୍ଦନ ପାଇଁ ଆସନ୍ତାକାଲି ନବୀନ ନିବାସକୁ ନ ଆସିବା ପାଇଁ ଶ୍ରୀ ପଟ୍ଟନାୟକ ଶୁଭେଚ୍ଛୁମାନଙ୍କୁ ଅନୁରୋଧ ଜଣାଇଛନ୍ତି ।











"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



# ସ୍ୱାଗତମ୍ 'ନବବର୍ଷ ୨୦୨୫'
## ଘଟଣାବହୁଳ ବର୍ଷର ବିଦାୟ

ଅନେକ ଘଟଣାବହୁଳ ଅଧ୍ୟାୟର ଅନ୍ତ ଘଟାଇ ୨୦୨୪ ମସିହା ଧରାପୃଷ୍ଠରୁ ବିଦାୟ ନେଇଛି। ଆଜି ନୂତନ ବର୍ଷ ୨୦୨୫ର ଶୁଭ ସକାଳ। ବିଦାୟୀ ବର୍ଷ ଛାଡ଼ିଯାଇଛି ଅସୁମାରୀ ସ୍ମୃତି ଓ ଅନୁଭୂତି, ହର୍ଷ-ଉଲ୍ଲାସର ନିଖୁଣ ସ୍ୱାକ୍ଷର, ସଫଳତା ଓ ବିଫଳତାର ତିକ୍ତ-ମଧୁର ଅଭିଜ୍ଞତା। ରାଜ୍ୟସ୍ତରରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ବିଦାୟୀ ବର୍ଷ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାର ମୂକ ସାକ୍ଷୀ ରୂପେ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ। ବିଶ୍ୱର ଦୁଇ ବୃହତ୍ତମ ଗଣତନ୍ତ୍ର ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକାର ନିର୍ବାଚନ ୨୦୨୪ ମସିହାର ସର୍ବାଧିକ ଆଲୋଚ୍ୟ ପ୍ରସଙ୍ଗ ଥିବାବେଳେ ଆମ ଦେଶରେ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍.ଡି.ଏ) ସାଧାରଣ ନିର୍ବାଚନରେ ପୁନର୍ବାର ବିଜୟ ହାସଲ କରି କ୍ରମାଗତ ତୃତୀୟଥର ପାଇଁ କ୍ଷମତାସୀନ ହୋଇଥିଲା। ଜାତୀୟ ତଥା ବିଶ୍ୱ ରାଜନୀତିରେ ଅନ୍ୟତମ ପ୍ରଭାବଶାଳୀ ନେତା ରୂପେ ପରିଗଣିତ ହେଉଥିବା ନରେନ୍ଦ୍ର ମୋଦି ତୃତୀୟବାର ଭାରତର ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହେବା ବିଦାୟୀ ବର୍ଷର ଏକ ଉଲ୍ଲେଖନୀୟ ଘଟଣା ଥିଲା। ସେହିପରି ଯୁକ୍ତରାଷ୍ଟ୍ର ଆମରିକାରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ବର୍ତ୍ତମାନର କ୍ଷମତାସୀନ ଡେମୋକ୍ରାଟିକ୍ ପାର୍ଟି ପରାଜୟ ବରଣ କରିବା ସହିତ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଡୋନାଲଡ୍ ଟ୍ରମ୍ପ୍ ବିଜୟର ମୁକୁଟ ପିନ୍ଧିଛନ୍ତି। ଗତ ୨୦୧୭ରୁ ୨୦୨୧ଜାନୁଆରୀ ପର୍ଯ୍ୟନ୍ତ ଚାରିବର୍ଷ ଧରି ବିଶ୍ୱର ସର୍ବାଧିକ ଧନଶାଳୀ ଓ ସମୃଦ୍ଧ ଦେଶର ରାଷ୍ଟ୍ରପତି ଥିବା ଟ୍ରମ୍ପ୍ ବିଭିନ୍ନ କାରଣରୁ ବିବାଦରେ ଛନ୍ଦି ହୋଇପଡ଼ିବାରୁ ୨୦୨୦ ମସିହା ନିର୍ବାଚନରେ ପରାଜିତ ହୋଇଥିଲେ। ମାତ୍ର ଏଥର ନିର୍ବାଚନରେ ବିଜୟ ହାସଲ କରିବା ପରେ ନୂତନ ବର୍ଷର ଜାନୁଆରୀ ୨୦ ତାରିଖରେ ସେ ପୁନର୍ବାର ଆମେରିକାର ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି ଏବଂ ତାଙ୍କର କାର୍ଯ୍ୟକଳାପ ଉପରେ ସାରା ଦୁନିଆର ଦୃଷ୍ଟି ନିବଦ୍ଧ ରହିଛି। ବିଦାୟୀ ବର୍ଷରେ ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧ, ସଂଘର୍ଷ, ହିଂସା ଓ ଅରାଜକତାର ବିଭୀଷିକାମୟ ଚିତ୍ର ଦେଖିବାକୁ ମିଳିଥିଲା। ପୂର୍ବରୁ ଚାଲିଆସିଥିବା ରୁଷ-ୟୁକ୍ରେନ ଯୁଦ୍ଧ ସହିତ ହମାସ୍-ଇସ୍ରାଏଲ, ହେଜବୁଲ୍ଲା-ଇସ୍ରାଏଲ, ଲେବାନନ୍-ଇସ୍ରାଏଲ ଯୁଦ୍ଧରେ ଅଗଣିତ ନିରୀହ ନରନାରୀଙ୍କ ଜୀବନ ଅକାଳରେ ଝଡ଼ିଯାଇଥିବା ବେଳେ ନୂତନ ବର୍ଷ ସମଗ୍ର ବିଶ୍ୱ ପାଇଁ ଶାନ୍ତି ଓ ସମୃଦ୍ଧି ଆଣୁ ବୋଲି ନବବର୍ଷର ପ୍ରଥମ ସକାଳରେ ପ୍ରାର୍ଥନା କରିବା। ଭାରତର ପଡ଼ୋଶୀ ବାଂଲାଦେଶରେ ରାଜନୈତିକ ଅସ୍ଥିରତା, ହିନ୍ଦୁ ମନ୍ଦିର ଧ୍ୱଂସ ଏବଂ ଭାରତ ବିରୋଧୀ ମାନସିକତା ବିଦାୟୀ ବର୍ଷରେ ଆଣି ଦେଇଥିଲା ଦୁଃଖଦ ଅନୁଭୂତି। ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ଶେଖ୍ ହସିନା କ୍ଷମତାଚ୍ୟୁତ ହେବା ପରେ ଆମ ଦେଶରେ ରାଜନୈତିକ ଆଶ୍ରୟ ଗ୍ରହଣ କରିଥିବା ବେଳେ ବାଂଲାଦେଶର ଅନ୍ତରୀଣ ସରକାର ସହ ଭାରତର ସମ୍ପର୍କ କ୍ରମଶଃ ତିକ୍ତ ହେବାରେ ଲାଗିଛି। ନୂତନ ବର୍ଷରେ ପଡ଼ୋଶୀ ଦେଶଗୁଡ଼ିକ ସହ ଭାରତର ସମ୍ପର୍କରେ ଉନ୍ନତି ଘଟିବା ଦିଗରେ ସରକାର ଯତ୍ନଶୀଳ ହୁଅନ୍ତୁ, ଏହା ହିଁ କାମନା। ଭାରତର ଭୂସ୍ୱର୍ଗ ରୂପେ ପରିଚିତ ଜାମ୍ମୁ-କାଶ୍ମୀରରେ ସମ୍ବିଧାନର ବିବାଦୀୟ ଧାରା-୩୭୦ ଉଚ୍ଛେଦ ପରେ ପ୍ରଥମଥର ପାଇଁ ଅନୁଷ୍ଠିତ ବିଧାନସଭା ନିର୍ବାଚନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳିତ ହେବା ବିଦାୟୀ ବର୍ଷର ଅନ୍ୟତମ ବୈଶିଷ୍ଟ୍ୟ ଥିଲା। ଦୀର୍ଘ ଦଶବର୍ଷର ବ୍ୟବଧାନରେ ଅନୁଷ୍ଠିତ ଏହି ନିର୍ବାଚନରେ କାଶ୍ମୀରବାସୀ ବିନା ବାଧାରେ ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିଥିଲେ। ଉଦାରୀକରଣ ଓ ଆର୍ଥିକ ସଂସ୍କାର ମାଧ୍ୟମରେ ଭାରତର ବିପନ୍ନ ଅର୍ଥନୀତିକୁ ନୂଆ ଦିଶା ଦେଇଥିବା ଦୁଇଥରର ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ବିଦାୟୀ ବର୍ଷର ଅନ୍ତିମ ମୁହୂର୍ତ୍ତରେ ସାରା ଦେଶରେ ଶୋକର ଲହରୀ ଖେଳାଇ ଦେଇଛି। ଭାରତ ମାତାର ଏକ ସୁଯୋଗ୍ୟ ସନ୍ତାନ ଚିରଦିନ ପାଇଁ ବିଦାୟ ନେଇଛନ୍ତି। ନୂତନ ବର୍ଷ ୨୦୨୫ ସାରା ଜଗତ ପାଇଁ ସୁଖ, ସମୃଦ୍ଧି, ଶାନ୍ତି ଓ ଭାଇଚାରାର ଭାବନା ଆଣୁ, ଏହା ହିଁ ପ୍ରାର୍ଥନା।

## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**


**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଆର୍ଥିକ ଉଦାରୀକରଣର ବାସ୍ତୁକାର: ମନମୋହନ ସିଂହ



**ବିପିନ ବିହାରୀ ରାଉତ**
ଶ୍ରୀବିହାର କଲୋନୀ, କଟକ
ମୋ: ୯୪୩୭୬୬୬୪୫୩

'ହଜାରୋ ଜବାବୋଁ ସେ ଅଚ୍ଛୀ ମେରି ଖାମୋସି..'। ୨୦୧୨ ଅଗଷ୍ଟ ୨୭ରେ ସଂସଦ ପରିସରରେ ଏହି ଶାୟରୀ ପଢ଼ିଥିଲେ ଡ.ମନମୋହନ ସିଂହ। କେବଳ ରାଜନେତା କିମ୍ବା ଅର୍ଥଶାସ୍ତ୍ରୀ ନୁହଁନ୍ତି, ଶାୟରୀ ଉର୍ଦ୍ଦୁ କବିତାରେ ବି ବେଶ ରୁଚି ଥିଲା ତାଙ୍କର। ସଂସଦରେ ବିତର୍କ ବେଳେ ତାଙ୍କୁ ଶାୟର ଅନ୍ଦାଜରେ ଉତ୍ତର ରଖୁଥିବା ଦେଖାଯାଇଥିଲା। ୨୦୧୧ ମାର୍ଚ୍ଚ ୨୩ରେ ଲୋକସଭାରେ ନୋଟ ବଦଳରେ ଭୋଟ ବିଷୟ ଉପରେ ଚର୍ଚ୍ଚା ହେଉଥିବାବେଳେ ବିରୋଧୀ ନେତା ସୁଷମା ସ୍ୱରାଜ ତାଙ୍କୁ କଟାକ୍ଷ କରି କହିଥିଲେ, 'ତୁ ଇଧର ଉଧର କି ବାତ ନା କର, ୟେ ବତା କେ କାରବାଁ କ୍ୟୁଁ ଲୁଟା; ମୁଝେ ରହଜନୋ ସେ ଗିଲା ନେହିଁ, ତେରି ରହବରି କା ସବାଲ ହୈ।' ମନମୋହନ କହିଥିଲେ, 'ମାନା କେ ତେରି ଦିଦ୍ କେ କାବିଲ ନହିଁ ମେ, ତୁ ମେରା ଶୋକ ତୋ ଦେଖ, ମେରା ଇନ୍ତଜାର ତୋ ଦେଖ।' ୨୦୧୨ ଅଗଷ୍ଟ ୨୭ ରେ ସଂସଦ ଅଧିବେଶନ ଚାଲୁଥିବାବେଳେ ମନମୋହନ ସରକାର ବିରୋଧରେ କୋଇଲା ବ୍ଲକ ଆବଣ୍ଟନରେ ଦୁର୍ନୀତି ଅଭିଯୋଗ ଆସିଥିଲା। ହେଲେ ଅଭିଯୋଗ ତଥ୍ୟ ଆଧାରିତ ନୁହେଁ ବୋଲି ମନମୋହନ ସଂସଦରେ କହିବା ପରେ ବାହାରେ ସାମ୍ବାଦିକଙ୍କୁ ଉତ୍ତର ରଖି କହିଥିଲେ, 'ହଜାରୋଁ ଜବାବୋଁ ସେ ଆଚ୍ଛା ମେରି ଖାମୋସି, ଜୋ କୟି ସବାଲୋ କି ଆବରୁ ଢ଼କ ଲେତି ହୈ।' ୨୦୧୩ରେ ସଂସଦରେ ସୁଷମାଙ୍କୁ ମନମୋହନ କହିଥିଲେ, 'ହମେ ଉନସେ ହୈ ୱାଫୀ କି ଉମିଦେ, ଜୋ ନେହିଁ ଜାନତେ ୱଫୀ କ୍ୟା ହୈ।' ଜବାବରେ ସୁଷମା କହିଥିଲେ 'କୁଛ ତୋ ମଜବୁରିୟାଁ ରହିହୋଗ, ୟୁଁ ହିଁ କୋଇ ବେୱଫୀ ନେହି ହୋତା।'



ସୌମ୍ୟ, ଶାନ୍ତ, ସରଳ ସ୍ୱଭାବର ସ୍ୱର୍ଗତଃ ମନମୋହନ ସିଂହ ବିଶ୍ୱର କେବଳ ଜଣେ ରାଜନେତା ଭାବେ ନୁହେଁ ବରଂ ଦୂରଦର୍ଶୀ, ଅସାଧାରଣ ଓ ଦୂରଦୃଷ୍ଟି ସମ୍ପନ୍ନ ଅର୍ଥଶାସ୍ତ୍ରୀ ଥିଲେ। ଆତ୍ମବିଶ୍ୱାସର ସହ ପରିବର୍ତ୍ତନର ଆହ୍ୱାନକୁ ସାମ୍ନା କରିବାରେ ସଫଳ ହୋଇଥିବା ଏଡି ମହାନ ବ୍ୟକ୍ତିଙ୍କ ଛବି ଇତିହାସର ଫର୍ଦ୍ଦରେ ସର୍ବଦା ଅମଳୀନ ହୋଇ ରହିବେ। ୧୯୯୧ରେ ସେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ଦେଶର ଆର୍ଥିକ ସ୍ଥିତି ଭଲ ନଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଆମଦାଣୀ କରିବା ପାଇଁ ଭାରତ ନିକଟରେ ଯଥେଷ୍ଟ ବୈଦେଶିକ ମୁଦ୍ରା ନଥିଲା। ଏ ସମୟରେ କାର୍ଯ୍ୟ କରିଥିଲେ ମନମୋହନଙ୍କ ମାଷ୍ଟର ଷ୍ଟ୍ରୋକ। କେବଳ ସେତିକି ନୁହଁ ମନମୋହନ ସିଂ ବଜେଟରେ କମ୍ପାନୀ ଟିକସ ହାରକୁ ୫% ବଢ଼ାଇ ୪୫% କଲେ ଏବଂ ବ୍ୟାଙ୍କ ଜମା ଭଳି କିଛି ବିତ୍ତୀୟ ଟ୍ରାଞ୍ଜାକ୍ସନ ପାଇଁ ଟାକ୍ସ ଡିଡକ୍ଟେଡ ଆଟ ସୋର୍ସ (ଟିଡିଏସ)ର କନସେପ୍ଟ ଆଣିଲେ। ରନ୍ଧନ ଗ୍ୟାସ ସିଲିଣ୍ଡର, ସାର ଏବଂ ପେଟ୍ରୋଲ ଦର ବଢ଼ାଇଲେ ଏବଂ ଚିନି ଉପରେ ସବସିଡି ହଟାଇ ଦେଲେ। ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂହ ୨-ଷ୍ଟେଜ ଡିଭ୍ୟାଲ୍ୟୁଏସନ କରିବାକୁ ଚାହୁଁଥିଲେ ଏବଂ ଏହାକୁ କରାଗଲା। ଏହାର ଫାଇଦା ମିଳିଲା ଏବଂ ଅନ୍ତର୍ଜାତୀୟ ବଜାର ସହିତ ବ୍ୟାପାର ତ୍ୱରାନ୍ୱିତ ହେଲା। ଏହା ସହିତ ରପ୍ତାନି ଉପରେ ଆଇନ ଏବଂ ଲାଇସେନ୍ସିଂ କଣ୍ଟ୍ରୋଲକୁ ସହଜ କରାଗଲା। ଏସବୁ ସୁଧାର ଶିଳ୍ପକୁ ଲାଇସେନ୍ସିଂ ଏବଂ ଇନସ୍ପେକ୍ଟରରାଜରୁ ମୁକ୍ତ କଲା। ନିବେଶକୁ ପ୍ରୋତ୍ସାହନ ଦେବା ଏବଂ ଶିଳ୍ପଗୁଡ଼ିକର ପ୍ରତିସ୍ପର୍ଦ୍ଧା ବଢ଼ାଇବା ପାଇଁ ପଦକ୍ଷେପ ନିଆଗଲା। ୧୮ ସମ୍ବେଦନଶୀଳ ଶିଳ୍ପକୁ ଛାଡ଼ି ସମସ୍ତ ଶିଳ୍ପରେ ଇଣ୍ଡଷ୍ଟ୍ରିଆଲ ଲାଇସେନ୍ସସିଂକୁ ସମାପ୍ତ କରାଗଲା।

ଅର୍ଥନୀତିରେ ରାଷ୍ଟ୍ରାୟତ୍ତ କ୍ଷେତ୍ର ଯେପରି ବଡ଼ ଯୋଗଦାନ ଦେବ ସେଥିପାଇଁ ଅନେକ ପରିଚାଳନାଗତ ସ୍ୱାଧୀନତା ଦିଆଗଲା। ଅର୍ଥ ବ୍ୟବସ୍ଥାକୁ ନିୟନ୍ତ୍ରଣମୁକ୍ତ କରିବା ଏହାର ଲକ୍ଷ୍ୟ ଥିଲା। ୧୯୯୧ର ସୁଧାରଗୁଡ଼ିକ ବିଦେଶ ନିବେଶ ଉଦାରୀକରଣ କଲା ଏବଂ ଇଣ୍ଡସଇଣ୍ଡ ବ୍ୟାଙ୍କ, ଏକ୍ସିସବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏଚଡ଼ିଏଫସି ବ୍ୟାଙ୍କ ସହିତ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ପାଇଁ ରାସ୍ତା ଖୋଲିଲା। ଏହି ସୁଧାରଗୁଡ଼ିକ ଯୋଗୁ ଅନେକ ଅନ୍ତରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତ ଆସିପାରିଲେ। ମ୍ୟାକଡୋନାଲ୍ଡସ ଏବଂ କେଏଫସି ଭଳି ଖାଦ୍ୟ କମ୍ପାନୀ ଆସିବା ଦ୍ୱାରା ଭାରତରେ ବ୍ୟୟ ପାଟର୍ଣ୍ଣ ବଦଳିଲା। ଅର୍ଥନୀତି ସବଳ ହୋଇଚାଲିଲା। ୧୯୯୧ ପରେ ୨୦୦୮ରେ ଭାରତକୁ ପୁଣି ଥରେ ଆର୍ଥିକ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡ଼ିଲା। ଭାରତୀୟ ସେୟାର ବଜାର ଧରାଶାୟୀ ହୋଇଗଲା। କିନ୍ତୁ ମନମୋହନ ସିଂହ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ୨୦୦୯ରୁ ୨୦୧୪ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ହାରାହାରି ୬.୭% ହାରରେ ବଢ଼ିଲା।

ମନମୋହନ ସିଂହ ଅର୍ଥମନ୍ତ୍ରୀ ଥିବା ସମୟରେ ଆଣିଥିବା ସଂସ୍କାର ଦେଶର ଅର୍ଥ ବ୍ୟବସ୍ଥା ପାଇଁ ବରଦାନ ସାବ୍ୟସ୍ତ ହୋଇଛି ଏବଂ ବିଶ୍ୱ ସ୍ତରରେ ଭାରତ ଏକ ବ୍ରାଣ୍ଡ ଭାବେ ସ୍ଥାପିତ ହୋଇଛି। ବିଶ୍ୱର ବଡ଼ ବଡ଼ ଅନ୍ତର୍ଜାତୀୟ ବିତ୍ତୀୟ ପ୍ରତିଷ୍ଠାନ ଆଜି ଭାରତର ଆର୍ଥିକ ବିକାଶ ହାରକୁ ନେଇ ସକାରାତ୍ମକ ଅନୁମାନ କରୁଛନ୍ତି। ଭାରତ ଆଗାମୀ କିଛି ବର୍ଷରେ ବିଶ୍ୱର ତୃତୀୟ ବୃହତ ଅର୍ଥ ବ୍ୟବସ୍ଥା ପାଲଟିବ ବୋଲି ପୂର୍ବାନୁମାନ କରାଯାଉଛି। ଏସବୁ ପଛରେ ଯିଏ ପୁରୋଧା ରହିଛନ୍ତି ସେ ହେଲେ ମନମୋହନ। ଡକ୍ଟର ମନମୋହନ ସିଂହ ସେହି ଭାରତର ନିର୍ମାଣ କରିଥିଲେ ଯାହାକୁ ଆଜି ଆମେ ଦେଖୁଛେ ଦଶନ୍ଧି ଧରି ଉଗ୍ରବାଦ, ଦଙ୍ଗା, ହତ୍ୟା ଭଳି ସ୍ଥିତିର ସମ୍ମୁଖୀନ ହୋଇ ବେଶ ସମ୍ବେଦନଶୀଳ ସମୟ ଦେଇ ଦେଶ ଗତି କରୁଥିବାବେଳେ ଡକ୍ଟର ସିଂହ ଦେଶ ପାଇଁ ସଶକ୍ତ ଅର୍ଥନୀତିର ଦ୍ୱାର ଖୋଲିଥିଲେ। ତାଙ୍କୁ ଏକ ଦଶନ୍ଧି ଧରି ସାଇଲେଣ୍ଟ ଥେରାପି ଦେଇଥିବା ପ୍ରଥମ ଶିଖ ପ୍ରଧାନମନ୍ତ୍ରୀ ଯିଏ କି ଭାରତର ସର୍ବୋତ୍ତମ ବିକାଶ କରି ଯାବତୀୟ ସୁଧାର ଆଣିଥିଲେ, ଯାହାକୁ ଦେଶ ଅନନ୍ତ କାଳ ପର୍ଯ୍ୟନ୍ତ ମନେରଖିବ। ତାଙ୍କ ଯୋଗଦାନ ଆଗାମୀ ପିଢ଼ିକୁ ପ୍ରେରିତ କରିବ ଏବଂ ସେ ଭାରତ ପାଇଁ ନୂଆ ଯୁଗର କେବଳ ଆରମ୍ଭ କରିନଥିଲେ ବରଂ ଭାରତର ଆର୍ଥିକ ଉଦାରୀକରଣର ବାସ୍ତୁକାର ଥିଲେ।

# ଶବ୍ଦ ପ୍ରଦୂଷଣରୁ ଶ୍ରବଣ ଶକ୍ତି ହ୍ରାସ



**ନାରାୟଣ ଚନ୍ଦ୍ର ବିଶ୍ୱାଳ**
କାଠଗୋଲା ରୋଡ଼
ମଙ୍ଗଳାବାଗ, କଟକ

ଦୈନନ୍ଦିନ ଜୀବନରେ ଆମେ ଅନେକ ପ୍ରକାର ଶବ୍ଦର ପ୍ରଭାବରେ ଆସିଥାଉ। ଶବ୍ଦର ମାତ୍ରା ଅତ୍ୟଧିକ ହେଲେ ଏହା ଆମର ଶ୍ରବଣ ଶକ୍ତିର କ୍ଷତି କରିଥାଏ। ଏହାକୁ ଶବ୍ଦ ପ୍ରଦୂଷଣ ଜନିତ ଶ୍ରବଣ ଶକ୍ତି ହ୍ରାସ କୁହାଯାଏ। ଦୀର୍ଘ ସମୟ ଧରି ଅଧିକ ମାତ୍ରାର ଶବ୍ଦ ସଂସ୍ପର୍ଶରେ ଆସିବା କିମ୍ବା ହଠାତ୍ ଏକ ଅତ୍ୟଧିକ ମାତ୍ରାର ଶବ୍ଦ କାନରେ ବାଜିଲେ ଆମ ଅନ୍ତଃକର୍ଣ୍ଣରେ ଥିବା ସୂକ୍ଷ୍ମ କେଶ ତୃଣଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ। ଯାହାକି ଥରେ ନଷ୍ଟ ହୋଇଗଲେ ପୁନଃ ତିଆରି ହୋଇପାରେ ନାହିଁ। ଫଳସ୍ୱରୂପ ଶ୍ରବଣ ଶକ୍ତି ସ୍ଥାୟୀ ଭାବେ ନଷ୍ଟ ହୋଇଯାଏ। ଗବେଷଣାରୁ ଦେଖାଯାଇଛି ୮୫ ଡେସିବେଲରୁ ଅଧିକ ମାତ୍ରାର ଶବ୍ଦ ସଂସ୍ପର୍ଶରେ ଦୀର୍ଘ ସମୟ ରହିଲେ ଶ୍ରବଣ ଶକ୍ତି ହ୍ରାସ ଘଟିଥାଏ। ଶବ୍ଦ ପ୍ରଦୂଷଣ ଆଜିର ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରୂପେ ଉଭା ହୋଇଛି।

ଆସନ୍ତୁ ସର୍ବ ପ୍ରଥମେ ଏହାର କାରଣ ସମ୍ପର୍କରେ ଜାଣିବା। ଯାନବାହାନର ହର୍ଣ୍ଣ, କାରଖାନା ଓ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତିର ଶବ୍ଦ, ବାହାଘର ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ବ୍ୟବହୃତ ଡିଜେ, କନସର୍ଟରେ ଶବ୍ଦ ପ୍ରଦୂଷଣ ଶ୍ରବଣ ଶକ୍ତି ହ୍ରାସର କାରଣ ହୋଇଥାଏ। ଏହା ବ୍ୟତୀତ ଆଧୁନିକ ଯୁବପିଢ଼ିଙ୍କ ଦ୍ୱାରା ବ୍ୟବହୃତ ହେଡଫୋନ, ମୋବାଇଲ ଫୋନ ଓ ଇୟରବଡ଼ର ଅତିରିକ୍ତ ବ୍ୟବହାର ଏହାର ଏକ ପ୍ରମୁଖ କାରଣ। ଅନେକ ସମୟରେ ଆକସ୍ମିକ ଅତ୍ୟଧିକ ମାତ୍ରାର ଶବ୍ଦ ସଂସ୍ପର୍ଶରେ ଆସିବା ଯେମିତିକି ବିସ୍ଫୋରଣ, ବାଣ ଫୁଟିବା ଏବଂ ବନ୍ଧୁକରୁ ଗୁଳି ଫୁଟିବା କ୍ଷଣିକ ବା ସ୍ଥାୟୀ ଭାବରେ ଶ୍ରବଣ ଶକ୍ତିକୁ କ୍ଷତି ପହଞ୍ଚାଇଥାଏ।

ଏହାର ପ୍ରମୁଖ ଲକ୍ଷଣଗୁଡ଼ିକ ହେଉଛି ଶବ୍ଦ ଜନିତ ଶକ୍ତି ହ୍ରାସର ପ୍ରଥମ ଲକ୍ଷଣ ହେଉଛି କାନ ଭିତରେ ଝିଁ ଝିଁ ବା ସଁ ସଁ ଶବ୍ଦ ହେବା। ଏହାଛଡ଼ା ନିମ୍ନ ସ୍ୱର ବା ମଧ୍ୟ ସ୍ୱରର ଶବ୍ଦ ଶୁଣିବାରେ ଅସୁବିଧା ଅନୁଭବ କରିବା ଏବଂ ଶବ୍ଦ ଶୁଣିପାରିଲେ ମଧ୍ୟ ସ୍ପଷ୍ଟ ଭାବେ କଥା ବୁଝି ନପାରିବା ଏହାର ଲକ୍ଷଣ ହୋଇପାରେ।

ପ୍ରତିକୂଳ ପ୍ରଭାବ ସମ୍ପର୍କରେ ଟିକେ ଜାଣନ୍ତୁ। ଶ୍ରବଣ ଶକ୍ତି ହ୍ରାସ ଆମର ସାମାଜିକ ଓ ଆର୍ଥିକ ଜୀବନରେ ପ୍ରଭାବ ସୃଷ୍ଟି କରିପାରେ। ଏହାଛଡ଼ା ଏହା ଆମର ଆତ୍ମବିଶ୍ୱାସକୁ କମ କରି ମାନସିକ ଚାପ ବୃଦ୍ଧି କରିଥାଏ। ଦୈନନ୍ଦିନ କାର୍ଯ୍ୟ ସମ୍ପାଦନରେ ବାଧା ସୃଷ୍ଟି କରେ ଏବଂ ଜୀବନଧାରଣର ମାନ ହ୍ରାସ କରିଥାଏ।

ପ୍ରତିରୋଧ ଓ ସଚେତନତା ହେଉଛି ଅଧିକ ଶବ୍ଦ ସୃଷ୍ଟି ହେଉଥିବା ସ୍ଥାନରେ ଯେତେ ଦୂର ସମ୍ଭବ କମ ସମୟ ରହିବାକୁ ଚେଷ୍ଟା କରନ୍ତୁ। ଶ୍ରବଣ ସୁରକ୍ଷା ଉପକରଣ ଯଥା ଇୟର ପ୍ଲଗ ବା ଇୟର ମଫ ବ୍ୟବହାର କରନ୍ତୁ। ବ୍ୟକ୍ତିଗତ ଗ୍ୟାଜେଟ ଯଥା ମୋବାଇଲ ଫୋନ ଓ ହେଡଫୋନର ଶବ୍ଦ ସ୍ତରକୁ ନିମ୍ନରେ ରଖନ୍ତୁ ଏବଂ ଅଧିକ ଲମ୍ବା ସମୟ ଧରି ବ୍ୟବହାର କରିବାରୁ ନିବୃତ୍ତ ରହନ୍ତୁ। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନରେ ସାଉଣ୍ଡ କଟକଣା ନିୟମ ପାଳନ କରନ୍ତୁ। ଯାନବାହାନରେ ନିହାତି ଆବଶ୍ୟକ ନ ହେଲେ ହର୍ଣ୍ଣ ବ୍ୟବହାର କରନ୍ତୁ ନାହିଁ।

କାରଖାନା ଓ ନିର୍ମାଣ କାର୍ଯ୍ୟ ଚାଲୁଥିବା ସ୍ଥାନରେ ଶବ୍ଦରୋଧକ ବ୍ୟବସ୍ଥାର ପାଳନ କରନ୍ତୁ ଏବଂ ଶବ୍ଦ ପ୍ରଦୂଷଣ ବିରୋଧୀ ଆଇନକୁ ସମ୍ମାନ କରନ୍ତୁ। ଶବ୍ଦ ପ୍ରଦୂଷଣ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରନ୍ତୁ। ଶ୍ରବଣ ଶକ୍ତି ହ୍ରାସର କିଛି ବି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ଶବ୍ଦ ପ୍ରଦୂଷଣ ଜନିତ ଶ୍ରବଣ ଶକ୍ତି ହ୍ରାସ ଆମ ସମାଜ ପାଇଁ ବିଶେଷ କରି ଯୁବପିଢ଼ି ପାଇଁ ଏକ ଗୁରୁତର ସମସ୍ୟା। ଏହା ଆମ ସ୍ୱାସ୍ଥ୍ୟ ଓ ଜୀବନ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ଆମ ଶ୍ରବଣ ଶକ୍ତିର ସୁରକ୍ଷା ଆମର ଦାୟିତ୍ୱ। ଆମେ ସଚେତନତ ହେବା ଶ୍ରବଣ ଶକ୍ତିକୁ ସୁରକ୍ଷିତ ରଖିବା।

# ପ୍ରାର୍ଥନା ଦିବସ ଓ ବିଶ୍ୱଶାନ୍ତି ପରିକଳ୍ପନା

**ହେମନ୍ତ କୁମାର ପରିଡ଼ା**
ମାଳତୀକୁଞ୍ଜ, ସେକ୍ଟର-୧୦, କଟକ
ମୋ- ୮୭୬୩୧୦୭୧୨୬

ଯେତେବେଳେ ସୃଷ୍ଟିରେ ସଙ୍କଟ ଆସେ ସେତେବେଳେ ସଙ୍କଟ ମୋଚନ ପାଇଁ ସୃଷ୍ଟିକର୍ତ୍ତାଙ୍କୁ ପ୍ରାର୍ଥନା କରାଯାଏ। ମଣିଷ ତ ମଣିଷ ଏପରିକି ଦେବତାମାନେ ମଧ୍ୟ ସଙ୍କଟର ସମାଧାନ ପାଇଁ ପ୍ରାର୍ଥନାର ଆଶ୍ରୟ ନେଇଥାନ୍ତି। ଭାଗବତରେ କୁହାଯାଇଛି 'ସକଳ ହୋଇ ଏକମୁଖ ଡାକିଲେ ନାରାୟଣ ରଖ।' ଭଗବାନଙ୍କୁ ସଙ୍କଟର ସମାଧାନ ପାଇଁ ପ୍ରାର୍ଥନା କରିବା ହେଉଛି ଦୁଃଖ ଦୂର ହେବାର ଏକମାତ୍ର ବାଟ। ପ୍ରାର୍ଥନା ହେଉଛି ଭଗବାନଙ୍କ ପାଖରେ ପହଞ୍ଚିବାର ସଂଯୋଗ ସେତୁ। ବର୍ତ୍ତମାନର ବିଶ୍ୱ ଏକ ଭୟଙ୍କର ସଙ୍କଟମୟ ଅବସ୍ଥା ଦେଇ ଗତି କରୁଛି। ମଣିଷ ମନକୁ ଦୁଃଖ ଦୈନ୍ୟ ଆତଙ୍କର ଭୟ ଗ୍ରାସ କରି ରଖିଛି। ସର୍ବତ୍ର ଶଙ୍କା, ସନ୍ଦେହ, ଅବିଶ୍ୱାସ ଲୋଭ, ହିଂସା ପରଶ୍ରୀକାତରତାର ବାତାବରଣ। ଶ୍ରଦ୍ଧା, ପ୍ରେମ, ଶାନ୍ତି, ଆନନ୍ଦ ଭଳି ଦିବ୍ୟଗୁଣ ଯେପରି ହଜି ହଜି ଯାଉଛି। ଆମର ଶାସ୍ତ୍ର ପୁରାଣ ଓ ଅନୁଭବି ପୂର୍ବଜ ମହାପୁରୁଷମାନେ ଉପଦେଶ ଦେଇଛନ୍ତି ବିପଦ ପଡ଼ିଲେ ବିପଦ ଭଞ୍ଜନ ହରିଙ୍କୁ ପ୍ରାର୍ଥନା ହିଁ ଆମକମୁ ବିପଦରୁ ରକ୍ଷା କରିବ।

ସଂସାରର ଏହିସବୁ ସମସ୍ୟାକୁ ଅନୁଭବ କରି ଶିବାନନ୍ଦ ଆଶ୍ରମ କେନ୍ଦ୍ରାପଡ଼ାର ଅଧ୍ୟକ୍ଷା ପୂଜ୍ୟା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ବହୁତ ବ୍ୟଥିତ ଓ ଚିନ୍ତିତ। ଭାଗବତ ମହାପୁରାଣର ଉପରୋକ୍ତ ବାଣୀ ତାଙ୍କ ହୃଦୟରେ ଗଭୀର ରେଖାପାତ କଲା। ଯେତେବେଳେ ସଂସାରରେ ଦୁଃଖ ଆସିଛି ସେତେବେଳେ ଦେବତାମାନେ ମିଳିତ ହୋଇ ଭଗବାନଙ୍କୁ ଦୁଃଖ ଦୂର ପାଇଁ ପ୍ରାର୍ଥନା କରିଛନ୍ତି। ସଂସାର ବର୍ତ୍ତମାନ ଦୁଃଖ ଜର୍ଜରିତ। ଆମେ ସମସ୍ତ ଲୋକ ଯଦି ଏକମୁଖ ହୋଇ ଭଗବାନଙ୍କୁ ଦୁଃଖ ଦୂର ପାଇଁ ପ୍ରାର୍ଥନା କରନ୍ତେ ତେବେ ପ୍ରଭୁ ସମସ୍ତ ଦୁଃଖ ଦୂର କରି ସଂସାରକୁ ରକ୍ଷା କରନ୍ତେ। ଏହି ମହତ ବାଣୀକୁ ଆଧାର କରି ସେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା ଦିବସର ପରିକଳ୍ପନା କଲେ। ବିଶ୍ୱ ବହୁ ବିରାଟ। ତେଣୁ ସବୁଲୋକ ଏକ ସ୍ଥାନରେ ଏକାଠି ହୋଇ ପ୍ରାର୍ଥନା କରିବା ସମ୍ଭବ ନୁହେଁ। କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଆପଣା ସ୍ଥାନରେ ରହି ଆପଣା ଭାଷା, ଭାବ, ଇଷ୍ଟପ୍ରୀତି ଅନୁସାରେ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ନିର୍ବିଶେଷରେ ବିଶ୍ୱଶାନ୍ତି ପାଇଁ ନିଷ୍ଠାର ସହିତ ପ୍ରାର୍ଥନା କରିପାରିବେ। ଯେପରି ବେତାର କେନ୍ଦ୍ରରୁ ବେତାର କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଚାନେଲରେ ଭାସି ଆସେ ସେହିଭଳି ଆମ୍ଭେମାନେ ଯିଏ ଯେଉଁଠି ଥିବା ଏକା ସମୟ ପ୍ରାର୍ଥନା କରିବା। ଏହା ନିଶ୍ଚୟ ପ୍ରଭୁଙ୍କ ପାଖରେ ପହଞ୍ଚିବ।

ବିଗତ ପାଞ୍ଚ ବର୍ଷ ହେବ ଜାନୁଆରୀ ପହିଲା ଦିନ ସକାଳ ୬ଟାରୁ ୭ଟା ଯାଏ ଏହି ପ୍ରାର୍ଥନା କାର୍ଯ୍ୟକ୍ରମ ପରିଚାଳିତ ହୋଇଆସୁଛି। ଜାନୁଆରୀ ପହିଲା ସାରା ବିଶ୍ୱ ପାଇଁ ଏକ ସ୍ମରଣୀୟ ଦିନ। ନୂଆ ବର୍ଷ ଭାବେ ଏହା ସର୍ବତ୍ର ପାଳିତ ହେଉଛି। ମା'ଙ୍କର ବିଚାର ହେଲା ସେହିଦିନ ମନେରଖିବା ପାଇଁ ସହଜ ଅଟେ। ଆମେ ସମସ୍ତେ ପ୍ରଭୁଙ୍କୁ ପ୍ରାର୍ଥନା କରି ବିଶ୍ୱ ଶାନ୍ତିର ପବିତ୍ର ଭାବନା ସହିତ ଆମର ସେ ଦିନ ଦିନଚର୍ଯ୍ୟା ଆରମ୍ଭ କରିଲେ କେତେ ସୁନ୍ଦର ହେବ। ପ୍ରାର୍ଥନା ହେଉଛି ପରମାତ୍ମାଙ୍କ ସହିତ ସଂଯୋଗ ସ୍ଥାପନର ମାଧ୍ୟମ। ସଂସାରରେ ଏପରି କୌଣସି କାର୍ଯ୍ୟ ନାହିଁ ଯାହା ପ୍ରାର୍ଥନା ପୂରଣ କରିପାରିବ ନାହିଁ। ପ୍ରାର୍ଥନାର ଅସୀମ ଶକ୍ତି, ଆମେ ସମସ୍ତେ ବିଶ୍ୱବାସୀ ପ୍ରତ୍ୟେକ୍ଷ ବା ପରୋକ୍ଷରେ ପ୍ରଭୁଙ୍କୁ ପ୍ରାର୍ଥନା କରୁଛେ। ମାଙ୍କ ନିବେଦନ ଆମେ ସମସ୍ତେ ଏକ ବ୍ୟବସ୍ଥିତ ଭାବରେ ନିର୍ଦ୍ଦିଷ୍ଟ ସମୟରେ ଅନ୍ତର ଭରି ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରିବା।

ଏହା ଅତି ସୁନ୍ଦର ଏକ ଦିବ୍ୟ ବିଚାର। ଏଥିପାଇଁ ଅର୍ଥର ଆବଶ୍ୟକତା ନାହିଁ। ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଆଦି ଭେଦରୁ ଉର୍ଦ୍ଧ୍ୱ ରହି ମାନବ ମାତ୍ରକେ ଆମେ ସମସ୍ତେ ଆମର ଏହି ସୁନ୍ଦର ପ୍ରିୟ ବିଶ୍ୱ ସମୁଦାୟର ସୁରକ୍ଷା ପାଇଁ ପ୍ରାର୍ଥନା କରିବା। ଶ୍ରଦ୍ଧା ବିଶ୍ୱାସର ସହିତ ଏକ ପ୍ରେମପୂର୍ଣ୍ଣ ହୃଦୟ ନେଇ ପ୍ରାର୍ଥନା କରିବା। ଏକ ବିଶ୍ୱ, ଏକ ପରିବାର, ଆମେ ସମସ୍ତେ ଆପଣାର। ସମସ୍ତ ଭେଦ ଭାବରୁ ଉର୍ଦ୍ଧ୍ୱରେ ରହି ଶ୍ରଦ୍ଧା, ପ୍ରେମ ଓ ମୈତ୍ରୀ ଭାବନାରେ ବିଶ୍ୱରେ ଶାନ୍ତି ସ୍ଥାପନ କରିପାରିବା। ଏକ ମନ ଏକ ପ୍ରାଣ ହୋଇ ପ୍ରାର୍ଥନା କରିବା। ସର୍ବେ ଭବନ୍ତୁ ସୁଖିନଃ। ସର୍ବେ ସନ୍ତୁ ନିରାମୟାଃ।। ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିଦ ଦୁଃଖଭାଗ ଭବେତ।। ଓଁ ଶାନ୍ତିଃ।। ଓଁ ଶାନ୍ତିଃ।। ଓଁ ଶାନ୍ତିଃ।

# ବର୍ଷ ଶେଷର ଅନୁଚିନ୍ତା



**ମୋହନ ଚରଣ ବିଷି**
ଗଡରାମାଲ,କୋକସରା, କଳାହାଣ୍ଡି
ମୋ-୯୭୭୭୪୬୮୮୪୧

ଆଜି ସମଗ୍ର ବିଶ୍ୱରେ ପରିବେଶ ଉପରେ ଚର୍ଚ୍ଚା ଚାଲିଛି। ବିଶ୍ୱ ତାପାୟନ ଓ ପାଗ ପରିବର୍ତ୍ତନ ସବୁଠାରୁ ଚିନ୍ତାର ବିଷୟ ହେଇଛି। ବର୍ତ୍ତମାନ ଯେଉଁ ସମୟରେ ବିଶ୍ୱ ଉପନୀତ ହେଇଛି ଏକ ସବୁଜ ସୁସ୍ଥ ପରିବେଶ ସ୍ୱପ୍ନ ପରି ମନେ ହେଉଛି। ବିଶ୍ୱ ତାପାୟନ ଓ ପାଗ ପରିବର୍ତ୍ତନ ସମଗ୍ର ପୃଥିବୀର ପରିବେଶକୁ ବିଗାଡିବାରେ ଲାଗିଛି। ପୃଥିବୀର ବିଭିନ୍ନ ସହରରେ ପରିବେଶ ସଂପର୍କିତ କର୍ମଶାଳା ଆୟୋଜନ ହେଉଛି। ପୃଥିବୀର ସବୁବର୍ଗର ରାଷ୍ଟ୍ର ପରିବେଶ ସମ୍ମିଳନୀରେ ଯୋଗ ଦେଉଛନ୍ତି। ପରିବେଶ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି ପ୍ରତ୍ୟେକ ରାଷ୍ଟ୍ର।

କିନ୍ତୁ ସବୁଠାରୁ ବଡ଼ ବିଷୟ ହେଲା ମଣିଷ କେବଳ ଭାବୁଛି ଏ ପରିବେଶ ମୋର। ପରିବେଶର ସଂରକ୍ଷଣ ଓ ସଂରଚନା ତା ନିଜ ହାତକୁ ନେଇଛି। କେବଳ ମଣିଷ ଦ୍ୱାରା ହିଁ ପରିବେଶ ସଂରକ୍ଷଣ ସମ୍ଭବ। ପରିବେଶ ସଂପର୍କରେ ସର୍ବଶ୍ରେଷ୍ଠ ମତ ମଣିଷ ହିଁ ପ୍ରଦାନ କରିଛି। ପଚାଶ ବର୍ଷ ତଳେ ପରିବେଶବିଦ୍ ମାନେ ପରିବେଶ ସଂରକ୍ଷଣ ପାଇଁ ଯେଉଁ ମତ ପ୍ରଦାନ କରିଥିଲେ। ଆଜି ସେହି ମତ ମଧ୍ୟରେ ଅନେକ ପ୍ରଭେଦ ପରିଲକ୍ଷିତ ହେଉଛି। କୃଷି ଉପରେ କିଛି ଆଲୋଚନା କରିବା। ଷାଠିଏ ଦଶକରେ ଅତ୍ୟଧିକ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ରାସାୟନିକ ସାରର ପ୍ରୟୋଗ ଉପରେ କୃଷି ବୈଜ୍ଞାନିକ ମାନେ ପରାମର୍ଶ ଦେଲେ। ଧିରେ ଧିରେ କୃଷକମାନେ ଅଧିକ ଉତ୍ପାଦନ ପାଇଁ ଅଧିକ ମାତ୍ରାରେ ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ କଲେ। ତାହା ସହ ହାଇବ୍ରିଡ ବିହନର ବ୍ୟବହାର କରାଗଲା। ଉତ୍ପାଦନ ବହୁ ପରିମାଣରେ ବଢିଲା। କିନ୍ତୁ ବର୍ତ୍ତମାନ ସେହି ଜମିରେ ଉତ୍ପାଦନ ହ୍ରାସ ପାଇବାକୁ ଲାଗିଲାଣି। ଅତ୍ୟଧିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଜମିର ଉର୍ବରତା କମିବା ସହ ମାଟି ଭିତରେ ଥିବା ଅନେକ ଉପକାରୀ ଜୀବାଣୁ ନଷ୍ଟ ହେଇଗଲାଣି। ଆଉ ଏହି ସବୁ ଖାଦ୍ୟଶସ୍ୟ ମଣିଷ ଓ ଜୀବଜନ୍ତୁ ପାଇଁ ହାନିକାରକ ସାବ୍ୟସ୍ତ ହୋଇଛି। ଏବେ କୃଷି ବୈଜ୍ଞାନିକ ମାନେ କହୁଛନ୍ତି ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ।

ସମୟ ଥିଲା ଜଙ୍ଗଲ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଥିଲା। ନୂତନ ଚାରା ରୋପଣକୁ ଏତେ ପ୍ରାଧାନ୍ୟ ଦିଆ ହେଉନଥିଲା। କିନ୍ତୁ ଏବେ ନୂତନ ଜଙ୍ଗଲ ସୃଷ୍ଟି ଆଉ ଚାରା ରୋପଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏମିତି କୁହାଯାଉଛି ନିଜ ଜନ୍ମଦିନରେ,ଅନ୍ୟର ଜନ୍ମଦିନରେ,ଉତ୍ସବ ପାଳନ ଅବସରରେ ଉପହାର ସ୍ୱରୂପ ଚାରା ପ୍ରଦାନ କରାଯାଉଛି। ଚାରା ରୋପଣ ପାଇଁ ଅନେକ ପ୍ରକାର ସଚେତନ କରାଯାଉଛି। ଆଉ କିଛି ବର୍ଷ ପରେ ବିଶୁଦ୍ଧ ଅମ୍ଳଜାନ ମିଳିବା ସନ୍ଦିହାନ ଲାଗିଲାଣି । ପାଣି ବୋତଲ ପରି ଅମ୍ଳଜାନ ବ୍ୟାଗ ଫଛପଟରେ ବୋହିବାକୁ ପଡିବ। ଏବେ ଆମକୁ ବିଶୁଦ୍ଧ ପାନୀୟ ଜଳ ମିଳିବା ଯେମିତି କଷ୍ଟ। ପାଣି ଲିଟରକୁ କୋଡିଏ ଟଙ୍କାରେ କିଣିବାକୁ ପଡୁଛି। ସମୟ ଆସିବ ଅମ୍ଳଜାନ ଥଳିଧରି ବାହାରକୁ ବାହାରିବାକୁ ପଡିବ। ମାଟି,ପବନ,ପାଣି ଯଦି ଦୂଷିତ ତାହେଲେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବା କଷ୍ଟକର ହୋଇଥାଏ। ପରିବେଶ ପ୍ରଦୂଷଣ ପ୍ରକୃତିର ନିୟମ ପରିବର୍ତ୍ତନ କରିଥାଏ। ବିଶେଷ କରି ଆମେ ଯେଉଁ ସମୟରେ ଯେଉଁ ସବୁ ଋତୁର ଅନୁଭବ କରିଥାଉ ତାହା ଏବେ କଣ ପରିଲକ୍ଷିତ ହେଉଛି କି ? ଆମେ ଯେଉଁ ଛ'ଋତୁ କଥା ଜାଣିଛୁ ଧିରେ ଧିରେ ହଜିବାକୁ ବସିଲାଣି । ଛ'ଋତୁର ଅନୁଭବ ଯେମିତି ଆଉ ହେଉନାହିଁ। କେତେବେଳେ କଣ ଅନୁଭବ ହେଉଛି କହି ହେଉନାହିଁ। ପ୍ରକୃତିର ଏହି ପରିବର୍ତ୍ତନ ପୃଥିବୀ ଉପରେ ପଡୁଛି। ପୃଥିବୀର ବିଭିନ୍ନ କାରକ ଓ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। ଅନେକ ଜୀବଜନ୍ତୁ ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ ହେଲେଣି। ଆପଣ ଦେଖନ୍ତୁ ଆପଣଙ୍କ ଘର ପାଖରେ ଘର ଚଟିଆ ନାହିଁ କିମ୍ବା ଆଗ ପରି କାଉର କା କା ଶୁଭୁନାହିଁ। ସକାଳ ସମୟରେ ପକ୍ଷୀମାନଙ୍କ ଯେଉଁ କୋଳାହଳ ଶୁଭିଥାଏ ତାହା କ'ଣ ଶୁଣିବାକୁ ମିଳୁଅଛି ?

ବିଶ୍ୱର ତାପମାତ୍ରା ଅହେତୁକ ଭାବରେ ବଢିବାକୁ ଲାଗିଛି। ତାପମାତ୍ରା ବଢିଲେ ବରଫ ତରଳିବ। ଜଳ ଭାଗରେ ଜଳ ପ୍ରବଳ ହେବ। ଧିରେ ଧିରେ ସ୍ଥଳ ଭାଗକୁ ମାଡି ଆସିବ। ଏହା ତ ସାଧାରଣ ପ୍ରକ୍ରିୟା ମାତ୍ର। ଆଜିର ସମୟରେ କେତେବେଳେ କ'ଣ ହେବ କିଏ କହି ପାରିବ ନାହିଁ ? ଆଜିର ସମୟରେ ଯେଉଁ ପରି ଭାବରେ ତୁଷାର ପାତ ଓ ଭୁସ୍ଖଳନ ହେଉଛି କେତେବେଳେ ପ୍ରକୃତି କେଉଁ ରୂପ ନେବ କିଏ କହିବ ?

ପ୍ରକୃତି ସ୍ୱାଭାବିକ ଅବସ୍ଥାରେ ନାହିଁ ଏକଥା ଆମେ ସମସ୍ତେ ଉପଲବ୍ଧି କରୁଅଛୁ। ଅନେକ ଘଟଣାକୁ ଅଙ୍ଗେ ନିଭାଉଛୁ। ଜାଣି ଜାଣି ପ୍ରକୃତିର ବିରୋଧରେ ଅନେକ କାମ କରୁଅଛୁ। ପ୍ରକୃତି କେତେ ସହିବ ମଣିଷର ଦାଉ। କେବଳ ଆମେ ଭାବୁଛୁ ପ୍ରକୃତି ଆମର। ଆମେ ମଣିଷ ହିଁ ପ୍ରକୃତିର ।ଆମେ ଧରାକୁ ସରା ମନେ କରୁଛୁ। ପୃଥିବୀ ଆମ ପାଇଁ ଛୋଟ ହେଇ ଗଲାଣି। ନିମିଶକରେ ପୃଥିବୀ ପରିଭ୍ରମଣ କରି ଦେଉଛୁ। ପୃଥିବୀ କେବଳ ମଣିଷର ନୁହଁ ।ପୃଥିବୀ ସମସ୍ତଙ୍କର। ସମସ୍ତ ଜୀବଜନ୍ତୁଙ୍କର ।ଜଙ୍ଗଲରେ ଥିବା ଜୀବଜନ୍ତୁ ଚିଡିଆଖାନାର ଖେଳଣା। ଅନେକ ନିଶ୍ଚିହ୍ନ ।କେମିତି ପ୍ରାକୃତିକ ପରିବେଶର ସନ୍ତୁଳନ ରକ୍ଷା ହୋଇ ପାରିବ ।ସବୁ ଆଡେ କଂକ୍ରିଟ ଜଂଗଲ ।ଏହି କଂକ୍ରିଟ ଜଂଗଲରେ ମଣିଷ ନିଜର ବ୍ୟକ୍ତି ଗତ ସ୍ୱାର୍ଥ ହାସଲ ପାଇଁ ପ୍ରକୃତିର କେତେ କ୍ଷତି କରୁଛି ତାହା ଅପୂରଣୀୟ ।ତାର ପରିଣାମ ଆମକୁ ଭୋଗିବାକୁ ପଡିବ ।ଅପଣ ନିଜକୁ ନିଜେ ପଚାରନ୍ତୁ ଆପଣ କେତେ ବୃକ୍ଷ ରୋପଣ କରି ବଞ୍ଚାଇଛନ୍ତି। ଆମକୁ ବିନା ସ୍ୱାର୍ଥରେ ଅମ୍ଳଜାନ ଯୋଗାଉ ଥିବା ବୃକ୍ଷ କେବେ କଣ ଅହମିକା କରିଛି ? ଗଛ ପାଇଁ ବଞ୍ଚୁଛେ ।ଅଥଚ ଆମେ ଗଛକୁ ହାଣି ଚାଲିଛୁ ନିର୍ମମ ଭାବରେ। ମଣିଷ ଥରେ ଭାବ ନିଜର ସ୍ୱାର୍ଥ ପାଇଁ ତ ଗଛ ଲଗାଅ। ନିଜକୁ ଅମ୍ଳଜାନ ଦେବ। ଅମ୍ଳଜାନ ଦରକାର ତ ଗଛ ଲଗାନ୍ତୁ । ହେ ପ୍ରିୟର ମଣିଷ ଉଠ,ଜାଗ,ସଚେତନ ହୁଏ ।ନିଦ୍ରା ତ୍ୟାଗ କର ଯିଏ ସବୁ ଜାଣିଛି ତାକୁ ବୁଝାଇ ହୁଏ ନାହିଁ ଆଉ ସେତେବେଳେ ବୁଝେ ଯେତେବେଳେ ସମୟ ହାତରୁ ଚାଲିଯାଇ ଥାଏ। ଜୀବନର ମଧ୍ୟ ପରିବର୍ତ୍ତନ ହେଉଛି। ପ୍ରକୃତି ରୂପ ବଦଳାଉଛି କେବଳ ମଣିଷ ମାନଙ୍କ ପାଇଁ। ପ୍ରକୃତି ଆମକୁ ଆନନ୍ଦରେ ବଞ୍ଚିବା ପାଇଁ କହୁଛି। ପ୍ରକୃତିର ସୌନ୍ଦର୍ଯ୍ୟକୁ ଅନୁଭବ କରି କୃତ୍ୟ କୃତ୍ୟ ହେବା ପାଇଁ ପ୍ରକୃତି କହୁଛି। ଜୀବନର ଜଟିଳତାକୁ ସହଜ ସୁଗମ ଓ ସରଳ କରିବା ପାଇଁ ପ୍ରକୃତି ଶିକ୍ଷା ଦେଇ ଆସୁଅଛି। ଆମର କିନ୍ତୁ କିଚକ ବାହୁବଳେ ବିରାଟ ରାଜା ପରି ଅବସ୍ଥା। ପ୍ରକୃତି ପାଇଁ ଆମେ ବଞ୍ଚିଛୁ। କିନ୍ତୁ ପ୍ରକୃତିର ବିବିଧତାର ସୁରକ୍ଷା ଓ ସଂରକ୍ଷଣ ଆମେ ଭୁଲିଯାଉଛୁ। ପ୍ରକୃତି ଯଦି ଧ୍ୱଂସ ହେବ ମଣିଷ ସମାଜର ପତନ ସୁନିଶ୍ଚିତ। ଏଣୁ ଆସନ୍ତୁ ବର୍ଷ ଶେଷରେ ପ୍ରକୃତିର ସଂରକ୍ଷଣ ପାଇଁ ସମସ୍ତେ ଚେଷ୍ଟା କରିବା ପାଇଁ ଓ ନୂତନ ସମ୍ଭାବନା ନେଇ ଆଗଭର ହେବା। ଆଗାମୀ ସମୟରେ କେବଳ ସଚେତନତା ନୁହେଁ କାର୍ଯ୍ୟରେ ପରିଣତ କରି ଦେଖାଇବା ।ତେବେ ଆଗାମୀ ନୂତନ ବର୍ଷ ଆନନ୍ଦମୟ ହେବ।



ପରଜଙ୍ଗ (ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ ଅଧିନସ୍ଥ ଗୋବରା ଗାଁ ଚଉପାଢି ପ୍ରାଙ୍ଗଣରେ ଏକ ସଂକୀର୍ତ୍ତନ ମଣ୍ଡଳୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଗ୍ରାମର ଇନ୍ଦ୍ରମଣି ସିଂହ, କୈଳାସ ଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ ଓ ରମାମଣୀ ବାରିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପରଜଙ୍ଗ ବ୍ଲକରେ ଗଢି ଉଠିଥିବା ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘର ସଭାପତି ତଥା ଅବସର ପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ନାୟକ, ମହାସଂଘ ସମ୍ପାଦକ ତଥା ଆଇନଜୀବୀ ଅଶୋକ କୁମାର ଦଳବେହେରା, କୋଷାଧକ୍ଷ ଅଭୟ କୁମାର ସାହୁ, ସଂଘର ଉପଦେଷ୍ଟା ତଥା ଅଞ୍ଚଳର ଜଣାଶୁଣା ବୟୋଜ୍ୟଷ୍ଠ ସଂକୀର୍ତ୍ତନ ଗୁରୁ ତଅଁଲୁ ସାହୁ , ହୃଦୟ ଚନ୍ଦ୍ର ଚମ୍ପତସିଂହ, ସାଧୁ ମୁନା ବାବା , ସାଧୁ କୃଷ୍ଣ କରୁଣା ଦାସ ( କାଳିଆ ବାବା ) କାମାକ୍ଷାନଗର ଦନ୍ତାରିବୋଲ ଆଶ୍ରମର ସାଧୁ ଭକ୍ତ ବଳଦେବ ଦାସ, ବିନୟ କୁମାର ମିଶ୍ର, ଦଶିପୁର ହାଇସ୍କୁଲର ଶିକ୍ଷକ ରମାମଣି ସାମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତେକ ଗ୍ରାମ ମାନଙ୍କରେ ନିଜ ମଧ୍ୟରେ ଲୁକାୟିତ ଥିବା କଳାକୁ ଉଜ୍ଜୀବିତ କରିବା ପାଇଁ ସମସ୍ତ କୀର୍ତ୍ତନ କଳାକାର ଏବଂ ସାଧାରଣ ବ୍ୟକ୍ତି ପ୍ରତ୍ୟେକ ଦିନ ତୁଣ୍ଡରେ ହରିନାମ ଉଚ୍ଚାରଣ କରିବା, ଗାଁ ମାନଙ୍କରେ ରହିଥିବା ମହିଳା ଓ ପୁରୁଷ କୀର୍ତ୍ତନ ମଣ୍ଡଳୀକୁ ଉତ୍ସାହିତ କରିବା, ପରସ୍ପର ମଧ୍ୟରେ ଆଧାତ୍ମିକ ଭାବ ବିନିମୟ ଦିଗରେ ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘର ସଭାପତି ଅତିଥି ଶ୍ରୀ ନାୟକ ସମସ୍ତ କଳାକାର ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ ।

# କ୍ଷତିଗ୍ରସ୍ତ ଚାଷୀଙ୍କ ପାଖରେ ପହଞ୍ଚିଲେ ଉପ ମୁଖ୍ୟମନ୍ତ୍ରୀ

ଗୋପ (ଭାସ୍କର ନ୍ୟୁଜ): ଅଦିନିଆ ଲଘୁଚାପ ବର୍ଷାରେ ଗୋପ ବ୍ଲକରେ ୧୬ ହଜାର ୫୦ ହେକ୍ଟର ଧାନ ଫସଲ ନଷ୍ଟ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିବା ପରେ ଏନେଇ ଗୋପ ରାଜସ୍ୱ ବିଭାଗ, ଉଦ୍ୟାନ ବିଭାଗ ଓ କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇ ସରକାରଙ୍କ ଉଦ୍ୟଶ୍ୟରେ ପୁରୀ ଜିଲ୍ଲାପାଳଙ୍କୁ ଜଣାଇଦିଆଯାଇଛି । ଚଳିତ ବର୍ଷ ଗୋପ ବ୍ଲକରେ ୨୧ ହଜାର ୧୨ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା । ମାତ୍ର ଗତ ଲଘୁଚାପ ଜନିତ ବର୍ଷାରେ କ୍ଷତରେ ଧାନ ଗଜା ହବା ସହ ନଷ୍ଟ ହୋଇଯାଇଛି । ଚାଷୀର ସୁନାର ଫସଲ ଉଜୁଡି ଯାଇଥିବା ବ ?ଲେ ବର୍ଷକର ଦାନା ଭାସିଯାଇଛି । ମନ୍ତ୍ରୀ ଓ



ବିଧାୟକ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଥିବା ବେଳେ ସୋମବାର ଉପ-ମୁଖ୍ୟମନ୍ତ୍ରୀ ତଥା ନିମାପଡା ବିଧାୟିକା ପ୍ରଭାତୀ ପରିଡା ଗୋପ ବ୍ଲକର ରାହାଙ୍ଗୋରଡା, ଡଭାର, ନୂଆଖୋଲମରା, ଅଣ୍ଡରା ଇଚ୍ଛାପୁର, ଗୋପ ଆଦି ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଖୁବ୍ ଶିଘ୍ର ସରକାର ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ସହ କୌଣସି କ୍ଷତିଗ୍ରସ୍ତ ଚାଷୀ ଏଥିରୁ ବଂଚିତ ହେବେ ନାହିଁ ବୋଲି କହିଥିଲେ । ସେହିପରି ତହସିଲଦାର ଅନିଲ କୁମାର ମହାନ୍ତି, କୃଷି ଅଧିକାରୀ ଚନ୍ଦ୍ର ଶେଖର ଦାଶଙ୍କୁ ସଠିକ୍ ତଦନ୍ତ କରି ରିପୋର୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ଏହି ପରିଦର୍ଶନ ସମୟରେ ଗୋପ ବ୍ଲକ ଉପାଧକ୍ଷ ବନ ରଂଜନ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ମଣ୍ଡଳ ସଭାପତି ରାଜକିଶୋର ନାୟକ, ବିଭୂଦତ୍ତ ପାତ୍ର, ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବକେୟା ଅର୍ଥ ପାଇଁ ଏମ୍‌ଭି ପ୍ରୋପେଲ ଫର୍ଚ୍ୟୁନ୍ ଜାହାଜ ଅଟକ




ପାରାଦୀପ (ଭାସ୍କର ନ୍ୟୁଜ): ସାମଗ୍ରୀ ଯୋଗାଣ ବାବଦ ମାତ୍ର ୧୫ଲକ୍ଷ ଟଙ୍କା ପ୍ରଦାନ ନକରିବାକୁ ନେଇ ପାରାଦୀପ ବନ୍ଦରର ସିକ୍ୟୁ-୨ ବର୍ଥରେ ସେଲର ଲାଇମଷ୍ଟୋନ ଖଲାସ କରିବାକୁ ଲାଗିଥିବା ଏକ ଜାହାଜ 'ଏମଭି.ପ୍ରୋପେଲ ଫରଚ୍ୟୁନ'କୁ ଜବତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଚୁକ୍ତି ମୁତାବକ ଅର୍ଥ ନପାଇବାରୁ ଏମ୍.ଏଚ୍.ବ୍ଲଣ୍ଡ.ଏସ୍.ଏଲ୍ ନାମକ ଏକ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ହାଇକୋର୍ଟର ଅବକାଶକାଳୀନ ବିଚାରପତି ଜଷ୍ଟିସ୍ ଏମ୍.ଏସ୍.ରମଣ ମାମଲାର ଶୁଣାଣି କରି ୧୫ ଲକ୍ଷ ଟଙ୍କା ଦେଇନଥିବା କାରଣରୁ ୫୦ କୋଟିରୁ ଅଧିକ ମୂଲ୍ୟର ଏହି ଜାହାଜକୁ ଜବତ କରି ପାରାଦୀପରେ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ହାଇକୋର୍ଟ ଜବତ ଜାହାଜ ଏମ୍ଭି ପ୍ରୋପେଲ ଫରଚୁନ୍ ର ମାଲିକଙ୍କୁ ଜବାବ ରଖିବା ଲାଗି ନୋଟିସ୍ ମଧ୍ୟ ଜାରି କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରୀ ୨ ତାରିଖ ପରେ କରାଯିବା ନେଇ ସୂଚନା ମିଳିଛି ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ନବୀନ



ଜଗତସିଂହପୁର(ଭାସ୍କର ନ୍ୟୁଜ): ବିରୋଧିଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶା କ୍ଷେତ ପରିଭ୍ରମଣର ଦ୍ୱିତିୟ ଦିନରେ ମଙ୍ଗଳବାର ଅପରାହ୍ନରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଚନ୍ଦାହୁରା ଗାଁ ରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ଫସଲ ନଷ୍ଟ ସଂପର୍କରେ ପଚାରି ବୁଝିଛନ୍ତି। ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ନବୀନ ହେଲିକପ୍ଟର ଯୋଗେ ଆସି ଚନ୍ଦାହୁରା ପଡ଼ିଆରେ ଓହ୍ଲାଇଥିଲେ। ସେଠାରେ ଶହଶହ କ୍ଷତିଗ୍ରସ୍ତ ଚାଷୀ ରୁଣ୍ଡ ହୋଇ ପଚା ଧାନ ଗୋଚ୍ଛା ହାତରେ ଧରି ନବୀନ ଙ୍କୁ ଦେଖାଇଥିଲେ। ଚାଷୀଙ୍କ ଗୁହାରୀ ଶୁଣିବା ପରେ ତୁରନ୍ତ କ୍ଷତିପୂରଣ ପାଇଁ ଲାଗି ସେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବେ ବୋଲି ଘୋଷଣା କରିଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଫସଲହାନୀ ଯୋଗୁଁ ଆତ୍ମହତ୍ୟା କରିଥିବା ତଣ୍ଡିକୂଳ ପଞ୍ଚାୟତର ଚାଷୀ ତୃପ୍ତି ସ୍ୱାଇଁଙ୍କ ଘରକୁ ଯାଇ ସମବେଦନା ଜଣାଇଥିଲେ। ନବୀନଙ୍କ ଏହି ଗସ୍ତକାଳରେ ସ୍ଥାନୀୟ ବିଧାୟକ ସାରଦା ପ୍ରସନ୍ନ ଜେନା, ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ,ଓ ଜଗତସିଂହପୁରର ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ଜଗତସିଂହପୁର ଜିଲ୍ଲା ବିଜୁଜନତା ଦଳ ଯୁବ ସଭାପତି ଆଦିତ୍ୟ ନନ୍ଦନ ଦାସ, ଏରସମା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ବ୍ଲକ ବିଜୁଜନତା ଦଳର ସଭାପତି ପୀତବାସ ଗଚ୍ଛାୟତ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ଯୁବ ବିଜୁଜନତାର ସଭାପତି ପାର୍ଥ ସାରଥି ରାଉତ,ଏରସମା ବ୍ଲକ ବିଜୁଜନତା ଦଳର ଉପସଭାପତି ଲୋକନାଥ ରାଉତ ପ୍ରମୁଖ ଉପସ୍ଥିତ ଥିବା ଦେଖାଯାଇଥିଲା।

# ବଧୂହତ୍ୟା ଅଭିଯୋଗ, ପୋଲିସର ତଦନ୍ତ



କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ଥାନା ଅନ୍ତର୍ଗତ ଶ୍ରୀଚନ୍ଦନପୁର ଗ୍ରାମର ଜୈନିକା ମହିଳା ଙ୍କୁ ଯୌତୁକ ବାବଦ (ମୋଟର ସାଇକେଲ) ଆଣି ନଥିବାରୁ ତାର ଶାଶୁ ଘର ଲୋକ ବାଡେଇ ବାଡେଇ ମାରିଦେଇଥିବା ମହିଳାଙ୍କ ଭଉଣୀ କାକଟପୁର ଥାନାରେ ଅଭିଯୋଗ କରିଛନ୍ତି । ପୁରୀ ସଦର ଛଇତନା ଅଞ୍ଚଳର ବିଚତ୍ରା ଗତ ସାତ ବର୍ଷ ତଳେ ଶ୍ରୀଚନ୍ଦନପୁର ଗ୍ରାମର ସ୍ୱର୍ଗତ ମୃଷା ଭୂୟାଁ ଙ୍କ ପୁତ୍ର ସୁକାନ୍ତକୁ ବୈଦିକ ରୀତିରେ ବିବାହ କରିଥିଲେ । ତାଙ୍କର ପାଞ୍ଚ ବର୍ଷର ଏକ ପୁତ୍ର ରହିଛି । ବିବାହ ପରଠାରୁ ତାକୁ ଅଧିକ ଟଙ୍କା ଓ ମଟର ସାଇକେଲ ପାଇଁ ଶାରୀରିକ ମାନସିକ ଯନ୍ତ୍ରଣା ଓ ବାଡିଆ ପିଟା କରୁଥିଲେ, ପରେ ପରିବାର ଲୋକ ମାନେ ସମାଧାନ କରି ଯାଉଥିଲେ ବୋଲି ତାଙ୍କ ଭଉଣୀ ସୁମିତ୍ରା ଲିଖିତ ଏତେଲା ରେ ଦର୍ଶାଇ ଛନ୍ତି । ଗତ ଦୁଇଦିନ ତଳେ ବିଚତ୍ରା ଘରକୁ ଫୋନ କରି କାନ୍ଦି କାନ୍ଦି କହିଥିଲା ଟଙ୍କା,ମଟର ସାଇକେଲ ନଦେଲେ ମୋତେ ମାରିଦେବେ ବୋଲି ଧମକ ଦେଉଛନ୍ତି । ମଙ୍ଗଳ ବାର ସକାଳେ ସୁମିତ୍ରାକୁ ବିଚିତ୍ରାର ଶାଶୂଘର ପକ୍ଷରୁ ଫୋନ କରି କହିଥିଲେ ତୁମ ଭଉଣୀ ଭୁବନେଶ୍ୱର ମେଡିକାଲରେ ଅଛି । ପରେ ସୁମିତ୍ରା ଜାଣି ବାକୁ ପାଇଲେ ଭଉଣୀ ମରିଯାଇଛି । ସେ ତୁରନ୍ତ କାକଟପୁର ଥାନାରେ ତାଙ୍କ ଭଉଣୀ ବିଚିତ୍ରାକୁ ମାରିଦେଇଥିବା ନେଇ ସ୍ୱାମୀ ସୁକାନ୍ତ, ଶାଶୁ, ଦାଦଶୁର ସମେତ ପରିବାର ର ପାଞ୍ଚ ଜଣଙ୍କ ନାମରେ ଏତେଲା ଦେଇଛନ୍ତି । କାକଟପୁର ଥାନା ଆଇଆଇସି ଉମେଶ କୁମାର ସାହୁ ବିଚିତ୍ରାଙ୍କ ସ୍ୱାମୀକୁ ସୁକାନ୍ତକୁ ଧରିବା ପାଇଁ ଭୁବନେଶ୍ୱର ଯାଇଥିବା ଜଣା ପଡିଛି ।

## ନଗରପାଳଙ୍କୁ ଉଠା ଦୋକାନୀଙ୍କ ଗୁହାରି

ତାଳଚେର (ଭାସ୍କର ନ୍ୟୁଜ): ତାଳଚେର ବ୍ୟବସାୟର ମୁଖ୍ୟ ପେଣ୍ଠସ୍ଥଳୀ ହାଟତୋଟା ଠାରେ ଏଣେତେଣେ ଠେଲା ଓ ଅସ୍ଥାୟୀ ଭାବେ ଦୋକାନ ଖୋଲି ବେପାର ବଣିଜ କରୁଥିବା ଲୋକଙ୍କୁ ନଗରପାଳ ପବିତ୍ର ଭୁତିଆ ଗତ କିଛି ବର୍ଷ ତଳେ ପ୍ରଜାମଣ୍ଡଳ ଭବନ ପରିସରରେ ଥିବା ଖୋଲା ଜାଗାକୁ ପ୍ରଦାନ କରିଥିଲେ । ତେବେ ପ୍ରଜାମଣ୍ଡଳ ପରିସରରେ ଏବେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବା କାରଣରୁ ସେଠାରେ ସେମାନଙ୍କୁ ଆଉ ବେପାର ବଣିଜ କରିବା ପାଇଁ ଅନୁମତି ମିଳୁନାହିଁ । ଏଥିସହିତ ସମ୍ପୃକ୍ତ ଠିକାଦାର ସେମାନଙ୍କୁ ଭିତରକୁ ପ୍ରବେଶ ରେ ବାରଣ କରିବା ପରେ ଏହି କ୍ଷୁଦ୍ର ବେବସାୟୀ ମାନେ ନିଜର ଜୀବିକା ହରାଇ ବସିଛନ୍ତି । ଆଜି ନଗରପାଳ ଶ୍ରୀ ଭୁତିଆଙ୍କୁ ଆସି ସେମାନେ ଭେଟିବା ସହ ସେମାନଙ୍କର ଆପତ୍ତି ଅଭିଯୋଗ ଜଣାଇଥିଲେ । ତେବେ ନଗରପାଳ ସେମାନଙ୍କୁ ତାଙ୍କ ପେଟ ପାଟଣା କଥା ଯୋଗୁଁ ପୂର୍ବପରି ସେମାନେ ସେହି ଅଞ୍ଚଳରେ ଥିବା ଖୋଲା ଥିବା ସ୍ଥାନ ମାନଙ୍କରେ ଠେଲା ଓ ଅସ୍ଥାୟୀ ଦୋକାନ ଖୋଲିବାକୁ ପରାମର୍ଶ ଦେଇଥିଲେ।

# ବଣିକ ସଂଘ କର୍ମକର୍ତ୍ତାଙ୍କ ସାଧାରଣ ବୈଠକ

ପାରାଦୀପ (ଭାସ୍କର ନ୍ୟୁଜ): ପାରାଦୀପ ପୋର୍ଟ ବଣିକ ସଂଘ ନବନିର୍ବାଚିତ କର୍ମକର୍ତ୍ତାଙ୍କ ସାଧାରଣ ବୈଠକ ନୂତନ ସଭାପତି କ୍ଷୀରୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।



ବୈଠକରେ ଦୀର୍ଘ ବର୍ଷ ଧରି ଅବହେଳିତ ହୋଇ ଆସୁଥିବା ବଣିକ ସଂଘ ଓ ବ୍ୟବସାୟୀ ମାନଙ୍କ ସମସ୍ୟା ଦୂରୀକରଣ ନିମନ୍ତେ ବିଶେଷ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସଂଘର ଉପଦେଷ୍ଟା ତଥା ଜଣାଶୁଣା ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଯୋଗଦେଇ ବ୍ୟବସାୟୀଙ୍କ ସମସ୍ୟା ଦୂରୀକରଣ ସମେତ ମାର୍କେଟର ଅତ୍ୟାବଶକୀୟ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱାରୋପ କରି ଏ ବାବଦରେ କାର୍ଯ୍ୟ କରାଯିବା ନେଇ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଅମୀୟ ପାଣି, ଉପସଭାପତି ପ୍ରୀତିରଞ୍ଜନ ମହାପାତ୍ର ଓ ଶିଶିର ନାୟକ, ସହସମ୍ପାଦକ ଶକ୍ତିକାନ୍ତ ଦାସ, କୋଷାଧକ୍ଷ ସୋମନାଥ ଖୁଣ୍ଟିଆ ଙ୍କ ସମେତ ଶତାଧିକ ବ୍ୟବସାୟୀ ଆଲୋଚନାରେ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମନ୍ତବ୍ୟ ରଖିଥିଲେ ।

# ଥାନା ପକ୍ଷରୁ ଚାରିଛକ ବଜାର ସଫେଇ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ଥାନା ପକ୍ଷରୁ ମଙ୍ଗଳବାର ସକାଳୁ ଚାରିଛକ ମୁଖ୍ୟ ବଜାର ସଫେଇ କାର୍ଯ୍ୟ କରାଯାଇଛି । ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟରେ ଚାରିଛକ ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ । ମୁଖ୍ୟ ବଜାର ସଫେଇ କରାଯିବା ସହ ବ୍ୟବସାୟୀମାନଙ୍କୁ



ରାସ୍ତା ଉପରକୁ ଅଳିଆ ନ ପକାଇବାକୁ ଥାନାଧିକାରୀ ଶ୍ରୀମତି ବିଶ୍ୱାଳ ତାଗିଦ୍ କରିବା ସହ ପ୍ରତ୍ୟେକ ବ୍ୟବସାୟୀ ଦୋକାନ ସମ୍ମୁଖରେ ଏକ ଡ଼ଷ୍ଟବିନ୍ ରଖି ସେଥିରେ ଅଳିଆ ଆବର୍ଜନା ରଖି ସେଗୁଡ଼ିକୁ ନେଇ ଡ଼ମ୍ପିଂୟାଡ଼୍‌ରେ ପକାଇବାକୁ କହିଥିଲେ । ଏହି ସଫେଇ କାର୍ଯ୍ୟରେ ବଜାର କମିଟିର ସଭାପତି ସନ୍ତୋଷ ପ୍ରଧାନ, ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ପରିଡ଼ା, ଚିତ୍ତରଂଜନ ଜେନା, ଭକ୍ତବନ୍ଧୁ ବିଶ୍ୱାଳ, କୁଳମଣି ସାହୁ, ମେମୋରିଆଲ୍ ଟ୍ରଷ୍ଟର ଅଧକ୍ଷ ଡ଼ଃ କେଦାର ନାଥ ସାହୁ, ଆମ୍ବେଦକର ସାମାଜିକ ବିକାଶ ପରିଷଦର ସଂପାଦକ ଜୟନ୍ତ କୁମାର ସେଠୀ, ସୁମନ୍ତ ଭୋଇ, ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ସଂପାଦକ ବସନ୍ତ ଦାସ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ ସାହୁ, ଶିଶିର କୁମାର ନାୟକ, ସମାଜସେବୀ ଅରକ୍ଷିତ ଭୋଇ, ଲୁଲୁ ବେହେରାଙ୍କ ସମେତ ଅନେକ ସାମ୍ବାଦିକ, ବ୍ୟବସାୀ, ଥାନା କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ନକଲି ଡାକ୍ତର ଗିରଫ

ପୁରୀ (ଭାସ୍କର ନ୍ୟୁଜ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ନକଲି ଡାକ୍ତର ଗିରଫ ହୋଇଛନ୍ତି। ସଦର ମୁଖ୍ୟ ଚିକିତ୍ସାଳୟର ପୁରୁଷ ବିଭାଗରେ ଜଣେ ଯୁବକ ପ୍ରାୟ ସାତଦିନ ହେବ ବେକରେ ଷ୍ଟେଥୋ ସ୍କୋପ ପକାଇବା ସହ ଆପ୍ରନ ପିନ୍ଧି ରୋଗୀ ମାନଙ୍କ ସେବା କରୁଥିଲେ। ଜଣେ କମ ବୟସ୍କ ଡାକ୍ତର ଭଳି ଦେଖାଯାଉଥିବା ଯୁବକ କିଭଳି ଡାକ୍ତର ହୋଇ ପାରେ ବୋଲି ଉକ୍ତ ୱାର୍ଡରେ କାର୍ଯ୍ୟ କରୁଥିବା ନର୍ସ ମାନେ ଭାବିଥିଲେ ମଧ୍ୟ ପଚାରିବାକୁ ସାହାସ କରୁନଥିଲେ। ତେଣୁ ଏହାର ସୁଯୋଗ ନେଇ ଯୁବକ ଜଣକ ପ୍ରତିଦିନ ମେଡିକାଲ ଆସି ରୋଗୀ ମାନଙ୍କୁ ଚିକିତ୍ସା କରୁଥିଲେ ହେଲେ କାହାକୁ କୌଣସି ମେଡିସିନ ଲେଖୁ ନଥିଲେ। ଏହାପରେ ନର୍ସ ମାନଙ୍କ ମଧ୍ୟରେ ସନ୍ଦେହ ଜାତ ହୋଇଥିଲା। ଏହାପରେ ନର୍ସ ମାନେ ଉକ୍ତ ଯୁବକଙ୍କୁ ତାର ପରିଚୟ ପଚାରିଥିଲେ। ସେ ତାର ପରିଚୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଛାତ୍ର ଅମିତ ଆରୁଶ ପରିଡା ବୟସ ୧୭ କହିବା ସହ ଘର ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୋରା କବର ଲେନ୍ ବୋଲି କହିଥିଲା ଏବଂ ସେ ଏହି ଡାକ୍ତରୀ ପାଠ ଶିଖିବା ପାଇଁ ମେଡିକାଲକୁ ଆସୁଥିଲା ବୋଲି କହିଥିଲା। ଏହାପରେ ନର୍ସ ମାନେ ସଙ୍ଗେ ସଙ୍ଗେ ମେଡିକାଲ ଫାଣ୍ଡି ପୋଲିସଙ୍କୁ ଡାକି ଉକ୍ତ ଯୁବକକୁ ହସ୍ତାନ୍ତର କରିଥିଲେ।

## ନବୀନଙ୍କ ସତ୍ୟବାଦୀ ଗସ୍ତ

# କାନ୍ଦି କାନ୍ଦି ଦୁଃଖ ଜଣାଇଲେ ଚାଷୀ

କଣାସ (ଭାସ୍କର ନ୍ୟୁଜ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସତ୍ୟବାଦୀ ନିର୍ବାଚନ ମଣ୍ଡଳିରେ ଲଘୁଚାପ ଜନିତ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଋଷୀମାନଙ୍କୁ ଭେଟିବାକୁ ସୁକଳ ମେଳନ ପଡିଆରେ ହେଲିକ୍ୟାପ୍ଟର ଯୋଗେ ପହଞ୍ଚିଥିବା ବେଳେ ଚାଷୀ ମାନେ ନବୀନଙ୍କୁ କାନ୍ଦିକାନ୍ଦି ସେମାନଙ୍କ ଦୁଃଖ ଜଣାଇଛନ୍ତି । ସତ୍ୟବାଦୀ ଓ କଣାସ ବ୍ଲକର ହଜାର ହଜାର ଋଷୀ ସମବେତ ହୋଇ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଇଥିଲେ। ଶ୍ରୀ ପଟ୍ଟନାୟକ ସିଧା ହେଲିକ୍ୟାପ୍ଟରୁ ଓହ୍ଲାଇବା ପରେ ନିକଟରେ କ୍ଷତିଗ୍ରସ୍ତ ହୋଇଥିବା ଜମିକୁ ଯାଇ ଋଷୀମାନଙ୍କୁ ପଚାରି ବୁଝିଥିଲେ। ଉପସ୍ଥିତ ଥିବା ଋଷୀମାନେ କୋହଭରା କଣ୍ଠରେ ଶ୍ରୀ ପଟ୍ଟନାୟକଙ୍କୁ ନିଜର ଦୁଃଖ ଜଣାଇଥିଲେ । ସମସ୍ତ ଋଷୀମାନଙ୍କ



ସହିତ ଶ୍ରୀପଟ୍ଟନାୟକ ପୂର୍ବରୁ ଥିଲେ ଓ ବର୍ତ୍ତମାନ ଅଛନ୍ତି ବୋଲି କହିବା ସହିତ ସମସ୍ତ ଋଷୀ ଯେପରି କ୍ଷତିପୂରଣ ପାଇବେ ସେଥିପାଇଁ ବିଧାନସଭାରେ ଉପସ୍ଥାପନ କରିବାକୁ ଋଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ରହ୍ମଗିରି ପୂର୍ବତନ ବୀଧାୟକ ସଂଜୟ ଦାସ ବର୍ମା, ପିପିଲି ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ପୂର୍ବତନ ବିଧାୟକ ରମାରଂଜନ ବଳିୟାରସିଂହ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ବହୁଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।

# ଜିଲାପାଳଙ୍କ ଡାଏରୀ ଫାର୍ମ ପରିଦର୍ଶନ

ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୋହ୍ଲ ପଞ୍ଚାୟତ ଅଧୀନ ମୂଷାଙ୍ଗ ଗ୍ରାମରେ ଥିବା ସତ୍ୟଜିତ ବଳଙ୍କ ଡାଏରୀ ଫାର୍ମକୁ ଜିଲାପାଳ ଦିଲୀପ ରାଉତରାଏ ପରିଦର୍ଶନ କରିଛନ୍ତି। ଜିଲାପାଳ ରାଉତରାଏ ଫାର୍ମ ନିକଟରେ ପହଞ୍ଚିବା ପରେ ଗୋପାଳନ ସମ୍ପର୍କରେ ସତ୍ୟଜିତଙ୍କୁ ପଚାରି ବୁଝିଥିଲେ। ଫାର୍ମରେ ଏବେ ୫୦ଟି ଗାଇ ଥିବାବେଳେ ଫାର୍ମର ଆୟତନକୁ ବଢ଼ାଇ ଗାଇ ସଂଖ୍ୟା ବୃଦ୍ଧି କରିବାକୁ ଜିଲାପାଳ ପରାମର୍ଶ ଦେବା ସହିତ ସରକାରୀ ସୁବିଧା ସୁଯୋଗ ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଫାର୍ମରୁ ପ୍ରତିଦିନ ଉତ୍ପନ୍ନ ହେଉଥିବା କ୍ଷୀରରୁ



ଛେନା, ପନିର ଓ ବିଭିନ୍ନ କିସମର ମିଠା ତିଆରି କରି ବ୍ଲକ ତଥା ଜିଲାରେ ବିକ୍ରି କରୁଥିବା ସତ୍ୟଜିତ ସୂଚନା ଦେବାପରେ ଜିଲାପାଳ ଖୁସିବ୍ୟକ୍ତ କରିଥିଲେ। ଏହାଛଡା ଆଖପାଖ ଅଞ୍ଚଳର କିଛି ଯୁବକଙ୍କୁ ପ୍ରେରଣା ଦେଇ ଗୋପାଳନ ଦିଗରେ ସେମାନଙ୍କ ଭିତରେ ଆଗ୍ରହ ସୃଷ୍ଟି କରିଥିବା ସତ୍ୟଜିତ ଜିଲାପାଳଙ୍କୁ କହିଥିଲେ। ପରେ ଜିଲାପାଳ ସତ୍ୟଜିତଙ୍କ ମିଷ୍ଟାନ୍ନ ପ୍ରସ୍ତୁତି ସ୍ଥାନ ବୁଲି ଦେଖିଥିଲେ। ମେସିନରେ କେମିତି ବିଭିନ୍ନ ପ୍ରକାର ମିଠା ତିଆରି ହେଉଛି ସତ୍ୟଜିତ ତାର ନମୁନା ଦେଖାଇଥିଲେ । ଜିଲାପାଳଙ୍କ ସହିତ ବିଡିଓ ଜ୍ୟୋତିର୍ମୟ କରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳୀପୁର ଗ୍ରାମ ପଞ୍ଚାୟତ ପଠାନ୍‌ମହଲା ର ଦୁଇ ଜଣ ଯୁବକ ରୋଜଗାର ପାଇଁ କିଛି ଦିନ ହେବ ଆନ୍ଧ୍ରପ୍ରଦେଶ ଯାଇଥିଲେ। ପ୍ରଦେଶର କାରିସତ୍ୟଭାଡି ନଗର ଟଡ଼େପଲ୍ଲି ଗୁଡ଼େମ୍ ଅଞ୍ଚଳରେ ହୋଟେଲରେ କାର୍ଯ୍ୟରତ ଥିଲେ। ସୋମବାର ସକାଳୁ ଯୁବକ ଦ୍ୱୟ ହୋଟେଲକୁ କାର୍ଯ୍ୟ କରିବାକୁ ରାସ୍ତାରେ ଯାଉଥିବା ସମୟରେ ସେମାନଙ୍କୁ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ପଠାନମହଲା ଗ୍ରାମର ସେକ୍ ସୋଲେମାନଙ୍କ ପୁଅ ସେକ୍ ତସଲିମ୍ (୨୯), ଆହତ ଜଣଙ୍କ ହେଲେ ସେକ୍ ଅଇନୁଲଙ୍କ ପୁଅ ସେକ୍ ମହମ୍ମଦ ଆସପାକ୍(୩୨)।

# ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କେନ୍ଦୁଝର (ଭାସ୍କର ନ୍ୟୁଜ): ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ପ୍ରଭାକର ନାଏକଙ୍କୁ ମହାବିଦ୍ୟାଳୟର ଅଧ୍ୟାପକ- ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ମାନଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଡ଼ ପ୍ରଭାକର ନାଏକ ୧୯୯୦ ମସିହାରୁ ସରକାରୀ ଅଧ୍ୟାପକ ଭାବେ ଅଧ୍ୟାପନା ଜୀବନ ଆରମ୍ଭ କରିଥିଲେ । ସରକାରୀ ମହିଳା ମହାବିଦ୍ୟାଳୟ ଫୁଲବାଣୀ, ପାରଳାଖେମୁଣ୍ଡି, ଯାଜପୁର ଜିଲ୍ଲା ସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଅଧ୍ୟାପନା କରି ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରେ ଦୁଇ ଦଶନ୍ଧି କାଳ ଇତିହାସ ବିଭାଗରେ ଅଧ୍ୟାପନା କରି ପ୍ରଫେସର୍ ହୋଇ ଅଧ୍ୟକ୍ଷ ଭାବେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଡ଼ ନାଏକଙ୍କ ଅବସର ସମୟରେ ସମସ୍ତ ଅଧ୍ୟାପକ - ଅଧ୍ୟାପିକା,କର୍ମଚାରୀ ତଥା ବହୁ ଶୁଭେଚ୍ଛୁ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ପ୍ରଶସ୍ତି ପତ୍ର, ଉତ୍ତରୀୟ ତଥା ଶ୍ରଦ୍ଧା ଉପହାର ଆଦି ପ୍ରଦାନ କରିଥିଲେ।

# କିଶୋର କିଶୋରୀଙ୍କ ପାଇଁ ସ୍ୱତନ୍ତ୍ର ଏକ୍ସପୋଜର କାର୍ଯ୍ୟକ୍ରମ




ରାୟଗଡ଼ା (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲାପାଳ ପାରୁଲ ପଟାୱାରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସଂଯୋଜନାରେ ଜିଲ୍ଲାରେ ଅଦ୍ୱିକା ଯୋଜନା ମାଧ୍ୟମରେ ଏକ ଦିନିଆ କିଶୋର କିଶୋରୀ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଏକ୍ସପୋଜର କାର୍ଯ୍ୟକ୍ରମ ଆୟୋଜିତ ହୋଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଉପ ବିଭାଗର ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ଆକ୍ସନ ଏଡ଼ ତରଫରୁ ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶଦାତା ରତନେଶ୍ୱର ସାହୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମ ଅଧୀନରେ କିଶୋର କିଶୋରୀ ମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ କାର୍ଯ୍ୟାଳୟ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ କାର୍ଯ୍ୟାଳୟ, ରାୟଗଡ଼ ପୌର ପରିଷଦର କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରଭୃତି ବୁଲି ଦେଖିଥିଲେ । ଏହି ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପରିଚାଳକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯାଉଥିବା ସୁବିଧା ଗୁଡିକ ବିଷୟରେ କିଶୋର କିଶୋରୀ ମାନଙ୍କୁ ବୁଝାଇଥିଲେ । ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଥିବା ସୁବିଧା ଗୁଡିକ, ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଥିବା ସୁବିଧା ଗୁଡିକ ବିଷୟରେ ବୁଝାଇଥିଲେ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ବିଚାରପତି ସୁବ୍ରତ ଆଚାର୍ଯ୍ୟ ଆଇନ ସେବା ପ୍ରାଧିକରଣଙ୍କ ମାଧ୍ୟମରେ ଦିଆଯାଉଥିବା ସୁବିଧା, ମାଗଣା ଆଇନ ସହାୟତା କେନ୍ଦ୍ର, ସରକାରଙ୍କ ବିଭିନ୍ନ ଅଂଶ, ଆଇନ କିପରି ପ୍ରସ୍ତୁତ କରାଯାଏ, ନ୍ୟାୟ ପାଳିକାଙ୍କ ଭୂମିକା ପ୍ରଭୃତି ବିଷୟରେ ବୁଝାଇଥିଲେ । ଏହାପରେ ଅଦ୍ୱିକାକ୍ଲବର ସଦସ୍ୟ ସଦସ୍ୟାମାନେ ରାୟଗଡ଼ ପୌର ପରିଷଦ ବୁଲିବାକୁ ଯାଇଥିଲେ ସେଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କ ଦ୍ୱାରା ପୌର ପ୍ରଶାସନ ଦ୍ୱାରା ଦିଆଯାଉଥିବା ସୁବିଧା ଓ ସେବା ଗୁଡିକ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା । ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ପୌରପାଳିକାର ପ୍ରଶାସନିକ ବ୍ୟବସ୍ଥା ଓ ନିହାତି ଆବଶ୍ୟକ ଥିବା ସୁବିଧା ଗୁଡିକ ଓ ଜନମଙ୍ଗଳ ରାଷ୍ଟ୍ରର ଉତ୍ତରଦାୟିତ୍ୱ ବିଷୟରେ ବୁଝାଇଥିଲେ । ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ଦକ୍ଷତା ଓ ନିଯୁକ୍ତି ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୁମାରୀ ବିଚିତ୍ରା ସେଠିଙ୍କ ସହ ଆଲୋଚନା କରିଥିଲେ ।

# ନଦୀବନ୍ଧ ସୁରକ୍ଷା ଓ ଚଟାଣ କାର୍ଯ୍ୟ ନିମ୍ନମାନର

## ରହୁ ନାହାନ୍ତି ଅଧିକାରୀ

ଧାମନଗର (ଭାସ୍କର ନ୍ୟୁଜ): ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିକଟରେ ଧାମନଗର ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ମାତ୍ର ଏବେ ସେହି କାର୍ଯ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ବୈତରଣୀ ନଦୀ ବନ୍ଧର ବାମପାଶ୍ୱର କ୍ଷେଣ୍ଟପୁର-ମିଶ୍ରପୁର ପର୍ଯ୍ୟନ୍ତ ଉନ୍ନତିକରଣ ଓ ଗମନାଗମନ ସୁବିଧା ପାଇଁ ୨ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ହେଉଛି । ମାତ୍ର କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ନଥିବା ବେଳେ ଠିକାଦାର ମନମୁଖୀ ଭାବରେ କାମ କରୁଛନ୍ତି। ନିମ୍ନ ମାନର ନାଲି ମାଟି ସାଙ୍ଗକୁ ଡଷ୍ଟ ବି ସେପରି ଅତି ନିମ୍ନ ମାନର । ରାସ୍ତାର ଦୁଇ ପାଖରେ ମାଟି ନ ପକାଇ ଘାସ ଚାଞ୍ଛି ଦେଇ କାମ କରୁଥିବା ଦେଖିବାକୁ ମିଳିଛି । ସେହିପରି ଦେହୁଡି ଆନନ୍ଦପୁର ପଞ୍ଚାୟତର ୨.୫ କୋଟି ଟଙ୍କା ବ୍ୟୟରେ ଆନନ୍ଦପୁର ଓ ଉତ୍ତେଇପୁର ଠାରେ




ବୈତରଣୀ ବାମପାର୍ଶ୍ୱ ନଦୀ ବନ୍ଧର ସୁରକ୍ଷା ଓ ସୁଦୃଢୀକରଣ (ଉତ୍ତରବାହିନୀ ଘାଟ ନିର୍ମାଣ), ଆନନ୍ଦପୁର ଠାରେ ୧ କୋଟି ଟଙ୍କା ବ୍ୟୟରେ ଗେଙ୍ଗୁଟି ନଦୀବନ୍ଧର ଦକ୍ଷିଣ ପାଖ ଉନ୍ନତିକରଣ କାର୍ଯ୍ୟ କରା ଯାଉ ଥିଲେ ମଧ୍ୟ ଅତିନିମ୍ନ ମାନର କାର୍ଯ୍ୟ ହେଉଛି। ଉତ୍ତର ବାହିନୀ ଘାଟ ନିକଟରେ ପଥର ଚଟାଣ କରାଯାଉଛି। ହେଲେ ନଦୀ ଭିତରୁ ପଥର ବିଛା ଯାଉନି। ତାପରେ ଅତି ଛୋଟ ଛୋଟ ପଥର ଲଗା ଯାଇଛି, ଯାହାକି ବୈତରଣୀ ନଦୀରେ ବନ୍ୟା ହେଲେ ପ୍ରବଳ ସ୍ରୋତରେ ପଥର ଭାସି ଯିବାର ସମ୍ଭାବନା ବି ରହିଛି । ସବୁଠାରୁ ବଡ କଥା ହେଲା ଧାମନଗର ଜଳସେଚନ ବିଭାଗର ଜୈନିକ ଚତୁର୍ଥ ଶ୍ରେଣୀର କର୍ମଚାରୀ କନିଷ୍ଠ ଯନ୍ତ୍ରୀଙ୍କୁ ଉଠ ବସ କରାଇ ଠିକାଦାରଙ୍କୁ ହାତ କରି ନିମ୍ନ ମାନର କାମ କରିବାରେ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ ତଦାରଖ ପାଇଁ ଜଣେ ନବାଗତ କନିଷ୍ଠ ଯନ୍ତ୍ରୀ ଥିବା ବେଳେ ତାଙ୍କୁ ଏହି ଚତୁର୍ଥ ଶ୍ରେଣୀ କର୍ମଚାରି ଉମାକାନ୍ତ ଘୋଷ ଜେଇଙ୍କୁ ହାତ କରି ଏପରି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଯାହାକି କୋଟି କୋଟି ଟଙ୍କାର କାର୍ଯ୍ୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସପ୍ନ ଧୂଳିସାତ ହେବ। ସବୁଠାରୁ ବଡ କଥା ହେଲା ଏହି ସବୁ ବୃହତ୍ତର କାର୍ଯ ଚାଲୁ ଥିବା ବେଳେ କାର୍ଯ୍ୟ ନିକଟରେ କେହି ଅଧିକାରୀ ରହୁ ନାହାନ୍ତି। ମାତ୍ର ଚତୁର୍ଥ ଶ୍ରେଣୀର କର୍ମଚାରୀ କଳା ଗାଡ଼ିରେ ବୁଲୁଥିବାର ଦେଖିବାକୁ ମିଳିଛି। ଅଫିସରେ କର୍ମଚାରୀ ଅଭାବରୁ ସବୁ କାର୍ଯ୍ୟସ୍ଥଳକୁ ଅଧିକାରୀ ଯିବା ସମ୍ଭବ ନୁହେ । ଅନ୍ୟପକ୍ଷରେ ନଦୀବନ୍ଧ ଓ ଚଟାଣ କାର୍ଯ୍ୟ ଠିକ୍ କାମ ଚାଲଛି ବୋଲି ଧାମନଗର ଜଳସେଚନ ବିଭାଗର ଏସଡିଓ ବିଜୟ ସେଠୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ତେବେ ନିର୍ମାଣ ଧିନ କାର୍ଯ୍ୟ କୁ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସରକାରୀ ଅର୍ଥ ସୁବିନିଯୋଗ କରାଯାଉବୋଲି କଂଗ୍ରେସ ନେତା ରମେଶ ଚନ୍ଦ୍ର ବେହେରା ଦାବି କରିଛନ୍ତି। ଏ ଦିଗରେ କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି ଶ୍ରୀ ବେହେରା କହିଛନ୍ତି ।



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ସର୍ବପୁରାତନ କ୍ଷ୍ୟାତି ସମ୍ପର୍ଣ୍ଣ ଅନନ୍ତ ସଂସ୍କୃତ ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ୍ୟ ଡକ୍ଟର ଅଶୋକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଯଘାଟନ କରିଥିଲେ । ଶକ୍ତି ପ୍ରସାଦ ମିଶ୍ର ବେଦ ପାଠ କରିଥିଲେ । ଅଧାପକ ସୁଦର୍ଶନ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାରସ୍ୱତ ପରିଷଦ ସଭାପତି ବିଶିଷ୍ଟ ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ । ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ମହେନ୍ଦ୍ର କୁମାର ଆଚାର୍ଯ୍ୟ । ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ୍ୟ ଡକ୍ଟର ବିଜୟ କୁମାର ବିଶ୍ୱାଳ । ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । ବାର୍ଷିକ ଉତ୍ସବ ଉପଲକ୍ଷେ ବିଭିନ୍ନ ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏ ସମସ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ୍ତ କୁମାର ମିଶ୍ର, ପ୍ରକାଶ ସେଠୀ, ବବିତା ବାରିକ, ପ୍ରଦୀପ୍ତ କୁମାର ଦାସ ସରୋଜିନୀ ବଳ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ ।

# ସରସ ମେଳା: ୩ କୋଟିର ରେକର୍ଡ଼ ବ୍ୟବସାୟ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର କାଳୀପଡିଆ ଏବଂ କେନ୍ଦୁଝର ଷ୍ଟାଡିୟମଠାରେ ଗତ ୧୮ ତାରିଖଠାରୁ ଆରମ୍ଭ ହୋଇଥିବା ଗୋନାସିକା କେନ୍ଦୁଝର ମହୋତ୍ସବ ଏବଂ ଜିଲ୍ଲାରେ ପ୍ରଥମକରି ଆୟୋଜିତ ଆଞ୍ଚଳିକ ସରସ ମେଳା ମଧ୍ୟରୁ ଗୋନାସିକା କେନ୍ଦୁଝର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋନାସିକା ମହୋତ୍ସବ ସହିତ ଆଂଚଳିକ ସରସ ମେଳାକୁ ଗତ ୧୮ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନ କରିଥିଲେ । ଆଂଚଳିକ ସରସମେଳା ଦୁଇଦିନ ବୃଦ୍ଧି ପାଇଥିଲା । ମଝିରେ ଲଘୁଚାପଜନିତ ବର୍ଷା କାରଣରୁ ସରସ ମେଳାକୁ ଆସିଥିବା ଜିଲ୍ଲା ତଥା ଜିଲ୍ଲା ବାହାର ଏବଂ ବିଭିନ୍ନ ରାଜ୍ୟର ହସ୍ତଶିଳ୍ପୀମାନଙ୍କ କାରବାର ସାମାନ୍ୟ ଧିମା ଥିଲେ ମଧ୍ୟ ମେଳା ସରିବା ପର୍ଯ୍ୟନ୍ତ ୩ କୋଟି ୧୨ ଲକ୍ଷ ଟଙ୍କାର କାରବାର ହୋଇସାରିଥିଲା ଓରମାସ ସୂତ୍ରରୁ ସୂଚନା ମିଳିଛି । ଯାହାକି କେନ୍ଦୁଝର ପାଇଁ ନୂତନ ରେକର୍ଡ ହେବ । ସରସ ମେଳା ଶେଷ ପର୍ଯ୍ୟନ୍ତ କାରବାର ୩ କୋଟି ଟପିବ ବୋଲି ଅନୁମାନ କରାଯାଉଥିଲା । ସରସ ମେଳା ପାଇଁ ପାଗ ଭଲ ରହିଥିବାରୁ ବିଭିନ୍ନ ଅଂଚଳରୁ ଆସିଥିବା ବ୍ୟବସାୟୀଙ୍କ ଷ୍ଟଲ ଗୁଡିକର କାରବାର ୩କୋଟି ଟପିଲା ବୋଲି କୁହାଯାଉଛି । ସୂଚନାଯୋଗ୍ୟ ଯେ, ବିଗତବର୍ଷ ମାନଙ୍କରେ କେନ୍ଦୁଝରରେ ପଲ୍ଲୀଶ୍ରୀ ମେଳା ଆୟୋଜନ ହେଉଥିବାବେଳେ ଚଳିତବର୍ଷ ପ୍ରଥମ କରି କେନ୍ଦୁଝରଠାରେ ଆଂଚଳିକ ସରସ ମେଳା ଆୟୋଜିତ ହୋଇଛି । ବିଗତବର୍ଷ ପଲ୍ଲୀଶ୍ରୀ ମେଳାରେ ହେଉଥିବା ଷ୍ଟଲ ସଂଖ୍ୟାରୁ ଅଧିକ ଷ୍ଟଲ ହୋଇ ଚଳିତବର୍ଷର ଷ୍ଟଲ ଗୁଡିକର ସଂଖ୍ୟା ବୃଦ୍ଧି ପାଇ ୩୦୦ ଷ୍ଟଲ ଛୁଇଁଛି । ଏଥିମଧ୍ୟରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହସ୍ତକଳା କାରିଗରୀ ସାମଗ୍ରୀ, ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ହସ୍ତକଳା ସାମଗ୍ରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ତିଆରି ସାମଗ୍ରୀ, ଜିଲ୍ଲାର ବିଭିନ୍ନ ଉପଖଣ୍ଡରୁ ହସ୍ତକଳା କାରିଗରୀ ଲୋକଙ୍କର ମନ ଜିଣିବାରେ ସଫଳ ହୋଇଥିଲା । ସାଧାରଣ ବଜାରରେ ମିଳୁନଥିବା ବସ୍ତ୍ର, ଶୁଖୁଆ ପକେଟ, ଭଳିକି ଭଳି ଘର କରଣା ସାମଗ୍ରୀ ଷ୍ଟଲ ବୁଲୁଥିବା ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ସନ୍ଧ୍ୟାରେ ସରସ ମେଳାରେ ଷ୍ଟଲ ଗୁଡିକରେ ଗହଳି ଜମୁଥିବାବେଳେ ସ୍ଥାନୀୟ ଅଞ୍ଚଳର କୁନି କଳାକାର ମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ମନଲୋଭା ହେଉଛି । ଦିନବେଳା ମଧ୍ୟ ସରସମେଳାରେ ଜନଗହଳି ପରିଲକ୍ଷିତ ହେଉଥିବାବେଳେ କାର୍ଯ୍ୟକ୍ରମକୁ ରୁଦ୍ଧିମନ୍ତ କରିବା ପାଇଁ ଆଂଚଳିକ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବାରୁ ମେଳାକୁ ଆସୁଥିବା ଲୋକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ମେଳାରେ ଭଳିକି ଭଳି ବିଭିନ୍ନ ଘରକରଣା ସାମଗ୍ରୀ ସହିତ ଆନନ୍ଦପୁର ଉପଖଣ୍ଡରୁ ଆସିଥିବା ପେପର କଳାକୃତି ଏବଂ କଳାନୈପୁଣ୍ୟ ଲୋକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛଥିଲା । ଜିଲ୍ଲାପାଳ ବିଶାଳ ସିଂଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଓରମାସର ଉପନିର୍ଦ୍ଦେଶକ ସପନ ଗୋସ୍ୱାମୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ସରସ ମେଳା ଆୟୋଜିତ ହେଉଥିବାବେଳେ ଆଗାମୀ ଦିନରେ ମେଳାର କାରବାର ବୃଦ୍ଧି ହୋଇ ଜିଲ୍ଲା ପାଇଁ ନୂତନ ରେକର୍ଡ ସୃଷ୍ଟି ହୋଇଛି ବୋଲି କୁହାଯାଉଛି । ଏଥର ସରସ ମେଳା ଅବସରରେ ବିଭିନ୍ନ ଅଂଚଳରୁ ଆସିଥିବା ଖାଦ୍ୟ ମେଳା, ସ୍ଥାନୀୟ ଖାଦ୍ୟକୁ ନେଇ ଷ୍ଟଲ, ଘରୋଇପକରଣ, ପୁସ୍ତକ ମେଳା ମଧ୍ୟ ମେଳାକୁ ଅଧିକ ସରସ କରିଥିଲା ।

# କେବେ ହଟିବ ମଣ୍ଡିରୁ ଦଲାଲ୍ ରାଜ୍ ?



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମଣ୍ଡିରୁ ହଟିବ ଦଲାଲ୍ ରାଜ୍, ବିନା କଟ୍‌ନୀ ଛଟ୍‌ନୀରେ କିଣାଯିବ ଧାନ ଓ ଚାଷୀଙ୍କୁ ଅଖା ଯୋଗାଇବା ସହ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାର ପ୍ରତିଶୃତି ଦେଇଥିଲେ । ହେଲେ ମଣ୍ଡି ଆରମ୍ଭ ହେବାପରେ ସରକାରଙ୍କ ଏହି ପ୍ରତିଶ୍ରୁତି ପାଣି ଫୋଟକା ପରି ମିଳେଇ ଯାଇଥିବା ଅଭିଯୋଗ ହୋଇଛି । ଏଥିପାଇଁ ବିଭିନ୍ନ ମଣ୍ଡିରେ ଚାଷୀଙ୍କୁ ନାନା ସମସ୍ୟା ଭୋଗିବାକୁ ପଡୁଛି । ଏପଟେ ମିଲରଙ୍କ ପକ୍ଷରୁ ଚାଷୀଙ୍କୁ ଅଖା ବସ୍ତା ଦିଆଯାଉ ନଥିବା ଓ ମଣ୍ଡିରେ କଟନି ଛଟନି ହେଉଥିବା ସହ ବିଭିନ୍ନ ସୁବିଧାରୁ ଚାଷୀ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି । ସୁଚନା ଅନୁଯାୟୀ ଧାନ ଅମଳ ଆଗରୁ ମିଲର୍ସ ଚାଷୀଙ୍କୁ ବସ୍ତା ଦେବାକଥା, ସେହି ବସ୍ତାରେ ଚାଷୀ ଖଳାରୁ ଧାନ ଭର୍ତ୍ତି କରି ଧାନ ମଣ୍ଡିକୁ ଆଣିବେ । ଜିଲ୍ଲାରେ ଖରିଫ୍ ଋତୁରେ ଚାଷୀଙ୍କ ପାଇଁ ପ୍ରାୟ ୨୫ଲକ୍ଷ ଅଖାବସ୍ତାର ଆବଶ୍ୟକ ପଡୁଥିବାବେଳେ ଖଣ୍ଡିଏ ହେଲେ ମିଳିନଥିବାର ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ଚାଷୀ ବଜାରରୁ ଜରିବସ୍ତା କିଣି ସେଥିରେ ଧାନ ଭରି ମଣ୍ଡିକୁ ନେଉଛି । ଏଭଳି ସ୍ଥିତିରେ ଚାଷୀଙ୍କ ନାଁରେ ଆସୁଥିବା ବସ୍ତା କୁଆଡ଼େ ଯାଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜରି ତଥା ପ୍ଲାଷ୍ଟିକ ମୁଣି ଓ ବସ୍ତାକୁ ସରକାର ଏକ ପ୍ରକାର ରୋକ ଲଗାଇଥିବା ବେଳେ ମାଲକାନଗିରି ଜିଲ୍ଲାର ସମସ୍ତ ଧାନମଣ୍ଡିରେ କିନ୍ତୁ ଏହି ଜରି ବସ୍ତା ଦେଖିବାକୁ ମିଳୁଛି । ଚାଷୀ ଖୋଲା ବଜାରରୁ ଜରିବସ୍ତା କିଣି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ମିଲର୍ସ ଜାଣିଶୁଣି ଚାଷୀଙ୍କୁ ବସ୍ତା ଦେଉନାହାନ୍ତି କି ସରକାରଙ୍କ ପକ୍ଷରୁ ବସ୍ତା ପାଇଁ ବ୍ୟବସ୍ଥା କରାଯାଇନାହିଁ ତାହା ସନ୍ଦେହ ଘେରରେ । କେବଳ ଏତିକି ନୁହେଁ ଚାଷୀଙ୍କ ଠାରୁ ଧାନ କ୍ୱିଣ୍ଟାଲ ପିଛା ପ୍ରାୟ ୫ରୁ ୭ କେଜି ଯାଏଁ ଧାନ ବିଭିନ୍ନ ମଣ୍ଡିରେ କଟ୍‌ନି ଛଟ୍‌ନି ହେଉଛି । ଚାଷୀ ଏଥିରେ ଅରାଜି ହେଲେ ମିଲର ଧାନ ନେବେ ନାହିଁ ବୋଲି ଚେତାବନୀ ଦେଉଥିବାରୁ ଚାଷୀମାନେ ବାଧ ହୋଇ ରାଜି ହେଉଛନ୍ତି ବୋଲି ନିଜ ନାମ ଗୋପନ ରଖି କିଛି ଚାଷୀ ଏହି ଅଭିଯୋଗ ଆଣିଛନ୍ତି । ଜିଲ୍ଲାର ବିଭିନ୍ନ ମଣ୍ଡିରେ ଶୌଚଳୟ ସହ ଚାଷୀଙ୍କ ପାଇଁ ସରକାର କହିଥିବା ଅନ୍ୟାନ୍ୟ ସୁବିଧା ମଧ୍ୟ ନାହିଁ । ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ଏମ୍.ଏମ୍. ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି କି, ବିଭିନ୍ନ ମଣ୍ଡିରେ ଯେଉଁ ମିଲର ମାନଙ୍କୁ ଧାନ କିଣିବା ପାଇଁ ଦାୟୀତ୍ୱ ଦିଆଯାଇଛି ସେମାନେ ଚାଷୀଙ୍କୁ ଅଖାବସ୍ତା ଦେବା କଥା । ଯଦି କେଉଁ ମଣ୍ଡିରେ ଚାଷୀ ଅଖା ବସ୍ତା ପାଇ ନଥାନ୍ତି ତେବେ ମିଲର ମାନେ ସେମାନଙ୍କୁ ତୁରନ୍ତ ଅଖା ବସ୍ତା ଦେବାର ବ୍ୟବସ୍ଥା କରିବା ପାଇଁ ସେମାନଙ୍କୁ କୁହାଯିବ ଓ ଅନ୍ୟ ସମସ୍ୟା ଉପରେ ମଧ୍ୟ ଦୃଷ୍ଟି ଦିଆଯିବ । ଯଦି କେଉଁ ମଣ୍ଡିରେ ଚାଷୀ ଅଖାବସ୍ତା ପାଇ ନଥାନ୍ତି ତେବେ ମିଲରମାନେ ସେମାନଙ୍କୁ ତୁରନ୍ତ ଅଖା ବସ୍ତା ଦେବାର ବ୍ୟବସ୍ଥା କରିବା ପାଇଁ ସେମାନଙ୍କୁ କୁହାଯିବ ଓ ଅନ୍ୟ ସମସ୍ୟା ଉପରେ ମଧ୍ୟ ଦୃଷ୍ଟି ଦିଆଯିବ । ଜିଲ୍ଲାରେ ସୁଚାରୁ ରୂପେ ଚାଷୀମାନଙ୍କ ଠାରୁ ଧାନକ୍ରୟ ହେଉଛି, ବାରମ୍ବାର ମଣ୍ଡିକୁ ଆସି ଚାଷୀ ଯେପରି ହଇରାଣ ନହୁଅନ୍ତି ସେଥିପ୍ରତି ଅଧିକାରୀ ମାନେ ସଜାଗ ରହିଥିବା ମଧ୍ୟ ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି




କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଆଲୋମଣୀ ସେଠୀ ଅଧ୍ୟକ୍ଷତା କରି ୨୫ ଅଭିଯୋଗର ଶୁଣାଣି କରିଥିବାବେଳେ ୯ ଅଭିଯୋଗର ସମାଧାନ ହୋଇଥିଲା । ଜମିଜମା ସହ ରାସ୍ତା ମରାମତି, ମୋବାଇଲ ଟାୱାର ସମସ୍ୟା, ପାନୀୟ ଜଳ ସମସ୍ୟା ଓ ବେଆଇନ ମଦ ବିକ୍ରି ଆଦି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ହୋଇଥିଲା । କାର୍ଯ୍ୟକ୍ରମରେ ଏସପି ରୋହିତ ବର୍ମା, ଉପଜିଲ୍ଲାପାଳ ବେଣୁଧର ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବରେନ୍ଦ୍ରକା' ମିଶ୍ରଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ ଓ ସହକାରୀ ଯନ୍ତ୍ରୀ ତୁଷାର କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

# ଡ଼ଃ ମନମୋହନଙ୍କ ବିୟୋଗରେ ସର୍ବଦଳୀୟ ଶୋକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଭାରତରେ ଆର୍ଥିକ ସଂସ୍କାରର ପ୍ରମୁଖ ବିନ୍ଧାଣି, ବିଶିଷ୍ଟ ଅର୍ଥନୀତିଜ୍ଞ, କେନ୍ଦ୍ର ଯୋଜନା ବୋର୍ଡର ଉପାଧକ୍ଷ, ବିଶ୍ୱ ବ୍ୟାଙ୍କର ପୂର୍ବତନ ଅଧକ୍ଷ, ପୂର୍ବତନ କେନ୍ଦ୍ର ଅର୍ଥ ମନ୍ତ୍ରୀ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଗଭର୍ଣ୍ଣର ତଥା ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ ମନମୋହନ ସିଂହଙ୍କ ଗତ ୨୬ ତାରିଖରେ ନୂଆଦିଲ୍ଲୀସ୍ଥିତ ଏମସ୍ ହସ୍ପିଟାଲରେ ରାତ୍ର ୯:୫୧ମିନିଟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ୯୨ ବର୍ଷରେ ଦେହାନ୍ତ ଘଟିଲା । ଡ଼ଃ ମନମୋହନ ସିଂହଙ୍କ ବିୟୋଗରେ ସମଗ୍ର ଦେଶରେ ଗଭୀର ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ଡ଼ଃ ସିଂହ କଂଗ୍ରେସ ଦଳର ଦୁଇ ଥର ଭାରତର ପ୍ରଧାନମନ୍ତ୍ରୀ ଥିଲେ । ଆମେରିକା ସହିତ ଆଣବିକ ଚୁକ୍ତି କରି ଚର୍ଚ୍ଚାରେ ଥିଲେ । ମନରେଗା, ସୂଚନା ଅଧିକାର, ଖାଦ୍ୟ ସୁରକ୍ଷା ଆଇନର ପ୍ରଣେତା ଥିଲେ । ସେ ଶାନ୍ତି ଓ ସମର୍ପିତ ନେତୃତ୍ୱର ଥିଲେ ବଡ଼ ଚେହେରା । ସେ ପ୍ରଧାନମନ୍ତ୍ରୀ ଭାବେ ଗ୍ରାମୀଣ ଦାରିଦ୍ର୍ୟ ଏବଂ ବେକାରୀ ସମସ୍ୟା ଦୂର କରିବା ପାଇଁ ସେ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ ସହିତ ବହୁ ବିକାଶ କରିଛନ୍ତି । ବଡ଼ବିଲ ନଗର କଂଗ୍ରେସ କମିଟି ତରଫରୁ ବିକାଶ ମହଲଠାରେ ସଭାପତି ଅମିତ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ସ୍ୱର୍ଗତ ଡ଼ଃ ମନମୋହନ ସିଂହ ବିୟୋଗରେ ଏକ ସର୍ବଦଳୀୟ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ମନମୋହନ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋକସଭାରେ ପୂର୍ବତନ କେନ୍ଦୁଝର ଲୋକସଭା ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରି, ରାଜ୍ୟ କଂଗ୍ରେସ ଦଳର ସମ୍ପାଦକ ସଂଗ୍ରାମ ଦାସ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସଂଗୀତା ସିଂହ, ରାଜ୍ୟ ବିଜେପି ମହିଳା କାର୍ଯ୍ୟକାରିଣୀ ସଦସ୍ୟା ଶ୍ରଦ୍ଧାଞ୍ଜଳି କର, ସିପିଆଇର ଜିଲ୍ଲା ସମ୍ପାଦକ ଇନ୍ଦ୍ରମଣି ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ କୁମାର ସ୍ୱାଇଁ, ବରିଷ୍ଠ ସମାଜସେବୀ ଅନାଦି ଚରଣ ଦାସ, ଦୟାନିଧି ମହାପାତ୍ର, ବିଜେପି ନେତା ଚନ୍ଦ୍ରଗୁପ୍ତ ପ୍ରସାଦ, ମୋହନ ଗୁପ୍ତା, ଯୁବ ନେତା ଗିରିପ୍ରିୟା ଉମାକାନ୍ତ ସାହୁ, ଶ୍ରମିକ ନେତା ମୁନ୍ନା ଖାଁ, ରଂଜିତ କୁମାର ବେହେରା, ସନ୍ୟାସୀ ମାଝୀ, ସୁଶୀଲ କୁମାର ଗିରି, ଗୋପୀନାଥ ଡଗରା ଓ ପ୍ରଭୁଦତ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



# ୫୦ବର୍ଷ ପୂର୍ତ୍ତି ଅବସରରେ ରକ୍ତଦାନ ଶିବିର




କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ବ୍ୟାଙ୍କ ଅଫ ଇଣ୍ଡିଆ କରଞ୍ଜିଆ ଶାଖାର ୫୦ ବର୍ଷ ପ୍ରତିଷ୍ଠା ଦିବସ । ଏହି ଅବସରରେ ଶାଖା ପରିଚାଳକ ସୁଶାନ୍ତ ମେହେରଙ୍କ ସଂଯାଜନାରେ ବ୍ୟାଙ୍କ ପରିସରରେ ଏକ ମୁକ୍ତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ଯେଉଁଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହା ସହିତ ଅନାଥାଶ୍ରମର ଅନ୍ତେବାସୀଙ୍କୁ ଜୋତା ଓ ମୋଜା ବଣ୍ଟନ, ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରଯାଇଥିଲା । ପରେ ବ୍ୟାଙ୍କରେ ୪ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ରକ୍ତଦାନ ଶିବିରରେ ଡାକ୍ତର ଗୌରାଙ୍ଗ ଚରଣ ନାୟକ ରକ୍ତ ନମୁନା ପରୀକ୍ଷା କରିଥିବା ବେଳେ ରଜତ ମହାକୁଡ଼, ସୁମନ୍ତ ମହାନ୍ତ, ଗାୟତ୍ରୀ ସାହୁ, ତ୍ରିଲୋଚନ ମହାନ୍ତ ପରିଚାଳନା କରିଥିଲେ । ପ୍ରତିଷ୍ଠା ଦିବସରେ ବରିଷ୍ଠ ଶାଖା ପରିଚାଳକ ସୁଶାନ୍ତ ମେହେର, ବ୍ୟଙ୍କ ଅଫିସର ମୋନାଲିସା ସାହୁ, ଶାନ୍ତିଲତା ନାୟକ ଓ ଅନ୍ୟ ଅଧିକାରୀ ବୃନ୍ଦ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ଟ୍ରଲର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥର ବାଙ୍କମାରୁଣୀ ନିକଟରେ ଏକ (ଓଡି-ଜିର-୯-ଭି-୮୯୬୯)୧୬ଚିକିଆ ଟ୍ରଲର ଧକ୍କାରେ (ଓଡି-୦୯-ଏସ୍-୪୩୮୩)ଙ୍କ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ତେଲେକୋଇ ବ୍ଲକ ଅନ୍ତର୍ଗତ ରେକୁଟି ଗ୍ରାମର ବିତ୍ୟାନନ୍ଦ ଦେହୁରୀଙ୍କ ପୁଅ ମଙ୍ଗରାଜ ଦେହୁରୀ । ଉଭୟ କେନ୍ଦୁଝର ଅଭିମୁଖେ ସାମାନ ଦିଗରେ ଯାଉଥିବାବେଳେ ବାଇକ୍‌କୁ ଟ୍ରଲର ଧକ୍କା ଦେବାରୁ ସେ ତଳେ ପଡି ଯାଇଥିଲେ । ମୁଣ୍ଡ ଉପରେ ଗାଡି ଚକ ମାଡି ଯିବାରୁ ଘଟଣା ସ୍ଥଳରେ ମଙ୍ଗରାଜଙ୍କ ମୃତ୍ୟୁ ଘଟିଛି । ଖବର ପାଇ ପଳାସପଙ୍ଗା ବିଟ୍ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଦୁର୍ଘଟଣା ଘଟାଇଥିବା ଟ୍ରଲର ସମେତ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି । ପରେ ଶବ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି କେନ୍ଦୁଝର ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

# ଧାନ ଗଛ ଧରି ଚାଷୀଙ୍କ ଅଭିନବ ପ୍ରତିବାଦ




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲଘୁଚାପ ଜନିତ ବର୍ଷା ସରକାରୀ ବାବୁଙ୍କ ପାଇଁ ଅସୁବିଧା ଆଣି ଦେଇଥିବା ବେଳେ ଚାଷୀ କୁଳ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଛି । ଧାନ ଚାଷରେ ଲିପ୍ତ ଥିବା ଚାଷୀଙ୍କ ସୁନାର ଫସଲ ଉଜୁଡ଼ି ଯାଇଛି । କ୍ଷତିପୂରଣ ଦାବିରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ଚାଷୀ ମାନେ ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଂଚିଥିବା ଦେଖିବାକୁ ମିଳିଛି । ଲଘୁଚାପ ଜନିତ ବର୍ଷା ଯୋଗୁଁ ସାରା ଓଡ଼ିଶାରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ଏକାଧିକ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ମଧ୍ୟ ଆସିଛି । ଖାସ୍ କରି ଦକ୍ଷିଣ ଓଡ଼ିଶାର ବନ୍ଧୁଗାଁ ବ୍ଲକରେ ତାର ବେଶ ପ୍ରଭାବ ପଡିଛି । କ୍ଷୟକ୍ଷତିକୁ ନେଇ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସ୍ଥାନୀୟ ଧାନ ଚାଷୀ ଭାଇଙ୍କ ତରଫରୁ ତହସିଲଦାରଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏବେ ବନ୍ଧୁଗାଁ ବ୍ଲକରେ ଲଘୁଚାପ ଜନିତ ବର୍ଷାରେ ନଷ୍ଟ ହୋଇଥିବା ଧାନ ଫସଲକୁ ନେଇ ଚାଷୀ ମାନଙ୍କ ପାଇଁ ରାଜ୍ୟ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ରୋଷେଇଆଙ୍କ ବନ୍ଧୁମିଳନ ଓ ବାର୍ଷିକ ବୈଠକ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : କେବଳ ସ୍କୁଲ, କଲେଜ ବନ୍ଧୁମାନେ କିମ୍ବା କୌଣସି ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀମାନେ ଏକତ୍ର ହୋଇ ବନ୍ଧୁମିଳନ ଆୟୋଜନ କରିବା ଅନେକାଂଶରେ ନଜିର ରହିଛି । କିନ୍ତୁ ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଅନୁସୂଚିତ ଜାତି ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ସିସିଏ, ଏଲସିସି ଏମାନଙ୍କୁ ନେଇ ଏକ ବନ୍ଧୁମିଳନ ସହ ଜିଲ୍ଲା ସ୍ତରୀୟ ବାର୍ଷିକ ବୈଠକ ସୋରିଷ ମାଳ ନର୍ସରୀଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲା ରୋଷେୟା ଜିଲ୍ଲା ସଂଘ ସଭାପତି ଧାନ କିର୍ଷାନୀ, ଉପସଭାପତି ଅହଲ୍ୟା ନାୟକ ସମ୍ପାଦକ ତ୍ରିନାଥ ଦଳେଇ, ଉପଦେଷ୍ଟା ଲକ୍ଷ୍ମୀଧର କୋପେ ଏବଂ ସହ ଉପଦେଷ୍ଟା ଧନୁର୍ଜ୍ୟୟ ପୁଜାରୀଙ୍କ ସମେତ ଜିଲା ଅଧୀନରେ ଥିବା ୭ବ୍ଲକ ଅଧୀନରେ ଥିବା ସମସ୍ତ ଆଶ୍ରମ ବିଦ୍ୟାଳୟର ରୋଷେୟା ଭାଇଭଉଣୀ ମାନେ ଉପସ୍ଥିତ ରହିଥିଲେ । ଏହି ବୈଠକରେ ରୋଷେୟା ମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହେବା ସହିତ ବିଗତ ଦିନରେ ବିଭିନ୍ନ ଦାବିନେଇ ସରକାରଙ୍କୁ ଅବଗତ କରାଯାଇଥିବା ନେଇ ଆଲୋଚନା କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସୁଧା କୌଣସି ଦାବି ପୂରଣ ହୋଇନଥିବା ନେଇ ସମସ୍ତେ ଅଶୋନ୍ତୋଷ ବ୍ୟକ୍ତ କରିଥିଲେ । ଆଗାମୀଦିନରେ ଯଦି ସରକାର ରୋଷେୟାଙ୍କ ଦାବି ପୂରଣ ନକରନ୍ତି ତେବେ ଆଇନର ଆଶ୍ରୟ ନେବେ ବୋଲି କହିଥିଲେ । ଏହି ବନ୍ଧୁମିଳନ ଓ ବାର୍ଷିକ ବୈଠକରେ ଜିଲ୍ଲାର ପ୍ରାୟ ୫୦୦ରୁ ଉର୍ଦ୍ଧ ରୋଷେୟା ଉପସ୍ଥିତ ରହିଥିଲେ ।

# ବିଶ୍ୱ ପ୍ରାର୍ଥନା ଦିବସ ପାଳନ ପାଇଁ ପ୍ରାକ୍ ପ୍ରସ୍ତୁତି




କେନ୍ଦ୍ରାପଡା, ( ଭାସ୍କର ନ୍ୟୁଜ୍ ): ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ଜାନୁଆରୀ ପହିଲାରେ କେନ୍ଦ୍ରାପଡାର ତୁଳସୀକ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ପୀଠରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ପ୍ରାର୍ଥନା ଦିବସ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ସେହି ଦିନ ପୂର୍ବାହ୍ନ ୮ଟା ସମୟରେ ଶ୍ରୀଜୀଉଙ୍କ ରଥଦାଣ୍ଡରେ ବିଶ୍ୱ ପ୍ରାର୍ଥନା ଦିବସ ଉପଲକ୍ଷେ ବିଶ୍ୱଶାନ୍ତି ନିମନ୍ତେ ସମବେତ ପ୍ରାର୍ଥନା କରାଯିବ । ସମସ୍ତେ ବିଶ୍ୱର କଲ୍ୟାଣ ନିମନ୍ତେ ଏହି ସମବେତ ପ୍ରାର୍ଥନାରେ ସାମିଲ ହେବାକୁ ଶ୍ରୀମା ନିବେଦନ କରିଛନ୍ତି । ଦୀର୍ଘ ୮ବର୍ଷ ଧରି ଶ୍ରୀମାଙ୍କ ଉଦ୍ୟମ ଓ ପ୍ରଚେଷ୍ଟାରେ ଏହି ଦିବସ ସାରା ରାଜ୍ୟ ସମେତ ଦେଶର ବିଭିନ୍ନ କୋଣ ଅନୁକୋଣରେ ପାଳନ ହୋଇଆସୁଅଛି । ଚଳିତବର୍ଷ କେନ୍ଦ୍ରାପଡା, କଟକ, ପୁରୀ, ଭୁବନେଶ୍ୱର, ରାଉରକେଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଏହା ପାଳନ ହେବାକୁ ଯାଉଛି । ପ୍ରତ୍ୟେକ ଧର୍ମର ଲୋକମାନେ ଜାନୁଆରୀମାସ ପହିଲା ଦିନ ସକାଳୁ ସେମାନଙ୍କ ଅନୁଷ୍ଠାନ, ଧର୍ମସ୍ଥଳୀ, ଶିକ୍ଷାନୁଷ୍ଠାନ ବା ଘରେ ସମସ୍ତେ ଏକାଠି ହୋଇ ବିଶ୍ୱ କଲ୍ୟାଣ ପାଇଁ ସମବେତ ପ୍ରାର୍ଥନା କରିବାକୁ ଶ୍ରୀମା ଅନୁରୋଧ କରିଛନ୍ତି । ଏହି ପ୍ରସ୍ତୁତି ବୈଠକରେ ଆଶ୍ରମର ଉପାଧକ୍ଷ ଡ. କାଳୀପ୍ରସନ୍ନ ଶତପଥୀ, ପୁରୀଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶୈଳାଧିରାଜ ତନୟା, ଗାୟକ ଗୋପବନ୍ଧୁ ନାଥ, କ୍ଷୀରୋଦ ନାଥ, ପ୍ରଫୁଲ୍ଲ ପଣ୍ଡା, ଗଗନବିହାରି ସିଂହ, ପୁନମ ନାୟକ, ଅନୁଷ୍ଟୁପ ଶତପଥୀ, ବଳଦେବସେନାର ପପୁନ ସ୍ୱାଇଁ,ଶିବାନୀ ଓ ବ୍ରହ୍ମଚାରୀ ନୃସିଂହ ଦାସ ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ଅନ୍ତର୍ଗତ ରମ୍ଭା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ରମ୍ଭା ଗ୍ରାମ ପଞ୍ଚାୟତ ସମେତ ଶବରା ଓ ଲାବଣ୍ୟଗଡ଼ ପଞ୍ଚାୟତର ସମୁଦାୟ ମୋଟ-୯୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭୫ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା- ୨୦ ଓ ୭ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଅନ୍ୟ ସମସ୍ତ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଗୋସାଣୀ ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ଏନ.ବିରାରାଜୁ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର , ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋରା ଚନ୍ଦ୍ର ପଟ୍ଟନାୟକ, ତହସିଲଦାର ଶ୍ରୀ ନାରାୟଣ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଶ୍ରୀ ସନ୍ତୋଷ ନାୟକ ସ୍ଥାନୀୟ ସରପଞ୍ଚ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ଚଳିତବର୍ଷ କେନ୍ଦ୍ରାପଡା ଜିଲ୍ଲାରେ ଧାନମଣ୍ଡି ଗୁଡିକରେ ଧାନ କ୍ରୟ ନିମନ୍ତେ ୪ଟି ପ୍ରାଥମିକ କୃଷି ସମବାୟ ସମିତିର ଚାଷୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଭରତପୁର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମବାୟ ସମିତି ସମୂହର ଉପସହକାରୀ ନିବନ୍ଧକ ଅଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, କେନ୍ଦ୍ରାପଡା ବ୍ଲକର ଯୋଗାଣ ନିରୀକ୍ଷକ ସରୋଜିନି ଦଳାଇ, ଡେରାବିଶ ବ୍ଲକର ଯୋଗାଣ ନିରୀକ୍ଷକ ସ୍ୱରୂପ କୁମାର ଦାସ ଓ ଯୋଗାଣ ବିବାଗର କ୍ୱାଲିଟି ଆନାଲିସିଷ୍ଟ ଗୁଣ୍ଣୟୀ ସନ୍ଦିବିଗ୍ରହ ପ୍ରମୁଖ ଯୋଗଦେଇ ଚଳିତବର୍ଷ ସରକାରୀ ଧାନମଣ୍ଡିରେ ଧାନ ଦେବା ପୂର୍ବରୁ ଚାଷୀମାନେ ଏଫଏକ୍ୟୁ ସାଧାରଣ ମାନର ଧାନ କିଭଳି ପ୍ରସ୍ତୁତ କରିବେ ସେ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଶିବିରରେ ଆଞ୍ଚଳିକ ବଜାର କମିଟି ସମ୍ପାଦକ ସଚ୍ଚିଦାନନ୍ଦ ଜେନା, ଭାରତପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ବସନ୍ତ କୁମାର ରାଉତ, ସମ୍ପାଦକ ସୁବୋଧ କୁମାର ଲେଙ୍କା, ଜମଧର ସମବାୟ ସମିତି ସଭାପତି ଧରଣୀଧର ଦାସ, ସମ୍ପାଦକ ବୈରାଗି ଚରଣ ସାହୁ, ବଗଡା ସମବାୟ ସମିତିର ସଭାପତି ଅକ୍ଷୟ କୁମାର ପାଣି ଓ ସମ୍ପାଦକ କାଳନ୍ଦୀ ବିଶ୍ୱାଳ, ରତାଦିଆଖଣ୍ଡସାହି ସମବାୟ ସମିତି ସଭାପତି ବିମଳକାନ୍ତ ତ୍ରିପାଠୀ ପ୍ରମୁଖଙ୍କ ସମେତ ଦୁଇ ଶହରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ ।

# ଅନନ୍ୟ ସମାଜସେବା ପାଇଁ ଅଧ୍ୟାପକ ପ୍ରଦୀପ ଶତପଥୀଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ

ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଉତ୍କୃଷ୍ଟ ଅଧ୍ୟାପନା, ପ୍ରକୃଷ୍ଟ ଅଧ୍ୟାତ୍ମ ଚେତନା, ବଳିଷ୍ଠ ସାହିତ୍ୟ ସାଧନା ତଥା ଏକନିଷ୍ଠ ମାନବ ଆରାଧନାର ନିଛକ ଉଦାହରଣ ହେଉଛନ୍ତି, ଜଗତସିଂହପୁର ଜିଲ୍ଲା, ବାଲିକୁଦା ବ୍ଲକ, ଅଲିକଣା ଗ୍ରାମର ପଣ୍ଡିତ ସୁଦର୍ଶନ ଶତପଥୀଙ୍କ ମଧ୍ୟମ ପୁତ୍ର, ବରିଷ୍ଠ ଅର୍ଥନୀତିଜ୍ଞ ଅଧ୍ୟାପକ ପ୍ରଦୀପ ଶତପଥୀ । ଜଣେ ଛାତ୍ରବତ୍ସଳ ଅଧ୍ୟାପକ ସହିତ ନିରବଚ୍ଛିନ୍ନ ଭାବେ ଗରିବ ଛାତ୍ରଛାତ୍ରୀଙ୍କୁ ନିଜ ଦରମାରୁ ସମ୍ପୂର୍ଣ୍ଣ ସାହାଯ୍ୟ କରିବା, ବିଭାଗର ଅତ୍ୟାବଶ୍ୟକତା ପୂରଣ କରିବା, ମହାବିଦ୍ୟାଳୟ ପାଇଁ ଆବଶ୍ୟକ ଖର୍ଚ୍ଚ କରିବା, ତାଙ୍କର ବୃତ୍ତି କ୍ଷେତ୍ରରେ ମହନୀୟତାର ପରିଚୟ ଦିଏ । ନିଜର ପୈତୃକ ସ୍ଥାନ ବାଲିକୁଦା ବ୍ଲକର ଅଲିକଣା ଗ୍ରାମରେ ବହୁବିଧ ସାଂସ୍କୃତିକ ଓ ଐଶ୍ୱରିକ କାର୍ଯ୍ୟ ପାଇଁ ଅକୁଣ୍ଠ ଚିତ୍ତରେ ସହଯୋଗ କରିବା, ତାଙ୍କର ମା ମାଟି ପ୍ରୀତିର ଜ୍ୱଳନ୍ତ ଉଦାହରଣ ଦିଏ । ନିଜ ଜିଲ୍ଲାର ଅନେକ ଶିକ୍ଷାନୁଷ୍ଠାନରେ ପରିବେଶ ପ୍ରଦୂଷଣ ରୋକିବା ପାଇଁ ପ୍ରସ୍ତର ନିର୍ମିତ ବିଦ୍ୟାଦାତା ଗଣେଶ ଓ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ମୂର୍ତ୍ତି ପ୍ରଦାନ କରି, ନିଜକୁ ଜଣେ ଉତ୍ତମ ପ୍ରକୃତି ପ୍ରେମି ଭାବେ ସାବ୍ୟସ୍ତ କରିପାରିଛନ୍ତି । ନିଜ ଜିଲ୍ଲାର ଶୈକ୍ଷିକ ବାତାବରଣ ପ୍ରଗତି ପାଇଁ ଅନେକ ପାଠାଗାରକୁ ସାହାଯ୍ୟ ଜାରିରହିଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ଅନାଥ ଗରିବ କନ୍ୟା ମାନଙ୍କର ବିବାହ କାର୍ଯ୍ୟରେ ଆର୍ଥିକ ଓ ସାମାଜିକ ସାହାଯ୍ୟ କରି ଚାଲିଛନ୍ତି । ରାଜ୍ୟ, ଦେଶ ତଥା ବିଦେଶରେ ଥିବା ଅନେକ ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ନିରନ୍ତର ସାହାଯ୍ୟ କରୁଛନ୍ତି । ବିଶ୍ୱବିପତ୍ତି କରୋନା ସମୟରେ, ନିଜ ଜୀବନକୁ ବାଜି ଲଗାଇ, ସମଗ୍ର ରାଜ୍ୟରେ ୨୪ ଘଣ୍ଟିଆ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରି ବିରଳ ସମାଜସେବାର ଉଦାହରଣ ସୃଷ୍ଟି କରିଛନ୍ତି । ଧର୍ମ ରକ୍ଷା ଅର୍ଥେ



ବିଭିନ୍ନ ସ୍ଥାନରେ ଗୀତା ଭାଗବତ ବଣ୍ଟନ ସହିତ ଆଧ୍ୟାତ୍ମିକ ପ୍ରଚାର ଓ ପ୍ରସାର କରି ଆସୁଛନ୍ତି । ସମାଜ ଓ ସଂସ୍କୃତି ବିକାଶ ପାଇଁ ଭାଷା ସାହିତ୍ୟର ଉନ୍ନତି କଳ୍ପେ ପାରମ୍ପରିକ ଢାଞ୍ଚାରେ ପଦ୍ୟ ଓ ଗଦ୍ୟ ସାହିତ୍ୟ ରଚନା କରିବା ସହିତ ବିଶେଷତଃ ଓଡିଆ ଭାଷାର ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛନ୍ତି । ଦେଶ ଠାରୁ ବିଦେଶ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିର ପ୍ରଚାର କରୁଛନ୍ତି । ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦେବଭୂମି ହିମାଳୟର ଦିବ୍ୟ ଗୁରୁ ମାନଙ୍କଠାରୁ ନିୟମିତ ଆତ୍ମ ଜ୍ଞାନ ଆହରଣ କରି, ସମାଜରେ ଭୌତିକ ଦ୍ରବ୍ୟ ଠାରୁ ଅତିଭୌତିକ ଜ୍ଞାନ ବଣ୍ଟନ କରି ଚାଲିଛନ୍ତି । ଏତାଦୃଶ ଅବର୍ଣ୍ଣନୀୟ ତଥା ମହାମାନବୀୟ ନିରନ୍ତର ଜ୍ଞାନ, ଦାନ, ଓ କର୍ମଯୋଗ ପାଇଁ ଆମେରିକାନ୍ ମେରିଟ୍ କାଉନସିଲ ତରଫରୁ ପ୍ରକୃତି ତଥା ମାନବବନ୍ଧୁ, ଜଗତସିଂହପୁର ଜିଲ୍ଲା, ବାଲିକୁଦା ମହାବିଦ୍ୟାଳୟର ଅର୍ଥନୀତି ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ ମହୋଦୟଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଛି ।

# ବିଭିନ୍ନ ଧାନମଣ୍ଡି ପରିଦର୍ଶନ କଲେ ବିଜେପି କୃଷକ ମୋର୍ଚ୍ଚା ସଭାପତି



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ନରଣପୁର, କେନ୍ଦୋଇପସି, ଜମୁନାପଶି, ଚେମେଣା ପ୍ରଭୃତି ଧାନମଣ୍ଡୀ କୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ତୋଫାନୀ ଗସ୍ତ କରିଛନ୍ତି । ଏହି ଧାନମଣ୍ଡି ଗସ୍ତ ସମୟରେ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ପ୍ରାବଧାନ ଅନୁଯାୟୀ ଧାନମଣ୍ଡୀ ଗୁଡିକ ଠିକଠାକ କାମ କରୁଛନ୍ତି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ମହେଶ୍ୱର ସାହୁ କରିଥିଲେ । ଓଡିଶାରେ ବିଜେପି ମୋହନ ଚରଣ ମାଝିଙ୍କ ସରକାର ଆସିବା ପରେ ଚାଷୀ ମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ମାନ ଚାଲୁ କରିଛନ୍ତି । ତତମଧ୍ୟରୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ପ୍ରଦାନ ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଉପସ୍ଥିତ ଚାଷୀ ମାନଙ୍କୁ କହିଥିଲେ । ଚାଷୀ ମାନଙ୍କୁ ଆଉ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ ବୋଲି ଶ୍ରୀ ସାହୁ କହିଥିଲେ । ଧାନ କିଣା କାରବାରରେ ବ୍ୟାପକ ସ୍ୱଚ୍ଛତାର ସହିତ କରିବା ପାଇଁ ମୋହନ ଚରଣ ମାଝି ସରକାର ବଦ୍ଧପରିକର ଅଟେ । ଯେଉଁ ମାନେ ଧାନ କିଣା କାରବାରରେ ବଦମାସି କରିବେ କିମ୍ବା ଚାଷୀ ମାନଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର ସାହୁ ଉପସ୍ଥିତ ଚାଷୀ ମାନଙ୍କୁ କହିଥିଲେ । ଉପସ୍ଥିତ ଚାଷୀ ମାନେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ ଭାଗିରଥି ସିଂ, ଜିଲ୍ଲା ଧାନ ସଂଗ୍ରହ କମିଟିର ସଦସ୍ୟ ଶ୍ରୀ ପ୍ରକାଶ ସୂତ୍ରଧର , ଅମିତ କୁମାର ସିଂହ, ବିଷ୍ଣୁ ବେହେରା, ସଞ୍ଜୟ କୁମାର ସାହୁ, ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।

# ଜଗତସିଂହପୁର ଟ୍ରକ ମାଲିକ ସଂଘରେ ବିଭ୍ରାଟ ନିର୍ବାଚନ ପାଇଁ ଦାବି କଲେ ଗାଡି ମାଲିକ



ପାରାଦୀପ(ଭାସ୍କର ନ୍ୟୁଜ୍) : ଦୀର୍ଘଦିନ ହେବ ଶିଳ୍ପ ଓ ବନ୍ଦର ସହରରେ ଟ୍ରକ ବ୍ୟବସାୟରେ କୃତ୍ରିମ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଜଗତସିଂହପୁର ଟ୍ରକ ମାଲିକ ସଂଘରେ ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ମନମାନି ଓ ଗାଡି ମାଲିକଙ୍କୁ ଶୋଷଣ ସୀମା ପାର କରିଥିବା ନେଇ ଅଭିଯୋଗ ହୋଇଛି । ଏବାବଦରେ ମଙ୍ଗଳବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଟ୍ରକ ମାଲିକ ସଂଘର ସଦସ୍ୟ ବିଭୁତି ଭୂଷଣ ଦାସ, ପ୍ରଶାନ୍ତ କୁମାର ବେହେରା, କପିଳେନ୍ଦ୍ର ନାୟକ, ସରୋଜ ସ୍ୱାଇଁ ପ୍ରମୁଖ ସଂଘରେ ସଭାପତି ସନ୍ତୋଷ ପଟ୍ଟନାୟକ ନିର୍ବାଚନ ନକରାଇ ସଂଘର ଗାଡି ମାଲିକଙ୍କୁ ଉପେକ୍ଷା କରି କିପରି ଅନ୍ୟ ଜିଲ୍ଲା ତଥା ରାଜ୍ୟ ବାହାରର ଗାଡି କୁ ବ୍ୟବସାୟ ଯୋଗାଇ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ସ୍ପଷ୍ଟୀକରଣ ଦେବା ସହ ସଂଘରେ ନିର୍ବାଚନ କରି ସ୍ୱଚ୍ଛ କର୍ମକର୍ତ୍ତା ବାଛିବା ଏବଂ ମାଲିକଙ୍କ ସମସ୍ୟା ଦୂର କରିବା ପାଇଁ ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ସହଯୋଗ କାମନା କରିଥିଲେ । ସଂଘର ଅର୍ଥ ତୋଷାରପାତ ଏବଂ ଅନ୍ୟାୟ ଭାବେ କିଛି ଗାଡି ମାଲିକଙ୍କୁ ସଂଘରୁ ବହିଷ୍କାର କରିବା ଇତ୍ୟାଦି ବିଭିନ୍ନ ସମସ୍ୟାର ପ୍ରତିବାଦ କରି ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘର ୪୦ ରୁ ଉର୍ଦ୍ଧ୍ୱ ଗାଡି ମାଲିକ ମାନେ ଏକତ୍ରିତ ହୋଇଥିଲେ । ତେବେ ପାରାଦୀପ ବଣିକ ସଂଘରେ ନେତୃତ୍ୱ ପରିବର୍ତ୍ତନ ପରି ଜଗତସିଂହପୁର ଟ୍ରକ ମାଲିକ ସଂଘରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରାଯାଇ ଗାଡି ମାଲିକଙ୍କୁ ନ୍ୟାୟ ପ୍ରଦାନ କରାଯିବା ପାଇଁ ସମସ୍ତ ସହାୟତା ଯୋଗାଇଦେବା ପାଇଁ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ପ୍ରତିଶୃତି ଦେଇଛନ୍ତି । ପାରାଦୀପ ବଣିକ ସଂଘର ପୂର୍ବତ୍ତନ ସଭାପତି ଓ ଜଗତସିଂହପୁର ଟ୍ରକ ମାଲିକ ସଂଘର ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ଆୟ ବହିର୍ଭୁତ ସମ୍ପତି ଓ ତାଙ୍କର ଅନୈତିକ କାର୍ଯ୍ୟକଳାପର ତଦନ୍ତ ପାଇଁ ଶ୍ରୀ ତ୍ରିପାଠୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି ।

# ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଝାରସୁଗୁଡ଼ା - ଗୌନ୍ଦିଆ ପାସେଞ୍ଜର

ଝାରସୁଗୁଡ଼ା (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ରେଳ ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ପଶିବା ବେଳକୁ ହେଲା ସର୍ଟ ସର୍କିଟ ଯୋଗୁଁ ବୈଦୁତିକ ତାର ଛିଣ୍ଡିଲା । ପେଣ୍ଟୋରୁ ବିଦ୍ୟୁତ୍ ପ୍ରବାହିତ ହୋଇ ବଗି ଗୁଡ଼ିକର ବୈଦ୍ୟୁତିକ ସରଞ୍ଜାମ ଢୋ ଢା ହୋଇ ଫୁଟିଥିଲା । ପ୍ରବଳ ଶବ୍ଦରେ ଲୋକେ ଆତଙ୍କିତ ହୋଇ ଯାଇଥିବା ବେଳେ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି । ରେଳବାଇ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଂଚି ମରାମତି ଜାରି ରଖିଛନ୍ତି ।



# ଗରା, ବାଲଟି ଧରି ଗ୍ରାମ୍ୟ ଜଳ ପରିମଳ କାର୍ଯ୍ୟାଳୟ ଘେରିଲେ ମହିଳା

ଶୁଳିଆପଦା, (ଭାସ୍କର ନ୍ୟୁଜ) : ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ବିଗତ ସରକାର ବସୁଧା ଯୋଜନାର ଡିଣ୍ଡିମ ପିଟୁଥିବା ବେଳେ ଏବେବି ପାନୀୟ ଜଳ ଟୋପାଏ ପାଇଁ ମହିଳାଙ୍କୁ ସଂଘର୍ଷ କରିବାକୁ ପଡୁଛି । ସୂଚନା ମୁତାବକ ଶୁଳିଆପଦା ବ୍ଲକ୍ ମୁଖ୍ୟାଳୟସ୍ଥିତ କଣ୍ଟିସାହି ପଞ୍ଚାୟତର ସବୁଠୁ ବଡ ବାରି ଗାଁରେ ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇ ପାରିନଥିବା ଅତି ଦୁଃଖର ବିଷୟ । ଏହି ଗାଁରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ୨ ଆର୍ଥିକ ବର୍ଷ ହେବ ଗାଁରେ ବସୁଧା ଯୋଜନାରେ ମାଟି ଖୋଳି ପାଇପ୍ ଲଗାଯାଇ ଅଧାପନ୍ତରିଆ ହୋଇ ପଡିରହିଛି । ସୁଉଚ୍ଚ ଟାଙ୍କି ହେବାର ନାଁ ଗନ୍ଧ ନାହିଁ । ବିଭିନ୍ନ ସମୟରେ ଗ୍ରାମବାସୀ ଏବାବଦରେ ଅଭିଯୋଗ ମଧ କରିଛନ୍ତି । କିନ୍ତୁ କୌଣସି ସୁଫଳ ନମିଳିବାରୁ ବାରି ୱାର୍ଡ ନଂ. ୧୩ ଓ ୧୪ ର ୪୦ରୁ ଉର୍ଦ୍ଧ୍ୱ ମହିଳା ଆଜି ଶୁଳିଆପଦା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଖବର ପାଇ ଶୁଳିଆପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଘଟଣା ସ୍ଥଳରେ ସ୍ଥାନୀୟ ସରପଞ୍ଚ ରାଇମାତ୍ ମୁର୍ମୁ, ପୂର୍ବତନ ସରପଞ୍ଚ ନିନି ସିଂ, ବାରି ୱାର୍ଡ ସଭ୍ୟ ପ୍ରଦୀପ ତୁଙ୍ଗ, କୁସୁମୀ ୱାର୍ଡ ସଭ୍ୟ ଭାସ୍କର ବାରିକ୍, ବଡଶୋଳ ୱାର୍ଡ ସଭ୍ୟ ଗଣେଶ୍ୱର ମହାନ୍ତଙ୍କ ସହିତ ଉପସ୍ଥିତ ମହିଳା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିରେନ୍ଦ୍ର ମହାନ୍ତ ୬୦ ଦିନ ଭିତରେ ନିର୍ମାଣ କାମ ଆରମ୍ଭ କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ମହିଳା ମାନେ ଧାରଣାରୁ ଉଠିଥିଲେ । ଆଗାମୀ ଦିନରେ ନିର୍ମାଣ କାମ ତ୍ୱରିତ ନହେଲେ ମହିଳା ମାନେ ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ।



# ବୁଲା-ବ୍ୟବସାୟୀଙ୍କୁ ମାଡ଼ମାରି ଟଙ୍କା ଲୁଟ୍ ଘଟଣାରେ ୩ ଗିରଫ




ଭଂଜନଗର (ଭାସ୍କର ନ୍ୟୁଜ୍): ଜଣେ ବାହାର ରାଜ୍ୟର ବୁଲା ବ୍ୟବସାୟୀଙ୍କୁ ରାସ୍ତାରେ ମାଡମାରି ନଗଦ ଟଙ୍କା ଓ ମୋବାଇଲ ଛଡ଼ାଇ ନେଲେ ୫ ଦୁର୍ବୃତ୍ତ । ଏହି ଘଟଣାରେ ସଂପୃକ୍ତ ୩ ଯୁବକଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ । ଅନ୍ୟ ୨ ଦୁର୍ବୃତ୍ତ ଘଟଣା ସ୍ଥଳରୁ ଚମ୍ପଟ ମାରିଛନ୍ତି । ଏମିତି ଏକ ଘଟଣା ଘଟିଛି, ଭଂଜନଗର ଥାନା ଅନ୍ତର୍ଗତ ଗୁଣ୍ଡୁରିବାଡି ଗାଁ ନିକଟରେ । ଗତ ୨୯ ତାରିଖ ଦିନ ଉତ୍ତରପ୍ରଦେଶ ମୁରଦାବାଦର ସମୀର ହୁସେନ ନାମକ ଜଣେ ବୁଲା ବ୍ୟବସାୟୀ ନିଜ ମଟର ସାଇକେଲରେ ଲୁଗା ବିକ୍ରି କରିବାକୁ ଯାଉଥିଲେ । ଗୋହିରିବାଡ଼ି ଗ୍ରାମରୁ ଗୁଣ୍ଡୁରିବାଡ଼ି ଆଡ଼କୁ ଯାଉଥିବା ବେଳେ ବାଉଁଶକଟା ଜଙ୍ଗଲ ରାସ୍ତା ନିକଟରେ ୫ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମୁଥ ଗୋଇଠା ମାରିବା ସହ ତା ଠାରୁ ଗୋଟିଏ ମୋବାଇଲ, ନଗଦ ୬ ହଜାର ଟଙ୍କା ଛଡ଼ାଇ ନେଇ ଗୋହିରିବାଡି ଆଡ଼କୁ ଚାଲିଯାଇଥିଲେ । ଏହି ସମୟରେ ସମୀର ହୁସେନ ପାଟି କରି ପିଛା କରିଥିଲେ । ତା ପାଟି ଶୁଣି ସେହି ଗ୍ରାମ ଲୋକ ମାନେ ସେଥି ମଧ୍ୟରୁ ୩ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ଅନ୍ୟ ଦୁଇ ଯୁବକ ଘଟଣା ସ୍ଥଳରୁ ଦୃତଗତିରେ ଚାଲିଯାଇଥିଲେ । ଦ୍ରୁତ ଗତିରେ ଯିବା ସମୟରେ ଏକ ହମ୍ପସ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ତଳେ ପଡ଼ିଯାଇଥିଲେ । ସେଠାରୁ ଜଣେ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଗ୍ରାମବାସୀ ଧରିବାରେ ସକ୍ଷମ ହୋଇଥିଲେ । ଏହି ଘଟଣାରେ ସମୀର ହୁସେନର ଲିଖିତ ଅଭିଯୋଗ ପ୍ରକାରେ ଭଂଜନଗର ଥାନା କେସ ନମ୍ବର ୧୨୬୨/୨୦୨୪ରେ ଏକ ମାମଲା ରୁଜୁ କରି , ଅଭିଯୁକ୍ତ ସମୀର ନାୟକ(୨୨), ଶମ୍ଭୁ ନାୟକ (୨୦) ଏବଂ ବିଷ୍ଣୁ ନାୟକ (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସମସ୍ତ ଅଭିଯୁକ୍ତ ବିଞ୍ଜିଗିରି ଗ୍ରାମର । ଏହି ମାମଲାରେ ୩ ଟି ମଟରସାଇକେଲ ଓ ଦୁଇଟି ମୋବାଇଲ ଜବତ କରାଯାଇଥିବା ନେଇ, ଥାନାଧିକାରୀ କୁମାର ମୁଦୁଲି ସୂଚନା ଦେଇଛନ୍ତି ।

# ବାଙ୍ଗିରିପୋଷିରେ ଦ୍ୱି-ଦିବସୀୟ କ୍ରୀଡାହ୍ସୋବ ଉଦ୍‌ଯାପିତ

ବାରିପଦା, (ଭାସ୍କର ନ୍ୟୁଜ୍): ନେହେରୁ ଯୁବ କେନ୍ଦ୍ର ଓ ଏମ୍.ଆର.ଡି.ସିର ମିଳିତ ଆନୁକୂଲ୍ୟରେ ବାଙ୍ଗିରିପୋଷି ହାଇସ୍କୁଲ ସ୍ଥିତ ଫୁଟବଲ ପଡ଼ିଆରେ ୨୮/୧୨/୨୫ ଓ ୨୯/୧୨/୨୪ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହି କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ବାଙ୍ଗିରିପୋଷି ବ୍ଲକ୍ ସମେତ୍ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ୨୮/୧୨ ରିଖ ଉଦ୍ଘାଟିତ ହୋଇଥିବା ଉକ୍ତ ସମାଜ କଲ୍ୟାଣକାରୀ କ୍ରୀଡ଼ା ପ୍ରତିଯୋଗିତାକୁ, ମା ଶୀତଳା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଖେଳ ଶିକ୍ଷକ ଶ୍ରୀଯୁକ୍ତ ଶିରିଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କ୍ରୀଡାତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ । ଉଦ୍ଘାଟନୀ ଉତ୍ସବରେ ଏମ୍.ଆର.ଡି.ସି ସାମାଜିକ ସଂଗଠନର ପ୍ରତିଷ୍ଠାତା ଶ୍ରୀଯୁକ୍ତ ରବିନ୍ଦ୍ର ନାଥ ସେଠୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡାଃ ନିରୁପମା ପଣ୍ଡା, ସଜସ୍ୱିନୀ ମହାନ୍ତି(ଏନ୍.ଏମ୍), ସମାଜସେବୀ ଶାନ୍ତନୁ କୁମାର ଦାସ, କମ୍ପୁଟର ଶିକ୍ଷକ ରମେଶ ସିଂ, ବାଙ୍ଗିରିପୋଷି ଡ୍ରାଇଭର ସଂଘର ଶ୍ରୀଯୁକ୍ତ ନଟବର ଗିରି,ସର୍ବେଶ୍ୱର ବେହେରା, ସୌମିତ୍ର ରଣା, ନରେନ୍ଦ୍ର ମୁର୍ମୁ, ଗଜେନ୍ଦ୍ର ମୁଣ୍ଡା,ବୁଦ୍ଧିଆ ନାଏକ,ଶରତ ଚନ୍ଦ୍ର ବେହେରା, ହରିଶ୍ଚନ୍ଦ୍ର ନାଏକଙ୍କ ସମେତ ଏମ୍.ଆର.ଡି.ସି ବାଙ୍ଗିରିପୋଷିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୧୨ଟି ଫୁଟ୍‌ବଲ୍ ଦଳ ଅଂଶଗ୍ରହଣ କରିଥିବା ବେଳେ, ୬ଟି ଦଳ ଉନ୍ନୀତ ହୋଇଥିଲେ । ସେହିପରି ପ୍ରଥମ ଦିନରେ ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ରାଜାରାମ ମାଝୀ ପ୍ରଥମ, ରଳିଆ ମୁର୍ମୁ ଦ୍ୱିତୀୟ ଓ ଜଗନ୍ନାଥ ମାରାଣ୍ଡି ତୃତୀୟ ସ୍ଥାନ ଅଧିକାର କରି ବିଜୟୀ ହୋଇଥିଲେ । ଦ୍ୱିତୀୟ ଦିବସ ୨୯/୧୨ ଅର୍ଥାତ୍ ଉଦ୍‌ଯାପନୀ ଦିବସରେ ଡାଃ ଭାର୍ଗବୀ ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କ୍ରୀଡାତ୍ସବର ଶୁଭାରମ୍ଭ କରିଥିଲେ, ଦ୍ୱିତୀୟ ଦିବସର ପ୍ରଥମାର୍ଦ୍ଧରେ ଅନ୍ୟମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ଅଞ୍ଚଳର ସାମ୍ବାଦିକ ଶ୍ରୀଯୁକ୍ତ ଆଲୋକ ସ୍ୱାଇଁ,




ପ୍ରୀତିଶ୍ ମହାନ୍ତ, ବାଙ୍ଗିରିପୋଷିର ପୂର୍ବତନ ଖେଳାଳି ଶ୍ରୀ ହରିଶ୍ଚନ୍ଦ୍ର ନାଏକ୍, ନାରୀନେତ୍ରୀ ଗୌରୀ ନାଏକ୍ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ହଜାର ହଜାର ଦର୍ଶକ ମାନଙ୍କ ଉପସ୍ଥିତି ସହିତ କରତାଳି ଶବ୍ଦ ରେ ପ୍ରୋତ୍ସାହିତ ଖେଳାଳି ମାନଙ୍କର ଖେଳ ଦର୍ଶକ ବିଭୋର ହୋଇ ଉପଭୋଗ କରୁଥିବାର ଅଲୌକିକ ଦୃଶ୍ୟ ମନମୁଗ୍ଧକର ଥିଲା । ଦ୍ୱିତୀୟ ଦିବସର ଦ୍ୱିତୀୟାର୍ଦ୍ଧରେ, ଅର୍ଥାତ୍ ଉଦ୍‌ଯାପନୀ ଉତ୍ସବରେ ପୂର୍ବୀ ଭାରତ ନ୍ୟୁଜ୍‌ର ସମ୍ପାଦକ ତଥା ଓଡିଶାର ପ୍ରତିଷ୍ଠିତ ଛପା ଗଣମାଧ୍ୟମ 'ଓଡିଶା ଭାସ୍କର ଦୈନିକ ଓଡିଆ ଖବରକାଗଜ'ର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି 'ପ୍ରତିମା ବାରିକ' ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ତାଙ୍କର ବକ୍ତୃତା ମାଧ୍ୟମରେ ଆୟୋଜକ ଅନୁଷ୍ଠାନର ଉତ୍ତର ଉତ୍ତର କାମନା ପୂର୍ବକ ଅନୁଷ୍ଠାନକୁ ସାଧୁବାଦ୍ ଜଣାଇବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସେ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ କ୍ରୀଡ଼ା ଦୈନନ୍ଦିନ ଜୀବନରେ ଅଭିନ୍ନ ଅଂଶ, କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ରହିବାର ସହିତ ଚିତ୍ତ ପ୍ରଫୁଲ୍ଲ ଓ ବୁଦ୍ଧି ପ୍ରଖର ହୋଇଥାଏ, ତେଣୁ ପାଠ ପଢିବା ସହିତ ଖେଳକୁଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଇ ଅବସରରେ ଫୁଟବଲ, କବାଡି, ସ୍ଲୋ-ସାଇକଲ୍ ରେସ୍, ବେଡମିଣ୍ଟନ୍, କୁସ୍ତି,୧୦୦ ମିଟର୍ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଫୁଟବଲରେ ଘଟିଡୁବା ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଥିବା ବେଳେ ଆସନା ଦ୍ୱିତୀୟ ସ୍ଥାନ ଅଧିକାର କରି ରନର୍ସ ଅପ୍ ହୋଇଛନ୍ତି । ସମସ୍ତ ବିଜୟୀ ଖେଳାଳି ମାନେ ମଞ୍ଚାସୀନ ଅତିଥିଙ୍କ କର କମଳରୁ ଟ୍ରଫି ସହିତ ମାନପତ୍ର ଗ୍ରହଣ କରିଥିବା ବେଳେ ସମାଜସେବୀ ଶାନ୍ତନୁ ଦାସ ପୁରସ୍କାର ଘୋଷଣା କରିଥିଲେ । ପରିଶେଷରେ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ୟୋକ୍ତା, ସଭାପତି ଶ୍ରୀ ରବୀନ୍ଦ୍ରନାଥ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ପରି ସମାପ୍ତି କରିଥିଲେ । ରବୀନ୍ଦ୍ରନାଥ ସେଠୀଙ୍କର ଏଭଳି ଉଦ୍ୟମକୁ ଜିଲ୍ଲାର ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି, ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି । ସମସ୍ତ ଉଦ୍ୟମୀଙ୍କ ନିଷ୍ଠାପର ଉଦ୍ୟମରେ ଅନୁଷ୍ଠିତ ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଘଟିଡୁବା ଫୁଟ୍‌ବଲ୍ ଦଳ ଚମ୍ପିଆନ ହୋଇଥିଲା । ବାଳିକା ବିଭାଗର ମନ୍ଥର ସାଇକେଲ ଚାଳନାରେ ମନିକା ସିଂ ପ୍ରଥମ, ପାନମଣି ମାରାଣ୍ଡି ଦ୍ୱିତୀୟ, କାପୁରା ମୁର୍ମୁ ତୃତୀୟ ହୋଇଥିଲେ । କବାଡି ବାଳିକା ବିଭାଗରେ ବାଙ୍ଗିରିପୋଷି ଏସଟି ହଷ୍ଟେଲ (ଏ) ପ୍ରଥମ, ବାଙ୍ଗିରିପୋଷି ଏସଟି ହଷ୍ଟେଲ (ବି) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ବାଳକ ବିଭାଗର କୁସ୍ତି ପ୍ରତିଯୋଗିତାରେ କାଟରମାର ଖୁଦେଶ୍ୱର ମୁର୍ମୁ ପ୍ରଥମ, ଆତନା ବେଡାର ଭୀମ ବାନରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଖେଳରେ ସମସ୍ତ ବିଜେତାଙ୍କୁ ଅତିଥିଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା ।

# ରାଶିଫଳ


**ବୁଧବାର, ୦୧ ଜାନୁଆରୀ ୨୦୨୫**



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ନୂତନ କାମ ପାଇବେ । ଆୟ ବୃଦ୍ଧି ପାଇବ, ଖୁସି ହେବ । ନୂତନ ଲୋକ ପରିଚିତ ହେବେ । ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆଇନଗତ ପ୍ରତିବନ୍ଧକ ସାମ୍ନା କରିପାରନ୍ତି । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ବ୍ୟବସାୟ ଭଲ କରିବ ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ । ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଟଙ୍କା ପାଇବା ସହଜ ହେବ । ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ । ଥକ୍କା ଏବଂ ଦୁର୍ବଳତା ହୋଇପାରେ ।




**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ । ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ । ଯାତ୍ରା ଚିତ୍ତାକର୍ଷକ ହେବ । ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି । ରୋଜଗାର ବୃଦ୍ଧି ପାଇବ । ଚାକିରିର ପଦୋନ୍ନତି ସମ୍ଭବ ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ । ଆପଣ ଉତ୍ସାହଜନକ ସୂଚନା ପାଇବେ । ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ । ଅନାବଶ୍ୟକ ଖର୍ଚ୍ଚ ହେବ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ନୂତନ ବନ୍ଧୁ ସୃଷ୍ଟି ହେବ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ ।




**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା । ଅଂଶୀଦାରମାନଙ୍କ ସହଯୋଗ ମିଳିବ । ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ । ପ୍ରଗତିର ରାସ୍ତା ପକ୍କା ହେବ । ରୋଜଗାର ବୃଦ୍ଧି ପାଇବ । ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ବିବାଦ ଭିତରେ ମୁଣ୍ଡ ପୁରାନ୍ତୁ ନାହିଁ ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ । ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ । ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ । ଚାକିରିରେ କୌଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ ।




**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ । ଉତ୍ସାହର ଅଭାବ ରହିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ । ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ ।



**ମକର:** ଲାଭ ସୁଯୋଗ ଆସିବ । ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ । ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ । ଆଇନଗତ ପ୍ରତିବନ୍ଧକ ହଟାଯିବ ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଖୁସି ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ରୋଜଗାର ସହଜ ହେବ ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । ସତସଙ୍ଗର ଲାଭ ହେବ । ତୀର୍ଥଯାତ୍ରା ଯୋଜନା କରାଯିବ । ଅନାବଶ୍ୟକ ଖର୍ଚ୍ଚ ହେବ । ସରକାରୀ ସହାୟତା ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ପୁଂଜି ବିନିଯୋଗ ଶୁଭ ହେବ । ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ । ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ ।



ଶ୍ରୀପତି ଆଚାର୍ଯ୍ୟ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଝାରସୁଗୁଡ଼ା (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲ୍ଲା ନିର୍ମାତା ରାଜ୍ୟ ରାଜନୀତିର ଜଣେ ତୁଙ୍ଗ ନେତା ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ରାଧାକୃଷ୍ଣ ଉନ୍ନୟନ ପରିଷଦ ଖଲିଆକାନୀ ପକ୍ଷରୁ ସକାଳ ୯ ଟା ସମୟରେ ଖଲିଆକାନୀ ଛକ ଠାରେ ସ୍ୱର୍ଗୀୟ କିଶୋର କୁମାର ମହାନ୍ତିଙ୍କ ପ୍ରତି ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆଜିଠାରୁ ପ୍ରତିବର୍ଷ ରାଧାକୃଷ୍ଣ ଉନ୍ନୟନ ପରିଷଦ ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରିବ ବୋଲି ରାଧାକୃଷ୍ଣ ଉନ୍ନୟନ ପରିଷଦର ମୁଖ୍ୟ ସଂଯୋଜକ ମହେନ୍ଦ୍ର ନାୟକ ଜଣାଇଛନ୍ତି । ସ୍ୱର୍ଗତ କିଶୋର ମହାନ୍ତି ମକର ଯାତ୍ରାର ସ୍ୱର୍ଣ୍ଣ ଜୟନ୍ତୀ ୨୦୧୦ରୁ ତାଙ୍କର ଅନ୍ତିମ ସମୟ ପର୍ଯ୍ୟନ୍ତ ମକର ଯାତ୍ରା ରେ ଅଙ୍ଗାଅଙ୍ଗୀ ଭାବେ ଜଡିତ ଥିଲେ । ଖଲିଆକାନୀର ଚତୁଃପାର୍ଶ୍ୱରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ କରାଇଥିଲେ। ଏହି ପୁଷ୍ପମାଲ୍ୟ ଅର୍ପଣ ସମୟରେ ରାଧାକୃଷ୍ଣ ଉନ୍ନୟନ ପରିଷଦ ପୂର୍ବତନ ସଭାପତି ଚୈତନ୍ୟ ପ୍ରଧାନ, ସଭାପତି କ୍ଷିରୋଦ ପ୍ରଧାନ, ସମ୍ପାଦକ ଲରେନ୍' ପ୍ରଧାନ, ଗଙ୍ଗାଧର ଭୋଇ, ପୂର୍ବତନ ସମ୍ପାଦକ ଲଳିତ ସା, ପବିତ୍ର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳିକା ଯାଜ୍ଞସେନୀ ଓରାମ, ଟାଉନ ମହିଳା ସଭାପତି ନଳିନୀ ପ୍ରଧାନ, କୁମୁଦିନୀ ଗରୁଡ଼, ମନୋରମା ସାହୁ, ରୁକ୍ମଣୀ ସୁନା, ସ୍ମୃତିରକ୍ଷା ସେନାପତି,ଉପସଭାପତି କୁଳମଣି ଦାସ, ଚିନ୍ତାମଣି ଦାସ, କୁଳମଣି ପରିଡା, ପୂର୍ବତନ ଜିଲ୍ଲା ସଭାପତି ମାତାଦିନ ମୁନ୍ଦଡା , ପ୍ରଭାତୀ ଗଡନାୟକ, କାଳିଆ ବିଶି ପ୍ରକାଶ ରାୟ, ନୃପ ତାଣ୍ଡି, ଅବତାର ସିଂହ, କୃଷ୍ଣ ତ୍ରିପାଠୀ, କ୍ଷୀରୋଦ ରାଉତ, ଭାନୁ ସିଂହ, ଗୋବିନ୍ଦ ସାହୁ, ରବି ନାରାୟଣ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣଦୀପ ସମ୍ପାଦନା ପାଇଁ 'ବାନରସେନା ସମ୍ମାନ'



ବରଗଡ଼ ( ଭାସ୍କର ନ୍ୟୁଜ): ପିଲାଙ୍କ ଖବରକାଗଜ 'ବାନରସେନା' ର ସଫଳତମ ପ୍ରକାଶନର ୩୭ ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ୨୦୨୪ କୋଣାର୍କ ସ୍ଥିତ ଯାତ୍ରୀ ନିବାସଠାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। 'ବାନରସେନା'ର ସଂପାଦକ ଅତିଥି ପରିଚୟ ଦେବା ସହ ଖବରକାଗଜର ଗତିପ୍ରଗତି ଓ ଶିଶୁସାହିତ୍ୟର ଭୂମିକା ଉପରେ ଆଲୋକପାତ କରିଥିଲେ । ବରଗଡରୁ ପ୍ରକାଶ ପାଉଥିବା 'ଯୁଗୋପଯୋଗୀ ସୁବର୍ଣ୍ଣଦୀପ'ର ୩୧ ବର୍ଷ ସମ୍ପାଦନା ପାଇଁ ସଂପାଦକ ପ୍ରଦୀପ୍ତଭାନୁ ମହାନ୍ତି ଓ ବରିଷ୍ଠ ଶିଶୁସାହିତ୍ୟିକ କୁଞ୍ଜବିହାରୀ ସାହୁଙ୍କୁ (ଧନୁଯାତ୍ରା ର ବିଶେଷ ଲେଖା ଓ ଅନ୍ୟ ରଚନା ) ପାଇଁ ମାନପତ୍ର, ଉତ୍ତରୀୟ, ଫଳକ ଓ ଫୁଲତୋଡା ପ୍ରଦାନ ପୂର୍ବକ 'ବାନରସେନା ସାରସ୍ୱତ ସମ୍ମାନ-୨୦୨୪' ରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସରୋଜ କୁମାର ସାମଲ ସମ୍ମାନିତ କରିଥିଲେ । ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ବାହିନୀ ପତି ସଭାପତିତ୍ୱ କରିଥିଲେ । ଏଥିପାଇଁ ବରଗଡ଼ ଜିଲ୍ଲା ର ଶିଶୁ ସାହିତ୍ୟିକ ଓ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି ।

## ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

ଉମରକୋଟ:(ଭାସ୍କର ନ୍ୟୁଜ୍): ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ଯୁବକ ଜଣକ ହେଲେ ଉମରକୋଟ ବ୍ଲକ ଅନ୍ତର୍ଗତ ତିଲୋଣ୍ଡି ଗ୍ରାମର ଫଗୁନୁ ଜାନି(୨୩)। ମିଳିଥିବା ସୂଚନା ଅନୁସାରେ ଫଗୁନୁ ଦିନ ୩ ଟା ସମୟରେ ଖାଇସାରି ବାଇକ୍ ଧରି ବୁଲିବାକୁ ଯାଇଥିଲେ। ଏହି ସମୟରେ ତିଲୋଣ୍ଡି ଗ୍ରାମ ନିକଟରେ ଏକ ଗଛରେ ଭାରସାମ୍ୟ ହରାଇ ପିଟି ହୋଇ ଯାଇଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଫଗୁନୁ କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତରଖାନାରେ ଡାକ୍ତର ଫଗୁନୁକୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ପରିବାର ଲୋକଙ୍କ ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇନଥିଲା ।

# ଦେଶୀ ଡଙ୍ଗାରେ ବିପଦପୂର୍ଣ୍ଣ ଯାତ୍ରା


ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ୍): ଇନ୍ଦ୍ରାବତୀ ଜଳଭଣ୍ଡାର ଆରପାରିରେ ରହିଛି କିଛି ଗ୍ରାମ । ଏଠାରେ ବିସ୍ଥାପିତ ହୋଇ ରହିଛନ୍ତି କିଛି ଗ୍ରାମବାସୀ । ଦେଶ ସ୍ୱାଧୀନ ହୋଇ ସାତ ଦଶନ୍ଧି

- ବାଜିରେ ଲାଗିଛି ଜୀବନ
- ଦୁଃଖ ଭୋଗୁଛନ୍ତି ୫ଖଣ୍ଡ ଗାଁର ଲୋକେ



ହୋଇ ଯାଇଥିଲେ ମଧ୍ୟ ଆଜି ବି ଅଭିଶପ୍ତ ଜୀବନ ଯାପନ କରୁଛନ୍ତି ବିସ୍ଥାପିତ ଅଞ୍ଚଳବାସୀ । ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଯାଇଛନ୍ତି। ବଞ୍ଚିବା ପାଇଁ ଆଜିବି ଜୀବନକୁ ବାଜି ଲଗାଇ ଜଳଭଣ୍ଡାର ମଧ୍ୟରେ ଦେଶୀ ଡଙ୍ଗାରେ ଯାତାୟାତ କରିବାକୁ ପଡୁଛି ଏମାନଙ୍କୁ। ଦେଶୀ ଡଙ୍ଗାରେ ପାର ହୋଇ ନିତ୍ୟ ବ୍ୟବହାର ଜିନିଷ କିଣିବା, ଶିକ୍ଷା, ସ୍ୱାସ୍ଥ୍ୟସେବା, ବ୍ୟାଙ୍କ, ଭତ୍ତା ଟଙ୍କା ପାଇବା ଓ ପଞ୍ଚାୟତ ସମିତି କାର୍ଯ୍ୟ ଥିଲେ ଦେଶୀ ଡଙ୍ଗା ପାର ହୋଇ ତେନ୍ତୁଳି ଖୁଣ୍ଟି କିମ୍ବା ଇନ୍ଦ୍ରାବତୀ ସହର କୁ ଆସିବାକୁ ପଡୁଛି ବିସ୍ଥାପିତ ପରିବାରର ଲୋକଙ୍କୁ । ପ୍ରତିଦିନ ବିସ୍ଥାପିତ ପରିବାର ଜୀବନକୁ ବାଜି ଲଗାଇ ଜଳଭଣ୍ଡାର ପାର ହେଉଛନ୍ତି। ଅନେକଥର ଏହି ଯାତ୍ରା ସମୟରେ ଅଘଟଣ ଘଟି ବହୁ ଲୋକଙ୍କ ଜୀବନ ଯାଇଛି । ତଥାପି ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ଇନ୍ଦ୍ରାବତୀ ଜଳଭଣ୍ଡାର ଅପରପାର୍ଶ୍ୱରେ ରହୁଥିବା ୫ଖଣ୍ଡ ଗ୍ରାମବାସୀଙ୍କୁ ବାଧ୍ୟ ହୋଇ ବିପଦପୂର୍ଣ୍ଣ ଭାବେ ଜଳଭଣ୍ଡାରରେ ପାରହେବାକୁ ପଡୁଛି। ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀ ଜଳଭଣ୍ଡାର ଅପରପାର୍ଶ୍ୱରେ ରହିଛି ଟାଙ୍ଗନିକୋଟ, ବାକ୍ରା, ଗୁରୁମାଇଗୁଡା, ତଳଙ୍ଗ ଓ ଝଲାଗୁଡ଼ା ଗାଁ ପୂର୍ବରୁ ସମସ୍ତେ ଇନ୍ଦ୍ରାବତୀ ନଦୀ ଅପରପାର୍ଶ୍ୱରେ ରହୁଥିଲେ। ୧୯୯୫ ମସିହାରେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ପାଣି ଗଚ୍ଛିତ ହେବାପରେ ଜଳଭଣ୍ଡାର ଅପରପାର୍ଶ୍ୱରେ ରହୁଥିବା ଏହି ପାଞ୍ଚ ଖଣ୍ଡ ଗାଁକୁ ଜଳଭଣ୍ଡାର ମଧ୍ୟରେ ଦୂରତା ବୃଦ୍ଧି ପାଇଥିଲା। ସେହିଦିନ ଠାରୁ ଏହି ପାଞ୍ଚଟି ଗ୍ରାମର ଶତାଧିକ ପରିବାର ଜଳଭଣ୍ଡାର ମଧ୍ୟରେ ଟାଙ୍ଗନିକୋଟରେ ୩୫ଟି ପରିବାରର ୧୬୩ ଜଣ, ବାଗ୍ରା ଗ୍ରାମରେ ୩୩ଟି ପରିବାର ୧୩୦ଜଣ,ଗୁରୁମାଇଗୁଡ଼ାରେ ୬୫ଟି ପରିବାରର ୩୦୦ ଜଣ, ତଳଙ୍ଗ ଗ୍ରାମରେ ୩୫ଟି ପରିବାରରେ ୧୩୩ ଜଣ ଏବଂ ଝଲାଗୁଡ଼ା ଗ୍ରାମରେ ୭ଟି ପରିବାରର ୩୫ ଜଣ ବସବାସ କରୁଛନ୍ତି। ସମସ୍ତେ ଦୈନିକ ମଜୁରୀ,ଡଙ୍ଗର ଚାଷ ଏବଂ ମାଛ ଧରି ଜୀବିକା ନିର୍ବାହ କରୁଛନ୍ତି। ଆଉ କିଛି ପରିବାର ଜଙ୍ଗଲଜାତ ଦ୍ରବ୍ୟସଂଗ୍ରହ କରି ଚଳୁଛନ୍ତି। ଜୀବିକା ଏବଂ ଦୈନନ୍ଦିନ ଚଳଣି ସହିତ ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟ କାର୍ଯ୍ୟ ପାଇଁ ଏହି ୫ଖଣ୍ଡ ଗ୍ରାମବାସୀ ମଞ୍ଚାଗାଁ ପଞ୍ଚାୟତ କାର୍ଯ୍ୟାଳୟ ଓ ତେନ୍ତୁଳିଖୁଣ୍ଟି ବ୍ଲକ ଉପରେ ନିର୍ଭର କରୁଛନ୍ତି। ରୋଗୀ ତଥା ଗର୍ଭବତୀଙ୍କୁ ଦେଶୀ ଡଙ୍ଗାରେ ପାର କରି ତେନ୍ତୁଳି ଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି । ଏହିପରି ବିପଦପୂର୍ଣ୍ଣ ଯାତ୍ରା ସମୟରେ ଅଘଟଣ ଘଟି ଜନଜୀବନ ଯାଉଛି । ଚଳିତ ବର୍ଷ ଡଙ୍ଗା ବୁଡି ଜଣେ ବୃଦ୍ଧ ନିଖୋଜ ହୋଇ ଯାଇଛନ୍ତି । ଯାହାର ଖୋଜ ଖବର ଆଜି ପର୍ଯ୍ୟନ୍ତ ମିଳି ପାରିନାହିଁ ।ସେହିପରି ଗତବର୍ଷ ଡଙ୍ଗାବୁଡି ୩ଜଣଙ୍କ ମୃତ୍ୟୁ ହୋଇଥିଲା । ଗତ କିଛିବର୍ଷ ମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ବିସ୍ଥାପିତଙ୍କ ଜୀବନ ଯାଇଛି । ତଥାପି ବିସ୍ଥାପିତଙ୍କ ସୁରକ୍ଷା ପାଇଁ ପ୍ରଶାସନ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି କୌଣସି ସ୍ଥାୟୀ ବ୍ୟବସ୍ଥା କରୁନାହାଁନ୍ତି ।କେବଳ ଇନ୍ଦ୍ରାବତୀ ବିସ୍ଥାପିତ ନୁହେଁ ପଡୋଶୀ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ଲୋକେ ମଧ୍ୟ ଦେଶୀ ଡଙ୍ଗାରେ ପାରହୋଇ ତେନ୍ତୁଳି ଖୁଣ୍ଟି ବ୍ଲକ ଓ ଇନ୍ଦ୍ରାବତୀ ସହରକୁ ଆସି ଥାନ୍ତି ।ତେଣୁ ପୋଡାଗଡ,କେନ୍ଦୁଗୁଡା ବାରିଆଘାଟ, ଢେପଗୁଡା ଘାଟକୁ ଯାତାୟାତ କରିବା ପାଇଁ ସୁରକ୍ଷିତ ବ୍ୟବସ୍ଥା ହେଲେ ବିସ୍ଥାପିତ ଉପକୃତ ହେବା ସହ ଦୁର୍ଘଟଣାରୁ ବଂଚିତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ■ ସାହୁ ଭାଉଜଙ୍କ ଅଶ୍ଳୀଳ ନୃତ୍ୟ ଘଟଣା ତଦନ୍ତ ଆରମ୍ଭ କଲା ମାଲକାନଗିରି ପୋଲିସ



ମାଲକାନଗିରି,(ଭାସ୍କର ନ୍ୟୁଜ୍): ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ନିଜ ତରଫରୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ମାଲକାନଗିରି ପୋଲିସ। ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିବା ଯୁବତୀ ଜଣକ ସାହୁ ଭାଉଜ ନାମରେ ପରିଚିତ। ତାଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ଯାତ୍ରା ଆୟୋଜକ କୋତାମେଟା ଆୟୋଜନ କମିଟି ନାଁରେ ମଧ୍ୟ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ ମାଲକାନଗିରି ସଦର ଥାନା ଅନ୍ତର୍ଗତ କୋତାମେଟାରେ ଚାଲିଥିବା ଅପେରାରେ ଗତ ୨୮ ତାରିଖରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରୁଥିବା ଭାଗ୍ୟଶ୍ରୀ ସାହୁ ତଥା ବହୁ ଚର୍ଚ୍ଚିତ ସାହୁ ଭାଉଜ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ତେବେ ଏହି ସମୟରେ ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ମଧ୍ୟ ଅପେରା ମଞ୍ଚ ନିକଟରେ ଉପସ୍ଥିତ ରହି ଏହାକୁ ଦେଖିଥିଲେ। ଏଭଳି ଅଶ୍ଳୀଳ ନୃତ୍ୟ ବିରୋଧରେ ସେ ସ୍ୱର ଉଠାଇବା ବଦଳରେ ନୃତ୍ୟକୁ ଅତି ନିକଟରୁ ଦେଖିଥିଲେ। ଯାହାକୁ ନେଇ ପୋଲିସ ପକ୍ଷରୁ ନିଜ ଆଡୁ ଏକ ମାମଲା ରୁଜୁ କରି ବିଏନଏସ୍ ଧାରା ୨୯୬ରେ ଭାଗ୍ୟଶ୍ରୀ ସାହୁଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବେଳେ ଯାତ୍ରା କମିଟି ନାମରେ ମଧ୍ୟ ମାମଲା ରୁଜୁ କରାଯାଇଛି। ସେହିପରି ମାଥିଲି ଥାନା ଅଧିକାରୀଙ୍କ ବିରୋଧରେ ମଧ୍ୟ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଏସଡିପିଓ ଏହି ମାମଲାର ତଦନ୍ତ ଆରମ୍ଭ କରିଥିବା ବେଳେ ଏପରି ଅଶ୍ଳୀଳ ନୃତ୍ୟ ଉପରେ ରୋକ ଲଗାଇବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

## ତାଲାପକାଇ ଧାରଣାରେ ବସିଲେ ଅଧ୍ୟକ୍ଷା ଓ କାଉନସିଲର



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି ପୌର ଅଧ୍ୟକ୍ଷା ଓ କାଉନସିଲର। ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲା ପୌର କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଅଭାବରୁ ଅନେକ ଲୋକଙ୍କ କାର୍ଯ୍ୟ ହୋଇ ପାରୁନାହିଁ । ସେହିଭଳି ଜଣେ କନିଷ୍ଠ ଯନ୍ତ୍ରୀ ରହିଥିବା ବେଳେ ସହରର ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ ଏବଂ ସ୍ଥାୟୀ ସହକାରୀ ଯନ୍ତ୍ରୀ ନଥିବାରୁ ଠିକାଦାରଙ୍କ କାର୍ଯ୍ୟ ସାରିବା ପରେ ମଧ୍ୟ ସେମାନଙ୍କ ବିଲ ମେଜରମେଣ୍ଟ ହୋଇପାରୁ ନାହିଁ। ପୌରାଞ୍ଚଳର ଅନେକ ନାଳ ନର୍ଦ୍ଦମା ରାସ୍ତା ଖରାପ ହୋଇ ପଡିଛି,ପରିଷଦରେ ଟଙ୍କା ଥିଲେ ମଧ୍ୟ ନୂତନ ଟେଣ୍ଡର ହୋଇ ପାରୁ ନାହିଁ,ଅନ୍ୟପଟେ ଗତ ଏକ ବର୍ଷରେ ଏକାଧିକ ଥର ପୌର ନିର୍ବାହୀଙ୍କ ବଦଳି ଯୋଗୁଁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ମତ ପ୍ରକାଶ କରିଛନ୍ତି ଅଧ୍ୟକ୍ଷା ଓ କାଉନସିଲର। ଜିଲ୍ଲାପାଳଙ୍କୁ ଯାଇ ସମସ୍ୟା ବିଷୟରେ କହିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଉମରକୋଟ ପ୍ରତି ଧ୍ୟାନ ଦେଉନାହାନ୍ତି ।ତେଣୁ ଆମେ ବାଧ୍ୟ ହୋଇ ତାଲା ପକାଇ ଧାରଣାରେ ବସିଛୁ ବୋଲି କହିଛନ୍ତି। ସରକାର ଓ ଜିଲ୍ଲା ପ୍ରଶାସନ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ନିଯୁକ୍ତି ନଦେବାଯାଏଁ କାର୍ଯ୍ୟାଳୟରେ ତାଲା ପଡି ରହିବ ଓ ଆମେ ଧାରଣାରେ ବସି ରହିବୁ ବୋଲି କହିଛନ୍ତି ଲୋକ ପ୍ରତିନିଧି। ଘଟଣାକୁ ନେଇ ପୌର ନିର୍ବାହୀ ଅଧିକାରୀ କହିଛନ୍ତି ମୁଁ ଧାରଣାରେ ବସିଥିବା ଲୋକ ପ୍ରତିନିଧିଙ୍କୁ ବୁଝାସୁଝା କରିଛି, କିନ୍ତୁ ସେମାନେ ବୁଝୁନାହାନ୍ତି। ଅନ୍ୟପଟେ ଜିଲ୍ଲା ପ୍ରଶାସନକୁ ଅବଗତ କରିଛି ସେମାନେ ଯାହା ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୟନ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀ ବିଦ୍ୟାର୍ଥୀ ପରିଷଦର ୪୯ ତମ ରାଜ୍ୟ ଅଧିବେଶନରେ ଗଜପତି ଜିଲ୍ଲାର ଦୀପକ ରଞ୍ଜନ ମହାପାତ୍ର ଓ ଚେତନା ପାଢ଼ୀଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ଚୟନ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ଅଗକୁ ହେବାକୁ ଯାଉଥିବା କଲେଜ୍ ଇଲେସନରେ କିଭଳି ଭାବେ ଏବିଭିପିର ବିଶାଳ ବିଜୟ ହୋଇ ପାରିବ ଓ ରାଜ୍ୟର ଶିକ୍ଷାର ପରିବର୍ତ୍ତନ ଅଣାଯାଇ ଛାତ୍ରଛାତ୍ରୀଙ୍କୁ ଏହାର ସୁଫଳ ଯୋଗାଇ ଦିଆଯିବ ସେ ଦିଗରେ ଯତ୍ନବାନ ହେବେ। କଟକରେ ବିଗତ ୨୬,୨୭,୨୮ ଧରି ଚାଲିଥିବା ରାଜ୍ୟ ଅଧିବେଶନରେ ଜିଲ୍ଲାରୁ ଦୁଇଜଣଙ୍କୁ ବଛାଯାଇଛି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ଲକ ସଭା ଗୃହ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବଲାଙ୍ଗିର

### ୫୨ଟି ଅଭିଯୋଗର ଫୈସଲା



ଜିଲ୍ଲାପାଳ ଗୌରବ ଶିବାଜୀ ଇସାଓ୍ୱାଲ ଓ ଆରକ୍ଷୀ ଅଧିକ୍ଷକ ରିଶିକେସ ଖିଲାରି, ଏପିଡି ତରଣିସୁନା, ପାଟଣାଗଡ଼ ଉପଜିଲ୍ଲାପାଳ ସୁନିଲ କୁମାର ମେହେର ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ୪୧ଟି ବ୍ୟକ୍ତିଗତ ଓ ଗୋଷ୍ଠିଗତ ଅଭିଯୋଗର ଶୁଣାଣି କରିଥିବା ବେଳେ ୧୧ଟି ଆବାସ ଗୃହ ଉପରେ ଅଭିଯୋଗ ଶୁଣାଣି କରିଥିବା ଜଣାଯାଇଛି। ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ୍ ହୋତା, ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ,ଏ ଡି ପି ଆର୍ ଓ ସରୋଜ କୁମାର ମେହେର, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ଦେଶୀ ମଦ ଓ ପୋଚ ଜବତ, ୨ଗିରଫ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): କୋଷାଗୁମୁଡା ବ୍ଲକର ଯାନୀଗୁଡ଼ା, କଟ୍ରିଗୁଡା,ଚିର୍ମା ଅଞ୍ଚଳରେ କୋଡ଼ିଙ୍ଗା ଅବକାରୀ ବିଭାଗ ଚଢଉ କରି ବିପୁଳ ପରିମାଣରେ ଦେଶୀ ମଦ ଓ ମହୁଲ ପୋଚ ଜବତ କରି ନଷ୍ଟ କରିବା ସହ ଦୁଇ ଅଭିଯୁକ୍ତକୁ ଗିରଫ କରିଛି। ନବରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୋବାଇଲ ୟୁନିଟ ଇନ୍ସପେକ୍ଟର ବୃନ୍ଦାବନ ମଣ୍ଡଳ, କୋଡ଼ିଙ୍ଗା ଅବକାରୀ ଏସ ଆଇ ଶ୍ରୀ ଦେଶରାଜ ସୁନା, ଏ ଏସ ଆଇ, ହଳଧର ଯାନୀ, ରଞ୍ଜିତ ସିଂ, ଦେବେନ୍ଦ୍ର ସମରଥ, ରୀନା ବଡ଼ ନାୟକଙ୍କ ଉପସ୍ଥିତିରେ ଚଢ଼ାଉ ହେଇଥିଲା। ଚଢଉ ସମୟରେ ପ୍ରଥମେ କଟ୍ରିଗୁଡାର ଶିବ ସାନ୍ତା ଓ ଚିର୍ମା ଗାଁର ଜଳଧର କେଉଟଙ୍କୁ ଗିରଫ କରାଯାଇଥିବାବେଳେ ଜାନୀଗୁଡା ଗାଁ ରୁ ପ୍ରାୟ ୪୯୫ଲିଟର ରନ୍ଧା ମଦ ଓ ୪୮୮୦ ଲିଟର ମହୁଲ ପୋଚକୁ ଜବତ କରି ନଷ୍ଟ କରିଦିଆଯାଇଛି । ସେଭଳି ଚିର୍ମା ଗାଁ ଠାରେ ପ୍ରାୟ ୨୩୦ଲିଟର ଦେଶୀ ମଦ ଓ ପ୍ରାୟ ୧୮୦୦ ଲିଟର ମଦ ପୋଚକୁ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। ଅତର୍କିତ ଅବକାରୀ ବିଭାଗର ଚଢଉରେ କିଛି ମଦ ବେପାରୀ ରଣଛତ୍ର ଦେଇ ପଳାୟନ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ଦୁଇଗୋଟି ମାମଲା ରୁଜୁ କରି ଦୁଇ ଅଭିଯୁକ୍ତକୁ ନବରଙ୍ଗପୁର କୋର୍ଟଚାଲାଣ କରାଯାଇଛି । ଆଗକୁ ଏହି ଚଢଉ ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ୨୭ଟି ଅଭିଯୋଗ ଶୁଣିଲେ

କୋଲନରା/ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ କୋଲନାରା ପଞ୍ଚାୟତ ସମିତି ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାରୁଲ ପାଟଓ୍ୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ,ଆରକ୍ଷୀ ଅଧିକ୍ଷକ, ସ୍ୱାତି ଏସ କୁମାରୀ, ଖଣ୍ଡିୟ ବନ ଅଧିକାରୀ ସଚିନ ଆହ୍ମାସାହେବ ଓ୍ୱହଲେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ ,ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ,ଚନ୍ଦ୍ରକାନ୍ତ ମାଝୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲ ମୋହନ ରାଉତରାୟ , ପଞ୍ଚାୟତ ସମିତି ଅଧ୍ୟକ୍ଷା ସଂଯୁକ୍ତା କୁଲେସିକା, ପଂଚାୟତ ସମିତି ଉପାଧ୍ୟକ୍ଷ ହଳଧର ହିମିରିକା ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୨୭ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୧୦ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୫ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଓ ୨ ଟି ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କିତ ଥିଲା । ଏହି ଅଭିଯୋଗ ଶିବିରରେ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ରୀନା ପ୍ରଧାନ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଭଜନଲାଲ ମାଝୀ , ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ମଳୟ କୁମାର ଚୀନର , ଏ ପି ଡି ଓ୍ୱାଟରସେଡ ରାଜେନ୍ଦ୍ର ନାଥ ନାୟକ , ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି, ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ,ଜିଲ୍ଲା ଜରୁରୀକାଳୀନ ଅଧିକାରୀ , ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ,ଓଡିଶା ଜୀବିକା ମିଶନର ଡିପିଏମ ଶଙ୍କର ଚାଲାନ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଦିବାସୀ ବର୍ଗ ଅଣଆଦିବାସୀଙ୍କୁ ଜଙ୍ଗଲ ଜମି ବିକ୍ରି କରୁଥିବା ଅଭିଯୋଗ

କନ୍ଧମାଳ(ଭାସ୍କର ନ୍ୟୁଜ୍): ସରକାର ଆଦିବାସୀ ବର୍ଗଙ୍କୁ ଜଙ୍ଗଲ ଜମି ପ୍ରଦାନ କରି ସେମାନଙ୍କୁ ନିଜ ପରିବାର ସହ ସଶକ୍ତ ହେବାର ସୁଯୋଗ ଦେଉଥିବା ବେଳେ ଲୋକ କିନ୍ତୁ ଜଙ୍ଗଲ ଜମି ଗୁଡ଼ିକୁ ବିଭିନ୍ନ ଅଣ ଆଦିବାସୀଙ୍କୁ ବିକ୍ରି କରି ଦେଉଛନ୍ତି । କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ତହସିଲ ଅଞ୍ଚଳରେ ଏଭଳି ଜଙ୍ଗଲ ଜମି କିଣାବିକା ଚାଲିଛି। ଆଉ ମୁଖ୍ୟକରି ଦାରିଙ୍ଗବାଡ଼ି ମୌଜାରେ ପ୍ରଦାନ କରାଯାଇଥିବା ଜଙ୍ଗଲ ଜମି ଗୁଡ଼ିକ ଅଧିକାଂଶରେ ବିକ୍ରି କରାଯାଇଛି। ଯେଉଁଥିରେ ଅଣ ଆଦିବାସୀ ବର୍ଗ ଜଙ୍ଗଲ ଜମିରେ କୋଠା ଉପରେ କୋଠା ନିର୍ମାଣ କରି ଏବେ ସେଠି ରହିଆସୁଛନ୍ତି। ତେବେ ଏ ସବୁ ଜମି ଗୁଡ଼ିକ ବେଆଇନ ଭାବେ ଆଦିବାସୀ ବର୍ଗ ଅଣ ଆଦିବାସୀଙ୍କୁ ବିକ୍ରି କରୁଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି କଟକଣା ଲାଗୁ କରାଯାଉନାହିଁ। ଏଭଳି ଭାବେ ଦାରିଙ୍ଗବାଡ଼ିରେ ଅଣ ଆଦିବାସୀ ବର୍ଗ କମ୍ ମୂଲ୍ୟରେ ଜଙ୍ଗଲ ଜମି କିଣି ବଜାର ଅଞ୍ଚଳରେ ରହିବାର ସୁଯୋଗ ପାଇପାରୁଥିବାରୁ ସେମାନେ ମଧ୍ୟ ଧୀରେ ଧୀରେ ବିଭିନ୍ନ ଜଙ୍ଗଲ ଜମିକୁ କ୍ରୟ କରିବାରେ ଲାଗିପଡ଼ିଛନ୍ତି। ଆଉ ମିଳିଥିବା ସୂଚନା ଆଧାରରେ କେବଳ ଦାରିଙ୍ଗବାଡ଼ି ମୌଜାରେ ହିଁ ପୂର୍ବରୁ ୨୪୨ ଜଣ ଜଙ୍ଗଲ ଜମି ପାଇଁ ଆବେଦନ କାରିଥିବା ବେଳେ ଆଜି ସୁଦ୍ଧା ୫୯ ଜଣଙ୍କୁ ଜଙ୍ଗଲ ଜମିରେ ପଟ୍ଟା ପ୍ରଦାନ କରାଯାଇପାରିଛି। ବାକି ୧୮୩ ଜଣଙ୍କୁ ପ୍ରଶାସନ ଦେବ ଦେବ କହି ବର୍ଷ ପରେ ବର୍ଷ ଗଡ଼ାଇ ଚାଲିଛନ୍ତି। ସେପଟେ ଯେ ଆହୁରି ପାଖାପାଖି ୩୦୦ ଜଣ ନୂତନ ଆବେଦନକାରୀ ଦାରିଙ୍ଗବାଡ଼ି ମୌଜାରେ ସୃଷ୍ଟି ହେଲେଣି। କିନ୍ତୁ ବହୁ ଯୋଗ୍ୟଙ୍କୁ ଜଙ୍ଗଲ ଜମିରେ ପଟ୍ଟା ମିଳିପାରୁନଥିବା ବେଳେ ଯାହା କିଛି ଆଦିବାସୀ ବର୍ଗଙ୍କୁ ଜଙ୍ଗଲ ଜମି ମିଳିଛି। ସେ ସବୁ ବିକ୍ରି ଭଟା ହୋଇସାରିଛି। ଏଣୁ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇଁ ରହିଥିବା କଟକଣା ଗୁଡ଼ିକ ଲାଗୁ କରାଯାଇ । ଏ ଦିଗରେ ତଦନ୍ତ ହେବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ ହୋଇ ପଡିଛି ବୋଲି ଜନସଧାରଣରେ ଦାବି ହେଉଛି !

## ରାଜ୍ୟସ୍ତରୀୟ ଆଇନଜୀବୀ ସମ୍ମିଳନୀ ଉଦ୍‌ଯାପିତ 'ସାଧାରଣ ଜନତାଙ୍କ ନ୍ୟାୟ ଉପରେ ଗୁରୁତ୍ୱାରୋପ'



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରିରେ ଚାଲିଥିବା ଓଡିଶା ଆଇନଜୀବୀ ସଂଘର ୫୩ତମ ରାଜ୍ୟସ୍ତରୀୟ ସମ୍ମିଳନୀ ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ଲୟର୍ସ ଆସୋସିଏସନ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଅଜିତ କୁମାର ପାଣିଗ୍ରାହୀ, ମନୋରଞ୍ଜନ ମହାନ୍ତି, ବାର୍ କାଉନସିଲ ସଭ୍ୟ ରମେଶ ପାତ୍ର, ବିଭୁ ପ୍ରସାଦ ତ୍ରିପାଠୀ, ନବରଙ୍ଗପୁର ସଂଘ ସଭାପତି ନରସିଂହ ତ୍ରିପାଠୀ, ରାୟଗଡା ସଂଘ ସଭାପତି ପଦ୍ମନାଭ ଦାସ, ଜୟପୁର ସଂଘ ସଭାପତି ମୁନା ସିଂ ଲାଲ,ମାଲକାନଗିରି ସଂଘ ସଭାପତି ନୃସିଂହ ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ମହାପାତ୍ର ମାଲକାନଗିରିର ଇତିହାସ ସମ୍ବନ୍ଧରେ ବକ୍ତବ୍ୟ ଦେବା ସହ ବାରିଷ୍ଟର ମଧୁସୂଦନ ଦାସଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ତାଙ୍କ ଆଇନ ସମ୍ବନ୍ଧୀୟ ଜ୍ଞାନ ଏବଂ ଗଣତନ୍ତ୍ରରେ ଆଇନକୁ କିପରି ସୁଚାରୁ ରୂପେ ପାଳନ କରାଯିବ ଏବଂ ସାଧାରଣ ଜନତା କିପରି ନ୍ୟାୟ ପାଇବେ ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ମାଲକାନାଗିରି ଜିଲ୍ଲାରେ ଏପରି ରାଜ୍ୟ ସ୍ତରୀୟ ସମ୍ମିଳନୀ ନିଶ୍ଚିତ ଭାବେ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କ ଉପରେ ପ୍ରଭାବ ପକାଇବା ସହ ଆଗାମୀ ଦିନରେ ଦୁଇଟି ସଂଘ ଏକତ୍ରିତ ହୋଇ ଏଭଳି ସମ୍ମିଳନୀ କଲେ ତାହା ନିଶ୍ଚିତ ଭାବେ ଲୋକାଭିମୁଖୀ ହେବ। ଆଇନଜୀବୀମାନେ ନିଷ୍ପାର ସହ କାର୍ଯ୍ୟକରି ସାଧାରଣ ଜନତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା, ଜଣେ ନିର୍ଦ୍ଦୋଷୀ ଦଣ୍ଡ ନ ପାଇ ପ୍ରକୃତ ଦୋଷୀ ଯେପରି ଦଣ୍ଡ ପାଇବ ସେଥିପ୍ରତି ନିଜର ଜ୍ଞାନ କୌଶଳ ଅଦାଲତରେ ଉପସ୍ଥାପନ କରିବା ବ୍ୟକ୍ତି ହିଁ ସୁନାମଧନ୍ୟ ଆଇନଜୀବୀ ଭାବେ ପରିଚିତ ହେବେ। ମୁଖ୍ୟ ଅତିଥି ମହାପାତ୍ରଙ୍କୁ ଜିଲ୍ଲା ଆଇନଜୀବୀ ସଂଘ ତରଫରୁ ସମ୍ମାନିତ କରାଯାଇଥିଲା। ପରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସଭାପତି, ସାମାଜିକ କର୍ମୀ ବିଭିନ୍ନ ସଂଗଠନ କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଜିଲ୍ଲାର ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର ଏବଂ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ସଭାପତି ଦେବପ୍ରସାଦ ଦାସ, ବରିଷ୍ଠ ଖବରଦାତା ଗୋପି କୃଷ୍ଣ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା। ଦେବପ୍ରସାଦ ଦାସଙ୍କ ଅନୁପସ୍ଥିତିରେ ପ୍ରେମେନ୍ଦ୍ର ପରିଚ୍ଛା ଏହି ସମ୍ମାନ ଗ୍ରହଣ କରିଥିବା ଜଣାପଡ଼ିଛି।




ଆସିକା (ଭାସ୍କର ନ୍ୟୁଜ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ରାସ୍ତାରେ ଅଳିଆ ଆବର୍ଜନା ଦ୍ୱାରା ରାସ୍ତା ଅବରୋଧ ହେଉଥିବା ଗୋଡ଼ି, ବାଲି, ଇଟାକୁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କ ଦ୍ୱାରା ହଟାଯାଇଛି । ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୃହ ନିର୍ମାଣ ସକାଶେ ଇଟା ମାଟି, ବାଲି, ଗୁଡ଼ି ରାସ୍ତାରେ ପକାଉଥିବା ଲୋକ ମାନଙ୍କୁ ଏନଫୋର୍ସ ମେଣ୍ଟ ଟିମ ବାରମ୍ବାର ଅବଗତ କରିବା ପ୍ରତିଦିନ ସକାଳୁ ସନ୍ଧ୍ୟାରେ ମଇଳା ଆବର୍ଜନା ଆଣୁଥିବା ଗାଡି ଦ୍ୱାରା ସୂଚନା ଦିଆଯାଉଥିଲେ ମଧ ସହରବାସୀ ସହରକୁ ସ୍ୱଛତା ରଖିବାରେ ସହଯୋଗ କରୁ ନଥିବା ଯୋଗୁଁ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ୱାର୍ଡରେ ପହଞ୍ଚି ରାସ୍ତାରେ ପଡି ରହିଥିବା ଇଟା, ବାଲି, ମାଟି, ଗୁଡ଼ି ଆଦି ଘର ତିଆରି ସାମଗ୍ରୀକୁ ଉଠାଇଛନ୍ତି । ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଏହିପରି କାର୍ଯ୍ୟକୁ ସହରର ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ ସହରରେ ଲୋକମାନେ ବିଭିନ୍ନ କାର୍ଯ୍ୟପାଇଁ ବାଲି, ଗୋଡ଼ି ଜମା କରିବା ସହ ରାସ୍ତାଗୁଡ଼ିକୁ ଆବର୍ଜନାମୟ କରି ପକାଉଥିଲେ । ଫଳରେ ଯାତାୟତ ସହ ଲୋକମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥିଲେ । ତେବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଠିକ୍ ସମୟରେ ପଦକ୍ଷେପ ନେଇଥିବାରୁ ଏହାକୁ ସ୍ୱାଗତ କରାଯାଇଛି ।

### ପ୍ରତୀକ୍ଷାର ଅନ୍ତ

# ସାମ୍ବାଦିକଙ୍କୁ ଲୋକସେବା ଭବନ ପ୍ରବେଶ ଅନୁମତି




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଦୀର୍ଘ ପ୍ରତୀକ୍ଷାର ଅନ୍ତଃ ହେବାକୁ ଯାଉଛି । ରାଜ୍ୟର ନୂଆ ସରକାର ନେଇଛନ୍ତି ନୂଆ ନିଷ୍ପତ୍ତି । ଲୋକସେବା ଭବନ ପୂର୍ବରୁ ସାମ୍ବାଦିକମାନଙ୍କ ପାଇଁ 'ନୋ ଏଣ୍ଟ୍ରି' ହୋଇଥିବାବେଳେ ଏବେ ସେଥିରୁ କଟକଣା ହଟିବାକୁ ଯାଉଛି । ଏଣିକି ଲୋକସେବା ଭବନ ଗେଟ୍‌ରେ ସାମ୍ବାଦିକମାନେ ପ୍ରବେଶ କରିପାରିବେ । ଏଥିପାଇଁ ନୂଆ ସରକାର ଗ୍ରୀନ୍ ସିଗ୍‌ନାଲ ଦେଇଥିବାବେଳେ ଖୁବ୍‌ଶୀଘ୍ର ସାମ୍ବାଦିକମାନଙ୍କ ପାଇଁ ଏହା ଲାଗୁ କରାଯିବ ବୋଲି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ କୋଭିଡ ପୂର୍ବରୁ ସାମ୍ବାଦିକମାନେ ସ୍ୱାଭାବିକ ଭାବେ ତଥ୍ୟ ସଂଗ୍ରହ ପାଇଁ ଲୋକସେବା ଭବନକୁ ଯାଉଥିଲେ । ତେବେ କୋଭିଡ ସମୟରେ ସାମ୍ବାଦିକଙ୍କ ପ୍ରବେଶକୁ ବାରଣ କରାଯାଇଥିଲା । କିନ୍ତୁ କୋଭିଡ ଗଲାପରେ ବି ପୂର୍ବ ସରକାର ଏହି ନିୟମକୁ ବଳବତ୍ତର ରଖିଥିଲେ । ଯାହାଫଳରେ ଲୋକସେବା ଭବନକୁ ସାମ୍ବାଦିକମାନେ ଯାଇପାରୁ ନଥିଲେ । କିନ୍ତୁ ରାଜ୍ୟରେ ନୂଆ ସରକାର ଶାସନ ଦାୟିତ୍ୱ ନେବାପରେ ଏହି କଟକଣାକୁ ହଟାଯାଇଛି । ଏ ନେଇ ସରକାରଙ୍କ ପକ୍ଷରୁ ଗତ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି । ନୂତନ ନିୟମ ଅନୁଯାୟୀ ଉଭୟ ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନେ ଲୋକସେବା ଭବନକୁ ଯାଇପାରିବେ । ଲୋକସେବା ଭବନକୁ ପ୍ରବେଶ କରିବାକୁ ଇଚ୍ଛୁକ ଥିବା ସାମ୍ବାଦିକମାନେ ନିଜର ଆଧାରକାର୍ଡ ଓ ସଂସ୍ଥାର ପରିଚୟପତ୍ର ଦେବେ । ଏହାପରେ ଜଣେ ସାମ୍ବାଦିକ ଓ ଜଣେ ଫଟୋଗ୍ରାଫରଙ୍କୁ ହିଁ ପ୍ରବେଶ ପାଇଁ ଅନୁମତି ମିଳିବ । ଏ ନେଇ ସାମ୍ବାଦିକମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି ।

### ଫସଲ ହାନୀ ଯୋଗୁ ଉଜୁଡ଼ିଲା ସଂସାର

# ଜୀବନ ହାରିଲେ ଚାଷୀ

ଜଗତସିଂହପୁର (ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ଅଦିନିଆ ଲଗାଣ ବର୍ଷା କେବଳ ଫସଲ ଧୋଇନେଇଛି ତା ନୁହେଁ, ଏହା ବହୁ ପରିବାରର ହସଖୁସି ମଧ୍ୟ ଲିଭାଇ ଦେଇଛି । ଫସଲହାନୀ ପାଇଁ ପୁଣିଥରେ ଉଜୁଡ଼ି ଯାଇଛି ଆଉ ଏକ ସଂସାର । ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ସାରଣା ଗାଁରେ । ମୃତ ଚାଷୀ ଜଣକ ହେଲେ କୃତିବାସ ସ୍ୱାଇଁ । ଫସଲହାନୀ କାରଣରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ସୋମବାର କୃତିବାସ ଭାଇଙ୍କ ସହ ଧାନ କାଟିବାକୁ ଯାଇଥିଲେ । ହେଲେ ବିଲରେ ଫସଲ ନଷ୍ଟ ହୋଇଥିବା ଦେଖି ପାଗଳ ପ୍ରାୟ ହୋଇଯାଇଥିଲେ । ଭାଇ ସହିତ ଘରକୁ ମଧ୍ୟ ଫେରିଥିଲେ । ସନ୍ଧ୍ୟାରେ ଘରେ ଠାକୁର ପୂଜା କରିବା ପରେ ନିଜ ରୁମ୍‌ରେ ପଶି କବାଟ ଦେଇ ଦେଇଥିଲେ । କିଛି ସମୟ ପରେ ଡକାଡକି କଲେ ମଧ୍ୟ କବାଟ ଆଉ ଖୋଲି ନଥିଲେ । ଏହାପରେ ପରିବାର ଲୋକେ ବିବ୍ରତ ହୋଇ ପଡ଼ୋଶୀଙ୍କୁ ଡାକିଥିଲେ । ସମସ୍ତେ କବାଟ ଭାଙ୍ଗି ଭିତରେ ଯାହା ଦେଖିଥିଲେ ହୋସ୍ ଉଡିଯାଇଥିଲା । ସେ ଘର ଭିତରେ ଝୁଲନ୍ତା ଅବସ୍ଥାରେ ରହିଥିଲେ । ପରିବାର ଲୋକେ ତୁରନ୍ତ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଫସଲହାନୀକୁ ନେଇ ଚିନ୍ତିତ ଥିବା କୃତିବାସ ଏଭଳି ଚରମ ପଦକ୍ଷେପ ନେଇଥିବା ପରିବାର ଲୋକେ କହିଛନ୍ତି । ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ପରିବାରବର୍ଗ ମଧ୍ୟ ଦାବି କରିଛନ୍ତି । ଏଥିପୂର୍ବରୁ ଫସଲ କ୍ଷୟକ୍ଷତି ନେଇ ୪ରୁ ଅଧିକ ଚାଷୀ ଜୀବନ ହାରି ସାରିଲେଣି । ସରକାର ତୁରନ୍ତ ଫସଲ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଆବଶ୍ୟକ ପରିମାଣର କ୍ଷତିପୂରଣ ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ଜୋର ଧରିଛି । ନ ହେଲେ ଆଗାମୀ ଦିନରେ ପୁଣି ଯେ ଚାଷୀ ମୃତ୍ୟୁ ନ ହେବ ତାହା କହିହେବ ନାହିଁ ।

### ୨୦୨୫କୁ ବିଶ୍ୱର ପ୍ରଥମ ଦେଶଭାବେ

# ସ୍ୱାଗତ କଲା ନ୍ୟୁଜିଲାଣ୍ଡ



ନୂଆଦିଲ୍ଲୀ : ନବବର୍ଷ ୨୦୨୫କୁ ବିଶ୍ୱର ପ୍ରଥମ ଦେଶଭାବେ ନ୍ୟୁଜିଲାଣ୍ଡ ସ୍ୱାଗତ କରିଛି । ଭାରତୀୟ ସମୟଠାରୁ ବହୁ ପୂର୍ବରୁ ନ୍ୟୁଜିଲାଣ୍ଡ ୨୦୨୫ରେ ପ୍ରବେଶ କରିସାରିଛି । ଭାରତରେ ସନ୍ଧ୍ୟା ପ୍ରାୟ ୫ଟା ବାଜିଥିବାବେଳେ ନ୍ୟୁଜିଲାଣ୍ଡବାସୀଙ୍କ ଘଣ୍ଟାରେ ୧୨ଟା ବାଜିଥିଲା । ଏହାପରେ ସାରା ଦେଶ ୨୦୨୫କୁ ମିଳିତ ଭାବେ ବାଣ ଫୁଟାଇ ସ୍ୱାଗତ କରିଥିଲେ । ନ୍ୟୁଜିଲାଣ୍ଡ ପରେ ଅଷ୍ଟ୍ରେଲିଆରେ ମଧ୍ୟ ୨୦୨୫କୁ ସ୍ୱାଗତ କରାଯାଇଛି । ସିଡନୀ ବନ୍ଦରରେ ଲାଇଟ୍ ଶୋ'ଦ୍ୱାରା ଅଷ୍ଟ୍ରେଲିଆବାସୀ ନବବର୍ଷକୁ ସ୍ୱାଗତ କରିଥିଲେ । ରାତି ୧୨ଟା ବାଜିବା କ୍ଷଣି ନ୍ୟୁଜିଲାଣ୍ଡର ସବୁଠାରୁ ବଡ଼ ସହର ଅକ୍‌ଲାଣ୍ଡରେ ଥିବା ପ୍ରସିଦ୍ଧ ସ୍କାଏ ଟାୱାରରେ ବାଣ ଫୁଟିବା ଆରମ୍ଭ ହୋଇଥିଲା । ଲୋକମାନେ ରାସ୍ତାରେ ଛିଡ଼ା ହୋଇ ଏହାକୁ ଉପଭୋଗ କରିଥିଲେ । ଟାୱାର ଫ୍ରଣ୍ଟ ଆଗରେ ଛିଡ଼ା ହୋଇ ସମସ୍ତେ ନାଚଗୀତରେ ମାତି ଯାଇଥିଲେ । ଅକ୍‌ଲାଣ୍ଡ ବ୍ୟତୀତ ୱେଲିଂଟନ୍‌ରେ ମଧ୍ୟ ନୂଆବର୍ଷକୁ ବେଶ୍ ଧୂମ୍‌ଧାମରେ ସ୍ୱାଗତ କରାଯାଇଛି । ଖ୍ରୀଷ୍ଟଚର୍ଚ୍ଚ ଏବଂ କୁଇନ୍ସଟାଉନ୍‌ରେ ନବବର୍ଷ ପାଇଁ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ୪ଜିଲ୍ଲା ଫସଲ କ୍ଷତି ଅନୁଧ୍ୟାନ କଲେ ନବୀନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ଦିନିକିଆ ପୁରୀ ଜଗତସିଂହପୁର କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲା ଗସ୍ତରେ ଯାଇ ଅଦିନିଆ ବର୍ଷା କ୍ଷତିଗ୍ରସ୍ତ ପୁରୀର ସତ୍ୟବାଦୀ,କଟକ ର ସାଲେପୁର ଜଗତସିଂହପୁରର ବାଲିକୁଦା ଓ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ କ୍ଷତ୍ରିଗ୍ରସ୍ତ ଚାଷ ଜମି ବୁଲି ଦେଖିଥିଲେ । ଏହି ସମୟରେ ହଜାର ହଜାର ଚାଷୀ, ମହିଳା ଶ୍ରୀ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ଦୁଃଖ ଜଣାଇଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ ବର୍ଷା ସମ୍ପର୍କରେ ସରକାରଙ୍କ ପକ୍ଷରୁ ଆଗୁଆ ସୂଚନା ଜାରି କରା ଯାଇଥିଲେ ଫସଲ ବଞ୍ଚି ଯାଇଥାନ୍ତା ଓ ପ୍ରତିଦିନ ଚାଷୀ ପ୍ରାଣ ହରାଉ ନଥାନ୍ତେ ବୋଲି ଚାଷୀ ମାନେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ଫସଲ ବୀମା ସମ୍ପର୍କରେ ମଧ ସରକାରଙ୍କ ତରଫରୁ ଠିକ ଭାବରେ ଅବଗତ କରାଯାଇନାହିଁ ବୋଲି ଚାଷୀ ମାନେ ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶ୍ରୀ ପଟନାୟକ ଚାଷୀମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ସେ ସବୁବେଳେ ଚାଷୀ ଭାଇ ଭଉଣୀଙ୍କ ସହ ଅଛନ୍ତି ଓ ସେମାନଙ୍କ ହକ ପାଇଁ ଲଢେଇ କରିବେ । ଶ୍ରୀ ପଟନାୟକ କହିଥିଲେ, ଚାଷୀଙ୍କ ଦୁଃଖ ବୁଝିବାରେ ରାଜ୍ୟ ସରକାର ବିଫଳ । ଅଦିନିଆ ବର୍ଷାରେ ପ୍ରତିଦିନ ରାଜ୍ୟରେ ଚାଷୀ ପ୍ରାଣ ହରାଉଥିବା ଦୁଃଖର କଥା । ରାଜ୍ୟ ସରକାରଙ୍କ ଉପରେ ଚାଷୀକୁଳର ଆଉ ଭରସା ନାହିଁ । ତୁରନ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା ପାଇଁ ଶ୍ରୀ ପଟ୍ଟନାୟକ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି । ସେ ସବୁବେଳେ ଚାଷୀ ମାନଙ୍କ ସହ ଅଛନ୍ତି ବୋଲି ବୋଲି ଆଶ୍ୱାସନା ଦେଇଥିଲେ । ଏହି ଗସ୍ତ ଅବସରରେ ଗତକାଲି ପ୍ରାଣ ହରାଇଥିବା ବାଲିକୁଦା ସାରଣ ଗାଁର ଯୁବ ଚାଷୀ କୃତିବାସ ସ୍ୱାଇଁଙ୍କ ପରିବାରକୁ ଭେଟି ଶ୍ରୀ ପଟନାୟକ ସାନ୍ତ୍ୱନା ଜଣାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୨୫ ଅଧିକାରୀ...

ମଧ୍ୟ ଜବତ କରିଛି । ସେହିପରି ଭିଜିଲାନ୍ସ ୨୦୨୪ରେ ଲାଞ୍ଚ ନେବା ମାମଲରେ ୯୬ଟି ଟ୍ରାପ୍ କେସ୍ ରୁଜୁ କରିଛି । ୧୧୫ଜଣଙ୍କୁ ରଙ୍ଗେହାତ୍ ଲାଞ୍ଚ ନେବାବେଳେ ମଧ୍ୟ ଭିଜିଲାନ୍ସ ଧରିଛି । ସେମାନଙ୍କ ମଧ୍ୟରୁ ୯୯ଜଣ ସରକାରୀ ଅଧିକାରୀ । ଏମାନେ ମୋଟ ୧୯ଲକ୍ଷ ୨୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ । ଅନ୍ୟପକ୍ଷରେ ବିଭିନ୍ନ ମାମଲାରେ ୪୮୩ଟି ଚଢାଉ କରାଯାଇଥିବାବେଳେ ୭୯୨ଟି ବ୍ୟାଙ୍କ ଆକାଉଣ୍ଟ ସିଜ୍ କରାଯାଇଛି । ଚଳିତବର୍ଷ ୧୦୫ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ୫୦ ପ୍ରତିଶତ ଦୋଷୀ ସାବ୍ୟସ୍ତ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

### ୧୦ ଆଇପିଏସ୍...

ଆଇପିଏସ୍ ଅଫିସର ପିନାକ ମିଶ୍ରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି । ସେ ଏବେ ଭୁବନେଶ୍ୱରର ଡିସିପି ଅଛନ୍ତି । ପିନାକଙ୍କ ସହିତ ୨୦୧୧ ବ୍ୟାଚ୍‌ର ଆଉ ଦୁଇଜଣ ଆଇପିଏସ୍ ଅଧିକାରୀ ବି.ଯୁଗଳକିଶୋର କୁମାର ଓ ବି.ଗଙ୍ଗାଧରଙ୍କୁ ମଧ୍ୟ ଡିଆଇଜି ପାହ୍ୟାକୁ ପଦୋନ୍ନତି ମିଳିଛି । ଉଭୟ ଏବେ କଟକ ସ୍ଥିତ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟ କରୁଛନ୍ତି । ଅନ୍ୟପକ୍ଷରେ ବରିଷ୍ଠ ଆଇପିଏସ୍ ଅଫିସର ସୁଧାଂଶୁ ଶେଖର ମିଶ୍ର ଏବଂ ମଡ଼କର ସନ୍ଦୀପ ସମ୍ପତଙ୍କୁ ମଧ୍ୟ ପଦୋନ୍ନତି ଦିଆଯାଇଥିବା ସୂଚନା ଦିଆଯାଇଛି ।

### ସ୍ୱଚ୍ଛତା, ଶୃଙ୍ଖଳା...

ରହିବ, ଯେଉଁଥିରେ ଶ୍ରୀ ଜଗନ୍ନାଥ ସଂସ୍କୃତି, କଳିଙ୍ଗ ଯୁଦ୍ଧ, ସମ୍ରାଟ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ଐତିହ୍ୟ ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜି ଗୁଡିକର ପ୍ରଦର୍ଶନ କରାଯିବ । ଏହାସହ ଏକ ଡିଜିଟାଲ୍ ପ୍ରଦର୍ଶନୀର ମଧ ଆୟୋଜନ କରାଯାଇଛି । ଅତିଥି ମାନଙ୍କ ଭ୍ରମଣ ତଥା ଯାତାୟାତ ନିମନ୍ତେ ୧୦ଟି ଉନ୍ନତ ମାନର ବସ ଏବଂ ୫ଟି ଡବଲ୍ ଡେକର ବସର ବ୍ୟବସ୍ଥା କରାଯାଇଛି । ୨୦୦ରୁ ଅଧିକ ପ୍ରବାସୀ ସାମ୍ବାଦିକ, ୭ଟି ଦେଶରୁ ୟୁଟ୍ୟୁବର ଓ ବ୍ଲଗର ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ଏହି ଉତ୍ସବର ପ୍ରଚାର ଓ ପ୍ରସାରଣ ନିମନ୍ତେ ସୋସିଆଲ ମିଡିଆ, ଟିଭି ଓ ବିଜ୍ଞାପନ ଇତ୍ୟାଦି ମାଧ୍ୟମରେ ଜନସାଧାରଣଙ୍କୁ ତିନିଗୋଟି ଭାଷା ଯଥା-ଓଡିଆ, ହିନ୍ଦୀ, ଇଂରାଜୀରେ ଅବଗତ କରାଯାଉଛି । ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡା, ଆଇନ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ ।


C-1367

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist- Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826

No. 5469 /Jatni, Date- 27.12.2024

Expression of Interest

Sealed EOIs are invited from registered Architectural Firms/Reputed Firms having valid Income Tax, GST Registration Certificates and Company Registered Certificate for **Preparation of DPR for the Grey Water intervention at the outfall level in respect of Jatni Municipality** in two cover bid. The cover 1 will contain technical bid and the cover 2 will contain the price bid. After evaluation of technical bid the financial bid of qualified bidders will be opened. The quoted rate should be in percentage inclusive conveyance etc. complete in all respect. The tender paper will be available in Jatni Municipality Office on payment of Rs.1000/- (Rupees One Thousand) and EMD of Rs.5,000/- (Rupees Five Thousand) in shape of Bank Draft/Cheque/Card transaction in favour of Executive Officer, Jatni Municipality payable at Jatni. The EOI will be received on or before dt.15/01/2025 at 3:00 pm and the bid will be opened at 4:00 pm on the same day in the presence of the bidders or their authorized representative. The details of EOI schedule available in office of undersigned or downloaded from www.khordha.nic.in / www.jatnimunicipality.in.

The undersigned reserves all rights to accept / reject any or all EOI without assigning any reason thereof.

Sd/- Executive Officer
Jatni Municipality

OIPR 13041/11/0018/2425



The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail. osicltd@gmail.com, osicmd@gmail.com, website osicltd.in
CAD-2031
OSIC GST No. 21AAACO2101M1Z1

e-Procurement Notice

Tender Notice No.3787/Mkt. Date: 30.12.2024

The Odisha Small Industries Corporation Ltd (OSIC) (A Govt of Odisha Undertaking), Industrial Estate, Madhupatna, Cuttack - 753 010, Odisha invites Tenders in sealed cover under two bid system i.e., Technical Bid & Price Bid for "SUPPLY & INSTALLATION OF SCIENCE LAB EQUIPMENTS AT PARADIP COLLEGE, PARADIP, JAGATSINGHPUR" as per specification." in ONLINE MODE.

| Date of Commencement of Tender | Last Date & Time of online submission and receipt of Tender | Date & Time for online opening of Tender | Cost of Tender Paper + GST@18%(Rs) |
|---|---|---|---|
| 30.12.2024 5.00PM | 20.01.2025 at 5.30 PM | 21.01.2025 at 12.30PM | (Rs. 6000/-) |

The tender notice may be downloaded from www.osicltd.in & http://tendersorissa.gov.in and the same can be submitted online along with cost of Tender Paper in shape of Bank Draft. Any corrigendum / addendum / information relating to this NIT will only be uploaded in above websites which will not be published in Newspapers.

The bidders have to participate in ONLINE bidding only. Further details can be seen from the website:http://tendersorissa.gov.in. All future corrigendum will be available on ONLINE MODE ONLY.

Sd/-
GENERAL MANAGER(O)

OIPR 14073/11/0023/2425



कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, राँची

पत्रांकः– दिनांक–

आवश्यक सूचना

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या–24/2024-25/RWD/EE/ RANCHI, PR No. 340935 REO (24-25)_D द्वारा दैनिक समाचार पत्र में प्रकाशित हुआ था। जिसे अपरिहार्य कारणवश रद्द किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR.NO.343339 REO(24-25):D



e-Procurement Cell
OFFICE OF THE EXECUTIVE ENGINEER
SPECIAL WORKS DIVISION, BUILDING CONSTRUCTION DEPARTMENT, Ranchi

CORRIGENDUM-1

**e-Procurement Tender Reference No:- BCD/EE, Special Works Div, BCD, Ranchi-36/2024-25 Date:-03.12.24, PR No- 341129 (Building) 24-25*D, PR No- 341782 (Building) 24-25*D** एवं **PR No- 342306 (Building) 24-25_D** Construction of Jharkhand Bhawan at Sector-30A, Vashi, Navi Mumbai, Maharastra कार्य के लिए बिड प्राप्ति की अन्तिम तिथि एवं निविदा खोलने की तिथि में कतिपय कारणों से संशोधन किया जा रहा है जिसका विवरणी निम्नवत है:–

| क्र0 सं0 | मद | पूर्व निर्धारित तिथि | संशोधित तिथि |
|---|---|---|---|
| 1 | बिड प्राप्ति के लिए अन्तिम तिथि | 30.12.2024 | 08.01.2025 |
| 2 | निविदा खोलने की तिथि | 31.12.2024 | 09.01.2025 |

शेष सभी शर्तें यथावत रहेंगी।

Nodal Officer, e-Procurement Cell
Office of the Executive Engineer,
Special Works Division
Building Construction Department, Ranchi

PR 343319 Building (24-25)_D



O-1102

GOVERNMENT OF ODISHA
OFFICE OF THE CHIEF COSNTRUCTION ENGINEER
RURAL WORKS CIRCLE, BOLANGIR

2nd Corrigendum Notice

No. 2616 dated. 30.12.2024

The 2nd Corrigendum to the Bid Identification No. **BLGR-Online-06/2024-25**, the revised date and time are as follows:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | BLGR-Online-06/2024-25 | 06.12.2024 at 11.00 A.M. | 20.01.2025 upto 5.00 P.M. | 18.01.2025 upto 5.00 P.M. | 21.01.2025 at 11.00 A.M. | Will be intimated separately |

N.B. – All other terms and conditions remain unchanged.

Sd/- S.Mahali
Chief Construction Engineer
Rural Works Circle, Bolangir

OIPR 25118/11/0016/2425



VSS Institute of Medical Sciences & Research (VIMSAR), Ayur Vihar, Burla, Sambalpur, Odisha-768017

Walk-in-Interview for Selection of SR/Tutor, Assistant Professor, Associate Professors & Professors in various disciplines in VIMSAR on Contractual/ Deputation basis

Advt. No. 1742 / Director, VIMSAR/ Dt. 27.12.2024

Walk-in-interview will be conducted as per the details mentioned below for engagement of SR/Tutor, Asst. Prof, Assoc. Prof & Professor on contractual/deputation basis. TA/DA will not be provided for attending the interview. For details, the interested candidates are requested to visit our website www.vimsar.ac.in

Date of Walk-in-Interview:- Date - 13.01.2025
Venue: Old LT (near Department of Community Medicine, VIMSAR)

Sd/-
Director,
VIMSAR, Burla

OIPR 11056/11/0025/2425
E-631



कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल,रामगढ़

ई–निविदा आमंत्रण सूचना

अति–अल्पकालीन ई–निविदासंख्या:-07/2024-25/RWD/RAMGARH दिनांक :- 30.12.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़ द्वारा मुख्यमंत्री ग्राम सड़क योजनान्तर्गत निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या | प्रखण्ड | कार्य का नाम | प्राक्कलित राशि (लाख में) | कार्य समाप्ति की अवधि |
|---|---|---|---|---|---|
| 1 | RWD/RAMGARH/25/2024-25/MMGSY | गोला | साड़म आर0ई0ओ0 रोड से आम झरिया तालाब होते हुए मरूडीह आर0ई0ओ0 रोड तक पथ का निर्माण। | 208.161 | 12 माह |
| 2 | RWD/RAMGARH/26/2024-25/MMGSY | गोला | गंधोनिया झारखण्ड मोड़ से दामोदर नदी शमशान घाट भाया उरीटाँड़ तक पथ का निर्माण कार्य। | 145.396 | 09 माह |
| 3 | RWD/RAMGARH/27/2024-25/MMGSY | रामगढ़ | ग्राम लोधमा जागेश्वर यादव के घर से बड़की नदी पुल होते हुए ग्रेड–II RCD पथ राज बेदिया के कृषि फार्म तक पथ निर्माण कार्य। | 140.205 | 09 माह |

2. वेबसाईट में निविदा प्रकाशन की तिथि:–03.01.2025
3. ई–निविदा प्राप्ति की अंतिम तिथि एवं समय:–24.01.2025 अपराह्न 5.00 बजे तक।
4. निविदा खोलने की तिथि एवं समय:–27.01.2025 अपराह्न 11.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़, नयानगर, घुटुवा, बरकाकाना, रामगढ़ झारखण्ड, पिन– 829103
6. ई–निविदा प्रकोष्ठ का दूरभाष सं0– 06553254005
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

विश्वासभाजन
ह0/–
कार्यपालक अभियंता
ग्रामीण कार्य विभाग कार्य प्रमण्डल,रामगढ़

PR 343271 District(24-25).D



झारखण्ड सरकार
ग्रामीण कार्य विभाग,कार्यपालक अभियंता का कार्यालय
कम्बाइंड बिल्डींग, ओल्ड चास कोट एरिया, बोकारो

ई– निविदा आमंत्रण सूचना

ई– निविदा संख्या :- 28/2024-25/RWD/EE/BOKARO दिनांक – 31.12.2024

कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/BOKARO/ 78/2024-25 | नैनाटांड से लालबांध तक पथ निर्माण कार्य (लम्बाई– 3.000 कि0मी0)। | 2,13,68,000.00 | दो करोड़ तेरह लाख अड़सठ हजार रू0 मात्र | 12 माह | प्रथम |

2. वेबसाईट में निविदा प्रकाशन की तिथि:– 10.01.2025
3. ई–निविदा प्राप्ति की अंतिम तिथि एवं समय :– 21.01.2025 अपराह्न 5.00 बजे तक।
4. निविदा खोलने की तिथि एवं समय :– 24.01.2025 अपराह्न 03.30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमंडल, बोकारो, कम्बाइंड बिल्डींग, सिविल एस0डी0ओ0, ऑफिस ओल्ड चास कोट एरिया, चास बोकारो, झारखंड, पिन– 827013
6. ई–निविदा प्रकोष्ठ का दूरभाष सं0– 9431060119
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमंडल, बोकारो

PR 343285 Rural Work Department(24-25).D



कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमण्डल, चक्रधरपुर।
E-mail : rwdchakradharpur@gmail.com

ई० – पुनर्निविदा अल्पकालिन निविदा आमंत्रण सूचना

ई० – निविदा संख्या :– 06/R1/2024-25/RWD/CHAKRADHARPUR दिनांक–31.12.2024

कार्य का विवरण – मुख्यमंत्री ग्राम सड़क योजना (शीर्ष 4515) अन्तर्गत।
कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० | आईडेन्टी फिकेशन संख्या | प्रखण्ड का नाम | योजना का नाम | प्राक्कलित राशि (लाख में) | | कार्य समाप्ति की अवधि | टेंडर कॉल |
|---|---|---|---|---|---|---|---|
| | | | | अंक में (लाख में) | अक्षर में (रूपये में) | | |
| 1 | RWD/ CHAKRADHARPUR/14/2024-25 | चक्रधरपुर | होयोहातु पंचायत के लांजी से सरायकेला सिमाना तक पथ निर्माण कार्य। (लम्बाई 3.750 कि०मी०) | 492.423 | चार करोड़ बीरानब्बे लाख ब्यालिस हजार तीन सौ मात्र। | 18 माह | द्वितीय |

2. बेवसाईट में निविदा प्रकाशन की तिथि : 03.01.2025
3. ई– निविदा प्राप्ति की अंतिम तिथि एवं समय :– 09.01.2025 अपराहन् 5:00 बजे।
4. निविदा खोलने की तिथि एवं समयः 11.01.2025 अपराहन् 11:00 बजे।
5. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर।
6. सरकार के संयुक्त सचिव, ग्रामीण कार्य विभाग झारखण्ड राँची के पत्रांक 3130 (अनु०) दिनांक 09.10.2023 द्वारा दिये गये निदेश के अनुपालन में निविदा शूल्क एवं अग्रधन की राशि **केवल Online Mode** द्वारा स्वीकार्य होगी।
7. ई–निविदा प्रकोष्ठ का दूरभाष सं०–9931565916
**विस्तृत जानकारी के लिये बेबसाईट jharkhandtenders.gov.in में देखा जा सकता है।**

ह०/–
कार्यपालक अभियंता
ग्रा० का० वि०, कार्य प्रमंडल,
चक्रधरपुर।

PR 343304 (West Singhbhum) 24-25 (D)



MANAPPURAM HOME FINANCE LTD.

ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍
ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏୱିଙ୍ଗ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

ପଜେସନ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା । ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି । ତେଣୁ ୯ ଆଇନର ୧୩/୪ ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି । ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ । ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ ।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ/ଶାଖା | ଯେଉଁ ଉଦ୍ଦେଶ୍ୟରେ ଏହି ସମ୍ପତ୍ତି ବନ୍ଧକ ରହିଥିବାର ବିବରଣୀ | ଡିମାଣ୍ଡ ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ | ପଜେସନର ତାରିଖ |
|---|---|---|---|---|
| ୧ | କାନ୍ତି ପ୍ରଧାନ, ପଞ୍ଚାନନ ପ୍ରଧାନ/ ଏମଏଚଏଲ୦୦୭୮୦୦୦୪୧୯୩/ ଖୋର୍ଦ୍ଧା | ଏ୦.୧୦ ଡିସିମିଲ ମଧ୍ୟରୁ ଏରିଆ ଏ୦.୦୩ ଡିସିମିଲ, ଆରଓଆର ନଂ ୩୪୪ ଏବଂ ପ୍ଲଟ୍ ନଂ ୨୪୯୯(ପି), ଦାନମୁକୁନ୍ଦପୁର, ପିଏସ୍ ନଂ ୧୦୮, ତହସିଲ ନଂ ୨୫୫, ତହସିଲ- ପିପିଲି, ଜିଲ୍ଲା- ପୁରୀ, ହନୁମାନ ମନ୍ଦିର ନିକଟ, ପିପିଲି, ପୋଷ୍ଟ-ପିପିଲି, ପୁରୀ, ଓଡ଼ିଶା, ପିନ୍-୭୫୨୧୦୪, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ, ଦକ୍ଷିଣ: ଜୟ ଗୋପୀନାଥ, ଉତ୍ତର: ନାରଣ ବେହେରା । | ୧୮.୦୯.୨୦୨୪ ଏବଂ ଟ. ୪୬୮୯୧୬/- | ୨୭.୧୨.୨୦୨୪ |
| ୨ | କ୍ଷେତ୍ରମଣି ବେହେରା, ଦୀପକ କୁମାର ବେହେରା, କାଙ୍ଗାଳିଚରଣ ବେହେରା/ ଏମଏଚଏଲ୦୦୭୮୦୦୦୨୯୨୦/ ଖୋର୍ଦ୍ଧା | ଆରଓଆର ନଂ ୧୪୩/୫୭ ଏବଂ ପ୍ଲଟ ନଂ ୨୮/୫୪୪, ଏରିଆ ଏ୦.୪୦୦ ଡିସିମିଲ, ମୌଜା- ମୁର୍କୁଣ୍ଡି, ଥାନା/ ତହସିଲ- ଗୋପ, ପିଏସ୍ ନଂ ୧୮୪, ପୁରୀ, ଓଡ଼ିଶା, ରତ୍ନଚୁଡି ମନ୍ଦିର ନିକଟ, ଜିଲ୍ଲା- ପୁରୀ, ପୋଷ୍ଟ-ମାହାଲପଡ଼ା, ପୁରୀ, ଓଡ଼ିଶା, ପିନ୍-୭୫୨୧୧୬, ପୂର୍ବ: ବେଣୁଧର ଜେନା, ପଶ୍ଚିମ: ସତ୍ୟାନନ୍ଦ ସାହୁ, ଦକ୍ଷିଣ: ରାସ୍ତା, ଉତ୍ତର: ବେଣୁଧର ଜେନା । | ୧୮.୦୯.୨୦୨୪ ଏବଂ ଟ. ୬୨୦୩୫୬/- | ୨୭.୧୨.୨୦୨୪ |

ତାରିଖ: ୦୧.୦୧.୨୦୨୫,
ସ୍ଥାନ: ଓଡ଼ିଶା

ସ୍ୱା/-ପ୍ରାଧିକୃତ ଅଧିକାରୀ,
ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ ପକ୍ଷରୁ



ନୂଆଦିଲ୍ଲୀ: ବିଚାରପତିଙ୍କ ସମ୍ପର୍କୀୟ ବିଚାରପତି ହେବା ଭଳି ଧାରାକୁ ବନ୍ଦ କରିବା ଦିଗରେ ସୁପ୍ରିମକୋର୍ଟ ବିଚାର କରୁଛନ୍ତି। ଏଥିପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ହାଇକୋର୍ଟ କଲେଜିୟମ୍ ଗୁଡିକ ଆବଶ୍ୟକ ଅସ୍ଥାୟୀ ନିର୍ଦ୍ଦେଶାବଳୀ ଜାରି କରିବାକୁ ଯାଉଛନ୍ତି। ନିର୍ଦ୍ଦେଶାବଳୀରେ ଯେଉଁ ଓକିଲ କିମ୍ବା ଆଇନ ଅଧିକାରୀଙ୍କ ପିତାମାତା କିମ୍ବା ପରିବାରର ନିକଟ ସମ୍ପର୍କୀୟ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରୁଥିବେ କିମ୍ବା ବିଚାରପତି ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବେ ସେମାନଙ୍କ ନାମକୁ ହାଇକୋର୍ଟ ବିଚାରପତି ପଦ ଲାଗି ସୁପାରିସ କରାଯିବ ନାହିଁ। ବିଚାରପତିଙ୍କ ପରିବାର ସଦସ୍ୟ ଓ ନିକଟ ସମ୍ପର୍କୀୟଙ୍କୁ ବିଚାରପତି ହେବା ଲାଗି ଅଗ୍ରାଧିକାର ଦିଆଯାଉଥିବା ନେଇ ସାଧାରଣରେ ଏକ ଧାରଣା ରହିଛି। ଏଥିନେଇ ଅନେକ ସମୟରେ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଛି। ଏପରି ଧାରଣାକୁ ବନ୍ଦ କରିବା ଲାଗି ସୁପ୍ରିମକୋର୍ଟ ଉପରୋକ୍ତ ନିଷ୍ପତ୍ତି ନେବାକୁ ଯାଉଥିବା ଗଣମାଧ୍ୟମ ରିପୋର୍ଟରୁ ଜଣାଯାଇଛି। ହାଇକୋର୍ଟ ବିଚାରପତି ନିଯୁକ୍ତି କ୍ଷେତ୍ରରେ ସୁପ୍ରିମକୋର୍ଟ କଲେଜିୟମ୍ ପ୍ରିୟାପ୍ରୀତି ତୋଷଣ କରୁଥିବା ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଚାରପତିଙ୍କ ପରିବାର ସଦସ୍ୟଙ୍କୁ ବିଚାରପତି ନିଯୁକ୍ତି ଦେବା ଧାରାକୁ ବନ୍ଦ କରିବାର ପ୍ରସ୍ତାବ ସୁପ୍ରିମକୋର୍ଟ କଲେଜିୟମ୍‌ର ସଦସ୍ୟଙ୍କ ମଧ୍ୟରେ ଆଲୋଚନାର ବିଷୟ ହୋଇଛି।

## ବିଶ୍ୱ ପାଣିପାଗ ସଂଗଠନର ଚେତାବନୀ

# ୨୦୨୫ ପାଲଟିବ ଉତ୍ତପ୍ତ ବର୍ଷ




ନୂଆଦିଲ୍ଲୀ : ୨୦୨୪ ରେ ପ୍ରବଳ ମାତ୍ରାରେ ଉତ୍ତପ୍ତ ପରିଲକ୍ଷିତ ହୋଇଥିଲା। ଦୀର୍ଘ ବର୍ଷର ରେକର୍ଡ ବି ଭାଙ୍ଗିଥିଲା। ସବୁ ରେକର୍ଡ କାଟିଥିଲା ତାପମାତ୍ରା । ତେବେ ୨୦୨୪ କୁ କାଟିବ ୨୦୨୫ ଉତ୍ତାପ । ବିପଦ ଡାକିଆଣୁଛି ଜଳବାୟୁ ପରିବର୍ତ୍ତନ । ଚିନ୍ତା ବଢାଇଲା ବିଶ୍ୱ ପାଣିପାଗ ସଂଗଠନ ବା ଡବ୍ଲ୍ୟୁଏମ୍‌ଓର ରିପୋର୍ଟ । ଡବ୍ଲ୍ୟୁଏମଓ କହିଛି ଯେ ଗ୍ରୀନ୍ ହାଉସ୍ ଗ୍ୟାସର ସ୍ତର ଆହୁରି ବଢିବ। ଫଳରେ ଆଗାମୀ ଦିନରେ ଅଧିକ ଉତ୍ତାପର ସାମ୍ନା କରିବେ ବିଶ୍ୱବାସୀ। ଏମିତିକି ୨୦୨୪ ତୁଳନାରେ ୨୦୨୫ ହୋଇପାରେ ଗରମର ବର୍ଷ। ଯାହାର ପ୍ରଭାବ ଭୋଗିବେ ସାରା ବିଶ୍ୱବାସୀ। ଆକାଶରୁ ବର୍ଷିବ ନିଆଁ ଝୁଲ। ଦଶନ୍ଧି ରେକର୍ଡ ଭାଙ୍ଗିବ ତାପମାତ୍ରା । ଚେତାଇଲେ ମିଳିତ ଜାତିସଂଘର ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍ । ଆଣ୍ଟୋନିଓ ଗୁଟେରସ୍‌ଙ୍କ କହିବା କଥା ନିକଟରେ ଆମେ ଭୟଙ୍କର ଉତ୍ତାପ ଦେଖିଥିଲେ । ତେବେ ୨୦୨୫ରେ ବଡ ଜଳବାୟୁ ପରିବର୍ତ୍ତନ ସୂଚନା ମିଳୁଛି । ଗୁଟେରସ୍ ଏକ ଚେତାବନୀ ଜାରି କରି କହିଛନ୍ତି ଯେ ଭବିଷ୍ୟତରେ ପରିସ୍ଥିତି ଆହୁରି ଗୁରୁତର ହୋଇପାରେ। ୨୦୨୫ରେ ଅନେକ ଦେଶ ନିର୍ଗମନକୁ ହ୍ରାସ କରିବା ସହ ଏକ ସୁରକ୍ଷିତ ପଥ ଅନୁସରଣ କରିବାକୁ ପଡିବ। ନଚେତ୍ ଭୟାବହ ହେବ ସ୍ଥିତି । ଗୁଟେରସ୍ କହିବା କଥା ଆମକୁ ଏକ ନବୀକରଣଯୋଗ୍ୟ ଭବିଷ୍ୟତକୁ ସମର୍ଥନ କରିବାକୁ ପଡିବ । ଯାହା ଦ୍ୱାରା ଆମେ ଶକ୍ତି ସଙ୍କଟର ମୁକାବିଲା କରିପାରିବା । ଏମିତିକି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ବି ହ୍ରାସ କରିପାରିବା । ସେହପରି ଡବ୍ଲ୍ୟୁଏମ୍‌ଓ ସେକ୍ରେଟେରୀ ଜେନେରାଲ ସେଲଷ୍ଟେ ସାଉଲୋ କହିଛନ୍ତି ଯେ, ପ୍ରଥମ ବର୍ଷରେ ଜଳବାୟୁ ପରିବର୍ତ୍ତନକୁ ନେଇ କ୍ରମାଗତ ରେଡ୍ ଆଲର୍ଟ ଜାରି କରାଯାଇଛି। ୨୦୨୫ ଡବ୍ଲ୍ୟୁଏମ୍‌ଓର ୭୫ ତମ ବାର୍ଷିକୀ ହେବ । ଏହି ଅବସରରେ ବାର୍ତ୍ତା ଦିଆଯିବ ଯେ ଯଦି ଆମେ ଏକ ସୁରକ୍ଷିତ ଗ୍ରହ ଚାହୁଁ, ତେବେ ତୁରନ୍ତ ପଦକ୍ଷେପ ନେବାକୁ ପଡିବ । ସେ ଆହୁରି ବି କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଉପରେ ପଦକ୍ଷେପ ନେବା କେବଳ ଗୋଟିଏ ଦେଶର ଦାୟିତ୍ୱ ନୁହେଁ ବରଂ ଏହା ସାରା ବିଶ୍ୱର । ଜଳବାୟୁ ସଙ୍କଟର ମୁକାବିଲା ପାଇଁ ପ୍ରତ୍ୟେକ ବ୍ୟକ୍ତି ଏବଂ ପ୍ରତ୍ୟେକ ଦେଶକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ।

## ରାଜ୍ୟବାସୀଙ୍କୁ କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ


ନୂଆଦିଲ୍ଲୀ: ବିଦାୟୀ ବର୍ଷରେ ଘଟିଥିବା ଘଟଣାକ୍ରମ ଉପରେ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବିରେନ ସିଂହ ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, 'ପୂରା ବର୍ଷ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ରହିଛି । ମୁଁ ଅତ୍ୟନ୍ତ ମର୍ମାହତ । ରାଜ୍ୟବାସୀଙ୍କୁ କହିବାକୁ ଚାହୁଁଛି ଯେ ମେ ୩ ପରଠୁ ଆଜି ଯାଏ ଯାହା କିଛି ଘଟିଛି, ସେଥିପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି ।' ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାରେ ଅନେକ ଲୋକ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି । ଅନେକ ଲୋକଙ୍କୁ ନିଜ ଘର ଛାଡ଼ିବାକୁ ପଡ଼ିଛି । ସିଏମ୍ କହିଛନ୍ତି, 'ଏହି ସବୁ ଘଟଣା ପାଇଁ ମୁଁ ଅନୁତପ୍ତ । ମୁଁ ସମସ୍ତଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛି ।' ତେବେ ଗତ ୩ରୁ ୪ ମାସ ହେଲା ରାଜ୍ୟରେ ଶାନ୍ତି ସ୍ଥାପନ ଦିଗରେ ସକାରାତ୍ମକ ପ୍ରଗତି ହୋଇଛି । ଏହାସହ ୨୦୨୫ରେ ମଣିପୁରରେ ସମ୍ପୂର୍ଣ୍ଣ ଶାନ୍ତି ସ୍ଥାପନ ସହ ସ୍ଥିତି ସ୍ୱାଭାବିକ ହେବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଛନ୍ତି । ସିଏମ୍ ବିରେନ ସିଂହ ଲୋକଙ୍କୁ ଅପିଲ୍ କରି କହିଛନ୍ତି, ଯାହା ହେବାର ଥିଲା, ତାହା ହୋଇଗଲା । ଆମେ ଏବେ ଅତୀତର ଭୁଲକୁ ଭୁଲି ପୁଣି ଥରେ ନୂଆ ଆରମ୍ଭ କରିବାକୁ ହେବ । ଏକ ଶାନ୍ତିପୂର୍ଣ୍ଣ ମଣିପୁର, ଏକ ସମୃଦ୍ଧ ମଣିପୁର, ଆମ ସମସ୍ତେ ଏକ ହୋଇ ରହିବା ଦରକାର । ହିଂସା ମୁକାବିଲାରେ ବିଫଳକୁ ନେଇ ବିରୋଧୀଙ୍କ ଟାର୍ଗେଟକୁ ଆସିଥିବା ବିରେନ ସିଂହ ଇମ୍ଫାଲରେ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟକୁ ଶାନ୍ତି ଫେରୁଛି ବୋଲି ଦୃଢତାର ସହ କହିଛନ୍ତି । ବିରେନ କହିଛନ୍ତି, ମଣିପୁରରେ ଶାନ୍ତି ସ୍ଥାପନ ହେଉଛି ଏବଂ ଏହାର ଏକମାତ୍ର ସମାଧାନ ହେଉଛି ଚର୍ଚ୍ଚା ଏବଂ ଆଲୋଚନା । କେନ୍ଦ୍ର ସରକାର ପୂର୍ବରୁ ଏକ ଦିଗରେ ଉଦ୍ୟମ ଆରମ୍ଭ କରିସାରିଛନ୍ତି।

## ନୂଆବର୍ଷର ଉପହାର ଦେଲେ ମୋଦୀ



ନୂଆଦିଲ୍ଲୀ: ଦେଇଥିବା ପ୍ରତିଶ୍ରୁତି ପୂରଣ କଲେ ମୋଦୀ ସରକାର। ଗରିବଙ୍କୁ ନୂତନ ବର୍ଷରେ ଦେଲେ ଉପହାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଗରିବଙ୍କୁ ରହିବା ପାଇଁ ଅଧିକ ୩କୋଟି ଘର ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୪ ଲୋକସଭା ନିର୍ବାଚନ ଇସ୍ତାହାରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଆଉ ତିନି କୋଟି ଘର ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସୂଚନା ମୁତାବକ, ୩କୋଟିରୁ ୨କୋଟି ଘର ଗ୍ରାମାଞ୍ଚଳ ଓ ୧କୋଟି ଘର ସହରାଞ୍ଚଳରେ ନିର୍ମାଣ ହେବ । ଏବେ ଏହି ପ୍ରତିଶ୍ରୁତିକୁ ପୂରଣ କରିବାକୁ ଯାଉଛି ବିଜେପି। ଏନେଇ ବର୍ଷ ଆରମ୍ଭରୁ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ସର୍ଭେ ଆରମ୍ଭ ହେବ, ଯାହା ଆସନ୍ତା ତିନିମାସ ମଧ୍ୟରେ ଅର୍ଥାତ୍ ୩୧ମାର୍ଚ୍ଚ, ୨୦୨୫ ସୁଦ୍ଧା ଶେଷ ହେବ ବୋଲି ଜଣାପଡ଼ିଛି। ଡିସେମ୍ବର ୨୭ରେ ଏନେଇ ସମସ୍ତ ରାଜ୍ୟକୁ ଚିଠି ପଠାଯାଇଥିବା ଜଣାଯାଇଛି। ସୂଚନା ମୁତାବକ, ଗ୍ରାମାଞ୍ଚଳ ନେଇ ସର୍ଭେ ଆରମ୍ଭ ହେବାକୁ ଥିବାବେଳେ ସହରାଞ୍ଚଳ ପାଇଁ ସର୍ଭେ ଆରମ୍ଭ ହୋଇସାରିଛି। ଅତିରିକ୍ତ ତିନିକୋଟି ଘର ନିର୍ମାଣ କାର୍ଯ୍ୟ ମାର୍ଚ୍ଚ ୩୧, ୨୦୨୯ ଭିତରେ ସମାପ୍ତ କରିବାର ଲକ୍ଷ୍ୟ ରଖାଯାଇଛି।

## ସମୁଦ୍ର ଉପରେ ଦେଶର ପ୍ରଥମ କାଚ ବ୍ରିଜ୍ ଉଦ୍‌ଘାଟିତ



ତାମିଲନାଡୁର କନ୍ୟାକୁମାରୀଠାରେ ସମୁଦ୍ର ଉପରେ ଦେଶର ପ୍ରଥମ କାଚ ବ୍ରିଜ ନିର୍ମାଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ ଏହି ଗ୍ଲାସ ବ୍ରିଜକୁ ଉଦଘାଟନ କରିଛନ୍ତି। ଏହି ବ୍ରିଜ ଦେଇ ପର୍ଯ୍ୟଟକମାନେ ବର୍ତ୍ତମାନ ବିବେକାନନ୍ଦ ସ୍ମାରକୀରୁ ଥିରୁଭଲ୍ଲୁଭରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ପହଞ୍ଚି ପାରିବେ। ଏବେ ବିବେକାନନ୍ଦ ସ୍ମାରକୀରୁ ଥିରୁଭଲ୍ଲୁଭର୍ ପ୍ରତିମୂର୍ତ୍ତି ସ୍ଥଳକୁ ଯିବା ପାଇଁ ପର୍ଯ୍ୟଟକମାନଙ୍କୁ ଆଉ ଡଙ୍ଗାର ଆବଶ୍ୟକତା ପଡିବ ନାହିଁ। ଏହି କାଚ ବ୍ରିଜକୁ ୩୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ୭୭ ମିଟର ଲମ୍ବ ବିଶିଷ୍ଟ ଏହି ସେତୁଟି ୧୦ ମିଟର ଚଉଡାରେ ନିର୍ମାଣ କରାଯାଇଛି। ସେତୁ ନିର୍ମାଣ ସମୟରେ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ୨୦୦୦ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ଦ୍ୱାରା ଥିରୁଭଲ୍ଲୁଭରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହି ପ୍ରତିମୂର୍ତ୍ତି ନିର୍ମାଣକୁ ୨୫ ବର୍ଷ ପୂରଣ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟରେ ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି। ରୌପ୍ୟ ଜୟନ୍ତୀ ପାଳନ ପାଇଁ ତିନି ଦିନିଆ ଉତ୍ସବ ଆରମ୍ଭରୁ ଗ୍ଲାସ୍ ଫାଇବର ବ୍ରିଜକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ। ଏହି ସେତୁ ଖୁବ୍ ଶୀଘ୍ର ଲୋକଙ୍କ ପାଇଁ ମଧ୍ୟ ଖୋଲାଯିବ। ସମୁଦ୍ର ଉପରେ ନିର୍ମିତ ଏହି ଗ୍ଲାସ ବ୍ରିଜକୁ ଏକ ଭିନ୍ନ ଶୈଳୀରେ ଡିଜାଇନ୍ କରାଯାଇଛି। ଏହାକୁ ପ୍ରସ୍ତୁତ କରିବା ପାଇଁ ଉନ୍ନତ ଜ୍ଞାନକୌଶଳ ବ୍ୟବହୃତ ହୋଇଛି। ଶକ୍ତିଶାଳୀ ସମୁଦ୍ର ପବନ ସମେତ ବାତ୍ୟା ଭଳି ବିପଜ୍ଜନକ ସାମୁଦ୍ରିକ ଅବସ୍ଥାକୁ ପ୍ରତିହତ କରିବା ପାଇଁ ଗ୍ଲାସ୍ ବ୍ରିଜର ଡିଜାଇନ୍ କରାଯାଇଛି। ତାମିଲନାଡୁର ନିର୍ମାଣ ମନ୍ତ୍ରୀ ଇ.ଭି ଭେଲୁ ଏହି ସେତୁ ନିର୍ମାଣକୁ ନେଇ କହିଛନ୍ତି ଯେ, ଏଭଳି ବ୍ରିଜ ନିର୍ମାଣ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ଏହି ବ୍ରିଜ ପ୍ରସ୍ତୁତ କରିବାକୁ ଆମକୁ ବିଶେଷଜ୍ଞଙ୍କ ସାହାଯ୍ୟ ନେବାକୁ ପଡିଥିଲା। ମନ୍ତ୍ରୀ କହିଛନ୍ତି ଯେ ଗ୍ଲାସ ବ୍ରିଜ କନ୍ୟାକୁମାରୀରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରରେ ପରିଣତ ହେବ।

## ମହାକୁମ୍ଭରେ ୫ ଟଙ୍କାରେ ଅଟା, ୬ ଟଙ୍କାରେ ମିଳିବ ଚାଉଳ

ପ୍ରୟାଗରାଜ: ଉତ୍ତରପ୍ରଦେଶର ପ୍ରୟାଗରାଜରେ ଜାନୁଆରି ୧୩ରୁ ଆରମ୍ଭ ହେବାକୁ ଥିବା ମହାକୁମ୍ଭ ମେଳା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ମହାକୁମ୍ଭରେ ଯୋଗୀ ସରକାର ଆଖଡ଼ା, ଅନୁଷ୍ଠାନ ଓ କଳ୍ପବାସୀମାନଙ୍କ ପାଇଁ ବିପୁଳ ପରିମାଣର ଶସ୍ୟଭଣ୍ଡାରର ବ୍ୟବସ୍ଥା କରିଛନ୍ତି। ମହାକୁମ୍ଭରେ ପ୍ରଥମ ଥର ପାଇଁ ଆଖଡ଼ା, ଅନୁଷ୍ଠାନ ଓ କଳ୍ପବାସୀଙ୍କୁ ନାମମାତ୍ର ମୂଲ୍ୟରେ ରାସନ ସୁବିଧା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ମାତ୍ର ୫ ଟଙ୍କାରେ ଅଟା ଏବଂ ୬ ଟଙ୍କାରେ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏଥିପାଇଁ ମେଳା ଅଞ୍ଚଳରେ ଥିବା ୧୩୮ ସୁଲଭ ମୂଲ୍ୟ ଦୋକାନରେ ରାସନ ଉପଲବ୍ଧ କରାଯାଇଛି। ଏଥର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମହାକୁମ୍ଭକୁ ଦିବ୍ୟ, ଭବ୍ୟ ତଥା ନୂଆ ରୂପ ଦେବାରେ ଲାଗି ପଡ଼ିଛନ୍ତି। ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଶ୍ରଦ୍ଧାଳୁଙ୍କ ଖାଦ୍ୟ ପାଇଁ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହାକୁମ୍ଭକୁ ଆସୁଥିବା ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶସ୍ୟଭଣ୍ଡାର ଖୋଲିଛନ୍ତି। ମେଳା ଅଞ୍ଚଳରେ ୧୩୮ ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଥିବା ବେଳେ କଳ୍ପବାସୀମାନଙ୍କ ପାଇଁ ୧.୨୦ ଲକ୍ଷ ଧଳା ରାସନ କାର୍ଡ ତିଆରି କରିବାର ବ୍ୟବସ୍ଥା କରାଯାଇଛି।

## ୨୦୨୫ ସୁଖ ଓ ସମୃଦ୍ଧିର ବର୍ଷ ହେଉ: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରାଜ୍ୟବାସୀଙ୍କୁ ନୂତନ ବର୍ଷ ୨୦୨୫ର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ୨୦୨୫ ବର୍ଷ ଆମ ସମସ୍ତଙ୍କ ଜୀବନରେ ଖୁସି ଭରିଦେଉ ଏବଂ ଭରପୂର ସୁଖ ଓ ସମୃଦ୍ଧି ଆଣିଦେଉ ଏହା କାମନା କରିଛନ୍ତି । ଶ୍ରୀ ସାଏ କହିଥିଲେ ଯେ, ଏହି ନବବର୍ଷ ଆମ ପାଇଁ ଏକ ଶୁଭ ସଂକଳ୍ପର ବର୍ଷ । ଏହି ଅବସରରେ ସେ କହିଥିଲେ ବିଗତ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟି ପୂରା କରିବା ପାଇଁ ଆମେ ସଂକଳ୍ପ ନେଇଥିଲୁ ଏବଂ ତଦନୁଯାୟୀ ସମସ୍ତଙ୍କ ନିକଟରେ ସେହି ସଂକଳ୍ପର ସଫଳତା ପହଞ୍ଚାଇଛୁ । ନୂଆବର୍ଷ ଆମ ରାଜ୍ୟର ଜନତାଙ୍କ ପାଇଁ ଏକ ଶୁଭବର୍ଷ ହୋଇଥିବା ବେଳେ ରାଜ୍ୟବାସୀଙ୍କ ସମସ୍ତ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ଆମେ ପ୍ରତିବଦ୍ଧ । ଆମେ ଏହିବର୍ଷ ଛତିଶଗଡ଼ର ପ୍ରତିଷ୍ଠା ଦିବସର ରଜତ ଜୟନ୍ତୀ ପାଳନ କରିବାକୁ ଯାଉଛୁ । ଏଥିରେ ସମସ୍ତ ରାଜ୍ୟବାସୀ ଭାଗିଦାର ହେବାକୁ ସେ ଆଶା ପ୍ରକାଶ କରିଥିଲେ । ଆମେ ସମସ୍ତେ ମିଳିମିଶି ନୂଆବର୍ଷରେ ଛତିଶଗଡ଼ର ମହତ୍ୱ ଓ ଆକାଂକ୍ଷାକୁ ପୂର୍ଣ୍ଣ କରିବା ପାଇଁ ସଂକଳ୍ପର ସହିତ କାର୍ଯ୍ୟ କରିବା ନିମନ୍ତେ ପ୍ରତିବଦ୍ଧ ହେବା ଜରୁରି ବୋଲି ବିଷ୍ଣୁଦେବ କହିଥିଲେ ।

# ବାଣିଜ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗାମୀ ମହାକୁମ୍ଭ ମେଳା ୨୦୨୫ ରେ ଯାତ୍ରା କରିବାକୁଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ ସୁବିଧା ଆୟୋଜନ କରାଯାଇଅଛି । ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ଏହି ଅ□ଳର ବିଭିନ୍ନ ପ୍ରମୁଖ ସହରରୁ ପବିତ୍ର ସହର ପ୍ରୟାଗରାଜକୁ ସହଜ ଗମନାଗମନ ସଂଯୋଗ ଯୋଗାଇବ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୧, ୮, ୨୨ ତାରିଖ ଓ ଫେବୃୟାରୀ ମାସ ୫, ୧୯, ୨୬ ତାରିଖ ଦିନ ବୁଧବାର ଦିନମାନଙ୍କରେ ଭୁବନେଶ୍ୱର ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୬ ଓ ୨୦ ତାରିଖ ଓ ଫେବୃୟାରୀ ମାସ ୧୭ ତାରିଖ ଦିନ ସୋମବାର ଦିନମାନଙ୍କରେ ପୁରୀଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୯, ୧୬, ୨୩ ତାରିଖ ଓ ଫେବୃୟାରୀ ମାସ ୬, ୨୦, ୨୭ ତାରିଖ ଦିନ ଗୁରୁବାର ଦିନମାନଙ୍କରେ ଟିଟିଲାଗଡ଼ ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି ସମ୍ବଲପୁର-ଝାରସୁଗୁଡା-ଡ଼ିଡ଼ିୟୁ-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ ।

## ସେଲ୍ ଦ୍ୱାରା ଦ୍ୱିତୀୟଥର ପାଇଁ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପ୍ରମାଣପତ୍ର ଲାଭ

ରାଉରକେଲା(ଭାସ୍କର ନ୍ୟୁଜ): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ୨୦୨୫ ଜାନୁଆରୀରୁ ୨୦୨୬ ଜାନୁୟାରୀ ପର୍ଯ୍ୟନ୍ତ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚ୍ୟୁଟ୍, ଭାରତ ଠାରୁ ସମ୍ମାନଜନକ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ପ୍ରମାଣପତ୍ର ହାସଲ କରିଛି। ସେଲ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ସାର୍ଟିଫିକେଟ୍ ହାସଲ କରିଛି। ପ୍ରଥମେ ୨୦୨୩ ଡିସେମ୍ବରରୁ ୨୦୨୪ ଡିସେମ୍ବର ମାସ ପର୍ଯ୍ୟନ୍ତ ଅବଧି ପାଇଁ ସେଲ ଏହି ପ୍ରମାଣପତ୍ର ପ୍ରାପ୍ତ କରିଥିଲା। ଏହି କ୍ରମାଗତ ବିଶ୍ୱସ୍ତରୀୟ ସ୍ୱୀକୃତି, କମ୍ପାନୀର ଅଭିନବ ଏଚଆର ପଦକ୍ଷେପ ଯଥା ୱାର୍କପ୍ଲେସ୍ ଅଦର ଦେନ ୱାର୍କପ୍ଲେସ୍ (ଡବ୍ଲୁଡ) ଯୋଜନା, ସହର ଭିତ୍ତିକ କର୍ମଚାରୀଙ୍କ ପାଇଁ ନମନୀୟ ସମୟ, ଲିଙ୍କଡଇନ୍ ଲର୍ନିଂ ହବ୍ ଏବଂ ଇ-ପାଠଶାଳା ମାଧ୍ୟମରେ ନିଜସ୍ୱ ଭିତ୍ତିକ ଶିକ୍ଷା, ନାସକମ ସହଯୋଗରେ ଉଚ୍ଚ-ଆଇଟି ଏବଂ ଡିଜିଟାଲ୍ ତାଲିମ, ଆଇଆଇଏମ୍ ଏବଂ ଏଏସସିଆଇ ସହଯୋଗରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ, କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଇ-କାଉନସେଲିଂ, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଏବଂ ବରିଷ୍ଠ ଅଧିକାରୀଙ୍କ ପାଇଁ ନେତୃତ୍ୱ କୋଚିଂ ଇତ୍ୟାଦିର ସ୍ୱୀକୃତିକୁ ସୂଚିତ କରୁଛି। ଏହି ପଦକ୍ଷେପଗୁଡିକ ଉତ୍ପାଦକତା ବୃଦ୍ଧି, ଭବିଷ୍ୟତର ବୈଷୟିକ ପ୍ରଗତି ପାଇଁ କର୍ମଚାରୀମାନଙ୍କୁ ପ୍ରସ୍ତୁତ କରିବା ଏବଂ ସେମାନଙ୍କର ସାମର୍ଥ୍ୟକୁ ପୂର୍ଣ୍ଣ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି ।




ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭୁବନେଶ୍ୱର ଅଞ୍ଚଳର ପ୍ରବନ୍ଧକ ରାଜେଶ କୁମାରଙ୍କୁ ପୁରୀ ଗୋଲ୍ଡେନ୍ ବିଚ୍‌ସ୍ଥିତ ଫୋକ୍ ଫେୟାର-୨୦୨୪ ସମାରୋହ ଅବସରରେ ପୂର୍ବତନ ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ସମ୍ବର୍ଦ୍ଧନା ଜଣାଉଛନ୍ତି ।

## ସ୍ମାର୍ଟ ଇଣ୍ଡିଆ ହାକାଥନ୍ ପାଇଁ ଗୋଦରେଜ୍‌ର ଆପ୍ଲାଏନ୍ସର ଏଆଇସିଟିଇ ସହ ସହଯୋଗିତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗୋଦରେଜ ଏଣ୍ଟରପ୍ରାଇଜେସ ଗ୍ରୁପର ଆପ୍ଲାଏନସେସ ବ୍ୟବସାୟ ପକ୍ଷରୁ ସ୍ମାର୍ଟ ଇଣ୍ଡିଆ ହାକାଥନ ୨୦୨୪ର ସପ୍ତମ ସଂସ୍କରଣ ଲାଗି ଏଆଇସିଟିଇ ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଦେଶର ବିଭିନ୍ନ ଅନୁଷ୍ଠାନରେ ଆୟୋଜନ କରାଯାଇଥିଲା ଯେଉଁଥିରେ ସ୍ଥାୟିତ୍ୱ, ପରିବେଶ, ବ୍ଲକଚେନ, ସ୍ମାର୍ଟ ଅଟୋମେସନ ଆଦି ବିଷୟରେ ୨୫୪ ପ୍ରକାର ସମସ୍ୟାର ସମାଧାନ ଲାଗି ୧୩୫୦ ଫାଇନାଲିଷ୍ଟ ସେମାନଙ୍କ ଅଭିନବ ଚିନ୍ତାଧାରା ଉପସ୍ଥାପନ କରିଛନ୍ତି। ଭାରତ ସରକାରଙ୍କ ମାନ୍ୟବର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ମାନ୍ୟବର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଆଇସିଟିଇର ଉପାଧ୍ୟକ୍ଷ ଡକ୍ଟର ଅଭୟ ଜେରେ ଓ ଗୋଦରେଜ ଏଂଟରପ୍ରାଇଜେସ ଗ୍ରୁପର ଆପ୍ଲାଏନସ ବ୍ୟବସାୟର ଏଭିପି ଓ ଇନୋଭେସନ ମୁଖ୍ୟ ଶ୍ରୀ ସନ୍ତରନ ଉପସ୍ଥିତ ଥିଲେ। ବିଶ୍ୱରେ ରହିଥିବା ସମ୍ବଳ ଉପରେ ଚାପ ବଢୁଥିବାରୁ ସେଗୁଡ଼ିକୁ ସଂରକ୍ଷଣ କରିବା ଲାଗି ଅଭିନବ ଉପାୟ ବାହାର କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏକ ରିପୋର୍ଟ ଅନୁସାରେ ୨୦୫୦ ସୁଦ୍ଧା ଭାରତର ପରିବାରରେ ଥିବା ଆପ୍ଲାଏନସେସଗୁଡ଼ିକ ଲାଗି ବିଦ୍ୟୁତ ଚାହିଦାରେ ୯ ଗୁଣା ବୃଦ୍ଧି ହେବ।

## ୨୦୨୫ ର ଅଭିନନ୍ଦନ



୨୦୨୫ ନବବର୍ଷ ସମଙ୍ଗ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ। ଏହା ମା' ଶାରଳା ଓ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ମିନତୀ ଜେନା**
ସରପଞ୍ଚ, ସମଙ୍ଗ ଗ୍ରାମପଞ୍ଚାୟତ







## ୨୦୨୫ ର ଅଭିନନ୍ଦନ



ନବବର୍ଷ ୨୦୨୫ ପଳାଶୋଳ ପଞ୍ଚାୟତବାସୀଙ୍କ ପାଇଁ ସୁଖ, ସମୃଦ୍ଧିର ବର୍ଷ ହେଉ। ଏହା ହିଁ ପ୍ରଭୁ ବଳଦେବ ଜୀଉଙ୍କ ନିକଟରେ ପ୍ରାର୍ଥନା

**ଅକ୍ଷୟ ମହାନ୍ତି**
ସମାଜସେବୀ, ସଭାପତି ପଳାଶୋଳ ୟୁଥ୍ ହେଲ୍ପିଂ ବଏ ଚାରିଟେବଲ ଟ୍ରଷ୍ଟ

## ୨୦୨୫ ର ଅଭିନନ୍ଦନ



୨୦୨୫ ନବବର୍ଷ ସମଙ୍ଗ ଗ୍ରାମପଞ୍ଚାୟତର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ।

**ଲକ୍ଷ୍ମୀପ୍ରିୟା ନାୟକ**
ଏମ୍‌ବିକେ ସମଙ୍ଗ ଗ୍ରାମପଞ୍ଚାୟତ

## ୨୦୨୫ ର ଅଭିନନ୍ଦନ




**ମା ପାନେଶ୍ୱରୀ ମୋଟର୍ସ**

**ଦୀପକ କୁମାର ପାତ୍ର**
ପ୍ରୋପାଇଟର
ଇଚ୍ଛାପୁର, ଅଡ଼ଶପୁର, କଟକ,
ମୋ-୯୩୩୭୨୧୯୫୩୫




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ (ଓସ୍‌ଜା)ର ବାର୍ଷିକ ସାଧାରଣ ବୈଠକରେ ୨୦୨୪-୨୮ ବର୍ଷ ପାଇଁ ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଯୁବ ଶିଳ୍ପପତି ଅସିତ କୁମାର ପ୍ରଧାନ ନୂଆ ସଭାପତି ନିର୍ବାଚିତ ହୋଇଥିବା ବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଗୀତାଞ୍ଜଳି ପଣ୍ଡା ୮ ବର୍ଷ ପରେ ସମ୍ପାଦକ ପଦକୁ ଫେରିଛନ୍ତି। ପୂର୍ବ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉପସଭାପତି, ଲୋପାମୁଦ୍ରା ପତି ଯୁଗ୍ମ ସମ୍ପାଦିକା, ଶ୍ରଦ୍ଧାଞ୍ଜଳି ପଣ୍ଡା କୋଷାଧକ୍ଷା ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ କମିଟିକୁ ଜ୍ଞାନରଂଜନ ମହାନ୍ତି, ସୁବାଷ ଚନ୍ଦ୍ର ବେ ?ହେରା, ଚନ୍ଦ୍ରଶେଖର ବାହୁକ, ବିନାଶ କୁମାର ମିଶ୍ର, ଏସ୍‌ଏ ରେହାନ, ଦେବେନ୍ଦ୍ର କୁମାର ?ଜେ ?ନ ମନୋନୀତ ହୋଇଛନ୍ତି। ଲକ୍ଷ୍ମୀଧର ବେହେରା, ରାକେଶ କୁମାର ବେହେରା, ସୁଧାଂଶୁ କୁମାର ପଣ୍ଡା ସଦସ୍ୟ ମନୋନୀତ ହୋଇଛନ୍ତି। କନ୍ଦନ ମୁର୍ମୁଙ୍କୁ ଓସ୍‌ଜାର ଟେକନିକାଲ୍ ଅଧକ୍ଷ ମନୋନୀତ କରାଯାଇଛି। ରାଜ୍ୟର ୨୨ ଜିଲ୍ଲା ସଂଘରୁ ପ୍ରତିନିଧି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ଚାର୍ଟାଡ୍ ଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ନାୟକ ରିଟର୍ଣ୍ଣିଂ ଅଫିସର୍ ଭାବେ ନିର୍ବାଚନ ପରିଚାଳନା କରିଥିବା ବେଳେ ପଶ୍ଚିମବଙ୍ଗ ଜୁଡ଼ୋ ସଂଘ ସମ୍ପାଦକ ତପନ ବିଶ୍ୱ ଭାରତୀୟ ଜୁଡ଼ୋ ସଂଘ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ଅଲିମ୍ପିକ୍ ସଂଘର ପ୍ରତିନିଧି ଭାବେ ଅଶୋକ ସାହୁ, କ୍ରୀଡ଼ା ଓ ଯୁବସେବା ପ୍ରତିନିଧି ଭାବେ ଅଜୟ କୁମାର ବେ ?ହେରା ମଧ ଉପସ୍ଥିତ ଥିଲେ।

# ୨୦୨୫ ଟେଷ୍ଟ ସିରିଜ୍ କାର୍ଯ୍ୟସୂଚୀ ଘୋଷଣା କଲା ଇଣ୍ଡିଆ



ନୂଆଦିଲ୍ଲୀ : ଚଳିତ ବର୍ଷ ଭାରତୀୟ କ୍ରିକେଟ ଦଳର ପ୍ରଦର୍ଶନ ଏତେଟା ଭଲ ନଥିଲେ ମଧ ମିଶ୍ରିତ ଥିଲା। ପ୍ରାୟ ୧୭ ବର୍ଷ ପରେ ଭାରତୀୟ ଦଳ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିଲା, କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ପରାଜୟର ସମ୍ମୁଖୀନ ହୋଇଥିଲା। ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡ ଭାରତୀୟ ଦଳକୁ ୩-୦ରେ ପରାସ୍ତ କରିଥିଲା। ଭାରତୀୟ ଦଳ ପ୍ରାୟ ୧୨ ବର୍ଷ ପରେ ନିଜ ମାଟିରେ ଏକ ଟେଷ୍ଟ ସିରିଜରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ବର୍ତ୍ତମାନ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଅଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଟିମ ଇଣ୍ଡିଆ ୨-୧ରେ ରହିଛି। ଭାରତ ନୂଆ ବର୍ଷରେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଟେଷ୍ଟ ଖେଳିବ। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏହି ଟେଷ୍ଟ ଜାନୁଆରୀ ୩ରୁ ସିଡନୀରେ ଖେଳାଯିବ। ଯଦି ଭାରତୀୟ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ପହଞ୍ଚିବା ପାଇଁ ଆଉ ଗୋଟିଏ ଟେଷ୍ଟ ଖେଳିବାର ସୁଯୋଗ ପାଇବ। ଏହା ପରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତରେ ଯିବ। ଟିମ ଇଣ୍ଡିଆ ଏହି ଭ୍ରମଣରେ ୫ଟି ଟେଷ୍ଟ ମ୍ୟାଚ ଖେଳିବ। ଇଂଲଣ୍ଡ ଗସ୍ତରେ ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ୨ଟି ଟେଷ୍ଟ ସିରିଜ ଖେଳାଯିବ। ଦୁଇ ଦଳ ମଧ୍ୟରେ ଏହି ଟେଷ୍ଟ ସିରିଜ ଭାରତୀୟ ମାଟିରେ ଖେଳାଯିବ। ଏହା ପରେ ଭାରତୀୟ ଦଳ ଆଉ ଏକ ଘରୋଇ ସିରିଜ ଖେଳିବ। ଦକ୍ଷିଣ ଆଫ୍ରିକା ଦଳ ଭାରତ ଗସ୍ତ କରିବାକୁ ଆସିବେ। ଏହି ଗସ୍ତରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ଦଳ ୨ଟି ଟେଷ୍ଟ ମ୍ୟାଚ ସିରିଜ ଖେଳିବେ। ଏହିପରି ଭାବରେ ୨୦୨୫ରେ ଭାରତୀୟ ଦଳ ମୋଟ ୧୦ଟି ଟେଷ୍ଟ ଖେଳିବ, କିନ୍ତୁ ଯଦି କୌଣସି ପ୍ରକାରେ ଟିମ ଇଣ୍ଡିଆ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ପହଞ୍ଚିବ, ତେବେ ଏହି ସଂଖ୍ୟା ୧୧ କୁ ବୃଦ୍ଧି ପାଇବ।

# ରୋହିତ ଓ କୋହଲିଙ୍କ ଟେଷ୍ଟ କ୍ୟାରିୟରେ ଅଙ୍କୁଶ ଲାଗିପାରେ !



ନୂଆଦିଲ୍ଲୀ: ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଟେଷ୍ଟ କ୍ୟାରିୟର ନୂଆ ବର୍ଷର ପ୍ରଥମ ସପ୍ତାହରେ ଶେଷ ହୋଇଯାଇପାରେ।ଏହା ପଛରେ ଗୋଟିଏ ନୁହେଁ ଅନେକ କାରଣ ରହିଛି। ହିଟ୍‌ମ୍ୟାନ ରୋହିତ ଶର୍ମା ବର୍ତ୍ତମାନ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ। କିନ୍ତୁ ତାଙ୍କୁ ଟେଷ୍ଟ ଦଳର ଅଧିନାୟକ ପଦରୁ ବିଦା କରିବା ସହ ଦଳରୁ ବାଦ୍ ଦିଆଯିବାର ସମ୍ଭାବନା ରହିଛି। ଅନ୍ୟପଟେ ବିରାଟ କୋହଲିଙ୍କୁ ତାଙ୍କର ଫର୍ମ ଓ ପ୍ରଦର୍ଶନକୁ ଦେଖି ଟେଷ୍ଟ ଦଳରୁ ବାଦ୍ ଦିଆଯାଇପାରେ। ସର୍ବପ୍ରଥମେ ନଜର ପକାଇବା ରୋହିତ ଶର୍ମାଙ୍କ ଉପରେ। ଭାରତୀୟ ଅଧିନାୟକ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ୯ଟି ମ୍ୟାଚ୍‌ର ୧୭ଟି ଇନିଂସରୁ ମାତ୍ର ୧୬୪ ରନ କରିଛନ୍ତି। ଏଥିରେ କେବଳ ଗୋଟିଏ ଅର୍ଦ୍ଧଶତକ ସାମିଲ। ଏହି ଚିତ୍ର କୌଣସି ବି ବ୍ୟାଟରଙ୍କୁ ଦଳରୁ ବାହାର କରିବା ପାଇଁ ଯଥେଷ୍ଟ। ଏମିତି ପ୍ରଦର୍ଶନ କରୁଥିବା କୌଣସି ବ୍ୟାଟର ଯଦି ଅଧିନାୟକ ଅଛନ୍ତି ତଥାପି ତାଙ୍କୁ ଦଳରୁ ବାଦ୍ ଦିଆଯାଇ ପାରିବ। ସେମିତିରେ ରୋହିତ ଟେଷ୍ଟ ଅଧିନାୟକ ଭାବେ ବିଫଳ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ଗତ ୬ଟି ଟେଷ୍ଟରୁ ଭାରତ ୫ଟିରେ ପରାଜିତ ହୋଇଛି ଏବଂ ଗୋଟିଏ ମ୍ୟାଚ୍ ଡ୍ର ରହିଛି। ତେଣୁ ଅଧିନାୟକ ସହ ତାଙ୍କୁ ଦଳରୁ ହଟା ଯାଇପାରେ। ଏମିତି ସ୍ଥିତିରେ ରୋହିତଙ୍କ ପାଖରେ ବିକଳ୍ପ ଏହା ଯେ, ସେ ନିଜେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇ ଯାଆନ୍ତୁ। କାରଣ ସେମିତିରେ ବି ୨୦୨୫ରେ ତାଙ୍କ ବୟସ ୩୮ ହୋଇଯିବ। ତାଙ୍କର ଫିଟନେସ୍ ବି ସେତେ ସନ୍ତୋଷଜନକ ନୁହେଁ। ତେଣୁ ଜାନୁଆରୀ ୩ରୁ ୭ ତାରିଖ ପର୍ଯ୍ୟନ୍ତ ସିଡନୀରେ ଖେଳାଯିବାକୁ ଥିବା ଟେଷ୍ଟ ରୋହିତ କ୍ୟାରିୟରର ଶେଷ ଟେଷ୍ଟ ହୋଇପାରେ।

ସେପଟେ ବିରାଟ କୋହଲିଙ୍କ ଉପରେ ନଜର ପକାଇଲେ ସେ ଦୀର୍ଘ ସମୟ ଧରି ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଅଷ୍ଟ୍ରେଲିଆ ଗସ୍ତରେ ଗୋଟିଏ ଶତକକୁ ବାଦ୍ ଦେଲେ ବାକି ଇନିଂସରେ ସେ ବହୁତ ନିରାଶ କରିଛନ୍ତି। ଗତ ୯ଟି ମ୍ୟାଚ୍‌ର ୧୭ଟି ଇନିଂସରେ ସେ କେବଳ ୩୫୯ ରନ କରିଛନ୍ତି। ବିରାଟ ରୋହିତଙ୍କଠୁ ଅଧିକ ରନ କରିଥିଲେ ହେଁ ସେ ଏମିତି ବ୍ୟାଟିଂ ପାଇଁ ପରିଚିତ ନୁହନ୍ତି। ତାଙ୍କଠୁ ଦଳ ଭଲ ଇନିଂସ ଆଶା କରିଥାଏ। ତାଙ୍କ ବୟସ ଏବେ ୩୬ ବର୍ଷ ହୋଇଥିଲେ ହେଁ ଫିଟନେସ୍ ଭଲ ରହିଛି। କିନ୍ତୁ ତାଙ୍କର ବ୍ୟାଟିଂ ଟେକନିକ ଦିନକୁ ଦିନ ଖରାପ ହୋଇ ଚାଲିଛି। ଏମିତି ଫର୍ମକୁ ଦେଖି କୋହଲିଙ୍କୁ ମଧ ଦଳରୁ ବାଦ୍ ଦିଆଯିବାର ଚାପ ରହିଛି। ଇନଫର୍ମ ବ୍ୟାଟର ବାହାରେ ବସିଛନ୍ତି। ଏମିତିରେ ସିଡନୀ ଟେଷ୍ଟ ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ହୋଇପାରେ। କିନ୍ତୁ ଏବେଠୁ କିଛି ଆନୁଷ୍ଠାନିକ ଭାବେ କୁହାଯାଇ ପାରିବ ନାହିଁ। ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ କହିଛନ୍ତି ଯେ, ଫିଟନେସ୍ ?କୁ ଦେଖିଲେ କୋହଲି ଆରାମରେ ଆଉ ୨-୩ ବର୍ଷ ଖେଳି ପାରିବେ। ମାତ୍ର ବ୍ୟାଟିଂ ଫର୍ମ ତାଙ୍କର ସବୁଠୁ ବଡ଼ ସମସ୍ୟା ପାଲଟିଛି।

## ବିବାଦରେ ଅମ୍ପାୟାର



ନୂଆଦିଲ୍ଲୀ : ବକ୍ସିଂ ଡେ ଟେଷ୍ଟରେ ଟିମ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସୱାଲ ବିବାଦୀୟ ଢଙ୍ଗରେ ଆଉଟ ହୋଇଛନ୍ତି। ସେ ପାଟ କମିନ୍ସଙ୍କ ବଲକୁ ପୁଲ ମାରିବାକୁ ଚେଷ୍ଟା କରିଥିଲେ ହେଁ ଏହା ଲେଗ ସାଇଡରେ ଯାଇ ୱିକେଟ କିପର ଆଲେକ୍ସ କେରୀଙ୍କ ଗ୍ଲୋଭ୍ସରେ ପଡ଼ିଥିଲା। ବଲ ଯଶସ୍ୱୀଙ୍କ ଗ୍ଲୋଭ୍ସରେ ବାଜିଥିବା ଭାବି କେରୀ ଓ କମିନ୍ସ ଜୋରଦାର ଅପିଲ କରିଥିଲେ। ଅନ ଫିଲ୍ଡ ଅମ୍ପାୟାର ଜୁଏଲ ୱିଲସନ କିନ୍ତୁ ଆଉଟ ଦେଇ ନଥିଲେ। ତେବେ ଏହା ବିରୋଧରେ କମିନ୍ସ ଡିଆରଏସର ବ୍ୟବହାର କରିଥିଲେ। ଏହି ଠାରୁ ଆରମ୍ଭ ହୋଇଥିଲା ବିବାଦ। ଡିଆରଏସ ବଳରେ ବେଶ କିଛି ସମୟ ତୃତୀୟ ଅମ୍ପାୟାର ଚେକ କରିଥିଲେ। ଅଲ୍ଟ୍ରା ଏଡେଜରେ ଦେଖିବାକୁ ମିଳିଥିଲା ଯେ ବଲ ବ୍ୟାଟକୁ ଅତିକ୍ରମ କରିବା ବେଳେ କୌଣସି ସ୍ପାଇକ ଦେଖାଯାଇ ନଥିଲା। ତଥାପି ତୃତୀୟ ଅମ୍ପାୟାର ଶର୍ଫୁଦୌଲା ସୈକତ ଭିଜୁଆଲ ପ୍ରମାଣ ଆଧାରରେ ଜୈସୱାଲଙ୍କୁ ଆଉଟ ଘୋଷଣା କରିଥିଲେ।

# ହକି ଇଣ୍ଡିଆ ପୁରୁଷ ଲିଗ୍: ପରାଜୟରୁ ଅଭିଯାନ ଆରମ୍ଭ କଲା କଳିଙ୍ଗ ଲାନସର୍ସ




ରାଉରକେଲା (ଭାସ୍କର ନ୍ୟୁଜ୍) : ହକି ଇଣ୍ଡିଆ ପୁରୁଷ ଲିଗ୍‌ରେ ବେଦାନ୍ତ କଳିଙ୍ଗ ଲାନସର୍ସ ପରାଜୟ ସହ ଅଭିଯାନ ଆରମ୍ଭ କରିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଦଳ ୩-୧ ଗୋଲ୍‌ରେ ୟୁପି ରୁଦ୍ରସ ନିକଟରୁ ହାରି ଯାଇଥିଲା। ନ୍ୟୁଜିଲାଣ୍ଡ ଡିଫେଣ୍ଡର କେନ୍ ରସେଲ ଡବଲ୍ ଗୋଲ୍ କରି ୟୁପି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ କ୍ୱାର୍ଟରର ଚତୁର୍ଥ ମିନିଟ୍‌ରେ ୟୁପି ରୁଦ୍ରସ୍ ଗୋଲ୍ ସୁଯୋଗ ହାତଛଡ଼ା କରିଥିଲା। ସୁଦୀପ ଚିରମାକୋଙ୍କ ସଟ୍ ଗୋଲ୍ ପୋଷ୍ଟ ବାହାରକୁ ଚାଲିଯାଇଥିଲା। ଏହାପରେ କଳିଙ୍ଗ ଲାନସର୍ସ ସଂଗଠିତ ହୋଇ ଆକ୍ରମଣ ଜୋରଦାର କରିଥିଲା। ୧୩ମିନିଟ୍‌ରେ ଏନରିକ୍ ଗୋଞ୍ଜାଲେଜ ଗୋଟିଏ ଦର୍ଶନୀୟ ଗୋଲ୍ କରି କଳିଙ୍ଗ ଲାନସର୍ସକୁ ୧-୦ରେ ଅଗ୍ରଣୀ ପ୍ରଦାନ କରିଥିଲେ। ପରବର୍ତ୍ତୀ ୨ମିନିଟ୍ ମଧ୍ୟରେ ଦଳକୁ ପ୍ରଥମ ପେନାଲ୍ଟି ସୁଯୋଗ ମିଳିଥିଲା । ମାତ୍ର ଆଲେକଜାଣ୍ଡର ହେଣ୍ଡ୍ରିକ୍ସଙ୍କ ପ୍ରୟାସ୍ ବୃଥା ଯାଇଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇ ପାରିନଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଘରୋଇ କଳିଙ୍ଗ ଲାନସର୍ସ ଅଗ୍ରଣୀ ବଜାୟ ରଖିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ମଧ୍ୟରେ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିଥିଲା । ଏହି ଭାଗର ଅନ୍ତିମ ମିନିଟ୍‌ରେ ୟୁପି ରୁଦ୍ରସ୍‌କୁ ପ୍ରଥମ ପେନାଲ୍ଟି ସୁଯୋଗ ମିଳିଥିଲା। କେନ୍ ରସେଲ ଏହାକୁ ଗୋଲ୍‌ରେ ରୂପାନ୍ତରିକ କରିବାରେ ହେଳା କରିନଥିଲେ। ସ୍ଥିତି ୧-୧ରେ ବରାବର ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଆରମ୍ଭରୁ ୟୁପି ରୁଦ୍ରସ୍‌କୁ ଆଉ ଏକ ପେନାଲ୍ଟି ମିଳିଥିଲା। ମାତ୍ର କଳିଙ୍ଗ ଲାନସର୍ସ ଗୋଲ୍ କିପର କ୍ରିଷନ ବାହାଦୂର ପାଠକ ଏହାକୁ ବିଫଳ କରାଇଥିଲେ। ପରବର୍ତ୍ତୀ ମିନିଟ୍‌ରେ ସୁଦୀପ ଚିରମାକୋ ଗୋଟିଏ ଗୋଲ୍ କରି ୟୁପିକୁ ୨-୧ରେ ଆଗୁଆ କରାଇଥିଲେ। କଳିଙ୍ଗ ଲାନସର୍ସ ଆଶା ମଉଳି ଯାଇଥିଲା। ଦଳ ଶେଷ ୩ମିନିଟ୍ ପୂର୍ବରୁ ଗୋଲ୍ କିପରଙ୍କ ବଦଳରେ ଆଉ ଜଣେ ଖେଳାଳିଙ୍କୁ ସାମିଲ କରିଥିଲା। ଅନ୍ତିମ ମିନିଟ୍‌ରେ ୟୁପି ଏକ ପେନାଲ୍ଟି ସୁଯୋଗ ପାଇଥିଲା । କଳିଙ୍ଗ ଲାନସର୍ସର ଗୋଲ୍ କିପର ନଥିବାରୁ ପ୍ରତିପକ୍ଷ ଖେଳାଳି କେନ୍ ରସେଲ ସହଜରେ ବଲ୍‌କୁ ଗୋଲପୋଷ୍ଟରେ ପୁରାଇ ଦେଇଥିଲେ । ଦଳ ୩-୧ରେ ବିଜୟୀ ହାସଲ କରିଥିଲା ।

## ସଚିନଙ୍କ ରେକର୍ଡ ଠାରୁ ୮୫ ରନ ଦୂରରେ ଜୈସୱାଲ




ନୂଆଦିଲ୍ଲୀ : ଟିମ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସୱାଲ ବର୍ଡର-ଗାଭାସ୍କର ଟ୍ରଫିରେ ଦମଦାର ପ୍ରଦର୍ଶନ କରି ଚାଲିଛନ୍ତି। ଭାରତ ପରାଜୟ ସହ ୨୦୨୪ ଶେଷ କରିଥିଲେ ହେଁ ଯଶସ୍ୱୀ ବ୍ୟକ୍ତିଗତ ଭାବେ ବଡ଼ ରେକର୍ଡର ଅଧିକାରୀ ହୋଇଛନ୍ତି। ୨୩ ବର୍ଷୀୟ ଏହି ବ୍ୟାଟର ଜଣଙ୍କ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ କରିଥିବା ଭାରତୀୟଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି। ସେ ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟରେ ୮୪ ରନର ଇନିଂସ ଖେଳିବା ପରେ ବୀରେନ୍ଦ୍ର ସେହୱାଗ ଓ ସୁନୀଲ ଗାଭାସ୍କରଙ୍କ ଭଳି କିମ୍ବଦନ୍ତୀ ଭାରତୀୟ କ୍ରିକେଟରୁ ପଛରେ ପକାଇ ଦେଇଛନ୍ତି। ବର୍ଡର ଗାଭାସ୍କରର ୮ଟି ଇନିଂସରେ ସେ ୫୧.୨୯ ହାରରେ ମୋଟ ୩୫୯ ରନ ସଂଗ୍ରହ କରିଛନ୍ତି। ଉକ୍ତ ସିରିଜରେ ସେ ଭାରତ ପାଇଁ ସର୍ବାଧିକ ରନ ହାସଲକାରୀ କ୍ରିକେଟର ମଧ ବନି ଯାଇଛନ୍ତି। ଆଡିଲେଡ ଓ ବ୍ରିସବେନ ଟେଷ୍ଟରେ ଯଶସ୍ୱୀ ଜୈସୱାଲ ଫେଲ ମାରିଥିଲେ। ଯଦି ଏହି ଦୁଇ ଟେଷ୍ଟରେ କିଛି ରନ କରି ଥାଆନ୍ତେ, ତା'ହେଲେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ ହାସଲ କରିଥିବା ଭାରତୀୟଙ୍କ ମଧ୍ୟରେ ୧ନଂ ସ୍ଥାନରେ ପହଞ୍ଚି ଯାଇଥାଆନ୍ତେ। ଏହି ତାଲିକାରେ ପୂର୍ବଭଳି ସଚିନ ତେନ୍ଦୁଲକର ରହିଛନ୍ତି। ଯଶସ୍ୱୀ ତାଙ୍କ ଠାରୁ ୮୫ ରନ ଦୂରରେ ରହି ବର୍ଷ ଶେଷ କରିଛନ୍ତି।

# ତୀରନ୍ଦାଜୀରେ ପଦକ ଜିତିଲେ ବେଦାନ୍ତର ସଞ୍ଜୟ ମାଝୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବେଦାନ୍ତ କ୍ରୀଡା ପ୍ରୋତ୍ସାହନର ପ୍ରତିଭାବାନ ଯୁବ ତୀରନ୍ଦାଜ ସଞ୍ଜୟ ମାଝୀ ସମ୍ମାନଜନକ ଏନଟିପିସି ସିନିୟର ନ୍ୟାସନାଲ ଆର୍ଚରୀ ଚାମ୍ପିୟନଶିପ୍ ୨୦୨୪ରେ କାଂସ୍ୟ ପଦକ ଜିତିଛନ୍ତି । ଭାରତର ପ୍ରମୁଖ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ୟୁନିଟ୍ ବେଦାନ୍ତ ଲାଞ୍ଜିଗଡ଼ ସମର୍ଥିତ ସଞ୍ଜୟଙ୍କ ଏହି ସଫଳତା ତୀରନ୍ଦାଜିରେ ବରିଷ୍ଠ ବର୍ଗର ଜାତୀୟ ପଦକ ପାଇଁ ଓଡ଼ିଶାର ୨୧ ବର୍ଷର ଅଭିଯାନକୁ ଶେଷ କରି ରାଜ୍ୟ ଓ ବେଦାନ୍ତର କ୍ରୀଡ଼ା ପାଇଁ ଗୌରବ ଆଣିଦେଇଛନ୍ତି । ବେଦାନ୍ତ କ୍ରୀଡ଼ା କାର୍ଯ୍ୟକ୍ରମ ୨୦୧୮ରେ ଆରମ୍ଭ ହେବା ପରଠାରୁ ଓଡ଼ିଶାର କଳାହାଣ୍ଡିରେ ଯୁବ କ୍ରୀଡ଼ାବିତ୍ମାନଙ୍କ ପାଇଁ ଆଶାର କିରଣ ପାଲଟିଛି । ତୀରନ୍ଦାଜି ଏବଂ କରାଟେ ଉପରେ ଧ୍ୟାନ ଦେବା ସହିତ, ଏହି ପଦକ୍ଷେପ ଉଦୀୟମାନ ଆଥଲେଟମାନଙ୍କୁ ବିଶେଷଜ୍ଞ ପ୍ରଶିକ୍ଷଣ, ଆଧୁନିକ ଉପକରଣ, ୟୁନିଫର୍ମ ଏବଂ ଲଜିଷ୍ଟିକ୍ ସହାୟତା ସହିତ ବ୍ୟାପକ ସହାୟତା ପ୍ରଦାନ କରୁଛି । ବର୍ତ୍ତମାନ ସୁଦ୍ଧା ୩୦୦ରୁ ଅଧିକ ଆଥଲେଟ୍ ଏହି କାର୍ଯ୍ୟକ୍ରମରୁ ଉପକୃତ ହୋଇଥିବା ବେଳେ ୧୧୦ଜଣ ଏବେ ତୀରନ୍ଦାଜି ଓ କରାଟେରେ ବୃତ୍ତିଗତ ପ୍ରଶିକ୍ଷଣ ନେଉଛନ୍ତି । ଏହି ମାଇଲଖୁଣ୍ଟ କ୍ରୀଡ଼ା ମାଧ୍ୟମରେ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ବେଦାନ୍ତର ବୃହତ ଦୃଷ୍ଟିକୋଣ ଉପରେ ଆଲୋକପାତ କରୁଛି । ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଲାଞ୍ଜିଗଡ଼ରେ ଆମର କ୍ରୀଡ଼ା ବିକାଶ ପଦକ୍ଷେପ ସ୍ଥାନୀୟ ଯୁବକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ଏବଂ ସେମାନଙ୍କୁ ଜାତୀୟ ଓ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ଚମକିବାରେ ସକ୍ଷମ କରିବାର ଲକ୍ଷ୍ୟ ସହିତ ଯୋଡ଼ି ହୋଇଛି । ଏହି ଐତିହାସିକ ବିଜୟ ପାଇଁ ଆମ କ୍ରୀଡ଼ା କାର୍ଯ୍ୟକ୍ରମରେ ସାମିଲ ଥିବା ସଞ୍ଜୟ ମାଝୀ ଓ ତାଙ୍କ ପ୍ରଶିକ୍ଷକ ସୀମାଞ୍ଚଳ କାଦରକାଙ୍କ ପାଇଁ ଆମେ ଅତ୍ୟନ୍ତ ଗର୍ବିତ ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହି କାର୍ଯ୍ୟକ୍ରମରୁ ଆହୁରି ଅନେକ ଚାମ୍ପିୟନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ । ବେଦାନ୍ତ ଆଲୁମିନିୟମ ବିଶେଷ କରି ଅବହେଳିତ ସମ୍ପ୍ରଦାୟର ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ବିଶ୍ୱାସ କରେ ଏବଂ ସମଗ୍ର ଓଡ଼ିଶାରେ ଏହାର କ୍ରୀଡ଼ା ଅଭିଯାନ ମାଧ୍ୟମରେ ଏହା ତୀରନ୍ଦାଜି, ହକି, କରାଟେ ଏବଂ ଫୁଟବଲ ଭଳି କ୍ରୀଡ଼ାରେ ୫୦୦ରୁ ଅଧିକ ଯୁବକଙ୍କୁ ପ୍ରଶିକ୍ଷଣ ଦେଇଛି । ଏହାବ୍ୟତୀତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ୫୦୦ରୁ ଅଧିକ ଗାଁକୁ ସେବା ଯୋଗାଇଦେଇଛି, ଯେଉଁଥିରେ ୪.୫ ଲକ୍ଷ ଲୋକ ଉପକୃତ ହୋଇଛନ୍ତି । ଏଥିରେ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି, ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି ଆଦି କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି । ନିଜର ଫ୍ଲାଗସିପ୍ ପ୍ରକଳ୍ପ ନନ୍ଦ ଘର ଅଧୀନରେ କମ୍ପାନୀ ଓଡ଼ିଶାରେ ମହିଳା ଓ ଶିଶୁ ବିକାଶ ପାଇଁ ପ୍ରାୟ ୫୩୧ଟି ନନ୍ଦ ଘର ପ୍ରତିଷ୍ଠା କରିଛି, ଯାହା କି ଅଙ୍ଗନବାଡ଼ିର ଆଧୁନିକୀକରଣ ଅଟେ ।

# ବେତନଟୀ ପ୍ରିମିୟର ଲିଗ୍: ଆରିୟନ ଫାଇଟର ଚାମ୍ପିଅନ




ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ-୧୧ ଉଦ୍‌ଯାପିତ ହୋଇଯାଇଛି। ଏହି ପାଇନାଲ ମ୍ୟାଚ୍‌କୁ ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ବାହାନଡା ଟାଇଗର ଓ ଆରିୟନ ଫାଇଟର ମୁହାଁମୁହିଁ ହୋଇଥିଲେ। ବାହାନଡା ଟାଇଗର ଟସ୍ ଜିଣି ପ୍ରଥମେ ବଲିଙ୍ଗ କରି ୨୫ ଓଭର ୮ ୱିକେଟ ହରାଇ ୨୦୧ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ବାହାନଡା ଟାଇଗର ୨୧ ଓଭରରେ ସପ୍ତମ ୱିକେଟ ହରାଇ ୧୫୨ ରନ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବେତନଟୀ କ୍ରିକେଟ କ୍ଲବ୍ ସଭାପତି ଶଶିକାନ୍ତ ମହାପାତ୍ରଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ କ୍ରିଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦାନ କରି ଗ୍ରାମ ଅଞ୍ଚଳରେ ଏଭଳି ଏକ ପ୍ରିମିୟର ଲିଗ୍ ଆୟୋଜନ ହେଉଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ଅତିଥି ଭାବରେ ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ ପରିଡ଼ା, କ୍ଲବ୍ ସମ୍ପାଦକ ଦିଲ୍ଲୀପ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ସଠିଲୋ ସମିତି ସଭ୍ୟ କିଶୋର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଫାଇନାଲ ଖେଳରେ ୪୮ଟି ବଲରେ ୮୧ ରନ କରିଥିବା ଆରିୟନ ଫାଇଟର ଖେଳାଳି ଦୀପକ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହି ପ୍ରିମିୟର ଲିଗର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ହରିହର ମାହାନାଙ୍କୁ ବିବେଚନା କରାଯାଇଥିଲା। ବେଷ୍ଟ ବ୍ୟାଟ୍ସମ୍ୟାନ ଦୀପକ ବେହେରା, ବେଷ୍ଟ ବୋଲର ହରିହର ମାହାନା , ବେଷ୍ଟ ଫିଲଡର ଜଗଜୀତ ପଣ୍ଡା, ବେଷ୍ଟ ଉଦୀୟମାନ ଖେଳାଳୀ ଜଗଜୀତ ପଣ୍ଡା, ବେଷ୍ଟ ଭଲେଣ୍ଟିଆର ଭାଗ୍ୟ ରଞ୍ଜନ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଆରିୟନ ଫାଇଟରକୁ ୧ ଲକ୍ଷ ଟଙ୍କା ଓ ରନରସପ ବାହାନଡା ଟାଇଗରକୁ ୭୦ ହଜାର ସହ ଟ୍ରଫି ଓ ତୃତୀୟ ଦଳ ଭାବରେ ମା' ଦୁର୍ଗା ଫାଇଟରଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଖେଳକୁ କେ ଇନ୍ଦ୍ରଜିତ ପ୍ରସାଦ ଓ ଦେବାଶିଷ ଗୁପ୍ତା ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ଅନୁପ ପରିଡା ଓ ଅନଲାଇନ ଯୋଗର ଭାବରେ ଗୌରବ ନାଥ, ଭାଗ୍ୟ ରଞ୍ଜନ ବେହେରା ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ୍‌ର ସୁମନ ପାଲ, ଛତିଶ ସାହୁ, ଶକ୍ତି ଧରି ଦାସ, ପ୍ରକାଶ ଜ୍ୟୋତି ଆଦିତ୍ୟ, ସୁଧାକର ପଣ୍ଡା, ମନୋଜ କୁମାର ପଣ୍ଡା, ପ୍ରଶାନ୍ତ ନାଥ, ସୁଧାକର ପଣ୍ଡା, ସାଗର ସାହୁ, ଅବିନାଶ ନାୟକ, ସର୍ଭେଶ୍ୱର ଦାସ, ନରୋତ୍ତମ ମହାନ୍ତି, ଚନ୍ଦ୍ର ଶେଖର ବେରା, କୁମାର ନାଥ, ସୈମ୍ୟ ବାରିକ, ପିଙ୍କୁ ପରିଡ଼ା, ରିଙ୍କୁ ସାହ, ସାଗର ସାହୁ, ହୃଷିକେଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

**ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ବଘେଇ କ୍ରିକେଟ୍ କ୍ଲବ୍ ବିଜୟୀ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ସଂପୂର୍ ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।ଏହି ମ୍ୟାଚରେ ବଘେଇ କ୍ରିକେଟ କ୍ଲବ ଓ ପଣ୍ଡୁସର କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ପଣ୍ଡୁସର ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ବଘେଇ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳି ୮ ଉଇକେଟ ବିନିମୟରେ ୧୬୫ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ପଣ୍ଡୁସର ଦଳ ୨୦ ଓଭର ଖେଳି ୮ ଉଇକେଟ ହରାଇ ୧୩୨ ରନ କରି ପରାଜିତ ହୋଇଥିଲା। ଏହି ମ୍ୟାଚ ବିଜୟ ଫଳରେ ବଘେଇ ଦଳ ସେମିଫାଇନାଲ ପ୍ରବେଶ କରିଛି। ଏହି ମ୍ୟାଚଟିକୁ ଆମ୍ପେୟର ଭାବେ ପିଣ୍ଟୁଆ ପ୍ରଧାନ ଓ ନିବାସୀ ପାତ୍ର ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭଏସ ଅଫ ମିଡ଼ିଆ ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର, ରାଜ୍ୟ ଉପସଭାପତି ପି ବାଲାଜୀ ପାତ୍ର ଓ ରଣପୁର ବ୍ଲକ ଗଣମାଧ୍ୟମ ପ୍ରତିନିଧି ରଂଜିତ କୁମାର ସାହୁ, ଚରଞ୍ଜୀବ ଦାସ, ସୁଶାନ୍ତ ଡାକୁଆ, କ୍ରିଷ୍ଣା ଘଡ଼େଇ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ୍ ସଭାପତି ନିରଞ୍ଜନ ନାୟକଙ୍କ ସମେତ ସଦସ୍ୟ ବାଘା,ସାଗର, ବିକାଶ, ବାବାଲି, ଗୌର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଘୋରଡ଼ିଆ ଓ ସାଲୁଣି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ ସୂଚନା ପ୍ରଦାନ କରିଛନ୍ତି।

# ବାଙ୍ଗିରିପୋଷିରେ ଦ୍ୱି-ଦିବସୀୟ କ୍ରୀଡାତ୍ସୋବ ଉଦ୍‌ଯାପିତ



ବାରିପଦା (ଭାସ୍କର ନ୍ୟୁଜ୍) : ନେହେରୁ ଯୁବ କେନ୍ଦ୍ର ଓ ଏମ୍.ଆର.ଡି.ସି ର ମିଳିତ ଆନୁକୂଲ୍ୟରେ ବାଙ୍ଗିରିପୋଷି ହାଇସ୍କୁଲ ସ୍ଥିତ ଫୁଟବଲ ପଡ଼ିଆରେ ୨୮ ଓ ୨୯ ତାରିଖରେ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ବାଙ୍ଗିରିପୋଷି ବ୍ଲକ୍ ସମେତ୍ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।୨୮ତାରିଖରେ ଉଦ୍‌ଘାଟିତ ହୋଇଥିବା ଉକ୍ତ ସମାଜ କଲ୍ୟାଣକାରୀ କ୍ରୀଡ଼ା ପ୍ରତିଯୋଗିତାକୁ,ମା ଶୀତଳା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଖେଳ ଶିକ୍ଷକ ଶିରିଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କ୍ରୀଡାତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏମ୍.ଆର୍.ଡି.ସି ସାମାଜିକ ସଂଗଠନର ପ୍ରତିଷ୍ଠାତା ରବିନ୍ଦ୍ର ନାଥ ସେଠୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡାଃ ନିରୁପମା ପଣ୍ଡା,ସଜସ୍ୱିନୀ ମହାନ୍ତି(ଏନ୍.ଏମ୍),ସମାଜସେବୀ ଶାନ୍ତନୁ କୁମାର ଦାସ, କମ୍ପୁଟର ଶିକ୍ଷକ ରମେଶ ସିଂ, ବାଙ୍ଗିରିପୋଷି ଡ୍ରାଇଭର ସଂଘର ଶ୍ରୀଯୁକ୍ତ ନଟବର ଗିରି,ସର୍ବେଶ୍ୱର ବେହେରା,ସୌମିତ୍ର ରଣା,ନରେନ୍ଦ୍ର ମୁର୍ମୁ, ଗଜେନ୍ଦ୍ର ମୁଣ୍ଡା,ବୁଦ୍ଧିଆ ନାଏକ,ଶରତ ଚନ୍ଦ୍ର ବେହେରା, ହରିଶ୍ଚନ୍ଦ୍ର ନାଏକଙ୍କ ସମେତ ଏମ୍.ଆର୍.ଡି.ସି ବାଙ୍ଗିରିପୋଷିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୨ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିଥିବା ବେଳେ,୬ଟି ଦଳ ଉନ୍ନୀତ ହୋଇଥିଲେ। ସେହିପରି ପ୍ରଥମ ଦିନରେ ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ରାଜାରାମ ମାଝୀ ପ୍ରଥମ,ରଳିଆ ମୁର୍ମୁ ଦ୍ୱିତୀୟ ଓ ଜଗନ୍ନାଥ ମାରାଣ୍ଡି ତୃତୀୟ ସ୍ଥାନ ଅଧିକାର କରି ବିଜୟୀ ହୋଇଥିଲେ। ଦ୍ୱିତୀୟ ଦିବସ ୨୯/୧୨ ଅର୍ଥାତ୍ ଉଦଯାପନୀ ଦିବସରେ ଡାଃ ଭାର୍ଗବୀ ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କ୍ରୀଡାତ୍ସବର ଶୁଭାରମ୍ଭ କରିଥିଲେ, ଦ୍ୱିତୀୟ ଦିବସର ପ୍ରଥମାର୍ଦ୍ଧରେ ଅନ୍ୟମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ଅଞ୍ଚଳର ସାମ୍ବାଦିକ ଶ୍ରୀଯୁକ୍ତ ଆଲୋକ ସ୍ୱାଇଁ,ପ୍ରୀତିଶ୍ ମହାନ୍ତ, ବାଙ୍ଗିରିପୋଷିର ପୂର୍ବତନ ଖେଳାଳି ହରିଶ୍ଚନ୍ଦ୍ର ନାଏକ୍, ନାରୀନେତ୍ରୀ ଗୌରୀ ନାଏକ୍ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ହଜାର ହଜାର ଦର୍ଶକ ମାନଙ୍କ ଉପସ୍ଥିତି ସହିତ କରତାଳି ଶବ୍ଦ ରେ ପ୍ରୋତ୍ସାହିତ ଖେଳାଳି ମାନଙ୍କର ଖେଳ ଦର୍ଶକ ବିଭୋର ହୋଇ ଉପଭୋଗ କରୁଥିବାର ଅଲୌକିକ ଦୃଶ୍ୟ ମନମୁଗ୍ଧକର ଥିଲା। ଦ୍ୱିତୀୟ ଦିବସର ଦ୍ୱିତୀୟାର୍ଦ୍ଧରେ, ଅର୍ଥାତ୍ ଉଦଯାପନୀ ଉତ୍ସବରେ ପୂର୍ବୀ ଭାରତ ନ୍ୟୁଜ୍ ର ସମ୍ପାଦକ ତଥା ଓଡିଶାର ପ୍ରତିଷ୍ଠିତ ଛପା ଗଣମାଧ୍ୟମ'ଓଡିଶା ଭାସ୍କର ଦୈନିକ ଓଡିଆ ଖବରକାଗଜ' ର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି 'ପ୍ରତିମା ବାରିକ' ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ତାଙ୍କର ବକ୍ତୃତା ମାଧ୍ୟମରେ ଆୟୋଜକ ଅନୁଷ୍ଠାନର ଉତ୍ତର ଉତ୍ତର କାମନା ପୂର୍ବକ ଅନୁଷ୍ଠାନକୁ ସାଧୁବାଦ୍ ଜଣାଇବା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।ସେ ତାଙ୍କର ବକ୍ତବ୍ୟ ରେ କହିଥିଲେ ଯେ କ୍ରୀଡ଼ା ଦୈନନ୍ଦିନ ଜୀବନରେ ଅଭିନ୍ନ ଅଂଶ, କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ରହିବାର ସହିତ ଚିତ୍ତ ପ୍ରଫୁଲ୍ଲ ଓ ବୁଦ୍ଧି ପ୍ରଖର ହୋଇଥାଏ,ତେଣୁ ପାଠ ପଢିବା ସହିତ ଖେଳକୁଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଏଇ ଅବସରରେ ଫୁଟବଲ,କବାଡି,ସ୍ଲୋ-ସାଇକଲ୍ ରେସ୍, ବ୍ୟାଡମିଣ୍ଟନ୍, କୁସ୍ତି,୧୦୦ ମିଟର୍ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫୁଟବଲରେ ଘଟିଡୁବା ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଥିବା ବେଳେ ଆସନା ଦ୍ୱିତୀୟ ସ୍ଥାନ ଅଧିକାର କରି ରନର୍ସ ଅପ୍ ହୋଇଛନ୍ତି। ସମସ୍ତ ବିଜୟୀ ଖେଳାଳି ମାନେ ମଞ୍ଚାସୀନ ଅତିଥିଙ୍କ କର କୋମଳ ରୁ ଟ୍ରଫି ସହିତ ମାନପତ୍ର ଗ୍ରହଣ କରିଥିବା ବେଳେ ସମାଜସେବୀ ଶାନ୍ତନୁ ଦାସ ପୁରସ୍କାର ଘୋଷଣା କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମର ସଭାପତି ରବୀନ୍ଦ୍ରନାଥ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ପରି ସମାପ୍ତି କରିଥିଲେ। ରବୀନ୍ଦ୍ରନାଥ ସେଠୀଙ୍କର ଏଭଳି ଉଦ୍ୟମକୁ ଜିଲ୍ଲାର ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି, ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ସମସ୍ତ ଉଦ୍‌ଯମୀଙ୍କ ନିଷ୍ଠାପର ଉଦ୍ୟମରେ ଅନୁଷ୍ଠିତ ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଘଟି ଡୁବା ଫୁଟବଲ ଦଳ ଚମ୍ପିଆନ ହୋଇଥିଲା। ବାଳିକା ବିଭାଗର ମନ୍ଥର ସାଇକେଲ ଚାଳନାରେ ମନିକା ସିଂ ପ୍ରଥମ, ପାନମଣି ମାରାଣ୍ଡି ଦ୍ୱିତୀୟ,କାପୁରା ମୁର୍ମୁ ତୃତୀୟ ହୋଇଥିଲେ। କବାଡି ବାଳିକା ବିଭାଗରେ ବାଙ୍ଗିରିପୋଷି ଏସଟି ହଷ୍ଟେଲ (ଏ) ପ୍ରଥମ, ବାଙ୍ଗିରିପୋଷି ଏସଟି ହଷ୍ଟେଲ (ବି) ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବାଳକ ବିଭାଗର କୁସ୍ତି ପ୍ରତିଯୋଗିତା ରେ କାଟରମାର ଖୁଦେଶ୍ୱର ମୁର୍ମୁ ପ୍ରଥମ, ଆତନା ବେଡାର ଭୀମ ବାନରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଖେଳରେ ସମସ୍ତ ବିଜେତାଙ୍କୁ ଅତିଥିଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ନୂତନ ବର୍ଷ ୨୦୨୫କୁ ସ୍ୱାଗତ

## January

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | 29 | 30 | 31 | |

## February

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | | | | | 1 |
| 2 | 3 | 4 | 5 | 6 | 7 | 8 |
| 9 | 10 | 11 | 12 | 13 | 14 | 15 |
| 16 | 17 | 18 | 19 | 20 | 21 | 22 |
| 23 | 24 | 25 | 26 | 27 | 28 | |

## March

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | | | | | 1 |
| 2 | 3 | 4 | 5 | 6 | 7 | 8 |
| 9 | 10 | 11 | 12 | 13 | 14 | 15 |
| 16 | 17 | 18 | 19 | 20 | 21 | 22 |
| 23 | 24 | 25 | 26 | 27 | 28 | 29 |
| 30 | 31 | | | | | |

## April

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | 1 | 2 | 3 | 4 | 5 |
| 6 | 7 | 8 | 9 | 10 | 11 | 12 |
| 13 | 14 | 15 | 16 | 17 | 18 | 19 |
| 20 | 21 | 22 | 23 | 24 | 25 | 26 |
| 27 | 28 | 29 | 30 | | | |

## May

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | | | 1 | 2 | 3 |
| 4 | 5 | 6 | 7 | 8 | 9 | 10 |
| 11 | 12 | 13 | 14 | 15 | 16 | 17 |
| 18 | 19 | 20 | 21 | 22 | 23 | 24 |
| 25 | 26 | 27 | 28 | 29 | 30 | 31 |

## June

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 9 | 10 | 11 | 12 | 13 | 14 |
| 15 | 16 | 17 | 18 | 19 | 20 | 21 |
| 22 | 23 | 24 | 25 | 26 | 27 | 28 |
| 29 | 30 | | | | | |

## July

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | 1 | 2 | 3 | 4 | 5 |
| 6 | 7 | 8 | 9 | 10 | 11 | 12 |
| 13 | 14 | 15 | 16 | 17 | 18 | 19 |
| 20 | 21 | 22 | 23 | 24 | 25 | 26 |
| 27 | 28 | 29 | 30 | 31 | | |

## August

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | | | | 1 | 2 |
| 3 | 4 | 5 | 6 | 7 | 8 | 9 |
| 10 | 11 | 12 | 13 | 14 | 15 | 16 |
| 17 | 18 | 19 | 20 | 21 | 22 | 23 |
| 24 | 25 | 26 | 27 | 28 | 29 | 30 |
| 31 | | | | | | |

## September

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | 1 | 2 | 3 | 4 | 5 | 6 |
| 7 | 8 | 9 | 10 | 11 | 12 | 13 |
| 14 | 15 | 16 | 17 | 18 | 19 | 20 |
| 21 | 22 | 23 | 24 | 25 | 26 | 27 |
| 28 | 29 | 30 | | | | |

## October

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | 29 | 30 | 31 | |

## November

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | | | | | | 1 |
| 2 | 3 | 4 | 5 | 6 | 7 | 8 |
| 9 | 10 | 11 | 12 | 13 | 14 | 15 |
| 16 | 17 | 18 | 19 | 20 | 21 | 22 |
| 23 | 24 | 25 | 26 | 27 | 28 | 29 |
| 30 | | | | | | |

## December

| Sun | Mon | Tue | Wed | Thu | Fri | Sat |
|---|---|---|---|---|---|---|
| | 1 | 2 | 3 | 4 | 5 | 6 |
| 7 | 8 | 9 | 10 | 11 | 12 | 13 |
| 14 | 15 | 16 | 17 | 18 | 19 | 20 |
| 21 | 22 | 23 | 24 | 25 | 26 | 27 |
| 28 | 29 | 30 | 31 | | | |

## ଓଡ଼ିଶା ଭାସ୍କର କ୍ୟାଲେଣ୍ଡର-୨୦୨୫

| | | | | | | | |
|---|---|---|---|---|---|---|---|
| Jan 01 | New Year's Day | Mar 31 | Eid al-Fitr | Jun 27 | Puri Ratha Yatra | Sep 30 | Maha Ashtami |
| Jan 14 | Makar Sankranti | Apr 06 | Rama Navami | Jul 06 | Muharram/Ashura | Oct 01 | Maha Navami |
| Jan 14 | Pongal | Apr 10 | Mahavir Jayanti | Aug 15 | Independence Day | Oct 02 | Dussehra |
| Jan 26 | Republic Day | Apr 18 | Good Friday | Aug 16 | Janmashtami | Oct 02 | Gandhi Jayanti |
| Feb 26 | Maha Shivaratri | Apr 20 | Easter | Aug 27 | Ganesh Chaturthi | Oct 20 | Diwali/Deepavali |
| Mar 14 | Holi | May 12 | Buddha Purnima | Sep 05 | Onam | Nov 05 | Guru Nanak Jayanti |
| Mar 30 | Gudi Padava/Ugadi | Jun 07 | Bakr Id/Eid ul-Adha | Sep 05 | Milad un-Nabi | Dec 25 | Christmas Day |

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସପ୍ତଶଯ୍ୟା ପଞ୍ଚାୟତ ସ୍ତରୀୟ ମହାସଂଘକୁ ସପ୍ତଶଯ୍ୟା ବଣଭୋଜି ପିଣ୍ଡିର ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଏହାର ପରିଚ୍ଛନ୍ନତା ଓ ସୁନ୍ଦରତା ପାଇଁ ସଂଘ ପକ୍ଷରୁ ଦାୟିତ୍ୱ ଗ୍ରହଣ କରାଯାଇଛି । ପିଣ୍ଡି ଉପରେ ଭୋଜି କଲେ ୨୦୦ ଟଙ୍କା ଓ ପିଣ୍ଡି ତଳେ ଭୋଜି କଲେ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ସଂଘର ସଭାନେତ୍ରୀ ସଂଯୁକ୍ତା ବିଶ୍ୱାଳ ଓ ସମ୍ପାଦିକା ସରୋଜିନୀ ପୃଷ୍ଟି କହିଛନ୍ତି । ଏଠାରେ ପାଣିର ସୁବିଧା, ଇଲେକ୍ଟ୍ରିକ ବ୍ୟବସ୍ଥା ଓ ମୋବାଇଲ ଟାୱାର ସୁବିଧା କରାଗଲେ ଏହି ସ୍ଥାନର ଉନ୍ନତି ହେବା ସହ ପର୍ଯ୍ୟଟକ ବହୁ ସଂଖ୍ୟାରେ ଆଗମନ କରିବେ ବୋଲି କହିଛନ୍ତି । ବର୍ତ୍ତମାନର ପିକନିକ୍ ଋତୁରେ ଦୈନିକ ହଜାର ହଜାର ପର୍ଯ୍ୟଟକ ଏଠାକୁ ବଣଭୋଜି କରିବା ପାଇଁ ଆସୁଥିବାବେଳେ ଅନେକ ସମୟରେ ଶାନ୍ତିଶୃଙ୍ଖଳା ବ୍ୟାହାତ ହେବାର ମଧ୍ୟ ଦେଖାଯାଉଛି । ଜିଲ୍ଲା ପୋଲିସ ପ୍ରଶାସନ ଏଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କଲେ ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀଟିର ସୁନାମ ବଜାୟ ରହନ୍ତା ।

# ବେଆଇନ ମଦ କାଉଣ୍ଟର ଭାଙ୍ଗିଲେ ମହିଳା



ରାଜନଗର (ଭାସ୍କର ନ୍ୟୁଜ): ଦୀର୍ଘ ବର୍ଷଧରେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ କୁରୁଣ୍ଟି ଛକରେ ମାଙ୍କ କାଉଣ୍ଟର ନାଁରେ ଚାଲୁଥିବା ବେନିୟମ ମଦ କାଉଣ୍ଟରକୁ ଭାଙ୍ଗି ଦେଇଛନ୍ତି ମହିଳା । ଏହି କାଉଣ୍ଟରରେ ଦିନକୁ ଲକ୍ଷଲକ୍ଷ ଟଙ୍କାର ମଦ ବିକ୍ରି ହେଉଥିବା ବେଳେ ଯୁବକମାନେ ପଥ ଭ୍ରଷ୍ଟ ହେଉଥିଲେ । ସବୁ ଜାଣି ନ ଜାଣିଲା ପରି ଆଖି ବୁଜି ଚାଲିଥିଲେ ପୋଲିସ ଓ ଅବକାରୀ ବିଭାଗ । ରାଜନଗର ଗୋପାଳପୁର ଓ ଜରିମୂଳ ବିଦେଶ ମଦ କାଉଣ୍ଟରରୁ ଚୋରାରେ ଆସୁଥିଲା ମଦ ଏହି ମଦକୁ ରାଜନଗରର ମଙ୍ଗୁଳି ସ୍ୱାଇଁ ପ୍ରଶାସନଙ୍କୁ ହାତକରି ଡେରା, କଞ୍ଚଯା, କୁଣ୍ଡଙ୍ଗରା ହାଟିନା, ନାଉକଣା, ବ୍ରାହ୍ମଣ ସାହି ଆଦି ତଳ ଅଞ୍ଚଳକୁ ଯୋଗାଇ ଦିଆଯାଉଥିଲା ଅଭିନବ ଉପାୟରେ କାରରେ ମଦ ଗୋପାଳପୁର କାଉଣ୍ଟରରୁ କୁରୁଣ୍ଟି ସମେତ ତଳିଆ ଅଞ୍ଚଳ ଗ୍ରାମକୁ ଯୋଗାଇ ଦିଆଯାଉଥିଲା । ଦିନକୁ ଦିନ ଚୋରାମଦ କାରବାର ସମେତ ମଦୁଆଙ୍କ ଉତ୍ପାତ ବୃଦ୍ଧି ପାଇବା ସହ କେତେକ ମୃତ୍ୟୁ ସମ୍ମୁଖିନ ହୋଇଥିବା ନଜିର ରହିଛି । ମଙ୍ଗୁଳିଙ୍କ ଚୋରା ମଦ କାଉଣ୍ଟର ଉପରେ ଅବକାରୀ କି ପୋଲିସ ଅଙ୍କୁଶ ନିର୍ଦ୍ଦେଶ କରିବା କର୍ତ୍ତବ୍ୟ ନଥିଲା । ତାଙ୍କ ସହିତ ମଧୁର ସମ୍ପର୍କ ରଖି ବ୍ୟବସାୟ ବୃଦ୍ଧି ପାଉଥିଲା । ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ପକେଟରେ ୟୁଟିରେ ଧରି ମଦ ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନ ଆଖି ବୁଜି ଦେଉଥିବା ଅଭିଯୋଗ ହୋଇଛି । ଯାହାଫଳରେ ତିନିବର୍ଷରେ ସର୍ବାଧିକ ଚୋରାମଦ ରାଜନଗର ବଜାରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚାଲୁଥିବା ଏବଂ ଏଥିରେ ମଙ୍ଗୁଳିର ହାତ ଥିବା ଲୋକମାନେ ପଇସା ଦେଉଛନ୍ତି । କୁରୁଣ୍ଟିଛକରେ ମଙ୍ଗୁଳିଙ୍କର ସରକାରୀ ସିକ୍ରେଟି ନଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ମଦ କାରବାରକୁ ପ୍ରଶାସନ ଦେଖି ନ ଦେଖିଲା ପରି ଫେରି ଆସେ । ବାରମ୍ବାର ମଙ୍ଗୁଳି ଓ ପ୍ରଶାସନକୁ ସ୍ଥାନୀୟ ମହିଳା ବାରଣ କରି ଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନଥିବା ବେଳେ ମଙ୍ଗୁଳି ମଦ ପେପାର ବଢ଼ାଇ ବେଖାତିରି କରୁଥିଲା କୁରୁଣ୍ଟି ଗ୍ରାମବାସୀଙ୍କୁ । ଯାହାକୁ ପୋଲିସ ଓ ଅବକାରୀ ବିଭାଗ କରି ପାରି ନଥିଲେ ତାହା ପୋଲିସକୁ ଚାଲେଞ୍ଜ ଦେଇ ମହିଳାମାନେ ଆଜି ମଙ୍ଗୁଳାର ମଦ କାଉଣ୍ଟରକୁ ଭାଙ୍ଗିବା ସହ ନୂଆବର୍ଷ ପାଇଁ ରଖିଥିବା ମଦକୁ ଫିଙ୍ଗି ଭାଙ୍ଗିଦେଇଥିଲେ । କୁରୁଣ୍ଟି ଗ୍ରାମର ଅନିରୁଦ୍ଧ ସ୍ୱାଇଁ(ପିଣ୍ଟୁ) ୨୭ ବର୍ଷ ହେବ କୁରୁଣ୍ଟି ଛକରେ ପାନ ଦୋକାନ କରି ପରିବାର ପୋଷଣ କରି ଗାଁ ଛାଡି ଭଡ଼ା ଘରେ ରହୁଥିଲା । ପନ୍ଦର ଦିନ ପୂର୍ବରୁ ମଣ୍ଟୁ ମଙ୍ଗୁଳିଙ୍କ ମଦ କାଉଣ୍ଟରରେ ଅଧିକ ନିଶାରେ ମଦ ପିଇ ତାର ଭଡା ଘରକୁ ଯାଉଥିବା ବେଳେ ଗଛନିକଟରେ ପଡି ଯାଇ ଗୁରୁତର ଭାବେ ରକ୍ତ ଶ୍ରାବହୋଇଥିଲା,ତାକୁ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସା କରାଉଥିଲେ । ଆଜି ହସ୍ପିଟାଲରେ ତାର ମୃତ୍ୟୁ ହୋଇଥିଲା ।ମୃତ୍ୟୁ ଖବର ପାଇ ଗ୍ରାମରେ ଶୋକର ଛାଇ ଖେଳିଯାଇଥିଲା । ଛକରୁ ମଦ ଦୋକାନ ଉଠାଇବାକୁ ଗାଁ ଲୋକ ଏବଂ ଶତାଧୀକ ମହିଳା ରୁଣ୍ଡ ହୋଇ ପ୍ରଥମେ ମଙ୍ଗୁଳି କାଉଣ୍ଟର ଆଡକୁ ଆସୁଥିବା ବେଳେ ମଙ୍ଗୁଳି ଫେରାର ହୋଇଯାଇଥିଲା । ତେବେ ନାଉକଣା ନିବାସୀ ତାର ଶ୍ୱଶୁର କାଉଣ୍ଟରେ ଥିଲେ ମଧ୍ୟ ଉତ୍ୟକ୍ତ ମହିଳାଙ୍କୁ ଦେଖି କାଉଣ୍ଟର ଛାଡି ଚାଲି ଯାଇଥିଲେ । ଅସହ୍ୟ ଉତ୍ୟକ୍ତ ମହିଳାମାନେ ମଙ୍ଗୁଳିର ବେନୀୟମ ମଦ କାଉଣ୍ଟର ଭାଙ୍ଗିବା ସହ ନୂଆବର୍ଷ ପାଇଁ ଗଚ୍ଛିତ ରଖିଥିବା ଶହଶହ ପେଟି ବିଦେଶ ମଦକୁ ଭାଙ୍ଗି ରାସ୍ତାରେ ଫିଙ୍ଗି ଦେଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ସେମାନେ ଦାବୀ ରଖିଥିଲେ ଦୁଇ ଚୋରା ମଦ ମାଫିଆଙ୍କୁ ଗିରଫ କରିବା ସହ କୁରୁଣ୍ଟି ଛକରେ ମଦ ଦୋକାନ ଉଚ୍ଛେଦ ପାଇଁ ଜିଦ୍ କରିଥିଲେ । ଖବର ପାଇ ରାଜନଗର ଆଇଆଇସି ଅଜୟ କୁମାର ଜେନା ପୋଲିସ ଟିମ ସହ ଘଟଣାସ୍ଥଳରେ ପହଁଚି ଲିଖିତ ଅଭିଯୋଗ ପରେ ଗିରଫ କରାଯିବ ବୋଲି ପ୍ରତିଶୃତି ଦେଇ ଆନ୍ଦୋଳନ କାରୀଙ୍କୁ ଉଠାଇଥିଲେ ।

# ସାଗର ସାହିତ୍ୟ ସଂସଦର ସାମ୍ବତ୍ସରିକ ମହୋତ୍ସବ



ଢେଙ୍କାନାଳ (ଭାସ୍କର ନ୍ୟୁଜ): ଓଡ଼ିଆ ବ୍ଲକ ଅନ୍ତର୍ଗତ ଇନ୍ଦିପୁର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ସାଗର ସାହିତ୍ୟ ସଂସଦର ନବମ ସାମ୍ବତ୍ସରିକ ମହୋତ୍ସବ ପାଳିତ ହୋଇଯାଇଛି । ସଂସଦର ସଭାପତି କୋବିଦ ଶ୍ରୀବସ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉଦ୍‌ଯୋଗ ସଚେଷ୍ଟ ଲଳିତ ସାହୁ, ମୁଖ୍ୟବକ୍ତା ଭାବେ ଙ୍ଗ ବାବୁନନ୍ଦ ମହାଳିକ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥପୁର ଅଧକ୍ଷ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଦୀପ କୁମାର ମିଶ୍ର, ଶିକ୍ଷୀ ପରେଶ ଚନ୍ଦ୍ର ପଟ୍ଟନାୟକ, କବି ପ୍ରଫୁଲ୍ଲ କୁମାର ଜେନା, ଯୋଗ ଦେଇ ମହତ୍ୱପୂର୍ଣ୍ଣ ଆଲୋଚନା ଶୀର୍ଷକ ଉପରେ ଆଲୋଚନା କରିଥିଲେ । ପରେ ଅତିଥି ମାନେ ସଂସଦର ମୁଖପତ୍ର ଇନ୍ଦୁପ୍ରଭା ଏବଂ କବି ହେମନ୍ତ କୁମାର ନାୟକଙ୍କ କବିତା ସଙ୍କଳନ ଅଲୋଡ଼ା କଥା ଉନ୍ମୋଚନ କରିଥିଲେ । ପୂର୍ବରୁ ସଂସଦ ଦ୍ୱାରା ଆୟୋଜିତ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ଦିଆଯାଇଥିଲା । ସେହିପରି ଗତ ୨୦୨୩-୨୪ ଶିକ୍ଷା ବର୍ଷରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ (କଳା) ଛାତ୍ରୀ ସୃତିରେଖା ସାହୁ ଏବଂ ବିଜ୍ଞାନ ଛାତ୍ର ସିଦ୍ଧାର୍ଥ ପ୍ରଧାନ, ଇନ୍ଦିପୁର ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ର କୃଷ୍ଣ ଜେନା, ଇନ୍ଦିପୁର ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ମୋ ଗାଁ ମୋ ସମ୍ମାନ ପ୍ରଦାନ କରାଯାଇଥିଲା । ସାହିତ୍ୟ ସାଧନାରେ ନିରବଚ୍ଛିନ୍ନ ସଂପୃକ୍ତ ପାଇଁ ହେମନ୍ତ ରଥ ସ୍ମୃତି ସମ୍ମାନ ୨୦୨୪ କବି ହେମନ୍ତ କୁମାର ନାୟକଙ୍କୁ ବିବେକାନନ୍ଦ ସ୍ମୃତି ସମ୍ମାନ କବି ଗୋବିନ୍ଦ ରାଉତଙ୍କୁ ଏବଂ ଇନ୍ଦିପୁର ଗାଁ ମାଟି ପାଇଁ ରହିଥିବା ସେବା ପ୍ରାଣ ବ୍ୟକ୍ତିତ୍ୱ ବେଣୁଧର ସ୍ମୃତି ସମ୍ମାନ କ୍ଷୀରୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଥିଲା ।

## ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ): ଆଧୁନିକ ଓଡ଼ିଶାର ଏନ୍ତୁଡ଼ିଶାଳ କଟକ ଇଦଗା ପଡ଼ିଆଠାରେ ୧୯୦୩ ସାଲ ଡ଼ିସେମ୍ବର ୩୦-୩୧ ତରିଖରେ ପ୍ରଥମ ଉତ୍କଳ ସମ୍ମିଳନୀର ୧୨୧ତମ ପ୍ରତିଷ୍ଠା ଦିବସରେ ଏକବିଂଶ ଶତାବ୍ଦିର ଯୁବ ଉତ୍କଳ ସମ୍ମିଳନୀ ଓ ମଧୁସ୍ମୃତି ସୁରକ୍ଷା ମ ନେତୃତ୍ୱରେ କଟକ ସାମାଜିକ ସଂଗଠନ ସମୂହ ପକ୍ଷରୁ ଏକ ସ୍ମୃତିସଭା ଆୟୋଜିତ ହୋଇଯାଇଛି । ଉକ୍ତ ସଭାକୁ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଜାଗୃତ ଓଡ଼ିଶା ଆଇନଜୀବୀ ମଞ୍ଚରୁ ସଲାଉଦିନ ଖାନ, ପ୍ରଦୀପ୍ତକୁମାର ମହାନ୍ତି ଓ ନେପାଳ ପ୍ରକାଶ ସାମନ୍ତ, ସିଲଭର ସିଟି କଟକରୁ ଅକ୍ଷୟକୁମାର ଆଚାର୍ଯ୍ୟ, କଟକ ଯୁଥ ଆସୋସିଏସନରୁ ରଞ୍ଜନ ଦଳେଇ ଓ ଜୟନ୍ତ କୁମାର ପାଲ ନିଜ ନିଜର ମତବ୍ୟକ୍ତ କରିଥିଲେ,ସନ୍ତୋଷ ମହାରଣା, ପ୍ରଦେଶ କୁମାରୀ ମହାରଣା ଏବଂ ଯୁବ ଉତ୍କଳ ସମ୍ମିଳନୀ ପକ୍ଷରୁ ଜଗନ୍ନାଥ ମହାନ୍ତି ଓ ଆଶୁତୋଷ ହୋତା ସଭା ପରିଚାଳନା କରିଥିଲେ ।

# ସାଇବର ଠକେଇ ମାମଲାରେ ୨ ଗିରଫ

କଟକ(ଭାସ୍କର ନ୍ୟୁଜ): ଜଣେ ବରିଷ୍ଠ ବୈଜ୍ଞାନିକଙ୍କୁ ଡିଜିଟାଲ ଆରେଷ୍ଟ ସାଇବର ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଓଡ଼ିଶା କ୍ରାଇମବ୍ରାଞ୍ଚ ପକ୍ଷରୁ ଦୁଇ ଜଣଙ୍କୁ ତାମିଲନାଡୁ ଓ କେରଳରୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଚେନ୍ନାଇରୁ ସତୀଶ କୁମାର କେ ଏବଂ କୋଜିକୋଡେରୁ ହରିଶ ସିଏମ । ଠକେଇ ହୋଇଥିବା ୧.୦୬ କୋଟି ଟଙ୍କା ମଧ୍ୟରୁ ୬୮ ଲକ୍ଷ ଟଙ୍କା ସତୀଶ କୁମାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୩୦ ଲକ୍ଷ ଟଙ୍କା ହରିଶ ସିଏମ ଜମାଖାତାକୁ ଟ୍ରାନ୍ସଫର ହୋଇଥିବା କ୍ରାଇମବ୍ରାଞ୍ଚ୍ ତଦନ୍ତରୁ ଜାଣିବାକୁ ପାଇଛି । ଏନେଇ କ୍ରାଇମବ୍ରାଞ୍ଚ୍ ଥାନାରେ ମାମଲା ନଂ ୪୭/୨୦୨୪ ରୁଜୁ ହୋଇ ତଦନ୍ତ ଜାରି ରହିଛି । ସୂଚନା ଅନୁସାରେ, ଅଭିଯୋଗକାରୀ ଭୁବନେଶ୍ୱରର ଜଣେ ବରିଷ୍ଠ ବୈଜ୍ଞାନିକ ୨୦୨୪ ଅଗଷ୍ଟ ୯ ତାରିଖରେ ଠକେଇର ଶିକାର ହୋଇଥିଲେ । ସେ ଏକ ଅଜଣା ମୋବାଇଲ ନମ୍ବରରୁ ଏକ ଫୋନ୍ କଲ ପାଇଥିଲେ । ଅପର ପାର୍ଶ୍ୱରେ ଥିବା ବ୍ୟକ୍ତି ନିଜକୁ ଏକ କୋରିଅର ସଂସ୍ଥାର କର୍ମଚାରୀ ଭାବେ ପରିଚୟ ଦେଇଥିଲେ । ସେ କହିଥିଲେ ଯେ, ଅଭିଯୋଗକାରୀଙ୍କ ନାମ ଓ ଆଧାର ନମ୍ବର ବ୍ୟବହାର କରି ଜାପାନକୁ ଏକ ପାର୍ସଲ ପଠାଯାଇଥିଲା । ସେଥିରେ ୫ଟି ପାସ୍‌ପୋର୍ଟ, ୩ଟି କ୍ରେଡିଟ୍ କାର୍ଡ, ୨୦୦ ଗ୍ରାମ ଡ୍ରଗ୍ସ, ୪ କେଜି କପଡ଼ା, ୧ଟି ଲାପଟପ୍ ଓ ୩୫୦୦୦ ଟଙ୍କା ରହିଥିଲା । ଉକ୍ତ ପାର୍ସଲଟି କଷ୍ଟମସ୍ ବିଭାଗ ଦ୍ୱାରା ଅଟକା ଯାଇଛି ଓ ମାମଲା ରୁଜୁ ପାଇଁ ପଠାଯାଇଛି । ତେଣୁ ସେ ମୁମ୍ବାଇ କ୍ରାଇମବ୍ରାଞ୍ଚ୍ ସହ ତୁରନ୍ତ କଥା ହେବା ଆବଶ୍ୟକ ବୋଲି ଅଭିଯୋଗକାରୀଙ୍କୁ ସେ କହିଲେ । ଏହି ଫୋନ୍ କଲ୍‌ଟି ସରିବା ମାତ୍ରେ ସମାନ ଅଭିଯୋଗରେ ତାଙ୍କ ମୋବାଇଲ୍‌କୁ ଏକ ଆନ୍ତର୍ଜାତିକ ଫୋନ୍ କଲ ଆସିଥିଲା । କ୍ଷଣିକ ମଧ୍ୟରେ ସେହି ମୋବାଇଲ୍ କଲ୍ ଭିଡିଓ କଲ୍‌ରେ ପରିଣତ ହୋଇଗଲା । ଅଭିଯୋଗକାରୀ ଦେଖିଲେ ଯେ ମୁମ୍ବାଇ କ୍ରାଇମବ୍ରାଂଚ୍ କାର୍ଯ୍ୟାଳୟ ସଦୃଶ ଦେଖାଯାଉଛି । ସେଠାରେ ଜଣେ ପୋଲିସ ଅଧିକାରୀ ମାମଲା ରୁଜୁ ନ କରିବା ପାଇଁ ଡିସିପିଙ୍କୁ କହୁଛନ୍ତି । ଅଭିଯୋଗକାରୀଙ୍କ ବିଷୟରେ ସେମାନଙ୍କ ପାଖରେ ସବୁ ତଥ୍ୟ ରହିଥିବା ଦର୍ଶାଇ ସେମାନେ ବିଶ୍ୱାସ ସୃଷ୍ଟି କରାଇଥିଲେ । ଅଭିଯୋଗକାରୀଙ୍କୁ ଫୋନ ନ କାଟିବାକୁ ସେମାନେ କହିଥିଲେ । ଅଭିଯୋଗକାରୀଙ୍କ ଆଧାର କାର୍ଡ ବ୍ୟବହାର କରି ଉତରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ବିହାରରେ ୪ଟି ବେଆଇନ ବ୍ୟାଙ୍କ ଜମାଖାତା ଖୋଲାଯାଇଛି । ନିର୍ବାଚନ ସମୟରେ ନୱାବ ମଲ୍ଲିକ ଓ ଦାଉଦ୍ ଇବ୍ରାହିମ ଗୋଷ୍ଠୀ ମନି ଲଣ୍ଡରିଂ ପାଇଁ ଏପରି କରିଛନ୍ତି । ତେଣୁ ତଦନ୍ତ ସରିବା ଯାଏ ସେ କୁଆଡ଼େ ଯାଇପାରିବେ ନାହିଁ ବୋଲି ସେମାନେ କହିଥିଲେ । ଏଭଳି ବାକ୍ ଚତୁରୀ ମାଧ୍ୟମରେ ସେମାନେ ଅଭିଯୋଗକାରୀଙ୍କୁ ତାଙ୍କର ବ୍ୟାଙ୍କ ଜମାଖାତାରେ ଥିବା ସମସ୍ତ ଟଙ୍କା କ୍ରାଇମବ୍ରାଞ୍ଚ୍ ବୋଲାଉଥିବା ବ୍ୟକ୍ତି ଦେଇଥିବା ଜମାଖାତାରେ ଜମା କରିବାକୁ ପରାମର୍ଶ ଦେଇଥିଲେ । ତଦନ୍ତ ସରିବା ପରେ ପୁଣି ସମସ୍ତ ଅର୍ଥ ତାଙ୍କ ଜମାଖାତାକୁ ଫେରସ୍ତ ଆସିବ ବୋଲି କହିଥିଲେ । ମାତ୍ର ସେସବୁ କିଛି ହେଲାନି । ଉପରୋକ୍ତ ୧.୦୬ କୋଟି ଟଙ୍କା ସେମାନେ ଠକେଇ କରିନେଇଯାଇଥିଲେ । ଠକାମିର ଶିକାର ହୋଇଥିବା ଜାଣିବା ପରେ ଅଭିଯୋଗକାରୀ କ୍ରାଇମବ୍ରାଞ୍ଚ୍‌ରେ ଏତଲା ଦେଇଥିଲେ । ଏହି ଠକେଇ ଘଟଣାରେ ପୂର୍ବରୁ ରାଜସ୍ଥାନ, ଗୁଜୁରାଟ ଓ କେରଳରୁ ୩ ଜଣ ଗିରଫ ହୋଇଥିଲେ ।

# ଗୋପବନ୍ଧୁ ସେବାସଂଘ ସମ୍ବର୍ଦ୍ଧିତ



ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ିର ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଗୋପବନ୍ଧୁ ସେବା ସଂଘର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବରଗଡ଼ ଜିଲ୍ଲା ସମାଜସେବୀ ସଂଘ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ବରଗଡ଼ ଠାରେ ସମାଜସେବୀ ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ଡ଼. ଶଙ୍କର ରାମଚନ୍ଦାନୀ, ସମ୍ମାନିତ ଅତିଥି ପଦ୍ମଶ୍ରୀ ଭାଗବତ ପ୍ରଧାନ, ଅଞ୍ଜନା ଦାସ ଏବଂ ମିନାକ୍ଷୀ ମିଶ୍ର ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁ ସେବା ସଂଘକୁ ସମ୍ବର୍ଦ୍ଧିତ କରିଥିଲେ । ଗୋପବନ୍ଧୁ ସେବା ସଂଘର ସଭାପତି ରାଜୀବ କୁମାର ନାୟକ, ରାମଚନ୍ଦ୍ର ନାୟକ,ଅଶୋକ କୁମାର ନାୟକ,ଅଭିରାମ ଦାସ, ପ୍ରଫୁଲ୍ଲ ସେନାପତି, ପ୍ରିତିଶ ତ୍ରିପାଠୀ, ସେକ ଲିୟାକତ, ବିଶ୍ୱଜିତ ନାୟକ,ରଞ୍ଜନ କୁମାର ରାଉଳ, ନିର୍ମଳ ଜେନା, ଅକ୍ଷୟ କୁମାର ନାୟକ ପ୍ରମୁଖ ଉତ୍ସବରେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ ।

# ସଞ୍ଜୀମତା ସହ ନାଚିଲେ ନିଶା

ମାଲକାନଗିରି (ଭାସ୍କର ନ୍ୟୁଜ): କତାମେଟା ଠାରେ ଯାତ୍ରା ମଞ୍ଚରେ ସାହୁ ଭାଉଜ ନଗ୍ନନୃତ୍ୟ ଯୋଗୁଁ ତାଙ୍କ ଉପରେ କେସ ହେବା ପରେ ଏବେ ପୋଲିସ କ୍ୟାମେରା ନଜରରେ ସଞ୍ଜୀମତା ସହିତ ନାଚିଛନ୍ତି ନିଶା ମହାରଣା । ସୋମବାର ରାତ୍ରରେ ମାଲକାନଗିରି ଡିଏନକେ ଖେଳ ପଡିଆ ଠାରେ ଚାଲିଥିବା ତାରୀଣି ଗଣନାଟ୍ୟରେ ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି । ପୂର୍ବରୁ କତାମେଟାରେ ଅନୁଷ୍ଠିତ ହୋଇଥିବା ଶ୍ରୀକ୍ଷେତ୍ର ଅପେରାରେ ଆଇଟମ ଗାର୍ଲ ସାହୁ ଭାଉଜ ଯେପରି ଅଶ୍ଲିଳ ଅଙ୍ଗ ପ୍ରଦର୍ଶନ କରିଥିଲେ ତାହାକୁ ନେଇ ବଦନାମ ହୋଇଛି ମାଲକାନଗିରି ପୋଲିସ । ତେଣୁ ଏହାର ପୁନରାବୃତ୍ତି ନଘଟିବା ଲାଗି ତାରୀଣି ଗଣନାଟ୍ୟ ଉପରେ ନଜର ରଖିଥିଲା ପୋଲିସ । ଯାତ୍ରା କମିଟି ଠାରୁ ଲିଖିତ ଗ୍ରହଣ କରି ନିଶା ମହାରଣାଙ୍କ ସୋ ଲାଗି ଅନୁମତି ଦେଇଥିଲା ମାଲକାନଗିରି ପୋଲିସ । ହେଲେ ଅପେରା ପେଣ୍ଡାଲରେ ନିଶା ମହାରଣା ଆସିବା ପରେ ଦର୍ଶକ ମାନଙ୍କ ମଧ୍ୟରେ ହୋ ହଲ୍ଲା ସୃଷ୍ଟି ହୋଇଥିଲା । ହେଲେ ଉପସ୍ଥିତ ଦର୍ଶକ ମାନଙ୍କୁ ନିଶା ମହାରଣା ସଞ୍ଜତ ଭାବେ ନୃତ୍ୟ ସଙ୍ଗୀତ ପରିବେଶଣ କରିଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନା କାର୍ଯ୍ୟକ୍ରମ

କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କଟକ ଆନୁକୁଲ୍ୟରେ ଆଇନ ସଚେତନତା କାର୍ଯ୍ୟକ୍ରମ କଟକର ପଟାପୋଲ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଏଡି ଆଇନ ସଚେତନତା କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣସଚିବ ଜଗଦୀଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଧାରଣ ଲୋକମାନେ ବିଭିନ୍ନ ମୌଳିକ ଆଇନ ସମ୍ପର୍କରେ ସଚେତନା ହେବା ଆବଶ୍ୟକ ବୋଲଇ ମତବ୍ୟକ୍ତ କରିଥିଲେ । ସେ କହିଲେ ସେ ପ୍ରତ୍ୟେକ ନାଗରିକମାନେ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ଜରୁରୀ । ବିଶେଷ କରି ନାଗରିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ମାଗଣଶ ଆଇନସେବା ଓ ପରାମର୍ଶ ସମ୍ପର୍କରେ ମୌଳିକ ଧାରଣ ରହିବା ଉଚିତ୍ । କାର୍ଯ୍ୟକ୍ରମରେ , ଆଇନଜଜୀବୀ ବିଜୟ କୁମାର ପଣ୍ଡା ଅତିଥି ଭାବେର ଯୋଗ ଦେଇ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଆଇନଗତ ସେବା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଏ ଶ୍ରୀଦେବୀ ସଭାପତିତ୍ୱ କରିଥିଲେ । ମୋଟ ୧୦୦ଜଣ ସଦସ୍ୟମାନେ ଭାଗ ନେଇଥିଲେ । କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନରୁ ରକ୍ଷା ଓ ନିରାକରଣ ଆଇନ ଉପରେ ଆଲୋଚନା କରାଯାଇଥିଲା । ଶେଷରେ ଶିକ୍ଷୟତ୍ରୀ ସୁମିତ୍ରା ଧନ୍ୟବାଦ ଦେଇଥିଲେ ।

# ଅନ୍ନପୂର୍ଣ୍ଣା ମହାରଣାଙ୍କ ୧୨ତମ ଶ୍ରାଦ୍ଧବାର୍ଷିକୀ ପାଳିତ

କଟକ(ଭାସ୍କର ନ୍ୟୁଜ): ତ୍ୟାଗ, ସେବା ଓ ତୀତିକ୍ଷାର ସେ ଥିଲେ ଅଗ୍ରଣୀ ସିପାହୀ । ସ୍ୱାଧୀନତା ଆନ୍ଦୋଳନର ଦୁଇ ପ୍ରମୁଖ ସଂଗ୍ରାମୀ ମା' ରମା ଦେବୀ ଓ ପିତା ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ସନ୍ତାନ ଭାବେ ଅନ୍ନପୂର୍ଣ୍ଣାଙ୍କ ଉପରେ ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥିଲା । ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବାନର ସେନାର ନେତୃତ୍ୱ ନେଇ ମାତ୍ର ୧୪ ବର୍ଷ ବୟସରେ ଅନ୍ନପୂର୍ଣ୍ଣା ମହାରଣା ସ୍ୱାଧୀନତା ସଂଗ୍ରାମ ବହ୍ନିରେ ଝାସ ଦେଇଥିଲେ । ୧୯୩୪ରେ ଗାନ୍ଧୀଙ୍କ ଐତିହାସିକ 'ହରିଜନ ପଦଯାତ୍ରା'ରେ ପୁରୀରୁ ଭଦ୍ରକ ଯାଏଁ ସାମିଲ୍ ହୋଇଥିଲେ ଅନ୍ନପୂର୍ଣ୍ଣା । ଭାରତଛାଡ଼ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ ଆଦିରେ ଅଂଶଗ୍ରହଣ କରି ସେ କାରାବରଣ କରିଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ଗାନ୍ଧୀଙ୍କ ସର୍ବୋଦୟ ବିଚାରକୁ ବ୍ରତ କରି ଜୀବନର ଶେଷ ପର୍ଯ୍ୟନ୍ତ ଲୋକଙ୍କ ଅଧିକାର, ନାରୀ ଓ ଶିଶୁଙ୍କ ଅଧିକାର, ସମ୍ମାନ ଓ ଉନ୍ନତି ପାଇଁ ତାଙ୍କ ଲଢ଼େଇ ଜାରି ରଖିଥିଲେ । ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ କର୍ମୀ ଭାବେ ଯୋଗ ଦେଇଥିଲେ । 'ଅମୃତ ଅନୁଭବ' ଥିଲା ତାଙ୍କର ବହୁଚର୍ଚ୍ଚିତ ଆତ୍ମଜୀବନୀ, ଯେଉଁଥିପାଇଁ ସେ ପାଇଥିଲେ ଶାରଳା ପୁରସ୍କାର । ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସଙ୍କ ଅଧ୍ୟକ୍ଷତାରେ କଟକ ଗାନ୍ଧୀ ଭବନ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ଅନ୍ନପୂର୍ଣ୍ଣା ମହାରାଣାଙ୍କ ପୁତ୍ରବଧୂ ତଥା ବିଶ୍ୱ ବିଖ୍ୟାତ ପଦାର୍ଥ ବିଜ୍ଞାନୀ ସ୍ୱପ୍ନା ମହାପାତ୍ର ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡା ବିଶ୍ୱଜିତ, ରାମଚନ୍ଦ୍ର ଶୁକ୍ଳ, ଅକ୍ରୁର ପଲେଇ, ଜ୍ଞାନରଞ୍ଜନ ସାମନ୍ତରାୟ, ରବୀନ୍ଦ୍ର ମହାନ୍ତି, ସୁରେନ୍ଦ୍ରନାଥ ମହାରାଣା ପ୍ରମୁଖ ଉପସ୍ଥିତ ରହିବା ସହ ବହୁମୁଖୀ ଅନ୍ନପୂର୍ଣ୍ଣାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଆଇନଜୀବୀ ଜ୍ଞାନରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମାନସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଲଗାଣବର୍ଷାରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକରେ ହୋଇଥିବା ଫସଲହାନୀ ଜନିତ କ୍ଷୟକ୍ଷତିର ତଦନ୍ତ ରିପୋର୍ଟ ବୁଧବାର ସନ୍ଧ୍ୟା ସୁଦ୍ଧା ପ୍ରଦାନ କରିବାକୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏସମ୍ପର୍କିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଉପସ୍ଥିତ ଜିଲ୍ଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ବିଭିନ୍ନ ଶାଖାର ଶାଖା ପରିଚାଳକ, ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧିମାନଙ୍କ ସହ ଫସଲ କ୍ଷୟକ୍ଷତି ସମ୍ପର୍କରେ ଜିଲ୍ଲାପାଳ ଆଲୋଚନା କରିବା ସହ ଅବିଳମ୍ବେ ଏସଂକ୍ରାନ୍ତୀୟ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସମବାୟ ସମିତି ସମୂହର ଉପନିବନ୍ଧକ ସନ୍ତୋଷ କୁମାର ଦାସ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାଏଙ୍କ ସମେତ ବିଭିନ୍ନ ବ୍ଲକର କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଘନ କୁହୁଡ଼ି ନେଇ ୩ ଜିଲ୍ଲାକୁ ୱାର୍ଣ୍ଣିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଗାମୀ ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ନେଇ ୩ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା କୋରାପୁଟ, କନ୍ଧମାଳ ଏବଂ ଅନୁଗୁଳ । ସେସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିବ । ସେହିପରି ଆଗାମୀ ୨ ଦିନ ମଧ୍ୟରେ କଳାହାଣ୍ଡି, ବଲାଙ୍ଗିର, ସୋନପୁର, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, କେନ୍ଦୁଝର, ନୟାଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

# ବିଏମ୍‌ସି କାର୍ଯ୍ୟକଳାପ ଦେଖି ଶିଖିଲେ ରାଜସ୍ଥାନ ପ୍ରତିନିଧି ଦଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସଶକ୍ତ ବର୍ଜ୍ୟ ପରିଚାଳନା ପଦ୍ଧତି ଖାସ୍ କରି ମଧ୍ୟମ ବର୍ଗର ଲୋକଙ୍କ ପାଇଁ ବର୍ଜ୍ୟ ପରିଚାଳନାର ବିକେନ୍ଦ୍ରୀକରଣ ପଦ୍ଧତି ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । କେବଳ ସ୍ୱତନ୍ତ୍ର ସ୍ଥାନ ନୁହେଁ, ଭୁବନେଶ୍ୱରକୁ ବର୍ଜ୍ୟ ପରିଚାଳନାର ଏକ ଶିକ୍ଷା କେନ୍ଦ୍ର ଭାବେ ଦେଶର ଅନ୍ୟ ମହାନଗର ନିଗମଗୁଡିକ ବିବେଚନା କରୁଛନ୍ତି । ତେଣୁ ଦେଶର ବିଭିନ୍ନ ମହାନଗର ନିଗମରୁ ବର୍ଜ୍ୟ ପରିଚାଳନା ସଂପର୍କରେ ଶିକ୍ଷାଲାଭ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ବହୁ ରାଜ୍ୟର ଅଧିକାରୀ, କର୍ମଚାରୀ, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଆସୁଛନ୍ତି । ଆନ୍ଧ୍ରପ୍ରଦେଶ, ତାମିଲନାଡୁଠାରୁ ଆରମ୍ଭ କରି ନାଗପୁର, ଆସାମ ପର୍ଯ୍ୟନ୍ତ ବିଭିନ୍ନ ମହାନଗର ନିଗମର ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଆସି ଭୁବନେଶ୍ୱର ମହାନଗର ନିଗମର ଏମଆରଏଫ୍, ଏମ୍ ସି ସି, ଏଫ୍ ଏସ୍ ଟି ପି ଇତ୍ୟାଦି ଦେଖିବା ସହ ଓଦା ଓ ସୁଖିଲା ବର୍ଜ୍ୟ ସଂଗ୍ରହ ସଂପର୍କରେ ଜ୍ଞାନ ଆହରଣ କରିଯାଇଛନ୍ତି । ସେହି ପରି ଜଳ ପରିଚାଳନା ନେଇ ଗତ ୨୮ ତାରିଖରୁ ରାଜସ୍ଥାନର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ । ସିଏଫଏଆର୍ ସଂଯୋଜନାରେ ଆୟୋଜିତ ଏହି ପରିଦର୍ଶନ ଓ ତାଲିମ କାର୍ଯ୍ୟକ୍ରମରେ ରାଜସ୍ଥାନ ନୈଭର ସଂସ୍ଥାର ପ୍ରତିଷ୍ଠାତା ପୁଷ୍ପା ମାଇ, ଏନ୍ ଏଚ୍ ଏମ୍ ପ୍ରକଳ୍ପ ଅଧିକାରୀ ଦିନେଶ କୁମାର, ରାଜସ୍ଥାନର ସ୍ୱେଚ୍ଛାସେବୀ ସଂଗଠନ ଏମ୍ ଏ ଏମ୍ ଟି ଏର ସହକାରୀ ନିର୍ଦ୍ଦେଶକ ପ୍ରବୀର ଗୋଏଲ, ୱେଡ ଓମେନ ଏମ୍ପାୱାରମେଣ୍ଟ ବିଭାଗର ପ୍ରବୀଣ ସିହ୍ନା, ଅତିରିକ୍ତ ନିର୍ଦ୍ଦେଶକ (ଏସ୍‌ଏସ୍‌ଇପିଇଡି) ଅଶୋକ କୁମାର , ଜୟପୁର ସିଫାର ପ୍ରକଳ୍ପ ସଂଯୋଜକ କିରଣ ସିହ୍ନା ଓ ସିଫାର ରାଜସ୍ଥାନ ରାଜ୍ୟ ମୁଖ୍ୟ ରବି କିରଣ ବୋକାମ, ସିଫାର ଓଡିଶା ରାଜ୍ୟ ମୁଖ୍ୟ ସମୀର ରଂଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିନିଧି ଦଳ ପୃଥକ ଭାବେ ମେୟର ସୁଲୋଚନା ଦାସ ଓ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ମେୟର ଓ କମିଶନର ସେମାନଙ୍କୁ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । କର୍ପୋରେଟର ଅମରେଶ ଜେନା, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ସହକାରୀ କମିଶନର ଏନ୍. ଗଣେଶ ବାବୁ ।

# ଇନାମୀ ସହ ତିନି ମାଓବାଦୀ ଗିରଫ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲ୍ଲା ପୋଲିସ ଦ୍ୱାରା ଏକ ଲକ୍ଷ ଇନାମୀ ମାଓବାଦୀଙ୍କ ସହ ତିନି ମାଓବାଦୀ ଗିରଫ ହୋଇଛନ୍ତି । ତଥ୍ୟ ଅନୁଯାୟୀ ବିଜାପୁର ଜିଲ୍ଲା ପାମେଡ ଥାନା ପୋଲିସ ଓ ସିଆରପିଏଫ ଜବାନ ମିଳିତ ଭାବେ ଧର୍ମାରମ ଓ ଜିଡପଲ୍ଲୀ ଅଞ୍ଚଳରେ କୁମ୍ବିଂ ଅପଅରେସନ କରୁଥିବା ସମୟରେ ଜିଡପଲ୍ଲୀ ଅଞ୍ଚଳରୁ ଏକଲକ୍ଷ ଇନାମୀ ଡିକେ ଏମ୍ ଏସ୍ ଅଧ୍ୟକ୍ଷ ରାମବାବୁ ପୁନେମଙ୍କୁ ଗିରଫ କରିଥିବା ବେଳେ ମିଲିସିଆ ଡେପୁଟି କମାଣ୍ଡର ଲଖମା ମାଡକାମି, ଓ ହିଡମା ମାଡବିଙ୍କୁ ଗିରଫ କରିଛନ୍ତି ।

# ଦୁର୍ଘଟଣାରେ ଯୁବକ ମୃତ

ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ପୀରହାଟ ଥାନା ଅଧୀନ କମାରିଆ ପଣ୍ଡାପୋଖରୀ ଛକ ନିକଟରେ ସୋମବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ପ୍ରକାଶ ଯେ, ବରଗଡ଼ ଜିଲା ଖରମୁଣ୍ଡା ଥାନା ଅଧୀନ ଦଡ଼ଙ୍ଗାପାଲି ଗ୍ରାମର ଉତ୍ତମ ବରିହା (୨୯) ନାମକ ଯୁବକ କୌଣସି କାମରେ ଆସି ପଣ୍ଡାପୋଖରୀ ଛକ ନିକଟରେ ପହଞ୍ଚି ଥିଲେ । ସେଠାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ପରେ ସ୍ଥାନୀୟ ଲୋକ ଉତ୍ତମର ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ ।

# ଫସଲ କ୍ଷୟକ୍ଷତି ଦେଖିବା ସହ ଚାଷୀଙ୍କ ଦୁଃଖ ବୁଝିଲେ ବୈଜୟନ୍ତ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଧାନ ଓ ପରିବା ଚାଷୀଙ୍କୁ ଭେଟି ସେମାନଙ୍କ ଦୁଃଖ ବୁଝିଛନ୍ତି ସାଂସଦ ବୈଜୟନ୍ତ ପଣ୍ଡା । ସାଂସଦ ଶ୍ରୀ ପଣ୍ଡା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜଜାଙ୍ଗ ଓ ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତରେ କ୍ଷତିଗ୍ରସ୍ତ ଶସ୍ୟ କ୍ଷେତ୍ର ବୁଲି ଦେଖିଥିଲେ । ସାଂସଦ ଶ୍ରୀ ପଣ୍ଡା ଜଜାଙ୍ଗର ଜେନା ପୋଖରୀ ପଡିଆରେ ହେଲିକପ୍ଟରରୁ ଓହ୍ଲାଇଥିଲେ । ଏହାପରେ ସ୍ଥାନୀୟ ଅଞ୍ଚଳ ବୁଲିଥିଲେ । ଏହି ସମୟରେ ଶତାଧିକ ଚାଷୀ ତାଙ୍କ ନିକଟକୁ ଯାଇ ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ ହେବା ଯୋଗୁଁ ସେମାନେ କିପରି ମାନସିକ ଚାପରେ ରହିଛନ୍ତି ତାହା ଜଣାଇଥିଲେ । ରାଜ୍ୟରେ ବିଜେପି ସରକାର ଥିବାରୁ କିପରି ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳିବ ସେ ନେଇ ପଦକ୍ଷେପ ନେବାକୁ ସାଂସଦଙ୍କୁ ଗୁହାରି କରିଥିଲେ । ଚାଷୀମାନଙ୍କ ସମସ୍ୟା ଶୁଣିବା ପରେ ରାଜ୍ୟ ସରକାରଙ୍କୁ ଏ ନେଇ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସାଂସଦ ବାରିମୂଳ ପଞ୍ଚାୟତରେ ପହଞ୍ଚି ଚାଷୀମାନଙ୍କୁ ଭେଟିବା ସହ ଶସ୍ୟ କ୍ଷେତ୍ର ବୁଲିଥିଲେ । ଚାଷୀମାନଙ୍କ କ୍ଷୟକ୍ଷତି ପ୍ରକୃତ ଆକଳନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କ୍ଷୟକ୍ଷତି ସଂପର୍କିତ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ପାଖରେ ଯଥାଶୀଘ୍ର ଉପସ୍ଥାପନା କରିବାକୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାଏଙ୍କୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କିଶୋର ପଣ୍ଡା, ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଯୁବନେତା ସଲିମ୍ ଖାନ୍, ଗୀତାଞ୍ଜଳି ସେଠୀ, କୃଷ୍ଣ ଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡ଼ା, ଅଭିମନ୍ୟୁ ଗୋଛାୟତ, ଉପୀନ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ । ସାଂସଦଙ୍କ ଗସ୍ତରେ ଜିଲ୍ଲାର ବିଜେପି ଯୁବ ମୋର୍ଚ୍ଚା ଓ ମହିଳା ମୋର୍ଚ୍ଚାର ବହୁ ସଦସ୍ୟ ସାମିଲ ହୋଇଥିଲେ ।

# ଯାଦବ ମହାସଭାର ବନ୍ଧୁମିଳନ ଓ ନୂତନ କର୍ମକର୍ତ୍ତା ଚୟନ



ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ନିଖିଳ ଓଡ଼ିଶା ଯାଦବ ମହାସଭାର ବନ୍ଧୁମିଳନ ଓ ନୂତନ କର୍ମକର୍ତ୍ତା ମନୋନୀତ କାର୍ଯ୍ୟକ୍ରମ ତିଆଡ଼ିସାହି ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିକ୍ଷାବିତ ରାମଚନ୍ଦ୍ର ବାରିକଙ୍କ ସଭାପତିତ୍ୱ ଓ ସଂଘର ସଭାପତି ନୃସିଂହ ମହାକୁଡ଼ଙ୍କ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ଯାଦବ ମହାସଂଘର ସମ୍ପାଦକ ଭାଗିରଥି ପଲାଇ, ସମ୍ମାନିତ ଭାବେ ଘଣ୍ଟେଶ୍ୱର ଯାଦବ ମହାସଂଘର ସଭାପତି ଅତୁଲ୍ୟ ପରିଡ଼ା, ଆଇନଜୀବୀ ନାରାୟଣ ନାୟକ, ଜିଲା ଉପସଭାପତି ଗଜେନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ସମାଜର ଉନ୍ନତି କରିବା ସହିତ ଯାଦବ ଭବନ ନିର୍ମାଣ ଓ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ଦିଗରେ ସଂଘ ଗୁରୁତ୍ୱ ଦେବ ବୋଲି କହିଥିଲେ । ଏହି ଅବସରରେ ଶିକ୍ଷାବିତ ଗୟାଧର ବାରିକ, ନାରାୟଣ ଚନ୍ଦ୍ର ପୃଷ୍ଟି, କାହ୍ନୁ ଚରଣ ମହାକୁଡ଼, ନାରାୟଣ ବାରିକ, ବାବାଜୀ ମହାକୁଡ଼, ଗଙ୍ଗାଧର ପରିହାରୀ, ହରିଶ୍ଚନ୍ଦ୍ର ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଯାଦବ ମହାସଭା ତିହିଡ଼ି ଶାଖାର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ସଂଘର ସଭାପତି ନୃସିଂହ ମହାକୁଡ଼, ସମ୍ପାଦକ ରବୀନ୍ଦ୍ର ଦାସ, ଉପସଭାପତି ବିଷ୍ଣୁମୋହନ ପଲାଇ, ସହସମ୍ପାଦକ ପ୍ରତାପ ମହାକୁଡ଼, କୋଷାଧ୍ୟକ୍ଷ ଉମାକାନ୍ତ ପରିଡ଼ା ଓ ଶ୍ରୀଧର ବାରିକ, ଉପଦେଷ୍ଟା ଭାବେ ହରିଶ୍ଚନ୍ଦ୍ର ବାରିକ, ନାରାୟଣ ଚନ୍ଦ୍ର ପୃଷ୍ଟି, ରାମଚନ୍ଦ୍ର ବାରିକ, ଭୀମସେନ ବାରିକ, ବଳରାମ କବିଙ୍କୁ ମନୋନୀତ କରାଯାଇଥିବା ଜଣାପଡ଼ିଛି ।

## ନୂଆଦିଲ୍ଲୀ ଯିବେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର କଳାକାର

### ସାଧାରଣତନ୍ତ୍ର ଦିବସରେ ନୃତ୍ୟ କଳା ପ୍ରଦର୍ଶନ ପାଇଁ ହୋଇଛନ୍ତି ମନୋନୀତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କେସିଙ୍ଗା ସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଷାଠିଏ ଜଣ କଳାକାର କେନ୍ଦ୍ର ସଂସ୍କୃତି ବିଭାଗ ଓ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଚଳିତବର୍ଷ ସାଧାରଣ ତନ୍ତ୍ର ଦିବସରେ କର୍ତ୍ତବ୍ୟ ପଥ ଦିଲ୍ଲୀ ଠାରେ ଜୟ ମାଆ ଭାରତୀ ନୃତ୍ୟ ଉତ୍ସବରେ ଡାଲଖାଇ ନୃତ୍ୟ ପରିବେଷଣ କରିବା ପାଇଁ ମନୋନୀତ ହୋଇଛନ୍ତି। କଳାକାରମାନେ ଅଡିସନରେ ଚୟନ ହେବା ପରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ସୋମବାର ଦିଲ୍ଲୀ ଯାତ୍ରା କରିଛନ୍ତି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର୍ବାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଉପସ୍ଥିତ ରହି କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ କଳାକାର ତଥା ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ଦାସ, କୋଷାଧ୍ୟକ୍ଷ ବିକ୍ରମ ବାରିକ, ଜ୍ଞାନେନ୍ଦ୍ର ଭୋଇ, କୁମାର ସିଂ, ସୁଶାନ୍ତ ସିଂ, ସଂଜୀବ ସିଂ, ହିନା, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷା ଜନିତ ଫସଲହାନୀ ସୂଚନା ପ୍ରଦାନ ଅବଧି ବଢିଲା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଅଦିନିଆ ବର୍ଷା ଜନିତ ଫସଲହାନୀ ହୋଇଥିଲେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀ ବୀମା ସହାୟତା ପାଇବା ପାଇଁ ୭୨ ଘଣ୍ଟା ମଧ୍ୟରେ 'କୃଷି ରକ୍ଷକ' ଆପ୍ କିମ୍ବା ହେଲ୍ପ ଲାଇନ୍ ୧୪୪୪୭ ନମ୍ବରରେ ତୁରନ୍ତ ସୂଚନା ଦେବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଚାଷୀଙ୍କ ହିତଦୃଷ୍ଟିରୁ ସରକାର ଏହି ଅବଧି ସମୟସୀମାକୁ ଆସନ୍ତା ଜାନୁଆରୀ ୦୧,୨୦୨୫ ପର୍ଯ୍ୟନ୍ତ ବୃଦ୍ଧିକରିଛନ୍ତି।ତେଣୁ ଅଦିନିଆ ବର୍ଷାରେ ଯେଉଁ ଚାଷୀଙ୍କର ଫସଲ ନଷ୍ଟ ହୋଇଛି ସେମାନେ ଏହି ସମୟ ସୀମା ମଧ୍ୟରେ ଦିଆଯାଇଥିବା କୃଷି ରକ୍ଷକ ଆପ୍ କିମ୍ବା ହେଲ୍ପ ଲାଇନ୍ ୧୪୪୪୭ ନମ୍ବରରେ ତୁରନ୍ତ ସୂଚନା ଦେବାକୁ ଚାଷୀଙ୍କୁ ଅନୁରୋଧ କରାଯାଇଛି। ଯୋଗ୍ୟ ଚାଷୀ ବୀମା ସହାୟତା ପାଇବାରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେ ଦିଗରେ କ୍ଷେତ୍ର ପ୍ରଦର୍ଶନ କରି ସଠିକ୍ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କରଣ ସମାଜ ପକ୍ଷରୁ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ବର୍ଷର ଅଧିକାଂଶ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡି କରଣ ସମାଜ ଖାଲି ଯେ ତାହାର ଉପସ୍ଥିତି ଜାହିର କରିଥାଏ ତାହା ନୁହେଁ ବରଂ ବିଭିନ୍ନ ସମୟରେ ନାନା ସାମାଜିକ କଲ୍ୟାଣ କାର୍ଯ୍ୟ କରି ସମସ୍ତଙ୍କ ମଧ୍ୟରେ ଐକ୍ୟଭାବକୁ ସୁଦୃଢ଼ କରିଥାଏ। ଏ କ୍ଷେତ୍ରରେ କରଣ ସମାଜର ମହିଳା ଶାଖା ଗୋଟିଏ ପାଦ ଆଗରେ ରହିଥିବା ଦେଖାଯାଇଥାଏ। ଏହି କ୍ରମରେ କରଣ ସମାଜ କଳାହାଣ୍ଡିର ମହିଳା ଶାଖା ତରଫରୁ ୨୦୨୪ ମସିହାର ଶେଷ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ସ୍ୱରୂପ ଭବାନୀପାଟଣା ବ୍ଲକ ଅଧୀନସ୍ଥ ତଳ ବେଲଗାଁ ଗ୍ରାମରେ ବୟସ୍କ ଲୋକମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କରଣସମାଜ କଳାହାଣ୍ଡିର ସମ୍ପାଦକ ପ୍ରଦୀପ ପଟ୍ଟନାୟକ, ମହିଳା ଶାଖାର ଅଧ୍ୟକ୍ଷା ସବିତା ପଟ୍ଟନାୟକ ଓ ମହିଳା ଶାଖାର ଅନ୍ୟ ୧୨ ଜଣ ସଦସ୍ୟା ଯୋଗଦାନ କରିଥିଲେ। ଏହି ଅବସରରେ ୫୦ ଜଣ ବୟସ୍କ ମହିଳା ଓ ପୁରୁଷ ବ୍ୟକ୍ତିଙ୍କୁ କମ୍ବଳ ସହ ଜଳଖିଆ ମଧ୍ୟ ଆବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷରେ ବହୁ ପରିମାଣର ପୁରୁଣା ଲୁଗାପଟା, କମ୍ବଳ ଓ ପୁରୁଣା ପୋଷାକ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉପସ୍ଥିତ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟକର ପରିବେଶରେ ରହିବା ଏବଂ ନିଜ ଗ୍ରାମର ପରିବେଶକୁ କିଭଳି ସଫାସୁତୁରା ରଖିବା,ଏବଂ ନିଜ ବାଡ଼ିରେ ଗଛ ଲଗାଇବା ପାଇଁ ମହିଳା ଶାଖା ଅଧ୍ୟକ୍ଷା ସବିତା ପଟ୍ଟନାୟକ ପରାମର୍ଶ ଦେଇଥିଲା ବେଳେ ପାରିବାରିକ ନ୍ୟାୟ ଓ ଅଧିକାର ସମ୍ପର୍କରେ ଶାଖା ସଂପାଦକ ବରିଷ୍ଠ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ କିଛି ଆଇନଗତ ସୂଚନା ଗ୍ରାମବାସୀଙ୍କୁ ଦେଇଥିଲେ। ଏ ଭଳି ଏକ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ପାଇଁ ଗ୍ରାମବାସୀମାନେ କରଣ ସମାଜ ମହିଳା ଶାଖା କଳାହାଣ୍ଡିଙ୍କୁ କୃତଜ୍ଞତା ଜଣାଇବା ସହ ସମୟ ମିଳିଲେ ପୁନର୍ବାର ତାଙ୍କ ଗାଆଁକୁ ଆସିବା ପାଇଁ ଅନୁରୋଧ କରିଥିଲେ।

## ମନ୍ଦିର, ପର୍ଯ୍ୟଟନ ସ୍ଥଳୀର ବଦଳିବ ରୂପରେଖ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ ଥିବା ମନ୍ଦିର, ପର୍ଯ୍ୟଟନୀ ସ୍ଥଳୀର ରୂପରେଖ ଖୁବ୍‌ଶୀଘ୍ର ବଦଳିବାକୁ ଯାଉଛି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଜିଲାରେ ଥିବା ୪୪ଟି ବିଭିନ୍ନ ଐତିହାସିକ ମନ୍ଦିର ଓ ପର୍ଯ୍ୟଟନୀ ସ୍ଥଳୀକୁ ଚୟନ କରାଯାଇ ଏହାର ଉନ୍ନତୀକରଣ ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ପ୍ରାୟ ୪୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହାକୁ ଅନୁମୋଦନ କରିବା ଲାଗି ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ କେସିଙ୍ଗା ବ୍ଲକର ଅମାଠଗଡ ପାଇଁ ୨୬.୪୦ ଲକ୍ଷ, ଧବଳେଶ୍ୱର ପୀଠ ୧ କୋଟି ୮୩ ଲକ୍ଷ, ଗୋକୁଳେଶ୍ୱର ଶିବ ମନ୍ଦିର ୧ କୋଟି ୩୪ଲକ୍ଷ, ଗିରି ଗୋବର୍ଦ୍ଧନ ପୀଠ ୧କୋଟି ୨୨ ଲକ୍ଷ, ବାଲସି ଗୋବର୍ଦ୍ଧନ ପୀଠ ୧କୋଟି ୨୦ଲକ୍ଷ, ଯୋଗମାୟା ପୀଠ ୬୭.୨୦ଲକ୍ଷ, ପାତାଳେଶ୍ୱର ମନ୍ଦିର ୬୨.୪୦ଲକ୍ଷ, ଭବାନୀପାଟଣା ଜଳେଶ୍ୱର ମନ୍ଦିର ୭୪.୪୦ ଲକ୍ଷ, ଫୁରଲିଝରଣ ଜଳ ପ୍ରପାତ ୬୦ଲକ୍ଷ, ରାବଣଧର ୪୯.୨୦ ଲକ୍ଷ, ବରଗାଁ ଶିବ ମନ୍ଦିର ୪୪.୪୦ଲକ୍ଷ, ଲଛିପୁର ଅଷ୍ଟ ଶମ୍ଭୁ ମନ୍ଦିର ୯୧.୨୦ ଲକ୍ଷ, ବୋଡାପଡା ଶିବ ମନ୍ଦିର ୧କୋଟି ୨୦ଲକ୍ଷ, ଦେପୁର ଶିବ ମନ୍ଦିର ୧କୋଟି ୨୦ଲକ୍ଷ, ବୋର୍ଡା ଗମ୍ଭାରୀମଠ ୧କୋଟି ୨୦ଲକ୍ଷ, ବାନ୍ଦୋପଲା ଶିବ ମନ୍ଦିର ୧କୋଟି ୭୨ଲକ୍ଷ, କର୍ଲାଗୁଡା ଶିବ ମନ୍ଦିର ୮୦.୪୦ଲକ୍ଷ, ମକ୍ରିପଡା ୧କୋଟି ୨୨ଲକ୍ଷ, ସାପସିଲେଟ ମନ୍ଦିର ୨ କୋଟି ୧୦ଲକ୍ଷ, ଧର୍ମଗଡ ପାରାଦେଶ୍ୱର ମନ୍ଦିର ୬୨.୪୦ଲକ୍ଷ, ମା' ଭଣ୍ଡାରଘରଣୀ ମନ୍ଦିର ୬୩.୬୦ ଲକ୍ଷ, ରାଧାକୃଷ୍ଣ ମନ୍ଦିର ୬୭.୨୦ଲକ୍ଷ, ଭୀମଖୋଜ ପାତାଳେଶ୍ୱର ୪୪ଲକ୍ଷ, ବେହେରା ଦନ୍ତେଶ୍ୱରୀ ମନ୍ଦିର ୪୮ଲକ୍ଷ, କୋକସରା ଡୋକ୍ରିଚଞ୍ଚରା ୫୫.୨୦ ଲକ୍ଷ, ଆମପାଣି ବୁଢାରଜା ମନ୍ଦିର ୩୭.୨୦ ଲକ୍ଷ, ଜୁନାଗଡ ଲଙ୍କେଶ୍ୱରୀ ମନ୍ଦିର ୫୫.୨୦, ସାପଗଣ୍ଡା ୧କୋଟି ୬୯ଲକ୍ଷ, ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର ୯୦ଲକ୍ଷ, ନାନ୍ଦୋଲ ଶିବମନ୍ଦିର ୭୮ଲକ୍ଷ, ତଳଜାରିଙ୍ଗ ମା' ବନଜାରୀ ମନ୍ଦିର ୭୮ଲକ୍ଷ, ଦେଉଣ୍ଡି ଅଷ୍ଟଶମ୍ଭୁ ମନ୍ଦିର ୬୭.୨୦ଲକ୍ଷ, ଥୁଆମୂଳ ରାମପୁର ମରଡିଗୁଡା ୪୩.୨୦ ଲକ୍ଷ, ହେଲୋ ପଏଣ୍ଟ ୩୧.୨୦ଲକ୍ଷ, କର୍ଲାମୁଣ୍ଡା କୁର୍ଣ୍ଣଲା ମନ୍ଦିର ୬୧.୨୦ ଲକ୍ଷ, ଜୟପାଟଣା ତାଳଗୁଡ ୨୬.୪୦ଲକ୍ଷ, ଗୋଲାମୁଣ୍ଡା ଚୁରାପାହାଡ ୨କୋଟି ୩୮ଲକ୍ଷ, ଫୁଣ୍ଡା ବାଗବାହାଲି ଶିବ ମନ୍ଦିର ୭୮ଲକ୍ଷ, ଏମ୍ ରାମପୁର ମୋହନଗିରି ଶୈବ ପୀଠ ୬୮.୪୦ଲକ୍ଷ, ସାକୁସ ଶିବ ମନ୍ଦିର ୪୮ଲକ୍ଷ, ଲାଞ୍ଜିଗଡ ବ୍ଲକ ସୋସପଦର ୭୮ଲକ୍ଷ ଓ କନକଦୁର୍ଗା ମନ୍ଦିର ପାଇଁ ୧କୋଟି ୪୭ଲକ୍ଷ ରହିଛି। ମନ୍ଦିର ଓ ପର୍ଯ୍ୟଟନୀ ସ୍ଥଳୀର ଉନ୍ନତୀକରଣ ହେଲେ କଳାହାଣ୍ଡିକୁ ଆହୁରି ଅଧିକ ପର୍ଯ୍ୟଟକ ଆସିବେ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ ପ୍ରକାଶ କରିଛନ୍ତି।

## କବି ଭାରତ ମାଝୀଙ୍କୁ ଯୁଗଯାତ୍ରୀ ସାହିତ୍ୟ ସମ୍ମାନ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଯୁଗଯାତ୍ରୀ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ସୁବର୍ଣ୍ଣ ଜୟନ୍ତୀ ପାଳନ ମହୋତ୍ସବ ଅବସରରେ କବି ଭାରତ ମାଝୀଙ୍କୁ ଯୁଗଯାତ୍ରୀ ସାହିତ୍ୟ ସମ୍ମାନ ଆସନ୍ତା ଜାନୁଆରି ୪ ଓ ୫ ଦୁଇ ଦିନ ଧରି ମ.ରାମପୁରଠାରେ ମହାସମାରୋହରେ ପାଳିତ ହେବ। ଏହି ଅବସରରେ ଯୁଗଯାତ୍ରୀ ସୁବର୍ଣ୍ଣ ଜୟନ୍ତୀ ସାହିତ୍ୟ ସମ୍ମାନ ପାଇବାକୁ କବି ଭାରତ ମାଝୀ ମନୋନୀତ ହେଇଛନ୍ତି। କବି ଭାରତ ମାଝୀ ସମକାଳର ଓଡ଼ିଆ ସାହିତ୍ୟ ଜଗତରେ ଏକ ସ୍ପନ୍ଦିତ ଉଚ୍ଚାରଣ। କବିଙ୍କ କବିତା ପୁସ୍ତକ ଅଗାଧୁ ଦୁଆରୀ, ସରଳ ରେଖା, ମୂର୍ତ୍ତିକାର, ମହାନଗର ପଦ୍ୟ, ଭାରତ ମାଝୀ ଡ଼ଟ୍ କମ.ଡୋ, ହାଇଓ୍ୱେ ହାଇଓ୍ୱେରେ କୁହୁଡ଼ି, ମାର୍ଫିତ, ଫୁଟ ଫୁଟପାଥ୍ ଓ ମାଝୀ ଗୀତ ପ୍ରକାଶିତ ହେଇଥିବାବେଳେ ତାଙ୍କର ଅନୁବାଦ ପୁସ୍ତକ ଜୟନ୍ତ ମହାପାତ୍ରଙ୍କ ରିଲେସନସିପ୍ (ସଂପର୍କ), ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ଅନ୍ୟ ଜୀବନର ସ୍ୱାଦ (ଉପନ୍ୟାସ), ଅଶ୍ୱିନୀ କୁମାରଙ୍କ ବନାରସ ଓ ଅଦର୍ସ (ବନାରସ ଓ ଅନ୍ୟମାନେ) ପୁସ୍ତକ ଓଡ଼ିଆ ସାହିତ୍ୟରେ ଖୁବ୍ ପ୍ରସିଦ୍ଧି ଲାଭ କରିଛି। କଳାହାଣ୍ଡିରେ ଜନ୍ମିତ କବି ଭାରତ ମାଝୀ ସଂପ୍ରତି ଭୁବନେଶ୍ୱରେ ସାମ୍ବାଦିକତା କରିବା ସହିତ ସାହିତ୍ୟ ସାଧନା ଜାରି ରଖୁଛନ୍ତି। ତେବେ ଆସନ୍ତା ଜାନୁଆରି ୪ ଓ ୫ ଦୁଇଦିନ ଧରି ହେବାକୁ ଥିବା ଏହି ରାଜ୍ୟ ସ୍ତରୀୟ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ କବିଙ୍କୁ ସମ୍ମାନୀତ କରାଯିବ ବୋଲି ଯୁଗଯାତ୍ରୀ ସାହିତ୍ୟ ସଂସଦର ସଭାପତି ପଦ୍ମ ଲୋଚନ ମିଶ୍ର ଓ ସଂପାଦକ ହେମନ୍ତ ସାହୁ ସୂଚନା ପ୍ରଦାନ କରିଛନ୍ତି।

## ସାଂସଦଙ୍କ ହାତରେ ସହରବାସୀଙ୍କ ଜୀବନ



କେସିଙ୍ଗା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରଶାସନିକ ଉଦ୍ୟମ ଆରମ୍ଭ ହୋଇଛି। ସହର ମଧ୍ୟରେ ଜାତୀୟ ରାଜପଥ କଡ଼ରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଥଇଥାନ ପାଇଁ ଉଦ୍ୟମ କରାଯାଉଛି। ସହରରେ ରେଲଓ୍ୱେ ସୁଉଚ୍ଚ ପୋଲ ନିର୍ମାଣ ଚାଲିଛି। ଏହି ପୋଲ କେସିଙ୍ଗା ପୁରୁଣା ଚେକ୍ ଗେଟରୁ ବାହାରି ଓମନଗର ପଛପଟୁ ଜାତୀୟ ରାଜପଥକୁ ସଂଯୋଗ କରିବ।ଫଳରେ ସହରର ମଧ୍ୟ ଭାଗରେ ଏହା ସଂଯୋଗ ହେଉଥିବାରୁ ଟ୍ରାଫିକ ବ୍ୟବସ୍ଥା ଆଗଭଳି ହିଁ ରହିବ।ଏହାକୁ ବାଇପାସ ମାଧ୍ୟମରେ ଜୋଲକୋ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ହେଉଛି।ଏନେଇ ଗତ ଗୁରୁବାର ଦିନ କଳାହାଣ୍ଡି ସାଂସଦ ମାଳବିକା ଦେଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ଦାବିପତ୍ର ଦେବେ ବୋଲି ପ୍ରତିଶୃତି ଦେଇଥିଲେ। ଏହା କାର୍ଯ୍ୟକାରୀ ନ ହେଲେ ସହରେ ଦୁର୍ଘଟଣା ବୃଦ୍ଧି ପାଇବ ଲୋକଙ୍କ ଧନଜୀବନ ନଷ୍ଟ ହେବ। ଏହାକୁ ଲକ୍ଷ୍ୟ କରି ଲୋକେ ସାଂସଦଙ୍କ ହାତରେ ସହରବାସୀଙ୍କ ଜୀବନ କରୁଛନ୍ତି।

## ଖଳା ନିର୍ମାଣରେ ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା ଅଭିଯୋଗ





କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଅନ୍ତର୍ଗତ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଚାଷୀଙ୍କ ସ୍ୱାର୍ଥ ପାଇଁ ଏକ କଂକ୍ରିଟ୍ ଖଳା ନିର୍ମାଣ ପାଇଁ ଅନୁମତି ମିଳିଛି। କିନ୍ତୁ ଠିକାଦାର ଏହି ନିର୍ମାଣ କାର୍ଯ୍ୟକୁ ପାତରଅନ୍ତର କରୁଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ସୁବିଧାକୁ ମୋଟେ ଦୃଷ୍ଟି ଦିଆ ନଯାଇ ଠିକାଦାରଙ୍କ ପୋଷା ନିତିରେ ଚାଲିଛି ଖଳା ନିର୍ମାଣ। ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର କୋକସରା ବ୍ଲକ ଅଞ୍ଚଳରେ ଚାଲିଛି ଜୋରଦାର ଚର୍ଚ୍ଚା ଆଲୋଚନା। ପ୍ରାପ୍ତ ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଚାଷୀମାନଙ୍କ ପାଇଁ ସିଡିପିଟିଏଫ୍ ଯୋଜନାରେ ଏକ କଂକ୍ରିଟ ଖଳା ଆସିଥିଲା। ଯାହାର ଅଟକଳ ମୂଲ୍ୟ ୭ ଲକ୍ଷ ୩୨ ହଜାର ରହିଛି। ଏହି ଗ୍ରାମର ଚାଷୀମାନଙ୍କ ସାମୁହିକ ସୁବିଧା ଦୃଷ୍ଟିରୁ ସ୍ଥାନ ନିରୂପଣ କରିଥିବା ସ୍ଥାନରେ ଖଳା ନିର୍ମାଣ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଖଳା ନିର୍ମାଣ କରୁଥିବା ଠିକାଦାର ଓ ବିଭାଗୀୟ କର୍ମଚାରୀ ଚାଷୀଙ୍କ କଥାକୁ ମୋଟେ କର୍ଣ୍ଣପାତ ନକରି ମଣ୍ଡି ପାଇଁ ଆର୍‌ଏମ୍‌ସି ଦିଆଯାଇଥିବା ସ୍ଥାନରେ ନିଜ ମର୍ଜିରେ ଖଳା ନିର୍ମାଣ ଆରମ୍ଭ କରିଛନ୍ତି। ଏହାକୁ ଆରମ୍ଭରୁ ପଞ୍ଚାୟତର ଚାଷୀମାନେ ଘୋର ବିରୋଧ କରିଥିଲେ। ଏହା ସତ୍ତ୍ୱେ ମଧ୍ୟ କାହାକୁ ଖାତିର ନକରି ଖଳା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଓ ଜନଶୁଣାଣୀ ଶିବିରରେ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହା ସହିତ ତହସିଲଦାରଙ୍କୁ ମଧ୍ୟ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଚାଷୀମାନଙ୍କ ବୟାନ ଅନୁସାରେ, ସଂପୃକ୍ତ ଠିକା କରୁଥିବା ବ୍ୟକ୍ତି ଜଣକ 'ମୁଁ ବିଧାୟକଙ୍କ ଲୋକ, ମୁଁ କାହାରିକୁ ଖାତିରି କରେନାହିଁ। ଏବେ ଆମ ସରକାର ଶାସନ ଚାଲିଛି ତେଣୁ ଆମ ମର୍ଜିରେ ସବୁ ହେବ' ଇତ୍ୟାଦି କହିଥିବା ଅଞ୍ଚଳର କୃଷକମାନେ ବ୍ୟକ୍ତ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି। ସଚେତନ ନାଗରିକ ଏହି ପ୍ରସଙ୍ଗରେ କହିଛନ୍ତି- 'ଏଠାରେ ଦଳୀୟ ଲୋକ ବଡ଼, କୃଷକଙ୍କ ସ୍ୱାର୍ଥ ଚୁଲିକୁ ଯାଉ।' ସାଧାରଣ ଜନତା ଓ କୃଷକଙ୍କୁ ସୁନେଲି ସ୍ୱପ୍ନ ଦେଖାଇ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଦୁର୍ଗ ପତନ କରିଥିଲା ବିଜେପି। ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳୀବାସୀ ମଧ୍ୟ ବେଶ୍ ଉତ୍ସାହିତ ଥିଲେ। ନୂତନ ବିଧାୟକ କୃଷି ଓ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ସେମାନଙ୍କ ବଦ୍ଧମୂଳ ଧାରଣା ଥିଲା। ଏବେ କିନ୍ତୁ ତାହା ତାସ୍ ପତା ପରି ଭୁଷୁଡିବାକୁ ଲାଗିଛି। କୃଷିଜୀବୀ ସମାଜର ଅନେକ ସମସ୍ୟାକୁ ଅଣଦେଖା କରି ଦଳୀୟ କର୍ମୀ ଓ ଠିକାଦାରଙ୍କ ସ୍ୱାର୍ଥକୁ ଆଗ ପ୍ରାଧାନ୍ୟ ଦିଆଯାଉଥିବା ଚାଷୀ କହିଛନ୍ତି। ଯଦି ଏହି ନିତି ଆଗକୁ ଲାଗି ରୁହେ ତେବେ ଏହା ଶାସକ ଦଳ ପ୍ରତି ଶୁଭଙ୍କର ହେବନାହିଁ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

## ସର୍ବ ଭାରତୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍: କଳାହାଣ୍ଡି ଚମ୍ପିୟାନ



ଧର୍ମଗଡ଼, (ଭାସ୍କର ନ୍ୟୁଜ) : ପର୍ଲା ସର୍ବ ଭାରତୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଉଦ୍‌ଯାପିତ ହୋଇଯାଇଛି। ଏହି ରୋମାଞ୍ଚକ ମ୍ୟାଚରେ ଇଭିନିଙ୍ଗ କ୍ଲବ ଭବାନୀପାଟଣା-ଜଗଦପୁରକୁ ୫-୧ ଗୋଲଦେଇ ଚମ୍ପିୟାନ ଟ୍ରଫି ହାତେଇବାରେ ସଫଳ ହୋଇଛି। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ ଉପସ୍ଥିତ ରହି ବିଜୟୀ ଦଳ ଇଭିନିଂ କ୍ଲବ ଭବାନୀପାଟଣାକୁ ଟ୍ରଫି ଓ ସମ୍ମାନିତ ଅତିଥିମାନେ ରନର୍ସ ଅପ ଦଳ ଜଗଦଲପୁରକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ବେଷ୍ଟ ଗୋଲକିପର ଭାବେ ଭବାନୀପାଟଣା ଦଳର ଉମେଶ, ମ୍ୟାନ ଅଫ ଦି ମ୍ୟାଚ ପପୁ ମାଝୀ ପାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଜଗଦଲପୁରର ଶିବାକୁ ଦିଆଯାଇଛି। ସମ୍ମାନିତ ଅତିଥି ଭାବେ ସମାଜସେବୀ ଘନଶ୍ୟାମ ଅଗ୍ରୱାଲ, ଅପ୍ରେସ ସ୍ୱାଇଁ, ହିମାଂଶୁ ପଣ୍ଡା, ନଳୀନ ଦାସ, ଯୁବରାଜ ଜାଲ, ପ୍ରଭାକର ଜାଲ, ପ୍ରମୁଖ ଉପସ୍ଥିତ ରହିଥିଲେ। ଗତ ୨୩ତାରିଖ ଠାରୁ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୮ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦର୍ଶକଙ୍କ ମନୋରଞ୍ଜନ ସକାଳେ ଏହି ପ୍ରତିଯୋଗିତାରେ ମହିଳା ବନ୍ଧୁତା ପୂର୍ଣ୍ଣ ମ୍ୟାଚ ବରଗଡ଼ ଓ ବଲାଙ୍ଗୀର ମହିଳା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଆୟୋଜକ କମିଟିର ସଭାପତି ପ୍ରବୀଣ କୁମାର ଦାସ ସମ୍ପାଦକ ସୁଧୀର ବାଗ,ଲକ୍ଷ ଜ୍ୟାତି ଜାଲ,ନବୀନ କୁମାର ଦାସ,ମନୋଜ ଦାସ ବାବୁଲି ଦାସ ପ୍ରମୁଖ ସହଯୋଗ କରିଥିବା ବେଳେ ଖେଳ ପରିଚାଳନା ଜଗା ମାଝୀ, ତାପସ ଦାସ, ସଞ୍ଜୀବ ଦୁର୍ଗା, ଭାବେନ୍ଦ୍ର ଶବର କରିଥିଲେ। ମଞ୍ଚ ପରିଚାଳନା ସାମ୍ବାଦିକ ସୁଧୀର ଗୋପାଳ କରିଥିଲେ।

## ରାଶିଫଳ

ବୁଧବାର, ୦୧ ଜାନୁଆରି ୨୦୨୫

**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ନୂତନ କାମ ପାଇବେ। ଆୟ ବୃଦ୍ଧି ପାଇବ, ଖୁସି ହେବ। ନୂତନ ଲୋକ ପରିଚିତ ହେବେ। ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ।

**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରିପାରନ୍ତି। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ କରିବ।

**ମିଥୁନ:** ଭ୍ରମଣ ଲାଭଦାୟକ ହେବ। ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ। ଥକ୍କା ଏବଂ ଦୁର୍ବଳତା ହୋଇପାରେ।

**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ।

**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ନୂତନ ବନ୍ଧୁ ସୃଷ୍ଟି ହେବ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ।

**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ। ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କ ସହିତ ଆସିବେ।

**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦ ଭିତରେ ମୁଣ୍ଡ ପୁରାନ୍ତୁ ନାହିଁ।

**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇ ପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ମନଧ୍ୟାନ ଦେଇ କାର୍ଯ୍ୟ କରନ୍ତୁ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ।

**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।

**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।

**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ସହଜ ହେବ।

**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ପୁଂଜି ବିନିଯୋଗ ଶୁଭ ହେବ। ଆପଣଙ୍କର ନିଜସ୍ୱ ବୁଦ୍ଧି ବ୍ୟବହାର କରନ୍ତୁ। ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।



ଶ୍ରୀପତି ଶର୍ମା


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାରୁ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ଦେଇ ଡ଼େରାବିଶ ବ୍ଲକକୁ ପଡ଼ିଥିବା ରାସ୍ତାଟକୁ ଆଜି ସମାଜସେବୀ ତଥା କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତ ନିର୍ମାଣ କରାଇଛନ୍ତି। ସୂଚନାରୁ ପ୍ରକାଶ ଦୀର୍ଘଦିନ ହେବ ଏହି ରାସ୍ତାଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଏଭଳି ଅବସ୍ଥା ହୋଇଥିଲା ଯେ ଗାଡ଼ିମଟର ଯାତାୟତ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ିଥିଲା। ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ଡ଼େରାବିଶ ବ୍ଲକ୍‌ର ଜନସାଧାରଣ ବ୍ଲକ୍ କାର୍ଯ୍ୟାଳୟକୁ ଯାଉଥିବା ବେଳେ, ଆଇନ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ, ଏକ ଘରୋଇ ନର୍ସିଂହୋମ୍ ଓ ଏହି ଅଞ୍ଚଳରେ ବାସ କରୁଥିବା ହଜାର ହଜାର ଲୋକ ଦୈନନ୍ଦିନ ଯାତାୟତ ପାଇଁ ବ୍ୟବହାର କରିଥାନ୍ତି। ବର୍ଷାଦିନରେ ଏହି ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମିରହିବା ଫଳରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟିଥାଏ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଆଜି ସମାଜସେବୀ ରାଉତ ନିଜ ଖର୍ଚ୍ଚରେ ଏହି ରାସ୍ତାରେ ଥିବା ଖାଲଖମାରେ ଡଷ୍ଟ ବିଛାଇ ମରାମତି କରାଇଥିବା ଜଣାଯାଇଛି। ରାଉତଙ୍କ ଏହି ଜନହିତକାର କାର୍ଯ୍ୟ ପାଇଁ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସରୋଜ ନାୟକ, ଶିକ୍ଷକ ଜଗନ୍ନାଥ ନାୟକ, ପ୍ରଫେସର ଡକ୍ଟର ସ୍ୱତିରଞ୍ଜନ ବେହେରା ପ୍ରମୁଖ ରାଉତଙ୍କୁ ସାଧୁବାଦ ଜଣାଇଛନ୍ତି।

# ନିରାମୟ ଛାଡି ବାହାରୁ ଔଷଧ କିଣୁଛନ୍ତି ରୋଗୀ

## ତଥାପି ବେସରକାରୀ ଦୋକାନରେ ଭିଡ଼୍




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସରକାର ନିରାମୟ ଯୋଜନା ମାଧ୍ୟମରେ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ସରକାରୀ ମେଡ଼ିକାଲକୁ ଆସୁଥିବା ଉଭୟ ଆଉଟଡ଼ୋର ଓ ଇନଡ଼ୋର ରୋଗୀମାନଙ୍କୁ ଏହି ଔଷଧ ପ୍ରଦାନ କରାଯିବାର ନିୟମ ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିରାମୟ ଯୋଜନାରେ ଔଷଧ ପ୍ରଦାନ କରାଯାଉଛି ଶତ ଅନେକ ଔଷଧ ରୋଗୀ ବାହାରେ ଥିବା ମେଡ଼ିସିନ ଷ୍ଟୋରରୁ କିଣୁଛନ୍ତି। ପୂର୍ବରୁ ୧୭୦ଟି କିସମର ଔଷଧ ଥିବା ବେଳେ ଏବେ ୪୦୦ରୁ ଉର୍ଦ୍ଧ୍ୱ ପ୍ରକାର ଔଷଧ ମହଜୁଦ ଅଛି ବୋଲି ସୂଚନା ମିଳିଛି। ହେଲେ ସରକାରଙ୍କ ତରଫରୁ ଏତେ ପରିମାଣରେ ମାଗଣା ଔଷଧ ଯୋଗାଇ ଦିଆଯାଉଥିଲେ ମଧ୍ୟ ବେସରକାରୀ ଔଷଧ ଦୋକାନ ଗୁଡ଼ିକରେ ଭିଡ଼ କମିବାରେ ନାଁ ଧରୁନି। ବରଂ ପୂର୍ବ ଅପେକ୍ଷା ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ନିରାମୟ ଯୋଜନାରେ ବିତରଣ କରାଯାଉଥିବା ଔଷଧର ମାନ ମଧ୍ୟ ବଜାରରେ ମିଳୁଥିବା ଅନ୍ୟ ଔଷଧ ତୁଳନାରେ ଢ଼େର ବେଶୀ। ତଥାପି କାହିଁକି ଲୋକେ ବେସରକାରୀ ଔଷଧ ଦୋକାନରୁ ଔଷଧ କିଣିବାକୁ ପସନ୍ଦ କରୁଛନ୍ତି। ଏଥିପାଇଁ ଲୋକଙ୍କ ମାନସିକତା ଦାୟି ନାଁ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କ ଲେଖା ଯାଉଥିବା ପ୍ରେସକ୍ରିପସନ ଦାୟି ତାହାକୁ ନେଇ ଚର୍ଚ୍ଚା ଜୋରଧରିଛି। ଯାହା ସ୍ଥାନୀୟ ଅଞ୍ଚଳରେ ଅଲୋଡ଼ନ ସୃଷ୍ଟି କରିଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର କାର୍ଯ୍ୟରତ ଥିବା ସମୟରେ ବିଭିନ୍ନ ଔଷଧ କମ୍ପାନୀ ମାର୍କେଟିଙ୍ଗ ପ୍ରତିନିଧି ଭିଡ଼ ଜମାଉଛନ୍ତି, ଯାହାକି ବିଭିନ୍ନ ଔଷଧ ଦୋକାନ ନିଜ କମ୍ପାନୀ ଔଷଧ ଦେଇ ଡାକ୍ତରଙ୍କ ସହ ଭିତିରି ବୁଝାମଣା କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସରକାର ଲୋକଙ୍କ ପାଇଁ ଔଷଧ ଯୋଗାଇ ଦେଉଥିବା ବେଳେ ଲୋକେ କାହିଁକି ବାହାରୁ ଔଷଧ କିଣିବାକୁ ପସନ୍ଦ କରୁଛନ୍ତି। କାର୍ଯ୍ୟରତ ଡାକ୍ତରମାନେ ପରୋକ୍ଷରେ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ ପ୍ରବର୍ତ୍ତାଉ ଥିବା ସାଧାରଣ ଅଭିଯୋଗ ହେଉଛି। ବାହାରେ ବିକ୍ରି କରାଯାଉଥିବା ଔଷଧଗୁଡ଼ିକ ଉନ୍ନତମାନର ବୋଲି ଲୋକଙ୍କ ମାନସିକତା ମଧ୍ୟ ସେହି ଦିଗରେ ଯାଉଛି। ଯଦି ସରକାରୀ ଅଧିକାରୀ କଥା ଅନୁଯାୟୀ ମୋଟାମୋଟି ସରକାରୀ ମେଡ଼ିକାଲକୁ ଆସୁଥିବା ୯୦ ପ୍ରତିଶତ ଲୋକ ନିରାମୟ ଯୋଜନାରୁ ଔଷଧ ନେଉଥିବା ବେଳେ ବାହାରେ ଥିବା ବେସରକାରୀ ଦୋକାନ ଗୁଡ଼ିକରେ ଏତେ ପରିମାଣରେ ଔଷଧ ବିକ୍ରି ହେଉଛି କିପରି। ଅର୍ଥାତ ନିରାମୟ ଯୋଜନାରେ ଔଷଧ ନେଉନଥିବା ୧୦ ପ୍ରତିଶତ ଲୋକ କ'ଣ ବେସରକାରୀ ଔଷଧ କିଣୁଛନ୍ତି ? ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ସରକାରୀ ମେଡିକାଲ ଆସୁଥିବା ରୋଗୀଙ୍କ ମଧ୍ୟରୁ ୯୦ପ୍ରତିଶତଙ୍କୁ ନିରାମୟ ଯୋଜନାରେ ମାଗଣା ଔଷଧ ପ୍ରଦାନ କରାଯାଏ ଶତ କିନ୍ତୁ ୧୦ ପ୍ରତିଶତ ରୋଗୀ ଏହାକୁ ବ୍ୟବହାର କରୁଥିବା ବେଳେ ୯୦ପ୍ରତିଶତ ବେସରକାରୀ ଔଷଧ ଦୋକାନରୁ ଔଷଧ କିଣୁଛନ୍ତି। ଗୋଟିଏ ପଟେ ଯୋଜନା ତା ବାଟରେ ଯାଉଥିବା ବେଳେ ଅନ୍ୟ ପଟେ ଚିରାଚରିତ ଢଙ୍ଗରେ ଡାକ୍ତର ଓ ଔଷଧ ମାର୍କେଟିଙ୍ଗ ବ୍ୟକ୍ତି ସହ ଔଷଧ ଦୋକାନୀଙ୍କ ମଧୁଚନ୍ଦ୍ରିକା ନିରାମୟ ଯୋଜନାକୁ କେବଳ କାଗଜ ପତ୍ରରେ ସଫଳ କରାଇଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ ଅଚାନକ ଯାଞ୍ଚ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ।

# ପାଚିକା ଏବଂ ସହାୟିକାଙ୍କ ପ୍ରଶିକ୍ଷଣ ଶିବିର




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ଶିକ୍ଷାସର୍କଲ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବାଗ୍‌ଦେବୀ ବିଦ୍ୟାପୀଠ ପରିସରରେ ଆଜି ବିଦ୍ୟାଳୟମାନଙ୍କରେ ନିଯୁକ୍ତ ପାଚିକା ଓ ସହାୟିକା ମାନଙ୍କର ପ୍ରଶିକ୍ଷଣ ଶିବିର ଓ ସେମାନଙ୍କ ମଧ୍ୟରେ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମ୍ ପୋଷଣ ଯୋଜନାରେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଅନୁଷ୍ଠିତ ଏହି ଶିବିରକୁ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଉଦ୍‌ଘାଟନ କରିଥିଲେ। ଗତ ୨୪ ତାରିଖରୁ ବ୍ଲକ୍ ଅନ୍ତର୍ଗତ ୧୭ଟି କ୍ଲଷ୍ଟରର ୩୮୫ ଜଣ ପାଚିକା ଓ ସହାୟିକାମାନଙ୍କୁ ବ୍ଲକ ଅଧୀନସ୍ଥ ସାତଗୋଟି ଶିବିରରେ ପ୍ରଶିକ୍ଷିତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି, ରନ୍ଧନଶାଳା, ରନ୍ଧନ ସାମଗ୍ରୀ, ବାସନକୁସନକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଅବସର ସମୟରେ ବିଦ୍ୟାଳୟ ପରିସରରେ କିଚେନ୍ ଗାର୍ଡ଼େନ ପ୍ରସ୍ତୁତ କରିବା ସର୍ବୋପରି କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ସ୍ନେହ ଏବଂ ଶ୍ରଦ୍ଧାର ସହିତ ଖାଦ୍ୟ ପରସିବା ସମ୍ପର୍କରେ ପ୍ରଶିକ୍ଷିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ପ୍ରକାଶ କୁମାର ରାଉତ ଓ ଖଗେଶ୍ୱର ନାୟକ ତାଲିମ ପ୍ରଦାନ କରିଥିଲେ। ସାତୋଟି କ୍ଲଷ୍ଟରର କୃତି ପାଚିକା ଓ ସହାୟିକାମାନଙ୍କୁ ନେଇ ଆଜି ଏକ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବରେ ଶିକ୍ଷକ ଦିଲ୍ଲିପ କୁମାର ଦାଶ, ଅଜୟ କୁମାର ଦାସ, କନକଲତା ମହାନ୍ତି, ବିଥିକା ଦାସ ଓ ନମିତା ମିଶ୍ର ଯୋଗ ଦେଇଥିଲେ। ଅପରାହ୍ନରେ ଅବସର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ବିଇଓ ବେହେରା, ସମ୍ମାନିତ ଅତିଥିଭାବେ ଏବିଇଓ ସଚିକାନ୍ତ ମିଶ୍ର, ଦେବଦତ ଶତପଥି ଓ ଖଗେଶ୍ୱର ନାୟକ ଯୋଗଦେଇ ରନ୍ଧନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭଗବତୀ ଉପ୍ରା ବିଦ୍ୟାଳୟର ପ୍ରଜ୍ଞାପାରମିତା ପାଣି, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନିଳିକଣା ଉପ୍ରା ବିଦ୍ୟାଳୟର କବିତା ନାଥ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଭଣଗାଁ ଉପ୍ରା ବିଦ୍ୟାଳୟର ମମତା ମହାରଣାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଅର୍ଥରାଶି ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଲଲାଟ କେଶରୀ ଭୂୟା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି ପ୍ରମୋଦ କୁମାର ମଲ୍ଲ, ବିଶ୍ୱଜିତ ମୁଦୁଲି, ସନ୍ତୋଷ କୁମାର ମଲିକ, ସୁଜାତା ନାୟକ, ଶିକ୍ଷକ ନିର୍ମଳ କୁମାର ଜେନା, ମହେନ୍ଦ୍ର କୁମାର ମଲିକ, ତୁଷାରକାନ୍ତ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ବିଧାୟକଙ୍କ ଦ୍ୱାରା ପ୍ରତିମୂର୍ତ୍ତି ଉନ୍ମୋଚନ ଓ କମ୍ବଳ ବଣ୍ଟନ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଆଜି ନିଶ୍ଚିନ୍ତକୋଇଲି ବ୍ଲକ୍ ପରିସରରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ପୂର୍ବତନ ମନ୍ତ୍ରୀ ତଥା ମହାନ ସ୍ୱାଧିନତା ସଂଗ୍ରାମୀ ସର୍ବୋପରି ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପ୍ରଥମ ଅଧକ୍ଷ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ୩୫ତମ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କର ପ୍ରତିମୂର୍ତ୍ତିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଉଦଘାଟନ ଉତ୍ସବରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀ, ବିଡିଓ ପ୍ରମୁଖ ଅତିଥିରୂପେ ଯୋଗ ଦେଇଥିଲା ବେଳେ ପଞ୍ଚାୟତ ସମିତି ଉପାଧକ୍ଷ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ନଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡ. ମନମୋହନ ସିଂଙ୍କ ବିୟୋଗରେ ୧ମିନିଟ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ୨୬୦ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ଓ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଅପରପକ୍ଷରେ ରାଷ୍ଟ୍ର ନାୟକ ତଥା ଭାରତରତ୍ନ ପ୍ରାକ୍ତନ ପ୍ରଧାନ ମନ୍ତ୍ରୀ ଡ.ମନମୋହନ ସିଂଙ୍କ ଦେହାନ୍ତ ପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଷ୍ଟ୍ରିୟ ଶୋକ ପାଳନ କରୁଛନ୍ତି। ଏପରି ସ୍ଥଳେ ବିଧାୟକ ପ୍ରଧାନ କେଉଁ ଆଧାରରେ ବ୍ଲକ ପରିସରରେ ମାଇକ୍ ସାଉଣ୍ଡ ଲଗାଇ ମଞ୍ଚ ପ୍ରସ୍ତୁତ କରାଇଲେ ତାହାକୁ ବ୍ଲକ କଂଗ୍ରେସ ତରଫରୁ ନାପସନ୍ଦ କରାଯାଇଛି। କେଉଁ ଆଧାରରେ ବିଧାୟକ ଓ ବ୍ଲକ ପ୍ରଶାସନ ବ୍ଲକ ପରିସରରେ ଏଭଳି କାର୍ଯ୍ୟକ୍ରମ କରାଇଲେ ଓ ଏଥିପାଇଁ ଅନୁମତି କିଏ ପ୍ରଦାନ କଲା ବୋଲି ବ୍ଲକ୍ କଂଗ୍ରେସ ସଭାପତି ରମାକାନ୍ତ ବେହେରା ପ୍ରଶ୍ନ କରିଛନ୍ତି। କିନ୍ତୁ ଅଧକ୍ଷକଙ୍କ ତରଫରୁ ଏ ସମ୍ବନ୍ଧରେ କୌଣସି ବକ୍ତବ୍ୟ ଗ୍ରହଣ କରାଯାଇପାରି ନାହିଁ।

## ପିକଅପ୍ ଭ୍ୟାନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ଅନ୍ତର୍ଗତ ରମ୍ଭା ଗ୍ରାମ ନିକଟରେ ପିକଅପ୍ ଭ୍ୟାନ୍ ଧକ୍କାରେ ଜଣେ ମଟର ସାଇକେଲ ଚାଳକଙ୍କ ମୃତ୍ୟୁ। ସେ ହେଲେ ଦଦରାଲୁଣ୍ଡା ଗ୍ରାମ ନିକଟ ପଇତା ଗାଁ'ର ରାଜେନ୍ଦ୍ର ବିଷୋୟୀ। ଖବର ନେବାରେ ରାଜେନ୍ଦ୍ର କୌଣସି କାମରେ ଗାଁ'ନିକଟ ରମ୍ଭା ଗ୍ରାମକୁ ଯାଇ ରାସ୍ତା ପାର୍ଶ୍ୱରେ ଠିଆ ହେଇଥିବା ବେଳେ ଦୁର୍ଗାପ୍ରସାଦରୁ ଭଞ୍ଜନଗର ଦ୍ରୁତଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାଜେନ୍ଦ୍ରକୁ ଧକ୍କା ଦେବା ଫଳରେ ସେ ଛିଟିକି ହେଇ ପଡ଼ିବା ଫଳରେ ଗୁରୁତର ହେଇ ପଡ଼ିଥିଲେ। ରାଜେନ୍ଦ୍ରକୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଭଞ୍ଜନଗର ପୋଲିସ ଖବରପାଇ ଡାକ୍ତରଖାନାରେ ପହଞ୍ଚି ରାଜେନ୍ଦ୍ରଙ୍କ ମୃତଦେହ ଜବତ କରିବା ସହ ତଦନ୍ତକରି ବ୍ୟବଛେଦ ଗୃହକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇଥିବା ପିକଅପ୍ ଭ୍ୟାନ୍ ସହ ମଟରସାଇକେଲ ମଧ୍ୟ ଜବତ କରିଛି। ଏହି ଘଟଣାକୁ ନେଇ ଭଞ୍ଜନଗର ଥାନା ୧୧୭୨/୨୪ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କୁମୁର ମୁଦୁଲି ସୂଚନା ଦେଇଛନ୍ତି।

# ବଡ଼ଗୁଣ୍ଡୁରି ଏସଏସଭିଏମର ଦ୍ୱାଦଶ ବାର୍ଷିକ ଉତ୍ସବ

କଣିହାଁ, (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା କଣିହାଁ ବ୍ଲକ ବଡଗୁଣ୍ଡୁରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ସୋମବାର ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ସମ୍ମାନୀତ ଅତିଥି ଭାବରେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି ଅନୁଗୋଳ ଜିଲା ପ୍ରମୁଖ ପ୍ରତାପ ଚନ୍ଦ୍ର ଦେହୁରୀ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ, ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଭାଷଣ ପ୍ରସଙ୍ଗରେ ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥିଗଣ ସଂସ୍କୃତି, ସଂସ୍କାର ଓ ପରମ୍ପରା ଭିତ୍ତିକ ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ କଲେ ଛାତ୍ରଛାତ୍ରୀମାନେ ଭଲ ମଣିଷ ହେବା ସହ ଦେଶର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ସଭାପତି କୈଳାଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ କୁଳମଣି ସାହୁ ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ କ୍ଷୀରୋଦ ବେହେରା ବାର୍ଷିକ



ବିବରଣୀ ପଠନ କରିଥିଲେ। ଉତ୍ସବରେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ପରେ ଛାତ୍ର ଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟଅଚାର୍ଯ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।

# ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ

## ୬ଜଣ କ୍ରିଉ ମେମ୍ବର ଅଟକ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଅଲିଭି ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧା ଞ୍ଚଳରେ ମାଛ ଧରା ଉପରେ କଟକଣା ଲାଗୁ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳରୁ ପୂର୍ବରୁ ଟ୍ରଲର ଜବତ ହୋଇଥିବା ବେଳେ ସୋମବାର ସନ୍ଧ୍ୟାରେ ପୁନର୍ବାର ଦେବୀ ନଦୀ ନିଷିଦ୍ଧାଞ୍ଚଳ ସନ୍ନିକଟ ଗଙ୍ଗାଦେବୀ ନିକଟରୁ ମା'କାଳୀ ନାମକ ଟ୍ରଲର (ଆଇ ଏନଡି -ଓ ଆର -ଏମ ଏମ -୨୬୪) ଦେବୀ ମୁହାଁଣ ନିଷିଦ୍ଧାଞ୍ଚଳରୁ ଜବତ ହୋଇଥିବା ବେଳେ ଜବତ ଟ୍ରଲରରୁ ୬ଜଣ କ୍ରିଉ ମେମ୍ବର ଅଟକ ସହ ସନ୍ଧ୍ୟା ସୁଧା ନିଲାମ ପ୍ରକ୍ରିୟା ହୋଇ ନଥିଲା। ଚଳିତ ବର୍ଷ ବନ ବିଭାଗ ୬ଟି ଟ୍ରଲର ଜବତ କରିସାରିଲାଣି। ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ସୋମବାର ଦିନ ସନ୍ଧ୍ୟାରେ ଉକ୍ତ ଟ୍ରଲରଟି ମାଛ ମାରୁଥିବା ବେଳେ ବନବିଭାଗ ଟିମ୍, ଟର୍ଟଲ ସ୍କୁଆଡ଼ ଉକ୍ତ ଟ୍ରଲରକୁ ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନ କର୍ମଚାରୀଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏପିଆର ଫୋର୍ସ ପାଟ୍ରୋଲିଂରେ ସାମିଲ ହୋଇଥିଲେ। ନୂଆଗଡ଼ ଜେଠିରେ ବାରମ୍ବାର ବିଶୃଙ୍ଖଳା ହେତୁ ଟ୍ରଲରଟିକୁ କୋଣାର୍କ ଚନ୍ଦ୍ରଭାଗା ନିଆଯାଇଥିବା ସୂଚନା। ଉକ୍ତ ଟ୍ରଲରରୁ ଜବତ ମାଛକୁ ନିଲାମ ପ୍ରକ୍ରିୟା ସନ୍ଧ୍ୟା ସୁଧା ହୋଇ ନଥିଲା। ଅଲିଭି ରିଡ଼ଲେ କଇଁଛଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି।

# ଝାରସୁଗୁଡା ଜିଲ୍ଲା ମହୋତ୍ସବ ଆୟୋଜନ ନେଇ ପ୍ରେସମିଟ ଆୟୋଜିତ



ଝାରସୁଗୁଡା, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲାରେ ପ୍ରତିଷ୍ଠା ଦିବସ ଏବଂ ଜିଲ୍ଲା ମହୋତ୍ସବ ଆୟୋଜନ ନେଇ ଏକ ପ୍ରେସମିଟରେ ସୂଚନା ଦିଆଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ପ୍ରେସ ମିଟରେ ଆୟୋଜନ କମିଟି ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଜାନୁଆରୀ ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ ଭାସ୍କର ଟେକ୍ସଟାଇଲ ମିଲ(ବିଟିଏମ୍) ପଡ଼ିଆ ଠାରେ ଜିଲ୍ଲା ପ୍ରତିଷ୍ଠା ଦିବସ, ପଲ୍ଲୀଶ୍ରୀ ମେଳା ଏବଂ ଜିଲ୍ଲା ମହୋତ୍ସବ ଦୁଲଦୁଲି ଆୟୋଜିତ ହେବ। ଚଳିତ ବର୍ଷ ଉଦଯାପନୀ ଦିବସ ୫ ଜାନୁୟାରୀରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ୩ତାରିଖରେ ମାନନୀୟା ବାଚସ୍ପତି ସୁରମା ପାଢ଼ୀ ଏବଂ ୨ତାରିଖ ଉଦ୍‌ଘାଟନୀ ଦିବସରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବେ। ଉଦ୍‌ଘାଟନୀ ଦିବସରେ ସମ୍ମାନିତ ଅତିଥି ଭାବରେ ମାନ୍ୟବର ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ ମାନ୍ୟବର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିବେ। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ପୁଲିସ ମହା ନିରୀକ୍ଷକ ହିମାଂଶୁ ଲାଲ ଓ ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ସ୍ମିତ୍ ପି ପରମାର ଅନ୍ୟତମ ଅତିଥି ଭାବରେ ଯୋଗଦାନ କରିବେ। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷା ଅବୋଲି ସୁନିଲ ନରୱ୍ୱଣେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଥିବା ମହୋତ୍ସବର ବିଭିନ୍ନ ସାନ୍ଧ୍ୟ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଝାରସୁଗୁଡା ପୌରପରିଷଦ ଅଧକ୍ଷା ରାନୀ ହାତୀ, ବିପିଏସଏଲ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ମୁଖ୍ୟ ଏକେସିଂହ, ଏନଏଲ୍‌ସିଆଏଲ ନିର୍ଦ୍ଦେଶକ (ଶକ୍ତି) ଏମ. ଭେଙ୍କଟଚେଲମ୍, ଟିଆରେଏଲ କ୍ରୋସାକି ଉପାଧକ୍ଷ ଡ. ତାରାପଦ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିବେ। ଜାନୁଆରୀ ୧ତାରିଖ ଦିନ ୧୨ଟାରେ ଝାଡ଼େଶ୍ୱର ମନ୍ଦିରରୁ ଶୁଭ କଳସ ପୂଜାର୍ଚ୍ଚନା ପରେ ଷ୍ଟେସନ ଛକ ସ୍ଥିତ କନକ ଦୁର୍ଗା ମନ୍ଦିର ଓ ବେହେରାମାଲ ସ୍ଥିତ ଦୁର୍ଗା ମନ୍ଦିରରେ ପୂଜାର୍ଚନା କରାଯାଇ ମହୋତ୍ସବ ପଡ଼ିଆ ମଞ୍ଚରେ ସ୍ଥାପନ କରାଯିବ। ୨ତାରିଖ ସକାଳ ୯ଟାରେ ଶୋଭାଯାତ୍ରା କନକ ଦୁର୍ଗା ମନ୍ଦିରରୁ ବାହାରି ବେହେରାମାଲ ଦୁର୍ଗା ମନ୍ଦିର ହୋଇ ମହୋତ୍ସବ ପଡ଼ିଆରେ ପହଞ୍ଚିବ। ଜାନୁଆରୀ ୧ତାରିଖରୁ ମହୋତ୍ସବ ପଡ଼ିଆରେ ପଲ୍ଲୀଶ୍ରୀ ମେଳା ଆୟୋଜିତ ହେବ ବୋଲି ଓରମାସ ଡେପୁଟି ସିଇଓ ଯୁବରାଜ ସାହୁ ସୂଚନା ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲା ତଥା ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରାୟ ୨୦୦ଟି ଷ୍ଟଲରେ ଗ୍ରାମୀଣ କଳାକାର ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପଲ୍ଲୀଶ୍ରୀ ମେଳାରେ ପ୍ରଦର୍ଶିତ ହେବ ବୋଲି ଶ୍ରୀ ସାହୁ କହିଥିଲେ। ଚଳିତ ବର୍ଷ ମହୋତ୍ସବରେ ପଲ୍ଲୀଶ୍ରୀ ମେଳାର ଷ୍ଟଲ ସହିତ ବିଭିନ୍ନ ସରକାରୀ ବିଭାଗ ଓ ବାଣିଜ୍ୟିକ ଓ ପୁସ୍ତକ ମେଳା ବାବଦକୁ ୬୦୦ଷ୍ଟଲ ଆୟୋଜିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ଏଥର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରି ଗଢି ତୋଳିବା ଦିଗରେ ଆୟୋଜକ କମିଟି ପକ୍ଷରୁ ବିଶେଷ ଧ୍ୟାନ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ସୁଜାତା ମହାପାତ୍ର, ଶାଶ୍ୱତ ଯୋଶୀ, କଥକ ନୃତ୍ୟଶିଳ୍ପୀ ଅମୀରା ପତଙ୍କର ଓ ଅବାନୀ ଗଡାରେ, କଥକଲି ନୃତ୍ୟଶିଳ୍ପୀ ରେଂଜିସ ନାୟର, ଆସାମୀ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ କାକଳୀ ହଜାରିକା, ପୁରୁଲିଆ ଛଉ,ଗରବା ନୃତ୍ୟ, ବିହୁ, ଘୁମର, କାଲବେଲିଆ ଆଦି ନୃତ୍ୟ ପରିବେଷଣ କରାଯିବ। ଏଥି ସହିତ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରଖ୍ୟାତ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ପରିବେଷିତ ହେବ। ବିଭିନ୍ନ ରାଜ୍ୟର ୭ଟି,ଓଡ଼ିଶାର ୧୪ଟି, ଝାରସୁଗୁଡା ଜିଲ୍ଲାର ବ୍ଲକଗୁଡିକ ପକ୍ଷରୁ ୧୦ଟି ଓ ସ୍ଥାନୀୟ ୭ଟି ମୋଟ ୩୮ଟି ସାଂସ୍କୃତିକ ଦଳ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଉଦଯାପନୀ ଦିବସରେ ହରହର ଶମ୍ଭୁ ଫେମ୍ ଅଭିଲିପ୍ସା ପଣ୍ଡା ଏବଂ ଝାରସୁଗୁଡାର ସମ୍ବଲପୁରୀ ଶିଳ୍ପୀ ପ୍ରଥମ କୁମାର କାର୍ଯ୍ୟକ୍ରମ ପରିବେଷଣ କରିବେ। ପ୍ରେସମିଟରେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି, ବିମଳେନ୍ଦୁ ଭୋଳ ଏବଂ ତାପସ ରାୟ ଚୌଧୁରୀ ମହୋତ୍ସବ ଆୟୋଜନ ନେଇ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିବି ମଡେଲ ହାଇସ୍କୁଲର ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲି ସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୧୯୮୩ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଗତକାଲି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ପଣ୍ଡିତ ବନମାଳୀ ବ୍ରହ୍ମଚାରୀ ଓ ଉତ୍କଳ ମଣୀ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା। ଏହି ଅବସରରେ ଆୟୋଜିତ ବୈଠକରେ ନରୋତ୍ତମ ଦାଶ ସଂଯୋଜନା କରିଥିବା ବେଳେ ମଞ୍ଚାସୀନ ଯଯାତି କେଶରୀ ଭଦ୍ର, ସତ୍ୟନାରାୟଣ ସ୍ୱାଇଁ, ଗୌରୀ କୁମାର ସାମଲ, ଅବନୀ ପ୍ରଭା ପଣ୍ଡା ପ୍ରମୁଖ ଛାତ୍ର ଜୀବନର ଅନୁଭୂତି ସ୍ମୃତି ବାଣ୍ଟିଥିଲେ। ବୈଠକରେ ସମସ୍ତ ବନ୍ଧୁ ବଞ୍ଚିଥିବା ଯାଏ ପରସ୍ପର ମଧ୍ୟରେ ସୁସମ୍ପର୍କ ରଖିବାକୁ ଶପଥ ନେବାସହ ପ୍ରତିବର୍ଷ ଡିସେମ୍ବର ମାସ ଶେଷ ରବିବାରକୁ ବନ୍ଧୁମିଳନ ଉତ୍ସବ ଭାବରେ ବିଦ୍ୟାଳୟ ପରିସରରେ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏଥିପାଇଁ ଅଜୟ କୁମାର ପ୍ରଧାନ, ସତ୍ୟ ସ୍ୱାଇଁ, ଯଜାତି କେଶରୀ ଭଦ୍ର, ପ୍ରମୋଦ କୁମାର ସ୍ୱାଇଁ, ଅବନୀପ୍ରଭା ପଣ୍ଡା ପ୍ରମୁଖଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଥିଲା। ଆସନ୍ତା ବର୍ଷରେ ଗୁରୁପୂଜନକୁ ଗୁରୁତ୍ୱ ଦିଆଯିବା ସହ ସମସ୍ତଙ୍କ ସାହାଯ୍ୟରେ ଏକ ପାଣ୍ଠି ଗଠନ କରି ମେଧାବୀ ଗରିବ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ ପାଇଁ ନିଷ୍ପତି ନିଆଯାଇ ଥିଲା। କାର୍ଯ୍ୟକ୍ରମକୁ ଅଜୟ ଦାସ ରାଜୀବ ପଣ୍ଡା, କିଶୋର ବେହେରା, ଜୟନ୍ତ ନାୟକ, ହେମନ୍ତ ସାହୁ, ଅକ୍ଷୟ କୁମାର ସ୍ୱାଇଁ, ଗୌରାଙ୍ଗ ଦାସ, କବିତାଞ୍ଜଳି ଦାସ, ପୁଷ୍ପାଞ୍ଜଳି ରଥ ପ୍ରମୁଖ ପରିଚାଳନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ବାଲୁଗାଁ, (ଭାସ୍କର ନ୍ୟୁଜ): ଚଳିତ ବର୍ଷ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ମିଳିତ ଆୟୋଜନରେ 'ପକ୍ଷୀ ବଞ୍ଚାଅ – ଚିଲିକା ବଞ୍ଚାଅଡ଼' ଶୀର୍ଷକ ପ୍ରସଙ୍ଗ ନେଇ ସାଇକେଲ ଅଭିଯାନ ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ମରାଳ ମାଳିନୀ ନୀଳାମ୍ବୁ ଚିଲିକା ହେଉଛି ପକ୍ଷୀମାନଙ୍କର ଭୂସ୍ୱର୍ଗ। ଏହାର ଆର୍ଦ୍ରଭୂମି ଓ ଅନୁକୂଳ ଜୈବ ବିବିଧତା ଓ ସନ୍ତୁଳିତ ପରିବେଶ ଦ୍ୱାରା ଆକର୍ଷିତ ହୋଇ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ବିଶ୍ୱର ବିଭିନ୍ନ ପ୍ରଜାତିର ବିହଙ୍ଗ ଚିଲିକାର ନଳବଣ ଓ ଉପକୂଳରେ ଶୀତ ତଥା ଆଦ୍ୟ ବସନ୍ତ ଅତିବାହିତ କରି ନିଜ ନିଜ ଦେଶକୁ ବାହୁଡ଼ି ଯାଆନ୍ତି। ଏମାନଙ୍କୁ ଦେଖିବା ପାଇଁ ପର୍ଯ୍ୟଟକ ମାନଙ୍କ ଭିଡ଼ ଜମେ। ଏହି ସମୟରେ କତିପୟ ପକ୍ଷୀ ଶିକାରୀ ସକ୍ରିୟ ହୋଇ ନିରୀହ ବିଦେଶୀ ପକ୍ଷୀମାନଙ୍କୁ ବିଭିନ୍ନ ଉପାୟରେ ଶିକାର କରିଥାନ୍ତି। ତେଣୁ ଏହି ନିରୀହ ପକ୍ଷୀମାନଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ଏବଂ ଶିକାରମାନଙ୍କୁ ପକ୍ଷୀମାନଙ୍କ ବିଷୟରେ ସଚେତନ କରାଇବା ପାଇଁ ଏହିଭଳି ପ୍ରୟାସ କରାଯାଇଥିଲା।

# ୫୩ତମ ଆଇନଜୀବୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ଗତକାଲି ଓଡ଼ିଶା ଆଇନଜୀବୀ ସଂଘର ୫୩ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ଅଲ୍ ଓଡ଼ିଶା ଆଇନଜୀବୀ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ଆଦିତ୍ୟ ନାରାୟଣ ମହାପାତ୍ର, ଅଂଶଗ୍ରହଣ କରିଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଅଜିତ କୁମାର ପାଣିଗ୍ରାହି, ମନୋରଞ୍ଜନ ମହାନ୍ତି, ବାର୍ କାଉନସିଲ ସଭ୍ୟ ରମେଶ ପାତ୍ର, ବିଭୁ ପ୍ରସାଦ ତ୍ରିପାଠି, ନବରଙ୍ଗପୁର ସଂଘ ସଭାପତି ନରସିଂହ ତ୍ରିପାଠି, ରାୟଗଡା ସଂଘ ସଭାପତି ପଦ୍ମନାଭ ଦାସ, ଜୟପୁର ସଂଘ ସଭାପତି ମୁନା ସିଂ ଲାଲ, ମାଲକାନଗିରି ସଂଘ ସଭାପତି ନୃସିଂହ ଚରଣ ମହାନ୍ତି ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ମହାପାତ୍ର ଏହି ଅବସରରେ ନିଜ ବକ୍ତବ୍ୟରେ ମାଲକାନଗିରିର ଇତିହାସ ସମ୍ବନ୍ଧରେ ନିଜର ବକ୍ତବ୍ୟ ଦେବା ସହ ଆଇନ ବିସାରଦ ବାରିଷ୍ଟର ମଧୁସୂଦନ ଦାସଙ୍କ ସମ୍ବନ୍ଧରେ ସୂଚନା ଦେଇଥିଲେ। ତାଙ୍କ ଆଇନ ସମ୍ବନ୍ଧୀୟ ଜ୍ଞାନ ଏବଂ ଗଣତନ୍ତ୍ରରେ ଆଇନକୁ କିପରି ସୂଚାରୁ ରୂପେ ପାଳନ କରାଯିବ ଏବଂ ସାଧାରଣ ଜନତା କିପରି ନ୍ୟାୟ ପାଇବେ ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମାଲକାନଗିରି ଭଳଇ ଜିଲ୍ଲାରେ ଏପରି ରାଜ୍ୟସ୍ତରୀୟ ସମ୍ମିଳନୀ ନିଶ୍ଚିନ୍ତ ଭାବେ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କ ଉପରେ ପ୍ରଭାବ ପଡ଼ିବା ସହ ଆଗାମୀ ଦିନରେ ଦୁଇଟି ସଂଘ ଏକତ୍ରୀତ ହୋଇ ଏପରି ସମ୍ମିଳନୀ କଲେ ତାହା ନିଶ୍ଚିତ ଭାବେ ଲୋକାଭିମୁଖୀ ହେବ। ଆଇନଜୀବୀ ମାନେ ନିଷ୍ଠର ସହ ନିଜର କର୍ତ୍ତବ୍ୟ, ଆଇନକୁ ଭଲଭାବେ ତର୍ଜମା କରି ସାଧାରଣ ଜନତାଙ୍କୁ କିପରି ଉଚିତ ନ୍ୟାୟ ପ୍ରଦାନ କରାଯିବ, ଜଣେ ନିର୍ଦ୍ଦୋଶ କିପରି ଦଣ୍ଡ ନ ପାଇ ପ୍ରକୃତ ଦୋଷୀ ଦଣ୍ଡ ପାଇବ ସେଥିପ୍ରତି ନିଜର ଜ୍ଞାନକୌଶଳ ଅଦାଲତରେ ପେସ୍ କରିବା ବ୍ୟକ୍ତି ହିଁ ସୁନାମଧନ୍ୟ ଆଇନଜୀବୀ ଭାବେ ପରିଚିତ ହେବେ। ଏହି ଅବସରରେ ପରେପରେ ମୁଖ୍ୟ ଅତିଥି ମହାପାତ୍ରଙ୍କୁ ଜିଲ୍ଲା ଆଇନଜୀବୀ ସଂଘ ତରଫରୁ ସମ୍ମାନୀତ କରାଯାଇ ଥିଲା। ଏହା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସଭାପତି, ସମାଜସେବୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଦୁର୍ଯ୍ୟୋଧନ ପାତ୍ର, ମାଲକାନଗିରି ୟୁନିଅନ୍ ଅଫ ଜର୍ନାଲିଷ୍ଟ ସଭାପତି ଦେବପ୍ରସାଦ ଦାସ, ବରିଷ୍ଠ ସାମ୍ବାଦିକ ଗୋପିକୃଷ୍ଣ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରା ଯାଇଥିଲା। ଦେବପ୍ରସାଦ ଦାସଙ୍କ ଅନୁପସ୍ଥିତିରେ ପ୍ରେମେନ୍ଦ୍ର ପରିଛା ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଦାନବୀର ଜଗତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ନବରଙ୍ଗପୁର ୩୧.୧୨.୨୦୨୪ : ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ ଓ କର୍ମଚାରୀ ଙ୍କ ତରଫରୁ ନବରଙ୍ଗପୁର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟର ଦପ୍ତରି ଦାନବୀର ଜଗତ ଙ୍କୁ ସରକାରୀ ସେବା କାର୍ଯ୍ୟରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା କ୍ଷ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ହୋଇଥିବା ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଶ୍ରୀ ଜଗତଙ୍କ କାର୍ଯ୍ୟଶୈଳୀ, କାର୍ଯ୍ୟଦକ୍ଷତା, ଅମାୟିକ ବନ୍ଧୁତା, ଏବଂ ସମସ୍ତଙ୍କ ପ୍ରତି ଥିବା ତାଙ୍କର ନିଷ୍ଠାପର ସହଯୋଗ କୁ ମନେ ପକାଇ ଶ୍ରଦ୍ଧାର ସହିତ କୃତଜ୍ଞତା ଜ୍ଞାପନ କରିବା ସହିତ ପ୍ରୋଭିଜିନାଲ ପେନସନ ମଧ୍ୟ ପ୍ରଦାନ କରିବା ସହିତ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରି, ପରିବାର ସହ ଅବସର କାଳୀନ ବାକି ସମୟ ଶୁଭଙ୍କର ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ଅଧିକାରୀ ପନକା ରବିନ୍ଦ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଡେପୁଟି ଜିଲ୍ଲାପାଳ, ଗୀତାଞ୍ଜଳି ବେହେରା, ପି ମନସ୍ମିତା, ସମସ୍ତ ସହକାରୀ ଜିଲ୍ଲାପାଳ , ବିଜୟ ସାହୁ, ସୁରେଶ ପଟ୍ଟନାୟକ, ଜିତେନ୍ଦ୍ର ଚୌଧୁରୀ, ଅଜୟ ସାହୁ, ସତ୍ୟନାରାୟଣ ସାହୁ, ସୁବାସ ସାହୁ, ଯୋଛନା ଚୌଧୁରୀ, ସୌରଭ ଦାସ, ସୁରୁଚି ବେହେରା, ସୁନୀଲ କୁମାର ଦାସ,ରାମ ଚନ୍ଦ୍ର ରଘୁ ମଣ୍ଡଳ, ସଞ୍ଜୀବ ପଣ୍ଡା,ଦିବାକର ପଟନାୟକ,ବିଶ୍ୱଜିତ ମହାନ୍ତି, ନୀଳକଣ୍ଠ ରାଜୁ, ରିନା ପାତ୍ର ପ୍ରମୁଖ ଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସମାଜସେବୀଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଗ୍ରାମପଞ୍ଚାୟତ ଓଥକା ଗ୍ରାମର ବିଶିଷ୍ଟ ସମାଜସେବୀ ଗୋବିନ୍ଦଚନ୍ଦ୍ର ସାହୁଙ୍କର ହୃଦଘାତ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ବଂଶୀଧର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା,ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ପୂର୍ବତନ ସରପଂଚ କ୍ଷୀରୋଦ କୁମାର ପଣ୍ଡା,ରବିନ୍ଦ୍ରନାଥ ସେଠୀ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସାଲୁଣୀ କ୍ରିକେଟ କ୍ଲବ ବିଜୟୀ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆ ଠାରେ ଆୟୋଜିତ ଚତୁର୍ଦ୍ଧଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍‌ର ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ସାଲୁଣୀ କ୍ରିକେଟ କ୍ଲବ ଓ ଘୋରଡ଼ିଆ କ୍ରିକେଟ କ୍ଲବ୍ ମଧ୍ୟରେ ମୁକାବିଲା ହୋଇଥିଲା। ସାଲୁଣି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭର ଖେଳି ୮ଉଇକେଟ ବିନିମୟରେ ୧୬୭ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଘୋରଡ଼ିଆ ଦଳ ୨୦ ଓଭର ଖେଳି ୮ଉଇକେଟ ହରାଇ ୧୪୫ ରନ କରି ପରାଜିତ ହୋଇଥିଲା। ଏହି ମ୍ୟାଚ୍ ବିଜୟ ଫଳରେ ସାଲୁଣୀ ଦଳ ସେମି ଫାଇନାଲ ପ୍ରବେଶ କରିଛି। ଏହି ମ୍ୟାଚଟିକୁ ଆମ୍ପେୟର ଭାବେ ମଧୁ ମଙ୍ଗରାଜ ଓ ଦିଲୀପ ପରିଡ଼ା ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ଯୁବନେତା ସଦାଶିବ ମହାପାତ୍ର ଓ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ୍ ସଦସ୍ୟ ବିକାଶ, ରାଜା, ରାଜକିଶୋର, ରଘୁନାଥ, ଚଗଲା, ଟୁନା ଓ ବବଲି ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ଆରିକମା ଓ ପିଚୁକୁଳି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ ସୂଚନା ପ୍ରଦାନ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

ଚମ୍ପୁଆ, (ଭାସ୍କର ନ୍ୟୁଜ): ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟ ତରଫରୁ ଏକ ବ୍ଲକ୍ ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ନିଯୁକ୍ତି ପରାମର୍ଶ ଶିବିରରେ ୧୧୬ ଜଣ ନିଯୁକ୍ତି ଆଶାୟୀ ଯୁବକଯୁବତୀ ଯୋଗ ଦେଇଥିବା ବେଳେ ୮ ଗୋଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। ୫୨ ଜଣ ଆଶାୟୀ ବିଭିନ୍ନ ଏସଏସସିରେ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦି ନିଯୁକ୍ତିଭିତ୍ତିକ ତାଲିମ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିବା ବେଳେ ୧୯ଜଣ ବିଭିନ୍ନ ସରକାରୀ ଆଇଟିଆଇ ଓ ପଲିଟେକନିକ୍‌ରେ ଆଡ଼ମିଶନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏହି ବ୍ଲକ୍ ନିଯୁକ୍ତି ପରାମର୍ଶ ଶିବିରରେ ଚମ୍ପୁଆ ବିଡ଼ିଓ ରାଜା ରଞ୍ଜିତ ପ୍ରତାପ ବଳ ଓ ଜିଲ୍ଲା ନିଯୁକ୍ତି କାର୍ଯ୍ୟଳୟର ବିଶାଲ ଜଇସୱାଲ ଉପସ୍ଥିତ ରହିଥିବା ବେଳେ ବିଏଲସି ସୁବ୍ରତ କୁମାର ପଣ୍ଡା ପରିଚାଳନା କରିଥିଲେ।

# ଅନ୍ନପୂର୍ଣ୍ଣା ମହାରଣାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ଜଗତସିଂହପୁର,(ଭାସ୍କର ନ୍ୟୁଜ): ମହିୟସୀ ନାରୀ ନେତ୍ରୀ ତଥା ଚୌଧୁରୀ ପରିବାରର ସୁଯୋଗ୍ୟା ଦାୟାଦ ଅନ୍ନପୂର୍ଣ୍ଣା ମହାରଣାଙ୍କ ୧୨ତମ ଶ୍ରାଦ୍ଧ ବାର୍ଷିକ ମଙ୍ଗଳବାର ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପୁରୁଣାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରି ତାଙ୍କ ବକ୍ତ୍ୟବରେ ଅନ୍ନପୂର୍ଣ୍ଣା ମହାରଣାଙ୍କ ତ୍ୟାଗ ଓ ସେବାର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଏସ୍.ଭି.ଏମ୍. କଲେଜର ଯୁକ୍ତଦୁଇର ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ମାତ୍ର ୧୩ ବର୍ଷ ବୟସରେ ଅନ୍ନପୂର୍ଣ୍ଣା ମହାରଣା ଜମିଦାରୀ ଆଭିଜାତ୍ୟକୁ ପଛରେ ପକାଇ ଦେଶର ସ୍ୱାଧୀନତା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ହରିଜନ ସେବା, ନିଶା ନିବାରଣ, ଗ୍ରାମ ସଫେଇ ଭଳି ରଚନାତ୍ମକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରବୀନ୍ଦ୍ର ନାଥ ତ୍ରିପାଠୀ ଆଲୋଚନାରେ ଭାଗ ନେଇ ଅନ୍ନପୂର୍ଣ୍ଣା ମହାରଣାଙ୍କ ରଚିତ ଆତ୍ମଚରିତ 'ଅମୃତ ଅନୁଭବ' ଉତ୍ତରପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ, ରମେଶ ଚନ୍ଦ୍ର ସାହୁ, ରମାକାନ୍ତ ସାମନ୍ତରାୟ ଓ ଚନ୍ଦ୍ରଶେଖର ରାୟ ପ୍ରମୁଖ ଆଲୋଚନାରେ ଭାଗ ନେଇ ଅନ୍ନପୂର୍ଣ୍ଣା ମହାରଣାଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷାବିତ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବୋଲଗଡ଼ ମହୋତ୍ସବ ଆଶା ଉଦ୍‌ଯାପିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ମହୋତ୍ସବ କମିଟି ଆନୁକୂଲ୍ୟରେ ସୋମବାର ଦିନ ବୋଲଗଡ଼ ମହୋତ୍ସବ ଉଦଯାପନୀ ସନ୍ଧ୍ୟା ପାଳିତ ହୋଇଯାଇଛି। ବୋଲଗଡ଼ ମହୋତ୍ସବର ସଭାପତି ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଏହି ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଡକ୍ଟର ଅରୁଣ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଡକ୍ଟର ଗଣେଶ୍ୱର ସ୍ୱାଇଁ, କୃଷକ ନେତା ପ୍ରକାଶ ଚନ୍ଦ୍ର ରାଉତରାୟ, କୃଷ୍ଣ ମୋହନ ପାଲଟା ସିଂହ, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ଜିଲ୍ଲାପରିଷଦ ସଭ୍ୟ ସୁବାଷ ଚନ୍ଦ୍ର ରାୟ ଗୁରୁ, ସିନେ କଳାକାର ଅଭିନେତ୍ରୀ ସସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ ଦେଇ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ। ମହୋତ୍ସବର ପ୍ରାରମ୍ଭରେ ବଂଶୀଧର ସଂଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ବୀର ଦାସ ଅତିଥି ପରିଚୟ ପ୍ରଦାନ କରି ସମ୍ପଦକୀୟ ବିବରଣୀ ପାଠ କରିଥିଲେ। ବୋଲଗଡ଼ ରତ୍ନ ଭାବେ କୃଷ୍ଣ ମୋହନ ପାଲଟା ସିଂହ, ବୋଲଗଡ଼ ସମ୍ମାନ ଭାବେ ମହମ୍ମଦ ମହୋସିନୀ ଖାଁ, ପେମୋଦ କୁମାର ମହାପାତ୍ର, ସୁମନ୍ତ କୁମାର ଦାସ, ଉମାକାନ୍ତ ବ୍ୱୋର୍ଡ଼ା ପଟ୍ଟନାୟକ, ମାଣିକଗୋଡ଼ା ସେବା ସମବାୟ ସମିତି, ସଂପୁର ନୂଆଁଖାଇ ମହୋତ୍ସବ ପ୍ରମୁଖଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ଫୁଲତୋଡ଼ା, ଉତ୍ତରୀୟ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଓ ଉପଦେଷ୍ଟା ବୋଲଗଡ଼ର କଳା, ସାହିତ୍ୟ, ସଂସ୍କୃତ,ପରମ୍ପରା ଓ ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଧାରାବାହିକ ଅଭିନେତ୍ରୀ ସସ୍ମିତା ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। ପରିଶେଷରେ ମହୋତ୍ସବର ସାଧାରଣ ସମ୍ପାଦକ ବୀର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ନିର୍ବାଣ ଦିବସ ପାଳିତ

ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳ ସ୍ଥିତ କବିସୂର୍ଯ୍ୟବ୍ରହ୍ମା ମଠର ପ୍ରତିଷ୍ଠାତା ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ନିର୍ବାଣ ଦିବସ ପବିତ୍ର ବକୁଳ ଅମାବାସ୍ୟା ତିଥିରେ ମଠ ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ରାହ୍ମମୁହୂର୍ତ୍ତରୁ ମଠ ମନ୍ଦିରର ସ୍ଥାପିତ କବିସୂର୍ଯ୍ୟବ୍ରହ୍ମାଙ୍କର ଇଷ୍ଟ ଶ୍ରୀ ଶ୍ରୀ ରାସେଶ୍ୱରୀ ରସିକରାଙ୍କ ସହିତ ଅନ୍ୟାନ୍ୟ ଜୀଉମାନଙ୍କର ସ୍ୱତନ୍ତ୍ର ଭାବରେ ଶୋଡ଼ଷ ଉପଚାରରେ ପୂଜା ଅନୁଷ୍ଠିତ ହୋଇଥିଲ। ଏଥିସହିତ ବ୍ରହ୍ମାଙ୍କ ସମାଧି ସହିତ ପ୍ରତିମୂର୍ତ୍ତି ଓ ପାଦୁକା ଯୁଗଳରେ ବିଶେଷ ପୂଜା କରାଯିବା ସହିତ ପିଣ୍ଡଦାନ କରାଯାଇଥିଲା। ଏହି ଅବସରରେ ମହାନାମ ସହିତ ମଠ ପରିସରରେ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଭବ୍ୟ ଆରତୀ ସହିତ ବ୍ରହ୍ମାଙ୍କ ସ୍ୱରଚିତ ଗୀତଗିତିକାକୁ ନେଇ ସଙ୍ଗୀତାଞ୍ଜଳୀ କାର୍ଯ୍ୟକ୍ରମ ସ୍ଥାନୀୟ ସଂଗୀତ ଶିଳ୍ପୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା ଏବଂ ସଦାନନ୍ଦଙ୍କ ସାହିତ୍ୟ ଉପରେ ପ୍ରବଚକ ଗୁଣନିଧି ତ୍ରିପାଠୀ, ପଣ୍ଡିତ ସୁକାନ୍ତ କୁମାର ପଣ୍ଡା, ସାହିତ୍ୟିକ ଶ୍ରୀନିବାସ ସାହୁ, ସ୍ମାରକ ମହାନ୍ତି ପ୍ରମୁଖ ବିଶେଷ ଆଲୋଚନା କରିଥିଲେ। ଉତ୍ସବ ପରିଚାଳନାରେ ସୁଧିର ରଞ୍ଜନ ମହାନ୍ତି, ବାସନ୍ତୀ ସାମଲ, ରଘୁନାଥ ଦାସ, ଜାନକୀ ବଲ୍ଲଭ ଦାସ, ବିଜୟ ନାୟକ, ରାଜେନ୍ଦ୍ର ପ୍ରସାଦ ସିଂ, ବିପିନ ବିହାରୀ ଲାଲ, ଅନାମ ଚରଣ ଦାସ, ଦେବୀ ପ୍ରସାଦ ମହାନ୍ତି, ଦାସରଥି ଷଣ୍ଢ, ରଘୁନାଥ ମଳିକଙ୍କ ସମେତ ମଠ ଟ୍ରଷ୍ଟ ଓ ନିତ୍ୟସେବା ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ରେଳ ଟ୍ରାକ୍‌କୁ ହାଇୱା ଖସି ଚାଳକ ଗୁରୁତର



ଯୋଡ଼ା, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଗୁରୁବେଡ଼ା ଠାରେ ଏକ ୧୬ ଚକିଆ ହାଇୱା ଭାରସାମ୍ୟ ହରାଇ ରେଳ ଧାରଣା ଉପରେ ଓଲଟି ପଡ଼ିଥିଲା। ଫଳରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିଲେ। ହାଇୱା ଚାଳକଙ୍କୁ ତୁରନ୍ତ ନିକଟସ୍ଥ କମାର ଯୋଡ଼ା ସରକାରୀ ଡାକ୍ତର ଖାନାକୁ ସ୍ଥନାନ୍ତର କରାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସେଠାରେ ଯାଇଥିବା ରେଳ ଧାରଣା ପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣ ନ ହେଇଥିବାରୁ ଏଭଳି ଦୁର୍ଘଟଣା ଘଟିଛି। ସେଠାର ଯଦି ଶୀଘ୍ର ଏକ ପାଚେରୀ ନିର୍ମାଣ ନହେବ ତେବେ ଭବିଷ୍ୟତରେ ଏଭଳି ଦୁର୍ଘଟଣାକୁ ମଧ୍ୟ ଏଡ଼େଇ ଦିଆଯାଇ ପାରିବ ନାହିଁ। ତେଣୁ ରେଳ ବିଭାଗ ଏଠାରେ ସୁରକ୍ଷା ପାଚେରୀ ତୁରନ୍ତ ତିଆରି କରି ଆସନ୍ନ ବିପଦକୁ ଟାଳୁ ବୋଲି ସାଧାରଣରେ ଦାବି ହେଉଛି। ଖବର ମୁତାବକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଗାଡ଼ି ନଂ ଓଡ଼ି ୦୯ ପି ୯୯୮୧ ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି।

# ୧୦୮କୁଣ୍ଡିୟ ଗାୟତ୍ରୀ ଶକ୍ତି ସମ୍ବର୍ଦ୍ଧନା ଗାୟତ୍ରୀ ମହାଯଜ୍ଞ ସମାପ୍ତ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡ଼ାଘାଟ ଠାରେ ଆୟୋଜିତ ହେଉଥିବା ଚାରି ଦିନିଆ ଗାୟତ୍ରୀ ମହାଯଜ୍ଞ ମଙ୍ଗଳବାର ଶେଷ ହୋଇଯାଇଛି ।ଶନିବାର ଆରମ୍ଭ ହୋଇଥିବା ଏହି ଯଜ୍ଞରେ ଏକ ସହ ଆଠଟି କୁଣ୍ଡରେ ଦମ୍ପତିମାନଙ୍କ ଦ୍ୱାରା ହୋମ ହେଉଥିବା ବେଳେ ପ୍ରତିଦିନ ଦୂର ଦୁରାନ୍ତରୁ ପ୍ରାୟ ପଞ୍ଚ ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ଥିଲା। ପରିବେଶ ଟି ଶାନ୍ତ, ଭକ୍ତିମୟ, ଆନନ୍ଦଦାୟକ ଥିବା ସହ ଯଜ୍ଞର ସୁବାସିତ ଗନ୍ଧ ଓ ମଞ୍ଚରୁ ହରିଦ୍ୱାର ସନ୍ତିକୁଞ୍ଜରୁ ଆସିଥିବା ସାଧୁଙ୍କ ପ୍ରବଚନ ମନ ମୋହୁଥିଲ। ଏହି ଅଞ୍ଚଳର କିଛି ଲୋକଙ୍କ ଦ୍ୱାରା ସ୍ଥିରୀକୃତ ବ୍ରତ ଓ ବିବାହ କାର୍ଯ୍ୟକ୍ରମ ଏହି ପରିତ୍ରଯଜ୍ଞ ସ୍ଥଳରେ ଆନନ୍ଦ ଉଲ୍ଲାସର ସହିତ ଆଡମ୍ବରରେ ଆଶୀର୍ବାଦ ସହ ସମାପନ କରାଯାଇଥିଲା। ଅନ୍ନ ପ୍ରସାଦ ସ୍ଥାନରେ ଶୃଙ୍ଖଳିତ ଭାବେ ସ୍ଥାନୀୟ ସ୍ୱେଚ୍ଛାସେବୀ ଭାଇ ଭଉଣୀ ମାନେ ସେବା ଯୋଗାଇ ଦେଉଥିଲେ। ଶେଷ ଦିନରେ ଆଗ୍ରହୀ ଦମ୍ପତିମାନଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା। ପ୍ରତିଦିନ ଜପ, ଗୁରୁଜନ, ପିତାମାତା, ଧରିତ୍ରୀକୁ ଜୁହାର କରି ଆଶୀର୍ବାଦ ପାଇବାକୁ ଉପଦେଶ ଦିଆ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୌଦ୍ଧ, ଖୋର୍ଦ୍ଧା, ଜଗତସିଂପୁର, ବଲାଙ୍ଗୀର,କୋରାପୁଟ, ନବରଙ୍ଗପୁର, ସମ୍ବଲପୁର, ଗଞ୍ଜାମ, ରାୟଗଡ଼ା, ବାଲେଶ୍ୱର ଜିଲ୍ଲାରୁ ବି ଆସି ଭକ୍ତ ଯୋଗ ଦେଇଥିବା ଦେଖା ଦେଇଥିଲା। କାର୍ଯ୍ୟକ୍ରମର ଆୟୋଜକ ଛତିଶ ନାୟକ ଓ ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣି ପାଢ଼ୀଙ୍କୁ ସ୍ଥାନୀୟ ପଡ଼ାଘାଟ, ପୁଜାରିଗୁଡ଼ା, ବାୟାଗୁଡ଼ା, ବାଲିଗୁଡ଼ା, ପୂଜାରୀ ଗୁଡ଼ା, କାଲାପାଲି, କର୍ତ୍ତନପାଲି, ଗ୍ରାମବାସୀ ପ୍ରସ୍ତୁତି ଠାରୁ ସମାପନ ପର୍ଯ୍ୟନ୍ତ ଶ୍ରମଦାନ କରିଥିବା ବେଳେ ଦାମୋଦର ସାହୁ, ହିମାଂଶୁ ପାଢ଼ୀ, ପଦ୍ମନାଭ କର, ଅର୍ଜୁନ ମାଝୀ, ସୁନାଧର୍ ଓଡ଼ି, ଅର୍ଜୁନ ଗଡଙ୍ଗି, କାର୍ତ୍ତିକ ନାୟକ, ସରୋଜ କୁମାର ଖୁଣ୍ଟିଆ, ଗଜେନ୍ଦ୍ର ମହାନ୍ତି, ଆନନ୍ଦ ଚାର୍କୀ, ମୋହନ ରାଜୁ, ପ୍ରମିଳା ଖରା ଆଦି ବିଭିନ୍ନ ଦିଗରେ ସହଯୋଗ କରିଥିଲେ। ଦକ୍ଷିଣାଅଞ୍ଚଳର ସଂଯୋଜକ ବାଲ୍ମୀକି ପ୍ରଧାନ ଦୀର୍ଘ ଚାରିଦିନ ଧରି ଏଠାରେ ଉପବାସରେ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିବା ଦେଖାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁଡୁଲି ପଡ଼ା ପୋଲିସ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଥିଲେ।

# ବୈତରଣୀରୁ ବେଆଇନ ବାଲି ଉଠାଣ



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ତହସିଲ ଅଧିନ ଆନନ୍ଦପୁର ସମେତ ବିଭିନ୍ନ ସ୍ଥାନରେ ବୈତରଣୀ ଓ ଗେଙ୍ଗୁଟି ନଦୀରୁ ବାଲି ଚୋରି ଜୋର ଧରିଛି। ଆନନ୍ଦପୁର ପଞ୍ଚାୟତ ସୀମା ବୁଢ଼ା ମହାଦେବ ପାଖରେ ବୈତରଣୀ ନଦୀରୁ ବେଆଇନ ଭାବେ ବାଲି ଉଠାଯାଉଛି। ଆନ୍ଦପୁର ପଞ୍ଚାୟତର ଶାସକ ଦଳର କର୍ମୀଙ୍କ ନେତୃତ୍ୱରେ ୨୫ରୁ ଅଧିକ ଗାଡ଼ି ମାଲିକ ମିଳିତ ଭାବେ ଗଡ଼ା କରି ବାଲି ଉଠାଉଛନ୍ତି। ରାତି ବେଳା ବାବୁସାହିର ଜଣେ ଗାଡ଼ି ମାଲିକ ନିଜ ଡୋଜରରେ ଏହି ଘାଟରେ ପଶି ବାଲି ଠୁଳ କରୁଛି। ପାହାନ୍ତିଆରୁ ଅନ୍ୟ ଗାଡ଼ି ମାଲିକମାନେ ନିଜ ନିଜ ଟ୍ରାକ୍ଟର ଓ ମିନି ଟ୍ରକରେ ବାଲି ବୋହୁଛନ୍ତି। ପ୍ରତ୍ୟେକ ଦିନ ଜଣେ ଟ୍ରାକ୍ଟର ମାଲିକ ନିଜ ଟ୍ରାକ୍ଟରରେ ୫ ଟ୍ରିପ ବାଲି ଚୋରି କରୁଛନ୍ତି। ନଈରୁ ବାଲି ଆଣି ନିଜ ନିଜ ବାଡ଼ିରେ ଷ୍ଟକ କରୁଛନ୍ତି। ଆଉ କେହି କେହି ବରାଦ ଅନୁସାରେ ବାଲି ବିକ୍ରି କରୁଛନ୍ତି। ପାଣି ଶୁଖି ନଥିଲେ ବି ଗାଡ଼ି ମାଲିକ ଡୋଜର ପୂରାଇ ବାଲି ଠୁଳ କରୁଛନ୍ତି। ସେ ବାବଦରେ ଗୋଟିଏ ଟ୍ରିପକୁ ସେ ୧୦୦ ଟଙ୍କା ନେଉଛନ୍ତି। ତା ପରେ ଲୋଡ଼ିଂ କରିଦେଲେ ଆଉ ୧୦୦ ଟଙ୍କା ନେଉଛନ୍ତି ସମ୍ପୃକ୍ତ ଡୋଜର ମାଲିକ। ସେହିପରି ସୋହଡ଼ା ପଞ୍ଚାୟତ ଓ ଖଡ଼ିପଦା ପଞ୍ଚାୟତ ସୀମା ବାଜିଣିପୁର ପାଖରେ ଆନନ୍ଦପୁର ଜେନାସାହି ଠାରେ ବୈତରଣୀ ନଦୀରୁ ବାଲି ଉଠାଉଛନ୍ତି ଦୁର୍ବୃତ୍ତ। ଏଠାରେ ଗଡ଼ା କରି ଷେଣ୍ଢପୁର-କଟିକଟା ପୋଲ କଡ଼ରୁ ସ୍ଥାନୀୟ ଲୋକ ବାଲି ଉଠାଇ ବିକ୍ରି କରୁଛନ୍ତି। ଖାଲି ବୈତରଣୀ ନୁହଁ, ଗେଙ୍ଗୁଟି ନଦୀରୁ ମଧ୍ୟ ବେଆଇନ ଭାବେ ବାଲି ଉଠାଯାଉଛି। ଆନନ୍ଦପୁର ପଞ୍ଚାୟତର ଚମ୍ପାବାଗ ଗଡ଼ା,ପାହାଡ଼ପୁର ଓ ସଠଗାଁ-ବିରୋଳି ରାସ୍ତା ପାଖରୁ ନଦୀ ପଠା ତାଡ଼ି ବାଲି ଉଠାଯାଉଛି। ସ୍ଥାନୀୟ ଟ୍ରାକ୍ଟର ମାଲିକମାନେ ବାଲି ଉଠାଇ ପାଖ ଗାଁରେ ବାଲି ବିକୁଛନ୍ତି। ଏନେଇ ଗାଁ ଲୋକେ ବିରୋଧ କରୁଥିଲେ ବି କେହି ଶୁଣୁନାହାନ୍ତି। ସୀମା ବିବାଦ ଥିବାରୁ ଝାଡ଼େଶ୍ୱରରୁ ବାଲି ଉଠାଇବା ଗାଡ଼ି ମାଲିକଙ୍କୁ ଏହା ସୁହାଉଛି। ସେପଟେ ବାଲି ନିଲାମ ତହସିଲ ହାତରେ ନଥିବାରୁ ଦୁଇ ତହସିଲର ତହସିଲଦାର କି ଅଧିକାରୀ ଚୁପ୍ ରହୁଛନ୍ତି। ତା'ଛଡ଼ା ଘାଟଠାରୁ ଖୁବ୍ ଦୂରରେ ଖଣି ବିଭାଗ କାର୍ଯ୍ୟାଳୟ। ଭଦ୍ରକ ଜିଲ୍ଲା ହେଡକ୍ୱାର୍ଟରରେ ଖଣି ଅଧିକାରୀ ରହୁଥିବାବେଳେ ବାଲି ମାଫିଆର ଏହାର ସୁଯୋଗ ନେଇ ରାତିରେ ବାଲି ଉଠାଉଛନ୍ତି।